ଚାଲିବା ଓ ସମସ୍ତ ଦୁର୍ଘଟନା ନିବାରଣର ବ୍ୟବସ୍ଥା ନିମିତ୍ତ ଗୋଟିଏ ହିନ୍ଦୁ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର କମିଟୀ ନିଯୁକ୍ତ କରିବେ ଓ ତାହାଙ୍କ ପରାମର୍ଶରେ ଏ ବିଷୟର ନିୟମାବଳୀ ସ୍ଥିର କରି ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ କାରଣ ପଠାଇବେ । ଯେପର୍ଯ୍ୟନ୍ତ ଏ ନିୟମାବଳୀ ପ୍ରସ୍ତୁତ ଓ ଗବର୍ଣ୍ଣମେଣ୍ଟରେ ଅର୍ପିତ ନ ହେବ ସେ ପର୍ଯ୍ୟନ୍ତ ମହାରାଜାଙ୍କୁ ମହାରାଜା ପଦ ଓ ତହିଁର ସନନ୍ଦ ଯାହା ଗତ ଜାନୁୟାରୀ ମାସରେ ଗବର୍ଣ୍ଣମେଣ୍ଟ ଦେଇଅଛନ୍ତି ତାହା ସ୍ଥଗିତ ରହିବ । ଏ ଆଜ୍ଞା ଅଳ୍ପଦିନ ହେଲା ତାହାଙ୍କ ନିକଟକୁ ଯାଇଅଛି ଓ ଏଅନୁସାରେ ଅବଧି କିଛି କାର୍ଯ୍ୟ ହୋଇ ନାହିଁ ଯେପରି ବନ୍ଦୋବସ୍ତ ହେବ ତାହା ଏଉତ୍ତାରୁ ଜଣା ପଡ଼ିବ । ପୁରୀର ମହାରାଜା ଆଇନାନୁସାରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ଅଟନ୍ତି ଓ ତାହାଙ୍କ ଉକ୍ତ କର୍ମରେ କେତେ ପ୍ରକାର ଶୈଥିଲ୍ୟ ଘଟିଥିବାର ମଧ୍ୟ ଅପ୍ରକାଶ ନାହିଁ । ଅତଏବ ଆମ୍ଭେମାନେ ବିବେଚନା କରୁଁ କି ଗବର୍ଣ୍ଣମେଣ୍ଟ ତାହାଙ୍କୁ ଯେଉଁ ଆଜ୍ଞା ଦେଇଅଛନ୍ତି ତାହା ଅଯୌକ୍ତିକ ନୁହଇ ଏବଂ ତହିଁରେ ଏହାଙ୍କର ଅଧିକାର ପ୍ରତି ମଧ୍ୟ ହସ୍ତକ୍ଷେପଣ ହୋଇ ନାହିଁ । କାରଣ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଏତିକି କହିଅଛନ୍ତି ଯେ ଏତେ ଗୁରୁତର ବ୍ୟାପାର ସେ କେବଳ ଆପଣା ବିବେଚନାରେ ନିର୍ବାହ କରିବାକୁ ସାହସ ନ କରି କେତେ ସମ୍ଭ୍ରାନ୍ତଲୋକଙ୍କୁ ଆପଣା ମନ୍ତ୍ରୀସ୍ୱରୂପ କମିଟୀ ନିଯୁକ୍ତ କରି ତାହାଙ୍କ ପରାମର୍ଶରେ ଓ ଆପେ ସ୍ଥିର କରି ଥିବା ନିୟମାନୁସାରେ କର୍ମକାରକ ହେବେ । ଏପରି ହେଲେ ତାହାଙ୍କର ବର୍ତ୍ତମାନ ଯେ ଆୟ ଅଛି ତାହା ସ୍ଥିର ରହିଲା । କିନ୍ତୁ କେତେକ ଲୋକ ମନେକରନ୍ତି ଯେ ଗୋବିନ୍ଦଦ୍ୱାଦଶୀ ସମୟରେ ଦୁର୍ଘଟନା ଲାଗେ ଏଥି ପୁରୀର ମହାରାଜାଙ୍କୁ ଦାୟୀଗ୍ରସ୍ତ କରିବାର ଉଚିତ ହୋଇ ନାହିଁ ସେ ଠାରେ ସରକାରୀ କର୍ମକାରକମାନେତ ଉପସ୍ଥିତ ଥିଲେ ସେମାନେ ଅଧିକା କି ବନ୍ଦୋବସ୍ତ କଲେ । ଏପରି ଚନ୍ଦ୍ରତୀର୍ଥରେ ଯେ ମନୁଷ୍ୟ ମରିପଡ଼ିବାର ଶୁଣାଯାଏ ତହିଁରେତ ମହାରାଜାଙ୍କର ଦୋଷ ବୋଲି ଯାଇ ନ ପାରେ । ଏପରି ଏହି କାଳରେ ଅଯୋଧ୍ୟା କାଶୀ ପ୍ରଭୃତି ତୀର୍ଥ ସ୍ଥାନମାନଙ୍କରେ ଭୟଙ୍କର ଦୁର୍ଘଟନା ହୋଇଥିଲା ଓ ପୁଲିସ ତାହା ନିବାରଣ କରି ପାରିଲେ ନାହିଁ । ଏଥିରୁ ସହଜରେ ଅନୁମାନ ହୋଇ ପାରେ ଯେ ଅସାଧାରଣ ଭିଡ଼କୁ କାହାର ଆୟତ୍ତ ନ ଥିବାର ଗବର୍ଣ୍ଣମେଣ୍ଟ ବିବେଚନା କରି ସରକାରୀ କର୍ମକାରକଙ୍କୁ ନିର୍ଦ୍ଦୋଷୀ କରିଅଛନ୍ତି ଅଥଚ ପୁରୀର ମହାରାଜାଙ୍କୁ ଏଥିପାଇଁ ଶାସନ କରିବାକୁ ପ୍ରବୃତ୍ତ ହେଲେ । ଏହା କେମନ୍ତ କରି ଘଟିଲା । ଏପରି ସଂଶୟ ମନରେ ଜାତ ହେବା ନିତାନ୍ତ ଅସଙ୍ଗତ ନୁହଇ ଓ ଏଥିପାଇଁ ଆମ୍ଭେମାନେ ଏହାନ୍ତ ଆଶା କରୁଁ ଯେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଅନୁସନ୍ଧାନ ଓ ତହିଁରେ ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ ହେଉ ତାହା ହେଲେ କାହାର କିଛି ଭ୍ରମ ରହି ପାରିବ ନାହିଁ ।

---

## ଗୁପ୍ତଦୁର୍ଭିକ୍ଷ ।

ଗତ ସପ୍ତାହରେ ଆମ୍ଭେମାନେ ଚାଉଳ ଓ ତହିଁ ସଙ୍ଗେ ୨ ଅନ୍ୟାନ୍ୟ ଶସ୍ୟର ଦର ବଢ଼ିବାର କଥା ଲେଖିଥିଲୁଁ ମାନ୍ଦ୍ରାଜ ଓ ବମ୍ବେଇର ଦୁର୍ଭିକ୍ଷ ତହିଁର କାରଣ ବୋଲି ନିର୍ଦ୍ଦେଶ କରିଥିଲୁଁ । ଏ ସପ୍ତାହରେ ମଧ୍ୟ ସେହିପରି ଉଚ୍ଚ ଦର ରହିଅଛି ଓ ଆହୁରି ଉଚ୍ଚ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଏରୂପ ମହାର୍ଘ ଏକା ଏ ଜିଲ୍ଲାରେ ହୋଇଅଛି ଏମନ୍ତ ନୁହେ ଓଡ଼ିଶାର ତିନିଜିଲ୍ଲା, ବଙ୍ଗଳା ଓ ବ୍ରହ୍ମଦେଶ ପ୍ରଭୃତି ଯେତେ ସ୍ଥାନରେ ଧାନ ଚାଉଳ ଅଧିକ ଜାତ ହୁଅଇ ସବୁଠାର ଅବସ୍ଥା ଏକପ୍ରକାର ଅଟଇ । ସବୁସ୍ଥାନରୁ ବିସ୍ତରପରିମାଣରେ ଚାଉଳ ମାନ୍ଦ୍ରାଜ ଓ ବମ୍ବେଇକୁ ଯାଉଅଛି ଓ ଆହୁରି କେତେକାଳ ଏହିପରି ଯାଉଥିବ । ଦୁର୍ଭିକ୍ଷପୀଡ଼ିତ ସ୍ଥାନରେ ଯେମନ୍ତ ଦର ଉଚ୍ଚ ହେଉଅଛି ତେମନ୍ତ ମହାଜନମାନେ ଏଠାରୁ ଉଚ୍ଚଦରରେ ଚାଉଳ କିଣି ରପ୍ତାନି କରୁଅଛନ୍ତି । କୌଣସି ବାଟରେ ତାହାଙ୍କର ଲାଭ ସେ ଲୋଡ଼ୁଅଛନ୍ତି ଓ ଦର ଯେତେ ଉଚ୍ଚ ହେଉ ତାହାଙ୍କର ଗଣ୍ଠିକ ମରି ଯିବ ନାହିଁ ସୁତରାଂ ଏ କାଳଟି ତାହାଙ୍କ ପକ୍ଷରେ ବଡ଼ ଶୁଭଦ ହୋଇଅଛି । ଏ ପ୍ରଦେଶର ଚାଷୀ ଓ ମହାଜନମାନଙ୍କ ପକ୍ଷରେ ମଧ୍ୟ ବର୍ତ୍ତମାନ ସମୟ ଅତ୍ୟନ୍ତ ଶୁଭପ୍ରଦ ହୋଇଅଛି । ଏମନ୍ତ ଯୋଗ ସର୍ବଦା ମିଳଇ ନାହିଁ କି ଯହିଁରେ ଟଙ୍କାକ ଦ୍ରବ୍ୟ ଦୁଇଟଙ୍କା ବା ଅଢ଼ାଇ ଟଙ୍କା ହୁଅଇ । ଯେଉଁମାନେ ଧାନ ଚାଉଳ ରଖିଅଛନ୍ତି ତାହାଙ୍କର ଲାଭର ସୀମା ନାହିଁ ଓ ଯେଉଁମାନେ ରଖି ନାହାନ୍ତି ସେମାନେ ବସି ଆପଣା କପାଳକୁ ନିନ୍ଦୁଅଛନ୍ତି । ଫଳତଃ ଚଷା ଓ ମହାଜନଙ୍କ ପକ୍ଷରେ ଏ କାଳ ବଡ଼ ଲାଭକର ହୋଇଅଛି ମାତ୍ର କଣିଖିଆଙ୍କର ଅବସ୍ଥା କହିଲେ ସରୁ ନାହିଁ ମୂଲିଆ କାରିଗର ସାମାନ୍ୟ ବ୍ୟବସାୟୀ ଓ ଅଳ୍ପବେତନର ଚାକର ଅତ୍ୟନ୍ତ ହତାଶ ହେଲେଣି । କେତେ ଲୋକ ପେଟପୂରା କରି ଖାଉ ନାହାନ୍ତି ଓ କେତେ ଲୋକ ଅବା ଓଳିଏ ଖାଇ ଓଳିଏ ଉପବାସ ରହୁଅଛନ୍ତି । ପଚା ବସ୍ତାମରା ଚାଉଳ ଶସ୍ତା ପାଇ ଦୁଃଖିମାନେ ଯେମନ୍ତ ଆଗ୍ରହସହିତ କିଣୁଅଛନ୍ତି ତାହା ଦେଖିଲେ କାହାର ବିଶ୍ୱାସ ନ ହେବ ଯେ ଏମାନଙ୍କ ଷୋଳବଣ୍ଟା ବାନ୍ଧିଲାଣି ! ଏ ଦୁଃଖ ମଫସଲରେ ସେତେ ହେବାର ସମ୍ଭାବନା ନାହିଁ କାରଣ ସେଠାରେ ପ୍ରାୟ ସମସ୍ତେ ଚାଷୀ ମାତ୍ର ନଗରବାସିମାନେ ଏ କାଳକୁ ଗୁପ୍ତଦୁର୍ଭିକ୍ଷ ବୋଲି ମଣୁଅଛନ୍ତି । କିନ୍ତୁ କାହାକୁ କହିବେ ଓ କିଏ ଅବା ତାହାଙ୍କ ଦୁଃଖ ଶୁଣିବ । ଦେଶରେ ଶସ୍ୟ ନ ଥିଲେ ସମସ୍ତଶ୍ରେଣୀର ଲୋକଙ୍କୁ ବାଧନ୍ତା ଓ ହାହାକାର ଉଠି ପଡ଼ିଗଲେ ସରକାର କୌଣସି ଉପାୟ ପାଞ୍ଚନ୍ତେ ବର୍ତ୍ତମାନ ସମୟତ ସେପରି ହୋଇ ନାହିଁ । ଚାରିଆଡ଼ୁ ଚାଉଳ ଆସି ନଗରରେ ଜମା ହେଉଅଛି ମାତ୍ର ମହାଜନମାନେ ତାହା ଉଚ୍ଚଦରରେ ତତ୍‌କ୍ଷଣାତ୍ କିଣୁଅଛନ୍ତି ଓ ଚାଉଳ ବାଣିଜ୍ୟରେ ନିଯୁକ୍ତ ଥିବା ଲୋକ ଅର୍ଥାତ୍ ମହାଜନ ଶଗଡ଼ିଆ ନାଉରିଆ ମୂଲିଆ ପ୍ରଭୃତି ତଦନୁସାରେ ମୂଲ ପାଇ ଖାଇ ପିନ୍ଧି ପଣେ ଲାଭ କରୁଅଛନ୍ତି ବାକି ସାମାନ୍ୟ ଉପାୟର ଲୋକମାନେ ଯେ କଷ୍ଟ ପାଉଅଛନ୍ତି ସେମାନଙ୍କୁ କିଏ ରକ୍ଷା କରିବ ଓ କାହାଠାରେ ସାହାଯ୍ୟର ପ୍ରାର୍ଥନା କରିବେ ? ଏମାନଙ୍କର ରକ୍ଷାର ଏକମାତ୍ର ଉପାୟ ଚାଉଳର ଦର ଊଣା କରିବା କିନ୍ତୁ ଗବର୍ଣ୍ଣମେଣ୍ଟ ତାହା କରିବେ ନାହିଁ କିମ୍ବା କଲେ ତାହା ଉଚିତ ହେବ ନାହିଁ । ଅତଏବ ଆମ୍ଭେମାନେ ଦେଖୁଅଛୁଁ ଯେ ମାନ୍ଦ୍ରାଜର ଦୁର୍ଭିକ୍ଷ ନିବାରଣ ଅଥବା ନୂତନ ଫସଲ ହସ୍ତଗତ ହେବାଯାଏ ଏମାନଙ୍କୁ କଷ୍ଟ ପାଇବାକୁ ହେବ ।

ସରକାରୀ ଅଳ୍ପ ବେତନର ଚାକରମାନେ ଭତ୍ତା ପାଇବାସକାଶେ ଆପଣା ୨ ହାକିମଙ୍କ ଠାରେ ଆବେଦନ ପତ୍ରମାନ ଦେଇ ଅଛନ୍ତି ଓ ସେ ସମସ୍ତ ଦରଖାସ୍ତ ଶ୍ରୀଯୁକ୍ତ କମିଶ୍ନରସାହେବଙ୍କ ସୁବିଚାରକାରଣ ପ୍ରେରିତ ହୋଇଅଛି । ଆମ୍ଭେମାନେ ଭରସା କରୁଁ ଯେ କମିଶ୍ନରସାହେବ ଦୁଃଖୀ ଚାକରଙ୍କ ଉପରେ ଦୟା ବହି

Split by PDF Splitter

Digitized by srujanika@gmail.com

ଭତ୍ତା ଦେବାସକାଶେ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ ଅଣାଇବେ ତାହା ହେଲେ ଏ ଶ୍ରେଣୀର ଲୋକଙ୍କର ଦୁଃଖ କେତେକ ପରିମାଣରେ ନିବାରଣ ହେବ ଓ ଗବର୍ଣ୍ଣମେଣ୍ଟ ଆପଣା ଚାକରଙ୍କପ୍ରତି ଦୟା ପ୍ରକାଶକଲେ ସେହି ଉଦାହରଣ ଦେଖି ଅନ୍ୟାନ୍ୟ ଲୋକମାନେ ମଧ୍ୟ ଆପଣା୨ ଚାକରଙ୍କୁ କିଛି୨ ଅଧିକା ଦେବେ ତାହା ହେଲେ କେତେକ ଲୋକଙ୍କର ଅବଶ୍ୟ କିଛି ଉପକାର ହେବ ଏଥିରେ ଗବର୍ଣ୍ଣମେଣ୍ଟଙ୍କର ଅଧିକା ବ୍ୟୟ ହେବ ନାହିଁ କାରଣ ପ୍ରାୟ ଛଅମାସରୁ ଅଧିକ ଏପରି ଭତ୍ତା ଦେବାର ପ୍ରୟୋଜନ ହେବନାହିଁ ଅଥଚ ଚାକରମାନେ କେତେ କୃତଜ୍ଞ ହେବେ ଓ ଅନ୍ୟାନ୍ୟ ଅଧୀନଲୋକ ମଧ୍ୟ ଆପଣା୨ ମୁନିବଠାରୁ କିଛି୨ ଲଭି ନେବାସକାଶେ କେମନ୍ତ ଉତ୍ସାହିତ ହେବେ । ଶୁଣିଲୁଁ ଯେ କଲେକ୍ଟର ସାହେବ ଭତ୍ତା ଦେବାପକ୍ଷରେ ବଡ ଇଚ୍ଛୁକ ନୁହନ୍ତି । ସେ ଦରଖାସ୍ତକାରମାନଙ୍କୁ ପରାମର୍ଶ ଦେଲେ ଯେ ମଫସଲରେ ଚାଉଳ ଶସ୍ତା ଅଛି ସେଠାରୁ ଅଣାଇ ନିର୍ବାହ କରନ୍ତୁ କିନ୍ତୁ ସାମାନ୍ୟ ବେତନର ଚାକରଙ୍କ ପକ୍ଷରେ ତାହା କେମନ୍ତ ସହଜ ସାହେବ ତାହା ଥରେ ଭାଳିଲେ ନାହିଁ । ଯେଉଁମାନେ ପହିଲାତାରିଖରେ ବେତନ ପାଇଲେ ଅରଦିନକୁ ହାତରେ ପଇସାଟିଏ ନ ଥାଏ ସେମାନେ କିପରି କିଛି୨ ଟଙ୍କା ହାତରେ ଧରି ମଫସଲରୁ ଚାଉଳ ଅଣାଇବେ । ସେ ଯେବେ ଦୁଇ ଚାରିମାସର ବେତନ ଦାଦନ ଦେଇ ଏପରି ପରାମର୍ଶ ଦିଅନ୍ତେ ଅଥବା ସେହି ଟଙ୍କାରେ ମଫସଲରୁ ଚାଉଳ ଅଣାଇ ଚାକରଙ୍କୁ ଅସଲ ଦାମରେ ବିକନ୍ତେ ତାହା ହେଲେ ଅବା କିଛି ସାହାଯ୍ୟ ହୁଅନ୍ତା ମାତ୍ର ଆମ୍ଭେମାନେ ବିବେଚନା କରୁଁ କି ସେ ଚାକରମାନଙ୍କୁ ଏପରି ପରାମର୍ଶ ନ ଦେଇ ମହାଜନମାନଙ୍କୁ ଯେବେ ମଫସଲରେ କିଣିବାର ପରାମର୍ଶ ଦିଅନ୍ତେ ତାହା ହେଲେ କିଛି ଉପକାର ହୋଇପାରନ୍ତା । ସହରରେ ଚାଉଳ ଉତ୍ପନ୍ନ ହୁଅଇ ନାହିଁ । ମହାଜନମାନେ ଉତ୍ପନ୍ନସ୍ଥାନରେ ଯାଇ କିଣନ୍ତୁ ତାହା ହେଲେ ନଗରମଧ୍ୟକୁ ଯାହା ଆସିବ ତାହା କିଛି ସୁଲଭ ମୂଲ୍ୟରେ ବିକ୍ରୟ ହେବ । ସବୁ ଚାଉଳ ମହାଜନ କଟକରୁ ଧରିନେବ ନଗରକୁ ଆସିବ ନାହିଁ ଏପରି ଘଟିବା ସମ୍ଭବ ନୁହଇ କାରଣ ସ୍ଥାନୀୟ ମହାଜନମାନେ ନଗରକୁ ଆମଦାନୀ କରିବେ ଓ ଯେଉଁ ବେପାରୀଙ୍କ ପକ୍ଷରେ ନଗରକୁ ଆସିବା ସୁବିଧା ସେମାନେ ତାହା ତ୍ୟାଗ କରିବେ ନାହିଁ । ବାଣିଜ୍ୟ ଉପରେ ଏତିକି ହସ୍ତକ୍ଷେପଣ କରିବା ସୁଦ୍ଧା ଅନୁଚିତ ମାତ୍ର ଚାକରଙ୍କୁ ମଫସଲରୁ ଚାଉଳ ଅଣାଇବାକୁ କହିବାଠାରୁ ମହାଜନମାନଙ୍କୁ ମଫସଲକୁ ପଠାଇଦେବା ଗୋଟାଏ ପରାମର୍ଶବୋଲି ଆମ୍ଭେମାନେ ଏହା କହିଲୁଁ ।

---

## ସାପ୍ତାହିକସଂବାଦ ।

କେନ୍ଦ୍ରାପଡାର ଅସିଷ୍ଟାଣ୍ଟ କଲେକ୍ଟର ଫିଲପ୍ସ ସାହେବ ଏଥିମଧ୍ୟରେ ଏକ୍ଟିଂ ଜଏଣ୍ଟ ମାଜିଷ୍ଟ୍ରେଟ ହୋଇ ବଙ୍ଗଳାକୁ ବଦଳୀ ହୋଇଗଲେ । କେନ୍ଦ୍ରାପଡା ସକାଶେ କେହି ନିଶ୍ଚୟରୂପେ ନିଯୁକ୍ତ ହେବା ପର୍ଯ୍ୟନ୍ତ ବୋଧ ହୁଅଇ ଅନ୍ନଦା ବାବୁ କର୍ମ କରୁଥିବେ ।

ଚିଲିକାହ୍ରଦର ଜାଲଗଞ୍ଜାମଠାରୁ ରମ୍ଭାପର୍ଯ୍ୟନ୍ତ ବାଣିଜ୍ୟର ଗତାୟାତ ସକାଶେ ଫେଡି ଅଛି ।

ମୟୂରଭଞ୍ଜରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ସେଠାରେ ଏଥର ରଥଯାତ୍ରା ସମୟରେ ୧୦।୧୫ ହଜାର ଯାତ୍ରୀ ହୋଇଥିଲେ ମହାରାଜା ଯଥାଭକ୍ତି ଓ ଉତ୍ସାହ ସହିତ ଏ ଯାତ୍ରା ସ୍ୱୟଂ ଉପସ୍ଥିତ ଥାଇଁ ନିର୍ବାହ କରନ୍ତି । ଏପରି ମହାରାଜା ଗୋଟିଏ ଯାଦୁଖାନା ନିର୍ମାଣ କରି ଅନେକ ସଜୀବ ପଶୁପକ୍ଷୀ ସେଠାରେ ରଖାଇଅଛନ୍ତି ଓ ଯାତ୍ରିଙ୍କୁ ଦେଖିବା ସକାଶେ ଛାଡି ଦେଇଥିଲେ ।

ଉତ୍କଳଦର୍ପଣ ଲେଖିଅଛନ୍ତି ଯେ ବାଲେଶ୍ୱର ଜିଲା ହେରଗଡ଼ ଆଉଟପୋଷ୍ଟ ଇଲାକାର ବସନ୍ତପୁର ନାମକ ଗ୍ରାମର ନିତାନ୍ତ ଅଳ୍ପ ବୟସ୍କ ବଯ୍ୟୋଟି ନେଇ କୋଇଣ୍ଠାଇବା ଉଦ୍ଦେଶରେ ଗ୍ରାମର କିଛି ଅନ୍ତର ଗୋଟିଏ ସାମାନ୍ୟ ବଣ ପାଖକୁ ଯାଇଥିଲେ, କୋଳର ଲୋଭରେ ପନ୍ତ ସେମାନେ ବଣମଧ୍ୟରେ ଅନେକଦୂର ପର୍ଯ୍ୟନ୍ତେ ଚାଲିଗଲା ବାଦେ ଆଉ ପଥ ଚିହ୍ନି ବାହାରି ଆସି ପାରିଲେ ନାହିଁ । ଅନେକକ୍ଷଣ ଘୂରି କ୍ଳାନ୍ତ ହୋଇ ବସିଛନ୍ତି ଝଙ୍କିଯଡ଼ି ଭଲ୍ଲୁକଣୀରୁ ପ୍ରାଣତ୍ୟାଗ କଲା । ଦ୍ୱିତୀୟଟି ଅଉ ଗୋଟିଏ ବାଟଧରି ଚାଲିଯିବାରୁ ପାଟଣା ନାମକ ଗ୍ରାମନିକଟରେ ମିଳିଲା । ପିତା ମାତାଙ୍କ ଅସାବଧାନତା ଏପରି ଘଟନାର ମୂଳ ଅଟେ ।

ପାଟିୟାଲର ମହାରାଜାଙ୍କ ସକାଶେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମାସକୁ ଟ ୧୨୦୦ ଟଙ୍କା ବେତନରେ ଜଣେ ଡାକ୍ତର ନିଯୁକ୍ତ କରିଅଛନ୍ତି ।

କଥିତ ହୁଅଇ ଯେ ଶ୍ରୀମତୀ ଇଂଲଣ୍ଡେଶ୍ୱରୀ ଯୁଦ୍ଧର ଅତ୍ୟନ୍ତ ବିରୋଧୀ ଅଟନ୍ତି । ଯୁଦ୍ଧରେ ତାହାଙ୍କର ଏତାଦୃଶ ଭୟ ଯେ ଅତ୍ୟନ୍ତ ଗୁରୁତର କାରଣ ନ ହେଲେ ସେ କଦାଚ ଆପଣା ଲୋକଙ୍କୁ ଯୁଦ୍ଧରେ ପ୍ରବୃତ୍ତ ହେବାକୁ ଅନୁମତି ଦେବେ ନାହିଁ । ସେ ଆପଣାର ଏରୂପ ଅଭିପ୍ରାୟ ଲର୍ଡ ବକନସ୍ଫିଲ୍ଡଙ୍କୁ ସ୍ପଷ୍ଟରୂପେ ବୁଝାଇ ଦେଇଅଛନ୍ତି । ଯୁଦ୍ଧ କରିବା ଯେମନ୍ତ ସ୍ତ୍ରୀ ସ୍ୱଭାବର ବିରୁଦ୍ଧ ସେମନ୍ତ ବର୍ତ୍ତମାନ ସଭ୍ୟକାଳର ଧର୍ମର ବିରୋଧୀ ଅଟଇ ଓ ଶ୍ରୀମତୀଙ୍କ ମତ ଅବଶ୍ୟ ପ୍ରଶଂସନୀୟ ଅଟଇ ସନ୍ଦେହ ନାହିଁ ।

ଇଣ୍ଡିୟାନ ସ୍ପେକ୍‌ଟେଟର ଶୁଣିଅଛନ୍ତି ଯେ ଜୟପୁରର ମହାରାଜା ହିନ୍ଦୁ ବିଧବାଙ୍କ ବିବାହ ନିଷେଧ ନିୟମକୁ ଉଠାଇବା କାରଣ ଅତ୍ୟନ୍ତ ଯତ୍ନଶୀଳ ହୋଇ ଅଛନ୍ତି । ଏକାର୍ଯ୍ୟ ସାଧନ ସକାଶେ ସେ ଗୋଟିଏ ସଭା ବସାଇ ଅଛନ୍ତି ଚାରିଜଣ ପଣ୍ଡିତ ଓ ଜଣେ ସମ୍ଭ୍ରାନ୍ତ ଇଂରାଜ ଏ ସଭାର ମେମ୍ବର ଅଟନ୍ତି । ଏମାନେ ଲୋକଙ୍କୁ ବୁଝାଇ ଦେବେ ଯେ ବିଧବା ବିବାହ ଶାସ୍ତ୍ରରେ ନିଷେଧ ନାହିଁ ଓ ଏରୂପ ବିବାହକୁ ସରକାର ଆଇନସିଦ୍ଧ ବିବାହ ବୋଲି ଜ୍ଞାନ କରିବେ । ସମସ୍ତ ଦେଶୀୟ ରାଜା ଆପଣା୨ ଅଧିକାର ମଧ୍ୟରେ ଏ ନିୟମକୁ ପ୍ରଚଳିତ କରାଇଲେ ଅଳ୍ପଦିନ ମଧ୍ୟରେ ଏହା ଭାରତବର୍ଷର ସର୍ବତ୍ରରେ ପ୍ରଚଳ ହୋଇଯିବ ।

ଉତ୍ତର ପଶ୍ଚିମରେ ଜଣେ ଜଏଣ୍ଟ ମାଜିଷ୍ଟ୍ରେଟ ଏକଜଣ ଉକୀଲକୁ ଯୁତା ପିନ୍ଧି କଚେରୀକୁ ଆସିବାକୁ ଦେଲେ ନାହିଁ । ହାଇକୋର୍ଟ ଏଥିପାଇଁ ତାହାଙ୍କଠାରୁ କୈଫିୟତ ତଲବ କରିଅଛନ୍ତି । ଯୁତା କଥାଟା କି ଏହିପରି ଚିରକାଳ ଲାଗିଥିବ ?

କଥିତ ହୁଅଇ ଯେ ସିନ୍ଧିଆ ମହାରାଜା କେବଳ ପୁନାନଗରରେ ସାହାଯ୍ୟ ଦାନରେ ତିରିଶହଜାର ଟଙ୍କା ବ୍ୟୟ କରିଅଛନ୍ତି ।

---

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗଣେଶପ୍ରସାଦ ସିଂହ | କଟକ | ବକେୟା | ଟ ୩୯ |
| ,, ନୀଳଗୋବିନ୍ଦ ଦାସ | ,, | ,, | ଟ ୬୯ |
| ମୁନ୍‌ସି ଅବଦୁଲ ରେଜାକ | ,, | ,, | ଟ ୨୯ |
| ବାବୁ କୃଷ୍ଣବିହାରି ଘୋଷ | ,, | ,, | ଟ ୭୯ |
| ,, ହରେକୃଷ୍ଣ ଦାସ | ,, | ,, | ଟ ୩୯ |
| ମୁନ୍‌ସି ଅଜଳଖାନ | ,, | ,, | ଟ ୧୯ |
| ବାବୁ ଲକ୍ଷ୍ମୀନାରାୟଣ ବୋଷ | ,, | ଅଗ୍ରିମ | ଟ ୫୯ |
| ,, ହରେକୃଷ୍ଣ ଦାସ | ,, | ବକେୟା | ଟ ୧୨୯ |
| ,, ହରେକୃଷ୍ଣ ଦାସ | ,, | ଅଗ୍ରିମ | ଟ ୬୪/ |

ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଶ
ସଂ ୩୦ ସଂଖ୍ୟା

ତା ୨୮ ରିଖ ମାହେ ଜୁଲାଇ ସନ ୧୮୭୭ ମସିହା । ମୁ । ଶ୍ରାବଣ ଦି ୧୪ ଦିନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଇଁ ଡାକମାସୁଲ ଟ୧୫୵

ରୁଷୀୟା ଓ ତୁରସ୍କର ଯୁଦ୍ଧ ସମ୍ପର୍କରେ ଯେସମସ୍ତ ସମାଚାର ଏ ସପ୍ତାହରେ ଆସିଅଛି ତହିଁରୁ ଜଣାଯାଏ ଯେ ରୁଷୀୟମାନେ ତୁରସ୍କର ରାଜଧାନୀ ଦିଗକୁ କ୍ରମଶଃ ଅଗ୍ରସର ହେଉଅଛନ୍ତି । କେତେଗୁଡ଼ାଏ ଜଳ ହସ୍ତଗତ କଲେଣି ଓ ବଲକାନ ପର୍ବତକୁ ପାରହୋଇ ୧୮ ପଲଟନ ସିପାହି ସିପକାପାର୍ଟି ଘାଟେ ଆଉ ପାଖରେ ପ୍ରବେଶ ହେଲେଣି । ଘାଟି ପାର ହେବାରେ ରୁଷୀୟଙ୍କର ଅନେକ ସୈନ୍ୟ ମାରି ପଡ଼ିଥିଲେ । ତୁରସ୍କ ପକ୍ଷରୁ କିଛି ସମ୍ବାଦ ଆସି ନାହିଁ ଓ ସେମାନେ ଏଣିକି କି କରୁଅଛନ୍ତି ଜଣା ନାହିଁ । ଯେମନ୍ତ ଅବସ୍ଥା ଦେଖାଯାଏ ପ୍ରାୟ ଦେଢ଼ମାସ ମଧ୍ୟରେ ରୁଷୀୟା କନଷ୍ଟାଣ୍ଟିନୋପଲରେ ପ୍ରବେଶ କରିବେ । ଆରମିନିୟା ଅଞ୍ଚଳର ଯୁଦ୍ଧର କିଛି ସମାଚାର ଆସି ନାହିଁ ।

---

ସମ୍ପ୍ରତି ନଗରଯାକ କେବଳ ଗୁଡ଼ଳର ଚିନ୍ତାରେ ବ୍ୟସ୍ତ । ସାନ ବଡ଼ ସମସ୍ତେ ଏକା ଗୁଡ଼ଳର ଦୁର୍ମୂଲ୍ୟ କଥା କହୁଅଛନ୍ତି ଯେଉଁଠାରେ ଦେଖ ଏହି ଚର୍ଚ୍ଚା ଲାଗିଅଛି ଓ ସର୍ବସାଧାରଣ ଏକମତ ହୋଇ ଏଥିପାଇଁ ହାକିମଙ୍କୁ ଦୋଷୀ କରୁଅଛନ୍ତି । ସମସ୍ତଙ୍କର ଇଚ୍ଛା ଯେ ସରକାର ମା ୨।° ସ ପର୍ଯ୍ୟନ୍ତ ରପ୍ତାନୀ ବନ୍ଦ କରିଦେଉନ୍ତୁ । ଗତ ଗୁରୁବାର ଏକ ଜନରବ ଉଠିଲା ଯେ କମିଶନର ସାହେବ ରପ୍ତାନୀ ସ୍ଥଗିତ କରି ସେ ୧୭ ର ଲେଖାଏଁ ବିକ୍ରୀ କରିବାର ଆଜ୍ଞା ଦେଇଅଛନ୍ତି । ସେଦିନ ଟଙ୍କାକୁ ସେ ୧୨ ର ଠାରୁ ସେ ୧୭ ର ପର୍ଯ୍ୟନ୍ତ ବିକ୍ରୟ ହେଲା । ଅପର କେହି କହନ୍ତି ଯେ ପଲଟନ ବଜାରରେ ସିପାହିମାନଙ୍କ ବାହୁବଳରେ ଭାତ ଶସ୍ତା ହୋଇଅଛି । ଯାହା ହେଉ ଅବସ୍ଥା ଭଲ ନୁହଇ ଓ ଅମ୍ଭେମାନେ ଆଶାକରୁଁ ଯେ କମିଶନର ଓ କଲେକ୍ଟର ସାହେବ ଏମନ୍ତ କିଛି ବିଧାନ କରନ୍ତୁ କି ଯହିଁରେ ନଗରବାସିମାନେ ଏ ବିପଦକୁ ଅତିକ୍ରମ କରିବାକୁ ସକ୍ଷମ ହେବେ ଓ କୌଣସି ଭାରି ଅନିଷ୍ଟ ଜାତ ନ ହେବ ।

---

ଅହମଦାବାଦରେ ଦେଶୀୟ ଶିଳ୍ପକାର୍ଯ୍ୟ ଏବଂ ଶ୍ରମଜୀବିଙ୍କର ଉତ୍ସାହ ସକାଶେ ଗୋଟିଏ ସଭା ସ୍ଥାପିତ ହୋଇଅଛି । ସଭାର କାର୍ଯ୍ୟ ଏହି ପରି ଚାଲିବାର ସ୍ଥିର ହୋଇଅଛି ଯେ ଦଶ ହଜାର ଟଙ୍କାର ମୂଳଧନ ସହିତ ଗୋଟିଏ କମ୍ପାନୀ ହେବ ଯେସବୁ ଦେଶୀୟ ଦ୍ରବ୍ୟ ବିଦେଶୀୟ ଦ୍ରବ୍ୟଦ୍ୱାରା ବଜାରରୁ ଅନ୍ତର୍ଦ୍ଧାନ ହେଉଅଛି ସେ ସବୁ କ୍ରୟ କରି ଉକ୍ତ କମ୍ପାନୀ ବିକ୍ରୟ କରିବେ ଏବଂ ଯେ ସମସ୍ତ ଦ୍ରବ୍ୟ ବିଦେଶରୁ ଆମଦାନୀ ହେବାରୁ ସେହି ପ୍ରକାର ଦେଶୀୟ ଶ୍ରମଜାତ ଦ୍ରବ୍ୟ ଆଉ ସାଧାରଣରୂପେ ଦୋକାନମାନଙ୍କରେ ବିକ୍ରୟ ହେଉ ନାହିଁ ସେ ସମସ୍ତ ଦ୍ରବ୍ୟ ମଧ୍ୟ କ୍ରୟ କରି ବିକ୍ରୟ କରିବେ । ଏ ସମସ୍ତଦ୍ରବ୍ୟର ମୂଲ୍ୟ ଏପରି ହେବ କି ଯହିଁରେ ଅନାୟାସରେ ଲୋକେ କିଣି ପାରିବେ । ସଭା ଗୋଟିଏ ପ୍ରତିଜ୍ଞାପତ୍ର ଧାର୍ଯ୍ୟ କରିଅଛନ୍ତି ଯେ ସଭ୍ୟମାନେ ସ୍ୱଦେଶାନୁରାଗିମାନେ ଉକ୍ତ ପ୍ରତିଜ୍ଞା ପ୍ରତିପାଳନ କରିବେ । ପ୍ରତିଜ୍ଞାଟି ଯଥା—" ଅମ୍ଭେମାନେ ସ୍ୱୀକାର କରୁଅଛୁଁ ଯେ ଦେଶୀୟ ଶ୍ରମଜାତ ଦ୍ରବ୍ୟ କିଞ୍ଚିତ ଅଧିକା ମୂଲ୍ୟରେ ପ୍ରାପ୍ତ ହେଲେ ସୁଦ୍ଧା ଆପଣାର ଓ ପରିବାରଙ୍କ ଖର୍ଚ୍ଚ ସକାଶେ ବିଦେଶୀୟ ଦ୍ରବ୍ୟ ପରିବର୍ତ୍ତେ ସେହି ସମସ୍ତ ଦ୍ରବ୍ୟ ବ୍ୟବହାର କରିବୁଁ ।"

ଦେଶୀୟ ଶ୍ରମଜାତ ଦ୍ରବ୍ୟର ଉତ୍ସାହ ସକାଶେ ମନ୍ଦ ପ୍ରସ୍ତାବ ହୋଇ ନାହିଁ ମାତ୍ର ପ୍ରତିଜ୍ଞାପତ୍ରଟି ସମ୍ପୂର୍ଣ୍ଣରୂପେ ପ୍ରତିପାଳନ ହେବା ପକ୍ଷରେ ସନ୍ଦେହ ବୋଧ ହୁଅଇ । କାରଣ ବିଲାତୀଦ୍ରବ୍ୟ ତାଦୃଶ ଟାଣ ନ ହେଲେହେଁ ଦେଖିବାକୁ ସୁନ୍ଦର ଓ ଶସ୍ତା ଦାମରେ ମିଳୁଅଛି ବୋଲି ଦେଶୀୟ ଦ୍ରବ୍ୟ ପ୍ରତି ତାହାକୁ ଲୋକେ ଅଧିକ କରି ଘେନୁଅଛନ୍ତି ଓ ଶସ୍ତାର ଲୋଭ ସମସ୍ତେ ସମ୍ଭାଳି ରହିବେ ଏକଥା ମନକୁ ଆସୁ ନାହିଁ ।

---

ଏ ନଗରରେ ଗୁଡ଼ଳର ଭାଉ ପୂର୍ବପ୍ରାୟ ରହିଅଛି ଓ ଲୋକଙ୍କର କଷ୍ଟ ଓ ଚିନ୍ତାର ସୀମା ନାହିଁ । ସମସ୍ତଙ୍କର ଆଶା ଏହି ଯେ ଗବର୍ଣ୍ଣମେଣ୍ଟ ରପ୍ତାନୀ ବନ୍ଦ କରିଦେଇ ଏଠାରେ ଗୁଡ଼ଳର ଭାଉ ଶସ୍ତା କରି ଦେଉନ୍ତୁ ଓ ଏଥି ସଙ୍ଗେ ସଙ୍ଗେ ଦୁଷ୍ଟଲୋକ ଏମନ୍ତ ସୁଦ୍ଧା

Digitized by srujanika@gmail.com

Split by PDF Splitter



ଭଜନଭବ ଉଠାଇ ଦେଇଅଛନ୍ତି ଯେ ଶୀଘ୍ର ଆଉ ଶସ୍ତା ନ ହେଲେ ଚାଉଳ ଗୋଦାମମାନ ଲୁଟି ହେବ । ଆମ୍ଭେମାନେ ଶୁଣିଲୁଁ ଯେ ଏ ବିଷୟର ଲିଖିତ ବେନାମୀ ବିଜ୍ଞାପନ କେତେକ ସ୍ଥାନରେ ଦିଆ ଯାଇଥିଲା । ସରକାରୀ ଉଚ୍ଚ କର୍ମଚାରୀମାନେ ଯଥାକାଳରେ ସାବଧାନ ହୋଇ ଚାଉଳଗୋଦାମମାନଙ୍କରେ ଜଗିବାର ଛିଡା କରି ଦେଇ ଅଛନ୍ତି । ଖାଇବାକୁ ନ ପାଇଲେ ଦୁଃଖୀ ଲୋକମାନେ କି ନ କରି ପାରନ୍ତି । ଏଥିରେ ଯେ ତାହାଙ୍କର ଅଧିକ ଅନିଷ୍ଟ ହେବ ଓ ଯାହା ଅବା ମିଳୁଅଛି ତାହା ସୁଦ୍ଧା ମିଳିବ ନାହିଁ ସେ କଥା ମୂର୍ଖଲୋକଙ୍କୁ କିଏ ବୁଝାଇ ପାରିବ । ଫଳତଃ ଅବସ୍ଥା ବଡ ମନ୍ଦ ହୋଇଅଛି ଏଥିରେ ପୁଣି ଶରତ୍‌ମତ ବର୍ଷାକାଳର ବୃଷ୍ଟି ହେଉ ନାହିଁ । ଦିନଯାକ ଖରା ଖଣ୍ଡ ଓ ଅପରାହ୍ନ କାଳରେ କୌଣସି ଦିନ କୌଣସି ଏକଦିଗରେ ବୃଷ୍ଟି ହେଉଅଛି । ଶ୍ରାବଣମାସରେ ଅନବରତ ବୃଷ୍ଟି ହେବାର ଆବଶ୍ୟକ ତାହା ନ ହେଲେ ବିଆଳି ଫସଲ ଭଲ ହୁଅଇ ନାହିଁ । ସେପ୍ରକାର ବର୍ଷା ନ ହେବାରୁ ବିଆଳିର ଆଶା ଅତ୍ୟନ୍ତ ଊଣା ଦେଖା ଯାଏ ଓ ଏଥିପାଇଁ ଚାଉଳ ଆହୁରି ଦୁର୍ମୂଲ୍ୟ ହେଉଅଛି । ଲୋକେ ହାକିମଙ୍କର ଦୋଷ ଦେଉଅଛନ୍ତି ମାତ୍ର ହାକିମମାନେ ଯେ ଭଣ୍ଡିନ୍ତି ଅଛନ୍ତି ଏହା ଆମ୍ଭେମାନେ କହି ନ ପାରୁଁ । ସେମାନେ ମଧ୍ୟ ପ୍ରଜାଙ୍କ ସକାଶେ ବ୍ୟସ୍ତ ଅଛନ୍ତି ମାତ୍ର ଉପାୟ କିଛି ଦିଶୁ ନାହିଁ । ଆମ୍ଭେମାନେ ବୋଧକରୁଁ ହାକିମମାନେ ମୋଫସଲରୁ ଶସ୍ତାଦରରେ ଚାଉଳ କିଣି ଆଣି ହାଟରେ ରଖି ସରକାରୀ ଚାକର ଓ ଦୁଃଖୀମାନଙ୍କୁ ବିକ୍ରୟ କଲେ ଓ ଇତ୍ୟବସରେ ମହାଜନମାନଙ୍କୁ ସହର ମଧ୍ୟରେ ଚାଉଳ କିଣିବାର ନିଷେଧ କଲେ ଉପସ୍ଥିତ ଅନ୍ନକଷ୍ଟ ଅନେକ ପରିମାଣରେ ଊଣା ହୋଇ ପାରେ । ଏତକମାତ୍ର ସଦୁପାୟ ଅମ୍ଭମାନଙ୍କ ବୁଦ୍ଧିକୁ ଆସୁଅଛି ଓ ଭରସା କରୁଁ ଯେ ଶ୍ରୀଯୁକ୍ତ କମିଶନର ଓ କଲେକ୍ଟର ସାହେବମାନେ ଏଥିର ସୁବିଚାର କରିବେ ।

---

ଚଳିତମାସ ତା ୧୬ ରିଖରେ ଶେଷ ହେବା ସପ୍ତାହ ବାବତ ଭାରତବର୍ଷର ଫସଲ ଓ ଋତୁର ବିଜ୍ଞାପନୀରୁ ଜଣାଯାଏ ଯେ ପ୍ରାୟ ସର୍ବତ୍ରରେ ବୃଷ୍ଟି ଅତ୍ୟନ୍ତ ଊଣା ହୋଇଅଛି ଏଥିରେ ବୁଣାବୁଣି କର୍ମ ଅନେକ ପଛକୁ ପଡିଗଲା ଓ ବଢୁଥିବାର ଶସ୍ୟମାନ ବଞ୍ଚିବାର କଠିନ ହୋଇଅଛି । ମାନ୍ଦ୍ରାଜର ଅନେକ ସ୍ଥଳରେ ବୃଷ୍ଟି ହୋଇ ନାହିଁ ଓ ଦୂର ଏକସ୍ଥାନରେ ଯାହା ହୋଇଅଛି ତହିଁର ପରିମାଣ ଏକଇଞ୍ଚ ସୁଦ୍ଧା ନୁହଇ । ସେଠାର ଅବସ୍ଥା ମନ୍ଦ ଦେଖାଯାଏ । ସାହାଯ୍ୟକର୍ମରେ ଲାଗିଥିବା ମନୁଷ୍ୟଙ୍କ ସଂଖ୍ୟା ବଢୁଅଛି ଓ ପୂର୍ବଠାରୁ ଅଧିକ ଲୋକ ଛତ୍ରରେ ଆସି ଜମା ହେଉଅଛନ୍ତି । ଏଥିରୁ ସହଜରେ ଦେଖାଯାଉଅଛି ଯେ ସେଠାରେ ଦୁର୍ଭିକ୍ଷ ବେଳକୁବେଳ ବଢୁଅଛି ଓ ଆଗାମୀ ଫସଲର ସମ୍ଭାବନା ଅବଧି ଭଲ ଦେଖା ନ ଯିବାରୁ ଲୋକେ ଆହୁରି ବିକଳ ହେଉଅଛନ୍ତି । ମହୀସୁରର ଅବସ୍ଥା ଠିକ ମାନ୍ଦ୍ରାଜ ପ୍ରାୟ ଅଟଇ ଶୀଘ୍ର ବୃଷ୍ଟି ନ ହେଲେ ଆଉ ଫସଲ ହେବ ନାହିଁ । ଏଠାରେ ମଧ୍ୟ ଲୋକଙ୍କର କଷ୍ଟ ବୃଦ୍ଧି ହେଉଅଛି । ବମ୍ବେଇ ପ୍ରଦେଶରେ କେବଳ ଦାନାଗ୍ ଜିଲରେ ଭଲ ବୃଷ୍ଟି ହୋଇଅଛି । ଆଉ ସବୁ ଜିଲରେ ବୃଷ୍ଟିର ଅତ୍ୟନ୍ତ ଅଭାବ ଦେଖାଯାଏ ସିନ୍ଧୁ ପ୍ରଦେଶରେ ନଦୀ ବୃଦ୍ଧି ହେବାରୁ କୃଷିକର୍ମ ଏକପ୍ରକାର ଚଳିଅଛି । ମଧ୍ୟପ୍ରଦେଶରେ ୧୮ ଜିଲା ମଧ୍ୟରୁ ପାଞ୍ଚଜିଲରେ ଆଦୌ ବୃଷ୍ଟି ହୋଇ ନାହିଁ ଅପର ତେରଜିଲା ମଧ୍ୟରୁ କେବଳ ଚାରିଜିଲରେ ଏକଇଞ୍ଚରୁ ଅଧିକ ବୃଷ୍ଟି ହୋଇଅଛି । ବୁଣାବୁଣି କର୍ମ ପ୍ରାୟ ସରିଲାଣି ମାତ୍ର ଗଛ ବଢିବାର କୌଣସି ସୂଚକ ଦେଖାଯାଉ ନାହିଁ । ବିରାରରେ ବର୍ଷା ହୋଇ ନାହିଁ ଓ ଫସଲର ଅବସ୍ଥା ମଧ୍ୟପ୍ରଦେଶ ପ୍ରାୟ ଅଟଇ । ମଧ୍ୟ ଭାରତବର୍ଷରେ କେବଳ ସଭନା ଓ ଗୁଆଲିଅରରେ କିଛି ବୃଷ୍ଟି ହୋଇଥିଲା । ରାଜପୁତାନାର ଦୂରଜିଲା ଅର୍ଥାତ୍ ମାରୱାଡ ଓ ଜହାନଥରରେ ଭଲ ବୃଷ୍ଟି ହୋଇଅଛି ଆଉ ସବୁ ସ୍ଥାନରେ ବୃଷ୍ଟିର ଅଭାବ । ବଙ୍ଗଳାରେ ପୂର୍ବ, ଉତ୍ତର ଓ ସମୁଦ୍ରନୁହାଣ ଜିଲାମାନଙ୍କରେ ଭଲ ବର୍ଷା ହୋଇଅଛି । ବେହାରର କେତେକଅଂଶ ଓ ଛୋଟନାଗପୁର ଏବଂ ଓଡିଶାର ଏକାଧିକ ସ୍ଥଳରେ ପ୍ରଚୁର ବର୍ଷା ହୋଇ ନାହିଁ । ମାତ୍ର ଫସଲର ସାଧାରଣ ଅବସ୍ଥା ଉତ୍ତମ ଦେଖାଯାଏ । ଆସାମ ଓ ପଞ୍ଜାବରେ ମଧ୍ୟ ବର୍ଷାର ଅଭାବ ଅଛି । କେବଳ ବ୍ରହ୍ମଦେଶରେ ସୁବୃଷ୍ଟି ହେବାର ସମ୍ବାଦ ଆସିଅଛି । ଉତ୍ତର ପଶ୍ଚିମ ଓ ଅଯୋଧ୍ୟା ପ୍ରଦେଶ ମଧ୍ୟରେ କେବଳ ଆଗ୍ରା ବନାରସ ଓ ଫଏଜାବାଦରେ ବୃଷ୍ଟି ହୋଇଅଛି । ଏଠାରେ ଅତ୍ୟନ୍ତ ଗ୍ରୀଷ୍ମ ହୋଇଅଛି ଓ ବର୍ଷାର ଲକ୍ଷଣ ଯେତା । ପଞ୍ଜାବରେ କେବଳ ପେଶାବର ଓ ଜଲନ୍ଧରରେ କିଞ୍ଚିତ ବୃଷ୍ଟି ଭିନ୍ନ ଆଉ କୌଣସିଠାରେ ଭଲ ବର୍ଷା ହୋଇ ନାହିଁ ମାତ୍ର ଫସଲର ଅବସ୍ଥା ଅବଧି ଭଲ ଅଛି ।

ଉପରଲିଖିତ ବିବରଣ ଗବର୍ଣ୍ଣମେଣ୍ଟ ରେଜୋଲ୍ୟୁସନଙ୍କ ବିଜ୍ଞାପନୀରୁ ପ୍ରକାଶ ଓ ଏଥିରୁ ପାଠକମାନେ ଦେଖିବେ ଯେ ଆଷାଢମାସ ଶେଷ ପର୍ଯ୍ୟନ୍ତ ଭଲବୃଷ୍ଟି କୌଣସିଠାରେ ହୋଇ ନ ଥିଲା ଓ ଚଳିତ ଶ୍ରାବଣ ମାସରେ ଯେରୂପ ଏଠାରେ ପ୍ରତ୍ୟକ୍ଷ ହେଉଅଛି ତହିଁରୁ ସହଜରେ ଅନୁମାନ ହୋଇପାରେ ଯେ ସର୍ବତ୍ରରେ ପ୍ରଚୁର ବର୍ଷା ହୋଇ ନାହିଁ । ଏପରି ଅବସ୍ଥାରେ ଆଗାମୀ ଫସଲ ଭଲ ହେବାର କେଉଁ ଭରସା ?

---

/ ଚଳିତ ମାସ ତା ୧୭ ରିଖରେ ଏ ଜିଲାର ଶିକ୍ଷା କମିଟିର ଅଧିବେଶନ ହୋଇଥିଲା । ଏଥିର କାର୍ଯ୍ୟ ମଧ୍ୟରେ କୌଣସି କାର୍ଯ୍ୟ ଅମ୍ଭମାନଙ୍କୁ ନ୍ୟାଯ୍ୟସଙ୍ଗତ ବୋଧ ହେଉ ନାହିଁ । ତାହା ଏହି, ଏଠାର ଖ୍ରୀଷ୍ଟିୟାନ ସ୍କୁଲ (Christian school ) ନାମକ ବିଦ୍ୟାଳୟ ସକାଶେ ସାହାଯ୍ୟ ପ୍ରାପ୍ତିର ଆବେଦନ ହୋଇଥିବାରୁ ସଭାପତି ଶ୍ରୀଯୁତ ବିମ୍‌ସସାହେବ ଉକ୍ତ ଆବେଦନ କମିଟିରେ ଆଗତ କରି ମେଓ ଫଣ୍ଡରୁ ଓ ଅନ୍ୟାନ୍ୟ ବାବତରୁ ମାସିକ ୫ ୬୮ ଙ୍କା ସାହାଯ୍ୟ ଦେବାର ପ୍ରସ୍ତାବ କଲେ । ଏଥିରେ ଡାକ୍ତର ଷ୍ଟୁଅର୍ଟସାହେବ ପୋଷକତା କଲେ କିନ୍ତୁ ଶ୍ରୀଯୁତ କଲେକ୍ଟର ହଡନସାହେବ ଆପତ୍ତି କରି କହିଲେ ଯେ ଏପରି ଦାନ ମେଓ ଫଣ୍ଡରୁ ହୋଇ ନ ପାରେ କାରଣ ତାହା ଉକ୍ତ ଫଣ୍ଡର ଆଦି କଳ୍ପନାର ବହିର୍ଭୂତ ଅଟଇ । ହାଣ୍ଡିଲସାହେବ ଜଣ୍ଟ ମେଜଷ୍ଟ୍ରେଟ ଏ ଆପତ୍ତିର ପୋଷକତା କଲେ ତହୁଁ ଖାସି ଭର୍ଦ୍ଦକଭର୍ଦ୍ଦ ଲତିଲ ଓ ପୁଗଜନ ପଣ୍ଡିତଙ୍କ ପର ଭର୍ଦ୍ଦଜାରମାନେ କିଞ୍ଚିତ ସଚେତ ହୋଇଉଠିଲେ କହିଲେ ବୁଝାଯାଇପାରେ । ହଡନସାହେବ ଆପଣା ଆପତ୍ତିର ପୋଷକତାରେ ଅନେକ ହେତୁ ଓ ଯୁକ୍ତି ଦର୍ଶାଇଲେ କିନ୍ତୁ ବିମସସାହେବ ସେସବୁ ଗ୍ରାହ୍ୟ କଲେ ନାହିଁ । ସେ ନୂତନ ଲୋକ ଥିବା ଦୋଷରେ ସବୁ ଗଣ୍ଡଗୋଳ ହୋଇଗଲା । ତହୁଁ ଏ ବିଷୟରେ ଉପସ୍ଥିତ ସଭ୍ୟମାନଙ୍କର ମତ ପ୍ରାର୍ଥନା ହେଲା । ହାଣ୍ଡିଲସାହେବ ଓ ବାବୁ ଦ୍ୱାରିକାନାଥ ଚକ୍ରବର୍ତ୍ତୀଙ୍କ ବିନା ଅନ୍ୟ ସମସ୍ତେ ବିମସ୍ ସାହେବଙ୍କ ସପକ୍ଷରେ ମତ ପ୍ରଦାନ କଲେ

Digitized by srujanika@gmail.com

Split by PDF Splitter



ସୁତରାଂ ତାଙ୍କ ପ୍ରସ୍ତାବ ଧାର୍ଯ୍ୟ ହେଲା । ଅଧିକାଂଶ ବ୍ୟକ୍ତିଙ୍କର ଯେଉଁ ମତ ତାହା ଠିକ ଏପରି ଯୁକ୍ତିକୁ କାହାର ଉତ୍ତର ନାହିଁ ତେବେ କମିଶ୍ନର ସାହେବଙ୍କ ଇଚ୍ଛା ବିରୁଦ୍ଧରେ ମତ ଦେଇ ଏପରି ସ୍ୱାଧୀନ ସଭ୍ୟ ମୋଫସଲରେ ଅତି ବିରଳ । ବର୍ତ୍ତମାନର ଶିକ୍ଷିତ ଲୋକମାନେ ଜବାଗ୍ରହ ସ୍ୱାଧୀନତା ପାଇଁ ବ୍ୟସ୍ତ ଓ ଘରେ ବସି କେତେ ସ୍ୱାଧୀନ ଭାବ ଦେଖାଉଥାନ୍ତି ମାତ୍ର ବଡ଼ ହାକିମଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ସେହି ମର୍ଯ୍ୟାଦାରେ ଭୋଳ ହୋଇଯାଇଁ ସେସବୁ ଭାବ ଏକାବେଳକେ ପାସୋର ପକାନ୍ତି । ଏ ସବୁ ଦେଖି ମନରେ ଅହରହ ଏହି କଥା ଜାତ ହୁଅଇ ଯେ ମୋଫସଲର କମିଟିମାନ ବିଡ଼ମ୍ବନାମାତ୍ର । 'ମେଓ ଫଣ୍ଡ' ର ଉଦ୍ଦେଶ୍ୟ ବୋଧ ହୁଅଇ କାହାରିକୁ ଅବିଦିତ ନାହିଁ । ଓଡ଼ିଶାର ଛାତ୍ରମାନେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ବା ଫାଷ୍ଟ ଆର୍ଟସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଉତ୍ତାରୁ ଅର୍ଥାଭାବରେ ବଙ୍ଗଳାର ନାନା କଲେଜକୁ ଯାଇଁ ଉଚ୍ଚ ଶିକ୍ଷା ଲାଭ କରି ପାରୁ ନ ଥିଲେ ଏହିପରି ଛାତ୍ରଙ୍କ ସାହାଯ୍ୟ ନିମିତ୍ତ ଉକ୍ତ ଫଣ୍ଡ ସ୍ଥାପିତ ହୋଇଅଛି । କେବଳ ଯେଉଁମାନେ ବଙ୍ଗଳାକୁ କଲେଜରେ ପଢ଼ିବାଲାଗି ଯାଉଥିଲେ ସେମାନେ ତାହା ପାଉଥିଲେ । ପଛେ ଏଠାରେ କଲେଜ ସ୍ଥାପନ ହେବାରୁ ଏହି କଲେଜରେ ପଢ଼ିବା ବ୍ୟକ୍ତିକୁ ତାହା ଦିଆଗଲା । ଏବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣରୂପେ ଦୋଷଶୂନ୍ୟ ନୁହଇ କାରଣ ପ୍ରକୃତରୂପେ ବୁଝିବାକୁ ହେଲେ ଯେଉଁ ଉଚ୍ଚ ବିଦ୍ୟାଶିକ୍ଷା ଓଡ଼ିଶାରେ ହୋଇ ନ ପାରେ ତାହା ବଙ୍ଗଳାରେ ଯାଇଁ ଶିକ୍ଷା କରିବା ସକାଶେ ଉକ୍ତ ଫଣ୍ଡ ସ୍ଥାପନ ହୋଇଅଛି । ତଥାଚ ଏଠା କଲେଜରେ ଛାତ୍ରଙ୍କୁ ବୃତ୍ତି ଦେବା ଏକପ୍ରକାର ଉଚ୍ଚ ଶିକ୍ଷାର ବିସ୍ତାର କରିବା ହେବାରୁ ତାହାକୁ ତେତେ ମନ୍ଦ ବୋଲଯାଇ ନ ପାରେ । ଏପରି ଫଣ୍ଡରୁ ଖ୍ରୀଷ୍ଟିୟାନ ବିଦ୍ୟାଳୟକୁ ସାହାଯ୍ୟ ଦେବା ସମ୍ପୂର୍ଣ୍ଣ ଅନ୍ୟାୟ ଅଟଇ ସୁତରାଂ କଲେକ୍ଟରସାହେବଙ୍କ ଆପତ୍ତି ସବିଶେଷ ଯଥାର୍ଥ ଥିଲା ମାତ୍ର କମିଶ୍ନରସାହେବଙ୍କ ପାଖରେ ତାହାଙ୍କର ମୂଲ୍ୟ ହେଲେ ।

---

ଅମ୍ଭମାନଙ୍କର ଯାଜପୁରର ସମ୍ବାଦଦାତା ଲେଖିଅଛନ୍ତି ଯେ "ଗତମାସ ତା ୧୦ ରିଖଠାରୁ ତା ୧୩ ରିଖ ପର୍ଯ୍ୟନ୍ତ ଏ ତରଫରେ ଅତିଶୟ ବୃଷ୍ଟି ହୋଇ ନଦୀମାନ ଏଗାରଅଙ୍କ ବଢ଼ି ଭୂଲ ପ୍ରବଳରୂପେ ବଢ଼ି ହୋଇଥିଲା । ବିଶେଷତଃ ବୈତରଣୀ ନଦୀ ବୃଦ୍ଧିଦ୍ୱାରା ଅନେକ କ୍ଷତି ହୋଇଅଛି । ଉକ୍ତ ନଦୀର ଦକ୍ଷିଣ ତରଫ ମଉଜାମାନଙ୍କ ମଧ୍ୟରୁ ଆନ୍ଦପୁର, ନିମାପାଳ, ସୁନ୍ଦରପୁର, ଲକ୍ଷ୍ମଣପୁର, ନିରଞ୍ଜପୁର, ଗଣଗରପୁର, କମାଗଡ଼, ଗୁରୁଦାସପୁର, ଚଏନପୁର, ବରୁଆ, ହାଟସାହି, କରିଦା, ପାନବରଜ ଓ ହାଇଲେବଲ କେନାଲର ଉତ୍ତର କନାର ମୌଜାମାନଙ୍କ ମଧ୍ୟରୁ ନୃରୁଗାଁ, କଣ୍ଡିପୁର, ନୂଆଗାଁ, ନମଟିକିରି, ବଣିଆଗଡ଼ିଆ, ସୋଛି, ସିଙ୍ଗଡ଼ା, ହାଟସାହି, ମିରଜାପୁର ଓ ବୁଢ଼ାନଦୀର ପଶ୍ଚିମ ତରଫ ମଉଜାମାନଙ୍କ ମଧ୍ୟରୁ ମତାବାଜ ଉତ୍ତରେଶର, ଟିପୁରି, ଗୋପନଗର, ବିଦ୍ୟାଧରପୁର, ଯମୁନା, କୁନିଦା, ଅଲୋପୁର, ଭଗତପୁର ଓ ନୟାପଡ଼ା ଗ୍ରାମମାନଙ୍କରୁ ଅଧିକାଂଶ ଘର ଓ ଗୋରୁ ଓଗେର ପଶୁମାନେ ଭାସି ଯାଇଅଛନ୍ତି । ମନୁଷ୍ୟମାନେ ଆପଣା ଜୀବନ ରକ୍ଷା ସକାଶେ ଦୁଇଦିନ ପର୍ଯ୍ୟନ୍ତ ବୃକ୍ଷମାନଙ୍କରେ ଆଶ୍ରୟଣ କରି ରହିଲେ ମନୁଷ୍ୟ କିଛି ନଷ୍ଟ ହୋଇଥିବାର ନିଶ୍ଚୟ ଜଣା ଯାଇ ନାହିଁ କେବଳ ଯାଜପୁର ସହର ନିକଟ ଅଙ୍କୁଲା ନାମକ ଗ୍ରାମରେ ଏକବ୍ୟକ୍ତି ନୌକାରେ ଅନ୍ୟ ଗ୍ରାମକୁ ଯାଉଥିବା ସମୟେ ଡଙ୍ଗା ବୁଡ଼ିଯିବାରୁ ଉକ୍ତ ବ୍ୟକ୍ତି ଜଳମଗ୍ନ ହୋଇଅଛି । ଆଗୂଆପଦାରେ କେତେକ ସରକାରୀ ବଙ୍ଗଳା ଛଡ଼ା ଭିଡିଘରମାନ ଓ ସେ ସ୍ଥାନର ଲୋକଙ୍କ ବାସ ଗୃହମାନ ଭାସି ଯାଇଅଛି । ଉପର ଉକ୍ତ ଗ୍ରାମମାନଙ୍କର ବିପଦଗ୍ରସ୍ତ ବ୍ୟକ୍ତିମାନେ ଆମ୍ଭମାନଙ୍କ ଦୟାଳୁ ଗବର୍ଣ୍ଣମେଣ୍ଟଙ୍କ ବିନା ସାହାଯ୍ୟରେ ପୁନର୍ବାର ବାସଗୃହ ନିର୍ମାଣ କରି ଆପଣା ଜୀବନ ରକ୍ଷା କରିବାର ଅସମ୍ଭବ । ନଦୀ ବୃଦ୍ଧିଦ୍ୱାରା ଫସଲ କିଛି ନଷ୍ଟ ହୋଇ ନାହିଁ । ପ୍ରାୟ ନଦୀ ବଢ଼ି ତୀରରୁ ଆଠ ଦଶଦିନ ହେଲା ବୃଷ୍ଟି ହେଉ ନ ଥିବାରୁ ଅତିଶୟ ଗ୍ରୀଷ୍ମ ହେଉଅଛି । ବିଦେଶୀୟ ମହାଜନମାନେ ଏଦେଶରୁ ଅନ୍ୟାନ୍ୟ ସ୍ଥାନକୁ ଚାଉଳ ରପ୍ତାନି କରିବା କାରଣ ଗ୍ରାମ ବୁଲି ଟଙ୍କା ଦାଦନ ଦେଉଥିବାରୁ ଚାଉଳ ଦର ପ୍ରତିଦିନ ବୃଦ୍ଧି ହେଉଅଛି । ଏ ଯାଜପୁର ସହର ମୋଦିମାନେ ଆପଣା ଇଚ୍ଛା ମତେ ଦିନ ବିଦିନ ଚାଉଳ ଦର ବୃଦ୍ଧି କରୁଅଛନ୍ତି । ବର୍ତ୍ତମାନ ଏସ୍ଥାନରେ ଟଙ୍କାକୁ ମୋଟ ଚାଉଳ ସେ ୨୧ ରୁ ଓ ସରୁଚାଉଳ ସେ ୧୬ ରୁ ହିସାବ ପ୍ରାପ୍ତ ହେଉଅଛି କିନ୍ତୁ ଏ ଦର ସ୍ଥିର ହୋଇ ରହିବାର ସମ୍ଭାବନା ନାହିଁ ।

ଅମ୍ଭମାନଙ୍କର ଡେପୁଟୀ ମାଜିଷ୍ଟ୍ରେଟ ଓ କଲେକ୍ଟର ଶ୍ରୀଯୁତ ବାବୁ ଅତୁଲଚନ୍ଦ୍ର ଚଟ୍ଟୋପାଧ୍ୟାଙ୍କର ବାଲେଶ୍ୱର ବଦଳ ହେଉଥିବାରୁ ଏ ସବ୍‌ଡିଭିଜନସ୍ଥ ସମସ୍ତ ଲୋକମାନେ ବିଶେଷ ଦୁଃଖିତ ଅଛନ୍ତି । ବାବୁ ମହାଶୟ ସୁଯୋଗ୍ୟ ଓ ନିରପେକ୍ଷ ବିଂଶତି ଅଟନ୍ତି ତାଙ୍କର ମକଦ୍ଦମା ବିଚାରରେ ପ୍ରାୟ ଭ୍ରମ ନ ଥାଏ । ସେ ଏ ସ୍ଥାନରେ ପ୍ରାୟ ଏକବର୍ଷ ରହି ଅନେକ ଦୁଷ୍ଟ ବ୍ୟକ୍ତିଙ୍କୁ ଶାସନ କରିଅଛନ୍ତି ତାଙ୍କଦ୍ୱାରା ଯାଜପୁରର ଅସଂଖ୍ୟ ମଙ୍ଗଳର ଆଶା ଥିଲା ଶ୍ରୀ ପରମେଶ୍ୱର ସେ ଆଶାରୁ ନୈରାଶ କରୁଅଛନ୍ତି ଯଦି ଆମ୍ଭମାନଙ୍କ ଦୟାବାନ୍ କମିଶ୍ନର ସାହେବ ବାବୁମହାଶୟଙ୍କ ବଦଳ ସ୍ଥଗିତ କରନ୍ତି ତାହା ହେଲେ ଯାଜପୁରନିବାସିଙ୍କର ସୌଭାଗ୍ୟ ବୋଲିବାକୁ ହେବ ।"

---

# ସାପ୍ତାହିକସଂବାଦ ।

ଗତ ମଙ୍ଗଳବାର ଏଥରର ଦୌରା ମିସଲ ଶେଷ ହେଲା । ଖୋର୍ଦ୍ଧାରୁ ଆସିଥିବା ପାଉଣ୍ଡି ଜାଲ କରିବା ମକଦ୍ଦମାର ଜ ୨ ଣ ଆସାମୀ ମା ୬ ସ ଲେଖାଏଁ କାରାବାସ ଦଣ୍ଡ ପାଇଅଛନ୍ତି ।

ବରଡ଼ା ଗ୍ରାମରେ ଗୋଟିଏ ଭାରି ଡକାଇତି ହୋଇଥିବାର ଆମ୍ଭେମାନେ ଶୁଣିଅଛୁଁ । ଡକାଏତମାନେ ପ୍ରାୟ ଜ ୬୦ ଣ ଅସ୍ତ୍ର ଧରି ମସାଲ ଜାଳ ଜଣେ ବ୍ରାହ୍ମଣର ଘର କାନ୍ଥ ଭାଙ୍ଗି ବାଟ କରି ନଗଦ ଓ ଦ୍ରବ୍ୟାଦି ପ୍ରାୟ ଛଅ ହଜାର ଟଙ୍କାର ମାଲ ଲୁଟି ନେଇଅଛନ୍ତି । ମାତ୍ର ବ୍ରାହ୍ମଣ କେବଳ ଟ ୬୦୦୧ ଙ୍କାର ମାଲ ଯାଇଥିବାର ପୁଲିସରେ କହିଅଛି । ଏଥିର କାରଣ ଲୋକେ କହନ୍ତି ଯେ ଅଧିକ ଟଙ୍କା ତାହାଠାରେ ଥିବାର ପ୍ରକାଶ ହେଲେ କାଳେ ଟାକ୍ସ ପଡ଼ିବ ଏହିକଥା ପାଇଁ ସେ ଅଳ୍ପମାଲ ଚୋରି ଯିବାର କହିଅଛି । ଏ ଯୁକ୍ତି ମନ୍ଦ ନୁହଇ ॥

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁ ଯେ ବଳ ହିନ୍ଦୋଲର ରାଜା ପୁରୀକୁ ତୀର୍ଥକରିବା କାରଣ ଯାଇ ସେଠାରେ ଓଲାଉଠାରୋଗରେ ପ୍ରାଣ ହରାଇ ଅଛନ୍ତି । ରାଜାଙ୍କର ବୟସ ବ୨୫ର୍ଷ ଥିଲା ଓ ପ୍ରାୟ ଦୁଇବର୍ଷ ହେବ ରାଜା ହୋଇଥିଲେ । ତାହାଙ୍କର ସନ୍ତାନ ନାହିଁ । ତାହାଙ୍କ

Digitized by srujanika@gmail.com

Split by PDF Splitter



ଅମଲାମାନେ ସେହି ମୁକ୍ଦମାରେ ତାହାଙ୍କ ସାହାଇକୁ ଗୃହା କରଅଛନ୍ତି । ମୃତ ରାଜା ବଡ ଯୋଗ୍ୟ ଓ ଦାତା ଥିବାର କଥିତ ହୁଅଇ ।

ଏଠାର ଭିଲୁ ଓ ହିଂସ୍ରକ ଲୋକେ ନାନାଦି କୌଶଳରେ ବେନାମି ଦରଖାସ୍ତ ଚଲାଉଅଛନ୍ତି । ଯାଜପୁରର ଅବକାଶି ମୋହରର ବିରୁଦ୍ଧରେ ଖଣ୍ଡିଏ ଦରଖାସ୍ତ କମିଶନରସାହେବଙ୍କ ନିକଟରେ ଡାକଯୋଗେ ପ୍ରବେଶ ହେଲା । ସେଥିରେ ମୋହରର ଅପହରଣ ଓ ଅଭ୍ୟାଗତର ପ୍ରସଙ୍ଗ ଲେଖା ହୋଇ ଅବକାଶି ଦୋକାନିଙ୍କର ନାମ ଓ ସ୍ୱାକ୍ଷର ଥିଲା । କମସ୍ ସାହେବ ବେନାମି ଦରଖାସ୍ତରେ ବିରକ୍ତ ଥାନ୍ତି ଏହାକୁ ସ୍ୱନାମୀ ଦରଖାସ୍ତ ବୁଝି ତଦନ୍ତ କରିବା ପାଇଁ ସବ୍ ଡେପୁଟିକୁ ପଠାଇଲେ । ତଦନ୍ତରେ ପ୍ରକାଶ ହେଲା ଯେ କଥିତ ଦରଖାସ୍ତକାରମାନେ ଦରଖାସ୍ତ ଦେଇ ନାହାନ୍ତି କମ୍ଭା କିଛି ଜାଣନ୍ତି ନାହିଁ । ସ୍ୱାକ୍ଷରସବୁ କୃତ୍ରିମ ଅଟେ । କଟକର ମନ୍ତର୍ପି ମହକୁମା ଅମଲାମାନଙ୍କ ନାମରେ ଖଣ୍ଡିଏ ଦରଖାସ୍ତ ଶ୍ରୀଯୁକ୍ତ ଜଜସାହେବଙ୍କ ନିକଟରେ ପଡିଥିଲା । ତାହା ବେନାମୀ ଥିବାରୁ ସାହେବ ଚିରିପକାଇବାର ଆଜ୍ଞା ଦେଲେ ।

ଆମ୍ଭେମାନେ ଧର୍ମତତ୍ତ୍ୱ ପତ୍ରିକାରୁ ଅବଗତ ହେଲୁଁ ଯେ ମୁଙ୍ଗେର ନଗରର ଜଣେ ମୁକ୍ତାର ବାବୁ ଅଧରଲାଲ ସେନ ଖ୍ରୀଷ୍ଟିୟାନ ହୋଇଥିଲେ । କେତେକ ଦିନ ହେଲା ବ୍ରାହ୍ମଧର୍ମ ପ୍ରଚାରକ ବାବୁ ଅଘୋରନାଥ ଗୁପ୍ତ ଯେ ଦୁଇବର୍ଷ ପୂର୍ବେ ଏଠାକୁ ଆସିଥିଲେ ଉକ୍ତ ମୁକ୍ତାର ବାବୁଙ୍କୁ ବ୍ରାହ୍ମ ଧର୍ମକୁ ଆଣିଅଛନ୍ତି ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ଇଂଲଣ୍ଡରେ ବିଦ୍ୟାଳୟମାନଙ୍କରେ ରନ୍ଧିବାର ଶିକ୍ଷା ଦିଆଯିବାର ପ୍ରସ୍ତାବ ହେଉଅଛି । ଭଲ ରାନ୍ଧି ଜାଣିବା ଗୋଟିଏ ଗୁଣ ଅଟଇ ଓ ସ୍ତ୍ରୀଲୋକଙ୍କ ପକ୍ଷରେ ତାହା ନିତାନ୍ତ ପ୍ରୟୋଜନୀୟ ।

କପୁରତଲାର ବର୍ତ୍ତମାନ ମହାରାଜାଙ୍କର ଭାଇ କୁଅରହରନାମସିଂହ କେତେକ ବର୍ଷ ହେବ ଖ୍ରୀଷ୍ଟୀୟାନଧର୍ମ ଗ୍ରହଣକରି ଜଣେ ଦେଶୀୟ ଧର୍ମ ପ୍ରଚାରକର କନ୍ୟାକୁ ବିବାହ କରିଥିଲେ । ପଞ୍ଜାବ ଗବର୍ଣ୍ଣମେଣ୍ଟ ତାହାଙ୍କୁ କପୁରତଲାର ଅଧିକାରସ୍ଥ ଅଯୋଧାରେ ଏକ ଜମିଦାରୀର ମେନେଜର ନିଯୁକ୍ତ କରିଅଛନ୍ତି । ଏଥିରେ କପୁରତଲାର ଲୋକମାନେ ବଡ ଅସନ୍ତୁଷ୍ଟ ହୋଇଅଛନ୍ତି ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ଶ୍ରୀଯୁତ ଆର୍ମଷ୍ଟ୍ରଂ ସାହେବ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନୀତି ଇତ୍ୟାଦି ଚଳିବା ଓ ସହର ସଫା ରହିବା ବିଷୟରେ ଯେସି ମନୋଯୋଗ ପୂର୍ବକ କାର୍ଯ୍ୟ କରୁଅଛନ୍ତି ଯେପରି ଏଠାରେ ହୋଇଅଛି ସେପରି କଟକ ଓ ବାଲେଶ୍ୱରରେ ଦେଖା ନାହିଁ କଲିକତା ଦସ୍ତୁର ପରି ସହରଠାରୁ ସମୁଦ୍ର କୂଳରେ ସୁବିଧା ସ୍ଥାନେ ୨ ପାଏଖାନା ମାନ ୨ ହୋଇ ତୟାର ଅଛି ଲୋକମାନେ ସେ ସ୍ଥାନ ବ୍ୟତିରେକେ ଅନ୍ୟ ସ୍ଥାନରେ ମଇଲା କରୁ ନାହାନ୍ତି । ଫି ଜଣକୁ ୫ ୪ ଙ୍କା ଲେଖାଁଏ ଦରମାହାରେ ଜ ୬୧ ଣ ମେହନ୍ତର ଚାକର ନିଯୁକ୍ତ ଓ ମଇଲା ବୁହାଇ ନେବା ଗୋ ୪୦ ଟା ବଳଦ ମଏ ଗାଡ଼ି ପ୍ରସ୍ତୁତ ଅଛି ଓ ଟିଣାହାଣ୍ଡିରେ ମଇଲା ରହି ସେହି ଟିଣାର ସରପୋସ ଢଙ୍କା ଯାଇ ଉଠିଆଣା ହୁଏ ଲୋକମାନଙ୍କୁ ମଇଲା ଯାଉଥିବାର ଦୁର୍ଗନ୍ଧ ଜଣାଯାଉ ନାହିଁ । ବଳଦ ଫି ଗୋଟିକୁ ଖୋରାକି କୁଣ୍ଡା ଓ ହରକିସମ ରକମର ଘେଂଯା ଓ ଚଣା ଓଗେର ଦାନା ଓ ଘାସର ଦମତ ୫୦/ ର ଖାଉଅଛନ୍ତି ତାହାର ହିସାବ ଓ ଜିମାଜତ ବୁଝିବାସକାଶେ ଚଉକିଦାରୀ ଇଲକା ଛଡା ଅନ୍ୟ କନଷ୍ଟବଲ ଜମାଦାର ଓ ମୋହରରମାନଙ୍କୁ ନିଯୁକ୍ତ କରି ଆପେ ଓ ଡାକ୍ତର ସାହେବ ପ୍ରତ୍ୟହ ସକାଳ ବେଳାରେ ତଦନ୍ତ କରୁଅଛନ୍ତି । ଦୁଷ୍ଟ ଜମିଦାର ଓ ଲାଖରାଜଦାରମାନଙ୍କୁ ଅପରାଧ ସାବ୍ୟସ୍ତ ହୋଇ ଜଦ କରୁଥିବାରୁ ଲୋକମାନେ ତାଙ୍କ ନାମ ଶୁଣିଲେ ମାତ୍ରକେ ଥରହର ହେଉଅଛନ୍ତି । ସରକାରୀ ଚାକରମାନେ ଉକ୍ତ ପ୍ରଯୁକ୍ତ କାର୍ଯ୍ୟ କରୁଅଛନ୍ତି କୌଣସି ମକଦମା ଅଧିକ ଦିନ ବାକି ରହୁ ନାହିଁ । ପ୍ରଭୁଙ୍କ କାର୍ଯ୍ୟରେ ସାବିକ କଲକ୍ଟର ଓ ଶ୍ରୀଯୁକ୍ତ ଓଲିଭାନ ସାହେବଙ୍କ ତୁଲ୍ୟ ମନୋଯୋଗୀ ଅଛନ୍ତି । ଏଥର ରଥଯାତ୍ରାରେ ବିଶେଷ ଯାତ୍ରୀ ହୋଇ ନାହାନ୍ତି ତଥାପି ବଙ୍ଗଳା ଦେଶ ଓ ଓଡ଼ିଶାଦେଶ ଯାତ୍ରୀ ଅଦାଜ ପଚିଶ ହଜାର ପର୍ଯ୍ୟନ୍ତ ହୋଇଥିଲେ କାହାର ଅସୁସ୍ଥ ହୋଇ ନାହିଁ ରଥମାନ କଡ଼ନ୍ଦ୍ରକରେ ଆଗପଛ ହୋଇ ଗୁଣ୍ଡିଚାବାଡିରେ ପହଞ୍ଚିଅଛି । ଏକାଳ ଇସ୍ପେକ୍ଟର ହେଲ ସାହେବନ ସ୍କୁଲ ପ୍ରତିରିକ୍ତ ସମୟେ ଗୁଣ୍ଡିଚ ଘରକୁ ଠାକୁରମାନେ ପହଣ୍ଡିରେ କର କ୍ଷୁଧାର୍ତ୍ତୀ ହେବାରେ ଗତ କାଲି ଭୋରଠାରୁ ଆଜ ଭୋର ହେବାଯାକ ହୋଟଲେଗ ଓ ମହନ୍ତମାନଙ୍କର ଜଜମାନମାନଙ୍କର ଅନେକ ପଦାର୍ଥ ଆହାର କରି ଲୋକମାନଙ୍କୁ ମହାପ୍ରସାଦ ଦିଆଇ ସନ୍ତୁଷ୍ଟ କରାଇଅଛନ୍ତି । ଆଜି ଜୁଲାଇ ତା୨୦ ରଖ ଶୁକ୍ରବାର ଦିବା ଶେଷ ସନ୍ଧ୍ୟା ସମୟେ ବାହୁଡା ଘର ସ୍ଥିତ ରତ୍ନସିଂହାସନକୁ ପହଣ୍ଡି ବିଜେହୋଇ ଜଗମୋହନ ଘର ଗମ୍ଭୀରନଙ୍କରେ ବନ୍ଦା ଯାଇଅଛନ୍ତି । ରଥମାନେ ଦକ୍ଷିଣମୂର୍ତ୍ତି ହୋଇ ନାହାନ୍ତି ତାହା କରିବା ପକ୍ଷେ ରାଜାଙ୍କ ତରଫରୁ ମନୋଯୋଗ ନାହିଁ ରଥ ଫେର ହେଲାରୁ ପ୍ରାୟ ଚଉଦିନ ପରେ ଠାକୁରମାନେ ରଥରୁ ବିଜେ କରିବେ ତାହାର କେତେକ ଦିନ ବଡଦେଉଳରେ ନୀଳାଦ୍ରି ବିଜେ କରିବେ ତାହା ବର୍ତ୍ତମାନ ସ୍ଥିର କରା ଯାଇ ନ ପାରେ ଓ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାନୁସାରେ ଦେଉଳର ହାକ ଲଭ ବୁଝିବା ସକାଶେ କମିଟୀ ମୁକରର ହେବେ ଶ୍ରୀଯୁତ ମେଜିଷ୍ଟ୍ରେଟ ସାହେବ ରାଜାଙ୍କ ନାମରେ କମିଟୀ ମୁକରର କାରଣ ପସନ୍ଦ କରି କମିଟୀ ନାମ ଭାଲିକା ଦେବ ସକାଶ ପରୱାନା ସାଦର କରିଅଛନ୍ତି ଉତ୍ତମ ବ୍ୟକ୍ତିମାନେ କମିଟୀ ମୁକରର ହେଲେ ରାଜାଙ୍କ ତନ୍ଦ୍ରା ଭଙ୍ଗ ହେବ । ପୁରୀ ସହରରେ ୫କାରୁ ମୋଟଗୁଡ଼ିଲ ଦେ୧୬ର ଓ ଚଉଗୁଡ଼ିଲ ସେ୧୦ର ଲେଖାଁଏ ହୋଇଅଛି ନଅଅଙ୍କ ଦୁର୍ଭିକ୍ଷ ସମୟେ ଯେପରି ଲୋକମାନେ ଭୁଣ୍ଡ ହୋଇ ସରକାରୀ ଗୋଦାମରୁ ଚାଉଳ ଖରିଦ କରୁଥିଲେ ସେହି ପରି ଏଠାରୁ ଲୋକମାନେ ନେଉଅଛନ୍ତି ସେ ଜାଗା ଦୁର୍ଭିକ୍ଷ ପରି ଦେଖାଯାଏ ଓ ମଧ୍ୟ ଏ ପୁରୀଜିଲା ମଧ୍ୟରେ ବିଶେଷ ବରଷା ନ ହେବାରୁ ଧାନଫସଲ ଉତ୍ତମରୂପେ ତୟାର ହୋଇ ନାହିଁ କେତେକ ଜାଗା ଧାନଗଛ ଗୋରୁ ଖାଇ ଗଲେଣି ପାଣି ଅଭାବେ ରୁଆ ବେହୁଡା ହୋଇ ନାହିଁ ସତକଳନାର ଜଳଯୋଗରେ ଯୋଗାଏ ପାଣି ନାହିଁ ଏ ପୁରୀମୁକାମରେ ଓଲାଉଠାବ୍ୟାଧି ବିଶେଷ ନାହିଁ । ଇତି ।

୨୦।୭।୭୭
ପୁରୀ } ଶ୍ରୀ କେଶବାନନ୍ଦ ପଟ୍ଟନାୟକ

## ମୂଲ୍ୟପ୍ରାପ୍ତି ।

ମୁନ୍‌ସୀ ଅଜିର ଖାନ୍ କଦମାଇ ଅଗ୍ରୀମ ୫୧୦

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ଶ
ସଂ ୩୧ ସଂଖ୍ୟା

ତା ୪ ଦିନ ମାହେ ଅଗଷ୍ଟ ସନ ୧୮୭୭ ମସିହା । ମୁ । ଶ୍ରାବଣ ବ ୨୨ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨।୦
ମଫସଲଙ୍କାଇ ଡାକମାସୁଲ ଟ୧।୵

ଅମ୍ଭେମାନେ ସମ୍ବାଦପତ୍ରମାନଙ୍କରେ ଅତ୍ୟନ୍ତ ଆନନ୍ଦସହିତ ପାଠ କଲୁଁ ଯେ ଆକାଶର ଗତ ପକ୍ଷଠାରୁ ଭଲ ହୋଇଅଛି । ଅଦ୍ୟାପି ଭାରତବର୍ଷର ସକଳ ସ୍ଥାନରେ ଫସଲ ଜନ୍ମପ୍ରଦ ହେବା ଭଳି ପ୍ରଚୁର ବୃଷ୍ଟି ହୋଇ ନ ଥିଲେହେଁ ପ୍ରାୟ ସର୍ବତ୍ରରେ ନ୍ୟୁନାଧିକ ବୃଷ୍ଟି ହୋଇଅଛି । ମାନ୍ଦ୍ରାଜ ଓ ମହୀସୁର ପ୍ରଭୃତି ଦେଶ ଯେଉଁଠାରେ ଅଦ୍ୟାପି ବର୍ଷାର ସାକ୍ଷାତ୍ ନ ଥିଲା ସେଠାରେ ମଧ୍ୟ ବର୍ଷା ହୋଇ ଫସଲର କେତେକ ଉପକାର ସାଧନ କରିଅଛି ଓ ବୋଧ ହୁଅଇ ମଉସୁମି ବର୍ଷା ଏଥର ଠିକ୍ ସମୟରେ ଏଣିକି ସୁବୃଷ୍ଟି ହେବ । ବର୍ଷା ବନ୍ଦ ହେବାରୁ ଓ ଏଥିମଧ୍ୟରେ ଅନେକ ଚାଉଳ ମାନ୍ଦ୍ରାଜରେ ପ୍ରବେଶ ହେବାରୁ ସେଠାରେ ଚାଉଳର ଦର କିଛି ଊଣା ହୋଇଅଛି ସେହି କାରଣରୁ ରପ୍ତାନି କାର୍ଯ୍ୟ ଶିଥିଳ ଓ ତହିଁ ସଙ୍ଗେ ଏ ଅଞ୍ଚଳରେ ଚାଉଳର ଦର ପୂର୍ବାପେକ୍ଷା କିଛି ଊଣା ହୋଇଅଛି ।

---

ଅମ୍ଭେମାନେ ଦେଖି ଆନନ୍ଦିତ ହୋଇଅଛୁଁ ଯେ ପ୍ରାୟ ଗତବର୍ଷ ଠାରୁ ଏଠାର କଟକ ମିଉନିସିପାଲିଟିର ଭାଗ୍ୟ ଫିଟି ଅଛି । ବାଇସଚେୟରମାନ ଶ୍ରୀଯୁକ୍ତ ହାଣ୍ଡଲି ସାହେବ ନଗରର ଦୁରବସ୍ଥା ମୋଚନ କରିବାକୁ ଯଥାର୍ଥରୂପେ ମନୋଯୋଗୀ ହୋଇଅଛନ୍ତି । ଗଡ଼ଆଡ଼େ ନାଳ ପରିଷ୍କାର ଓ ସଡ଼କ ମରାମତି କାର୍ଯ୍ୟ ଏକାବେଳକେ ଲାଗି ଯାଇଅଛି ଓ ଯେମନ୍ତ କର୍ମ ହେଉଅଛି ତାହା ଦେଖି ଅନୁମାନ ହୁଅଇ ଯେ ଏଥର ବର୍ଷା ନଗରବାସିଙ୍କୁ କ୍ଲେଶ ଦେବ ନାହିଁ । ମିଉନିସିପଲଫଣ୍ଡରେ ଟଙ୍କା ବିସ୍ତର ନାହିଁ ଏହା ପୂର୍ବରୁ ଦେଖାଯାଇ ହୋଇଅଛି ସୁତରାଂ ଅଧିକ ବ୍ୟୟରେ ସଡ଼କମାନ ଯଥୋଚିତରୂପେ ମରାମତି କରିବା ଏକର୍ଷ ସୁକଠିନ ଅଥଚ ସଡ଼କ ସବୁରେ ଏତେ ଖାଲ ଢିପ ଯେ ତହିଁ ଉପରେ ଚାଲିବା କଠିନ ଓ ଗାଡ଼ିରେ ବସିଗଲେ ଦେହ ପଞ୍ଜର ହୋଇଯାଏ । ସାହେବ ପ୍ରଶଂସିତ ସୁବିଚାର କରି ଉକ୍ତ ଗାତମାନ ବାଲିମାଟି ବା ପଥର ଗୁଣ୍ଡିରେ ଭରତି କରାଇ ଦେଇ ଆପାତତଃ ସଡ଼କକୁ ଏକପ୍ରକାର ବ୍ୟବହାର ଯୋଗ୍ୟ କରି ଦେଇଅଛନ୍ତି । ଏହିରୂପେ ବର୍ଷାକାଳ କାଟିଗଲେ ତେଣିକି ଶେଷରେ ସଡ଼କ ଦୃଢ଼ରୂପେ ମରାମତି ହେଉଥିବ । ଏ ବ୍ୟବସ୍ଥାଟି ଭଲ ହୋଇଅଛି ଓ ଅମ୍ଭେମାନେ ଏତିକି ଆଶା କରୁଁ କି ନଗରର ଯେଉଁମାନ ଗଳି ଓ ସାନ ସଡ଼କରେ ବିସ୍ତର ପାଣି ଜମା ହେଉଅଛି ସେଗୁଡ଼ିକର ନାଳ ଆଗେ ମରାମତି ହେଉ ଯେମନ୍ତ କି ବର୍ଷା ଅଧିକ ହେଲେ କେହି ବାଟରେ ବୁଡ଼ି ମରିବାର ଶଙ୍କା ନ ଥିବ ।

---

ଭାରତବର୍ଷର ପ୍ରଧାନକର୍ମଚାରିମାନେ କୌଣସି ବିଷୟରେ ଅମ୍ଭମାନଙ୍କର ଗୁହାରି ନ ଶୁଣିଲେ ଅମ୍ଭେମାନେ ବିଲାତର ମହାସଭାରେ ଦରଖାସ୍ତ କରିବାକୁ ଚେଷ୍ଟା କରୁଁ ମାତ୍ର ଉକ୍ତ ମହାସଭା ଭାରତବର୍ଷ ସକାଶେ କେତେ ମନୋଯୋଗୀ ତହିଁର ଉଦାହରଣସ୍ୱରୂପ ଅମ୍ଭେମାନେ ପାଠକଙ୍କୁ ଜଣାଉଅଛୁଁ କି ଯେଉଁ ସମୟରେ ଭାରତବର୍ଷର ଚଳିତ ବଜେଟ ହିସାବମାନ ପାର୍ଲିମେଣ୍ଟ ସଭାରେ ଉପସ୍ଥିତ ହେଲା ସେ ସମୟରେ କେବଳ ଦୁଇଜଣ ସଭ୍ୟ ପ୍ରଥମେ ଉପସ୍ଥିତ ଥିଲେ । ତହିଁ ଉତ୍ତାରୁ ଆଉ ଦୁଇଜଣ ସଭ୍ୟ ଆସିଲେ ଏମାନଙ୍କ ମଧ୍ୟରେ ତର୍କ ବିତର୍କ ହେଉଥାଏ । ଏହିସମୟରେ ହାମଣ୍ଡ ସାହେବ ଜଣାଇଲେ ଯେ ଚାଳିଶ ଜଣ ସଭ୍ୟ ନ ବସିଲେ ସଭାଦ୍ୱାରା କୌଣସି କାର୍ଯ୍ୟ ହେବାର ବିଧି ନାହିଁ ଓ ତେତେ ସଂଖ୍ୟାର ସଭ୍ୟ ଉପସ୍ଥିତ ନାହାନ୍ତି । ଏଥିରେ ଅର୍ଦ୍ଧଘଣ୍ଟା କାଳ ରହି ବସିବାକୁ ହେଲା ତହିଁ ଉତ୍ତାରୁ ଆଉ ଜ ୩୫ ଣ ସଭ୍ୟ ସଭାଗୃହକୁ ଆସିବାରୁ କୌଣସିରୂପେ ବଜେଟର ବିଚାରକାର୍ଯ୍ୟଟି ସମାଧା ହେଲା । ଶ୍ରୀଯୁକ୍ତ କାମ୍ବଲ, ଲେଇଙ୍ଗ, ଫସେଟ, ଗ୍ରାଣ୍ଟଡଫ ସାହେବମାନେ ବଜେଟ ସମ୍ପର୍କରେ କେତେକ କଥା କହିଥିଲେ ତହିଁରେ କେତେ ସାର ଓ କେତେ ଅସାର କଥା ଥିଲା । ଫଳତଃ କାର୍ଯ୍ୟଟି କେବଳ ନିୟମ ପ୍ରତିପାଳନ ପରି ନିର୍ବାହ ହୋଇଗଲା ଓ ଫସେଟ ସାହେବ ଯେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଉପରେ କର ଭାର ଲଦିବାର ନିୟମ ବିରୁଦ୍ଧରେ କେତେ ସାରକଥା କହିଲେ ତାହା କେହି ଶୁଣିଲେ ନାହିଁ । ଏହିଥିରୁ ପାଠକମାନେ ବୁଝିବେ ଯେ

Split by PDF Splitter

Digitized by srujanika@gmail.com

ମହାସଭା କେବଳ ସ୍ୱଦେଶର ବିଷୟରେ ବ୍ୟସ୍ତ ଭାରତବର୍ଷପାଇଁ ସେମାନେ କିଛି ଚିନ୍ତା କରୁଅଛନ୍ତି ନାହିଁ । ଯେତେଦିନ ଭାରତବର୍ଷୀୟମାନେ ଉକ୍ତ ମହାସଭାରେ ସଭ୍ୟ ନ ହେବେ ତେତେଦିନ ଭାରତବର୍ଷର ଗୁହାରି ମହାସଭାରେ କେହି ଶୁଣିବେ ନାହିଁ ।

---

ଯାଜପୁରଅଞ୍ଚଳରେ ବିଶେଷତଃ ଅଖୁଆପଦା ଓ ନଦୀକୂଳସ୍ଥ ଅନ୍ୟାନ୍ୟ କେତେଗ୍ରାମରେ ବୈତରଣୀନଦୀ ବୃଦ୍ଧିହେତୁ ଯେପ୍ରକାର କ୍ଷତି ହୋଇଅଛି ତାହା ଏଥିପୂର୍ବେ ଲେଖିଅଛୁଁ । ସମସ୍ତେ ଜାଣନ୍ତି ଯେ ଏବର୍ଷ ଅବଧି ପ୍ରଚୁରବର୍ଷା ହୋଇ ନାହିଁ ଓ ଯଦ୍ୟପି କଟକଠାରୁ ଯାଜପୁରଅଞ୍ଚଳରେ ବହୁତ ଅଧିକ ବୃଷ୍ଟି ହେବାର ଶୁଣାଯାଇପାରେ ମାତ୍ର ତହିଁର ପରିମାଣ ଏତେ ନୁହଇ ଯେ ଗତ ୧୧ ଅଙ୍କପର ପ୍ରବଳ ନଦୀବଢ଼ି ହେବ । ଅଥଚ ସେହିପରି ବା ତତୋଧିକ ବଢ଼ି ହୋଇଥିଲା । ଏଥିର କାରଣ କି ? ସର୍ବସାଧାରଣଙ୍କ ମତ ଏହି ଯେ ନାଳବନ୍ଧହେତୁ ନଦୀପାଣି ଶୀଘ୍ର ଅତେ ବାହାରିଯାଇ ନ ପାରିବାରୁ ବଢ଼ି ଏତେ ପ୍ରବଳ ହୋଇଥିଲା । ଅସ୍ମାନଙ୍କ ବିବେଚନାରେ ଏ କାରଣଟି ନିଃସନ୍ଦେହ ପ୍ରକୃତ ଅଟଇ । ପ୍ରାୟ କେନ୍ଦ୍ରାପଡ଼ାଠାରୁ ଅଖୁଆପଦା ପର୍ଯ୍ୟନ୍ତ ଏକ ଅତି ଉଚ୍ଚବନ୍ଧ ନିର୍ମିତ ହୋଇଅଛି । ଅଖୁଆପଦାର ନାଳକାର୍ଯ୍ୟ ରକ୍ଷା କରିବା ଏଥିର ଉଦ୍ଦେଶ୍ୟ ଅଟଇ । ନଦୀକୂଳସ୍ଥ ବସତିସବୁର ପଛଆଡ଼େ ବନ୍ଧ ପଡ଼ିଅଛି ଯେତେବେଳେ ବନ୍ଧ ନିର୍ମାଣ ଆରମ୍ଭ ହେଲା ସେତେବେଳେ ସେଠା ନିବାସିମାନେ ଅନେକ ଆଶଙ୍କା କରି ଘର ଉଠାଇନେବା ନିମନ୍ତେ କ୍ଷେତିପୂରଣର ପ୍ରାର୍ଥନା କରିଥିଲେ । ବୁଦ୍ଧିମନ୍ତ ବାରକମାଷ୍ଟ୍ରୀନହକୁମା ସିବିଲକର୍ମଚାରୀଙ୍କୁ ବୁଝାଇଦେଲେ ଯେ ବନ୍ଧଦ୍ୱାରା ଉକ୍ତ ନିବାସିଙ୍କର ଉପକାର ହେବ ଅନିଷ୍ଟ ହେବ ନାହିଁ କାରଣ ବନ୍ଧହେତୁରୁ ନଦୀର ବେଗ ଅଧିକ ହେବ ସୁତରାଂ ବଢ଼ିପାଣି ଅତିଶୀଘ୍ର ବାହାରିଯିବ । ସେ ବୁଝିବା ଯେତେଦୂର ସ୍ପଷ୍ଟ ତାହା ବର୍ତ୍ତମାନ ଦେଖିବାରେ ଆସିଲା । ଗବର୍ଣ୍ଣମେଣ୍ଟଙ୍କର ବନ୍ଧ ଓ ନାଳ କାର୍ଯ୍ୟର ବିଶେଷ କ୍ଷତି ହେଲା ତହିଁପାଇଁ ଚିନ୍ତା ନାହିଁ । ଶୀତକାଳରେ ବାରକମାଷ୍ଟରମାନେ ସବୁ ସଜାଡ଼ି ନେବେ ଓ ଅତିରିକ୍ତ ଖର୍ଚ୍ଚର ଭୟ ନାହିଁ ବଳପୂର୍ବକ ଜଳକର ନେବାର ଆଇନ ଜାରି ହେଲେ ସବୁଟଙ୍କା ଅସିଯିବ ମାତ୍ର ଦୁଃଖିପ୍ରଜାଙ୍କର ଯେ ଘରଦ୍ୱାର ଓ ଯାବତୀୟ ଦ୍ରବ୍ୟ ଭାସିଗଲା ତହିଁପାଇଁ ଦୟାବାନ୍ ଗବର୍ଣ୍ଣମେଣ୍ଟ କିଛି ବିଚାର କରିବାର ଅବଧି ଶୁଣାଗଲା ନାହିଁ । ଏମାନେ ପୂର୍ବରୁ ଦୁର୍ଘଟନାର କଥା ଜଣାଇଥିଲେ ସୁତରାଂ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ତାହାଙ୍କର ଦୁଃଖର କାରଣ ଅଟନ୍ତି । ଯେବେ ଗବର୍ଣ୍ଣମେଣ୍ଟ ସେମାନଙ୍କୁ କ୍ଷତିପୂରଣ ନ ଦିଅନ୍ତି ତେବେ ବଡ଼ ଅନ୍ୟାୟର କଥା ହେବ । ଏସ୍ଥଳେ ଏହା ମଧ୍ୟ ବକ୍ତବ୍ୟ ଯେ ଏପ୍ରକାର ଦୁର୍ଘଟନାମାନ ହେବାର ଦେଖି ଗବର୍ଣ୍ଣମେଣ୍ଟ କେଉଁ ନ୍ୟାୟରେ ଜଳ ନିମନ୍ତେ ପ୍ରଜାଙ୍କଠାରୁ କର ନେବାକୁ ପ୍ରସ୍ତାବ କରିଅଛନ୍ତି ? ବନ୍ଧଦ୍ୱାରା ପ୍ରଜାଙ୍କର ମଙ୍ଗଳ କେତେ ଓ ଅମଙ୍ଗଳ କେତେ ହେଉଅଛି ଏହାର ଗବର୍ଣ୍ଣମେଣ୍ଟଙ୍କର ବିଚାର କରିବାର ଉଚିତ ।

---

ଗତ ଆଷାଢ଼ମାସ ତା ୨୭ ଋଖର ଭାରତ ସଂସ୍କାରକ ନାମକ ବଙ୍ଗଳା ପତ୍ରିକାରେ ଓଡ଼ିଶାର ନାଳ ବିଷୟରେ ଗୋଟିଏ ଦୀର୍ଘପ୍ରବନ୍ଧ ପ୍ରକାଶ ହୋଇଅଛି ଓ ଲେଖକ ଯଥୋଚିତରୂପେ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବିତ ଜଳକର ବିରୁଦ୍ଧରେ ମତ ବ୍ୟକ୍ତ କରିଅଛନ୍ତି । ସେ ଲେଖିଅଛନ୍ତି ଯେ "କେତେଗୁଡ଼ିଏ ଶ୍ୱେତାଙ୍ଗ ମିଶି ଓଡ଼ିଶାରେ ନାଳକାର୍ଯ୍ୟ ଆରମ୍ଭ କଲେ ମାତ୍ର ଅଳ୍ପଦିନରେ ସେମାନେ ଦେବାଳିଆ ହେବାର ଉପକ୍ରମ ଦେଖି ଗବର୍ଣ୍ଣମେଣ୍ଟ ଦୟାପୂର୍ବକ ଉକ୍ତ କମ୍ପାନିର ସମସ୍ତ ସମ୍ପତ୍ତି କିଣି କଲେ । ପରଶେଷରେ ସେହି ସମସ୍ତ ଋଣ ପ୍ରଜାଙ୍କ ମୁଣ୍ଡରେ ଚଢ଼ିଲେ ଧନ୍ୟ ଗବର୍ଣ୍ଣମେଣ୍ଟଙ୍କର ନ୍ୟାୟପରତା ଓ ସହୃଦୟତାକ ।" ଏ ଉତ୍ତାରୁ ଲେଖକ ମହାଶୟ ଓଡ଼ିଶାର ପ୍ରଜାଙ୍କ ଅବସ୍ଥା ବର୍ଣ୍ଣନ କରି ଦେଖାଇଅଛନ୍ତି କି ଏମାନେ କଦାଚ ପ୍ରତିମାଣ ୪ ୬୦ ଙ୍କା ଜଳକର ଦେଇ ନିର୍ବାହ ହୋଇ ନ ପାରିବେ । ଏଥିପାଇଁ ସେ ବଙ୍ଗବାସିମାନଙ୍କୁ ଓଡ଼ିଶାର ରକ୍ଷା ନିମନ୍ତେ ନିମ୍ନଲିଖିତରୂପେ ଅନୁରୋଧ କରିଅଛନ୍ତି ଯଥା; ।

"ଉତ୍କଳଦେଶ ବଙ୍ଗଦେଶର ଗୋଟିଏ ଅଙ୍ଗ ଓଡ଼ିଆମାନେ ବଙ୍ଗାଳିମାନଙ୍କର ଜାତିଭ୍ରାତା, ଏବିଷୟଟି ବଙ୍ଗଦେଶର ସମସ୍ତ ଲୋକଙ୍କର ବିବେଚନା କରିବା ଉଚିତ । ଉତ୍କଳର ଭଲ ମନ୍ଦ ପାଇଁ ବଙ୍ଗାଳିମାନେ ଦାୟୀ, ଯଦ୍ୟପି ଜ୍ୟେଷ୍ଠଭ୍ରାତା କନିଷ୍ଠର କଲ୍ୟାଣ ସାଧନ କରିବା ନିମନ୍ତେ ଦାୟୀ ବୋଲିଯାଏ ତାହା ହେଲେ ଓଡ଼ିଶାପାଇଁ ବଙ୍ଗଦେଶକୁ ଯଥାର୍ଥ ଦାୟୀ ବୋଲି ସ୍ୱୀକାର କରିବାକୁ ହେବ । ସମସ୍ତ ବଙ୍ଗଦେଶୀୟମାନଙ୍କର ଉତ୍କଳପାଇଁ ବିଶେଷତଃ ଦୀନଦୁଃଖୀ ପ୍ରଜାମାନଙ୍କର ମଙ୍ଗଳପାଇଁ ଚେଷ୍ଟା କରିବା ନିତାନ୍ତ କର୍ତ୍ତବ୍ୟ । ଉତ୍କଳଦେଶୀୟ ଲୋକ ଅଧିକାଂଶ ଅଜ୍ଞାନ ଏକଥାଟି କୃତବିଦ୍ୟ ବଙ୍ଗାଳୀ ମହାଶୟମାନଙ୍କର ଅବିଦିତ ନାହିଁ । ସେମାନେ ଯେ ଉଦ୍‌ଯୋଗୀ ହୋଇ ବଙ୍ଗାଳିମାନଙ୍କ ନିକଟକୁ ଆସିବେ ସେ ପ୍ରତ୍ୟାଶା କରିବା ଉଚିତ ନୁହେ, ବିଶେଷତଃ ଯେତେବେଳେ କମିଶନରଙ୍କ ନାମରେ ଓଡ଼ିଆମାନେ ଭୟରେ ମରନ୍ତି ସେତେବେଳେ ସହସ୍ର କଷ୍ଟ ହେଲେ ମଧ୍ୟ କମିଶନର ସାହେବଙ୍କ ମତ ବିରୁଦ୍ଧରେ ଉଦ୍‌ଯୋଗ କରିବେ ତହିଁର ମଧ୍ୟ ସମ୍ଭାବନା ନାହିଁ । ଏ ହେତୁରୁ ଆମ୍ଭେ ଭାରତସଭାକୁ ବିଶେଷ ଅନୁରୋଧ କରୁଁ ଭାରତସଭା ଉଦ୍‌ଯୋଗୀ ହୋଇ ଓଡ଼ିଶାର ବର୍ତ୍ତମାନ ବିପଦର ପ୍ରତିବିଧାନ ପାଇଁ ଟିକିଏ ଶୀଘ୍ର ଉଦ୍‌ଯୋଗ କରନ୍ତୁ ।"

ଲେଖକଙ୍କର ଉପରଲିଖିତ ମତଭାବ ପାଠ କରି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଓ ଯେଉଁମାନେ ମନେ କରନ୍ତି ଯେ ଓଡ଼ିଆଙ୍କୁ ବଙ୍ଗାଳିମାନେ ଦେଖିପାରନ୍ତି ନାହିଁ ସେମାନେ ବୁଝିବେ ଯେ ଇନ୍ଦ୍ରବଙ୍ଗାଳିଙ୍କର ସେପରି ଭାବ ନୁହଇ । ବ୍ରିଟିସଇଣ୍ଡିଆ ଏସୋସିଏସନ ଏଥିପୂର୍ବେ ଗବର୍ଣ୍ଣମେଣ୍ଟରେ ଜଳକର ବିରୁଦ୍ଧରେ ଆବେଦନ କରିଅଛନ୍ତି ଓ ଭାରତସଭା ଏବିଷୟରେ ଯତ୍ନ କରିବାର ମଧ୍ୟ ଆଶା ଅଛି ମାତ୍ର ଗବର୍ଣ୍ଣମେଣ୍ଟ ଶୁଣିଲେତ ହେବ । ଯାହା ହେଉ ଅମ୍ଭମାନଙ୍କର ସମ୍ପୂର୍ଣ୍ଣ ଭରସା ଅଛି ଯେ ଗ୍ଲାସ୍ତ୍ର ଟେନସ ସାହେବ ଯେଉଁ ଅନୁସନ୍ଧାନ କରୁଅଛନ୍ତି ତାହା ଶେଷ ହେଲେ ସେ ଅବଶ୍ୟ ଭଲ ରିପୋର୍ଟ କରିବେ ଓ ତହିଁରେ ପ୍ରଜାଙ୍କର ମଙ୍ଗଳ ହେବ ।

---

ଓଡ଼ିଶା ଗଡ଼ଜାତର ବାର୍ଷିକ ବିଜ୍ଞାପନୀ ।

ସନ ୧୮୭୦.୭୧ ବାବଦ ଓଡ଼ିଶା ଗଡ଼ଜାତ ସମ୍ବନ୍ଧରେ ଷ୍ଟାପ୍ତ ଜାନସ୍ ସାହେବ ଏକ୍ଟିଂ କମିଶନର ଯେଉଁ ବାର୍ଷିକ ବିଜ୍ଞାପନୀ ପଠାଇଥିଲେ ତହିଁ ଉପରେ ଗବର୍ଣ୍ଣମେଣ୍ଟବଙ୍ଗାଲଙ୍କର ମନ୍ତବ୍ୟ ଗତ ପ୍ରକାଶିତ କଲିକତା ଗେଜେଟରେ ଛପା ହୋଇଅଛି ।

ଲେଫ୍ଟେନେଣ୍ଟ ଗବର୍ଣ୍ଣର ବିଜ୍ଞାପନୀ ପାଠ କରି କହିଅଛନ୍ତି ଯେ ଅଧିକାଂଶ ଗଡ଼ଜାତ

Split by PDF Splitter
Digitized by srujanika@gmail.com

Split by PDF Splitter



ମହାଲର ଉତ୍ତମରୂପେ ନିର୍ବାହ ହୋଇଅଛି ଓ କ୍ରମଶଃ ଉନ୍ନତିର ପରିଚୟ ବର୍ଷ୍ଣପତ୍ରରୁ ପାଯ୍ୟା ଯାଉଅଛି ।

ଅନୁଗୁଲ ଓ ବାଙ୍କୀ ଖାସମହାଲମାନଙ୍କର ଅସୁଲ ତହସିଲ କାର୍ଯ୍ୟ ବଡ ସନ୍ତୋଷଜନକରୂପେ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କର ପ୍ରାପ୍ୟ ରାଜସ୍ୱ ସମୁଦାୟ ଆଦାୟ ହୋଇ ତହିଁ ଉପରେ ଅଗରୁଗ୍ କିଛି ଟଙ୍କା ପ୍ରାପ୍ତ ହୋଇଅଛି । ରାଜାମାନେ ମଧ୍ୟ ଆପଣା ପେସ୍କସ୍ ନିୟମାନୁସାରେ ଦେଇଅଛନ୍ତି ଏବଂ ୧୭ ମହାଲ ମଧ୍ୟରୁ ମା ୬ ହାଲରୁ ଚଳିତ ବର୍ଷ ବାବତ୍ କିଛି ଟଙ୍କା ଗଚ୍ଛିତ ହୋଇଅଛି ।

କଦନ୍'ଲରେ ଭୂମିକର ନାହିଁ କିନ୍ତୁ ଲୋକମାନେ ଇଚ୍ଛାପୂର୍ବକ ଦୁଇପ୍ରକାର କର ବସାଇଅଛନ୍ତି ଅର୍ଥାତ୍ ସଗ୍‌ବଦୋକାନରେ ବିଦ୍ୟାଳୟ ସକାଶେ ଏବଂ ଲଙ୍ଗଳ ଉପରେ କର ସଡକ ନିର୍ମାଣ ସକାଶେ । ଦୋକାନ ଟାକ୍ସଦ୍ୱାରା ଟ ୧୪୧୦ ଆଦାୟ ହୋଇଥିଲା ଖର୍ଚ୍ଚ ଯାଇ ପୂର୍ବର ବାକୀ ସହିତ ଟ ୪୩୫୭ଙ୍କା ଫଣ୍ଡରେ ଜମାଅଛି । ଏଥିରେ ନୂତନ ସ୍କୁଲମାନ ସ୍ଥାପନ କରିବାକୁ ଶ୍ରୀଯୁକ୍ତ ବାମସ୍‌ସାହେବ ପ୍ରସ୍ତାବ କରିଥିଲେ ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ହୋଇଅଛନ୍ତି ଲଙ୍ଗଳ ଟାକ୍ସର ଉତ୍ପନ୍ନ ପୂର୍ବ ବର୍ଷର ବାକୀ ସହିତ ଟ ୫୪୩୯ଙ୍କା ହୋଇଥିଲା ଏଥିରୁ ଟ ୩୭୭୫ଙ୍କା ଖର୍ଚ୍ଚ ହୋଇଅଛି ବାକୀ ଟଙ୍କାସବୁ ସଡ଼କ ନିର୍ମାଣରେ ଖର୍ଚ୍ଚ କରିବା କାରଣ ଲେଫ୍‌ଟନେଣ୍ଟଗବର୍ଣ୍ଣର ଆଜ୍ଞା ଦେଇଅଛନ୍ତି ।

ଦେୱାନୀ ଓ ମାଲସଂକ୍ରାନ୍ତ ମୋକଦ୍ଦମାମାନ ଯଥା ନିୟମରେ ନିଷ୍ପତ୍ତି ହୋଇଅଛି ୨୦୯୦ ମୋକଦ୍ଦମା ସ୍ଥାପିତ ଓ ତହିଁ ମଧ୍ୟରୁ ୧୧୬୧ ଫଏସଲ ହୋଇଥିଲା ଏଥି ମଧ୍ୟରୁ କେବଳ ଅନୁଗୁଲ ବାଙ୍କୀ ଓ ଦାମନଘାଟିରେ ୧୬୯୧ ମୋକଦ୍ଦମା ଫଏସଲ ହୋଇଥିଲା ଅବଶିଷ୍ଟ ମୋକଦ୍ଦମାମାନ ରାଜାଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇଥିବା ବ୍ୟକ୍ତିଙ୍କଦ୍ୱାରା ହୋଇଅଛି ଓ ଏପ୍ରକାର ମୋକଦ୍ଦମାର ସଂଖ୍ୟା ଊଣା ହେବାରୁ ଜଣାଯାଏ ଯେ ରାଜାମାନେ ସୁବିଚାର ପୂର୍ବକ କାର୍ଯ୍ୟ କରୁଅଛନ୍ତି । ମୋଟ ମୋକଦ୍ଦମାର ତୃତୀୟାଂଶ କେବଳ କର୍ଜା ବାବତରେ ହୋଇଥିଲା ଏଥିମଧ୍ୟରେ ଏକା ବାଙ୍କୀରେ ୪୧୧ ମୋକଦ୍ଦମା । ପ୍ରାୟ ସବୁ ପ୍ରକାର ମୋକଦ୍ଦମା ଯେତେ ଅନୁଗୁଲରେ ତହିଁର ଦ୍ୱିଗୁଣ ବାଙ୍କୀରେ ହୋଇଅଛି ଓ ଲେଫ୍‌ଟନେଣ୍ଟଗବର୍ଣ୍ଣର ଅନୁମାନ କରିଅଛନ୍ତି ଯେ ବାଙ୍କୀରେ ଲୋକ ସଂଖ୍ୟା ଅଧିକ ଓ ତାହା ମୁଗଲବନ୍ଦିର ନିକଟ ହେବାରୁ ଏପରି ହୋଇଅଛି ।

ଗଡଜାତ ରାଜାଙ୍କ ବିଷୟରେ ଏହିରୂପ ଲେଖାଅଛି ।

ମୟୂରଭଞ୍ଜ ଓ କେଉଁଝରର ମହାରାଜାମାନେ ସାଧାରଣ ବଦାନ୍ୟତା ଓ ଉନ୍ନତ ଶାସନପ୍ରଣାଳୀଦ୍ୱାରା ଆପଣା୨ ଖ୍ୟାତି ରକ୍ଷା କରିଅଛନ୍ତି ଏବଂ ତହିଁର ପୁରସ୍କାର ସ୍ୱରୂପ ଗବର୍ଣ୍ଣମେଣ୍ଟ ଏମାନଙ୍କୁ ମହାରାଜା ପଦ ଦେଇଅଛନ୍ତି ।

ଗତ ଫେବ୍ରୁଏରି ମାସରେ ଢେଙ୍କାନାଳର ମହାରାଜା କାଳଗ୍ରାସରେ ପତିତ ହେବାର ଶୁଣି ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି ଏବଂ ମହାମାନ୍ୟ ପ୍ରତିନିଧିସାହେବ ମଧ୍ୟ ଏଥିରେ ଶୋକ ପ୍ରକାଶ କରିଅଛନ୍ତି । ମହାରାଜା ସର୍ବଦା ଗବର୍ଣ୍ଣମେଣ୍ଟଙ୍କ ବିଶ୍ୱାସ ଓ ପ୍ରଜାଙ୍କ ସ୍ନେହ ଓ ସମ୍ମାନର ପାତ୍ର ହୋଇଥିଲେ ଏବଂ ବହୁତକାଳ ରାଜତ୍ୱ କରି ଆପଣା ରାଜ୍ୟର ଅନେକ ଚିରସ୍ଥାୟୀ ଉପକାର ସାଧନ କରିଅଛନ୍ତି ।

ଆଠଗଡ, ପାଲଲହଡା ଓ ନରସିଂହପୁରର ରାଜାମାନେ ନ୍ୟାୟବାନ୍ ଓ ବୁଦ୍ଧିମାନ୍ ଶାସନକର୍ତ୍ତା ବୋଲି ଆପଣା୨ ପୂର୍ବ ସୁଖ୍ୟାତି ରକ୍ଷା କରିଅଛନ୍ତି ।

ଆଠମଲ୍ଲିକର ରାଜା ଏହି ବର୍ଷ ମଧ୍ୟରେ ପ୍ରାଣ ତ୍ୟାଗ କରିଅଛନ୍ତି । ତାହାଙ୍କ ପ୍ରଜାମାନେ ତାହାଙ୍କୁ ପ୍ରେମ କରୁଥିଲେ ଓ ଗବର୍ଣ୍ଣମେଣ୍ଟରେ ମଧ୍ୟ ତାହାଙ୍କର ଆଦର ଥିଲା । ତାହାଙ୍କର ପୁତ୍ର ବର୍ତ୍ତମାନ ରାଜା ହୋଇଅଛନ୍ତି । ସେ ଜଣେ ବୁଦ୍ଧିମାନ୍ ଓ ଶିକ୍ଷିତଯୁବା ଅଟନ୍ତି ଓ ପୂର୍ବରୁ ରାଜ୍ୟଭାର ନିର୍ବାହ କରିବାରେ ଆପଣାର ପିତାଙ୍କୁ ସାହାଯ୍ୟ କରୁଥିଲେ ।

ନୀଳଗିରି ଓ ବଡମ୍ବା ରାଜାଙ୍କର ଅତ୍ୟାଚାରସୂଚକ ରିପୋର୍ଟ ପୁନର୍ବାର ପାଇ ଲେଫ୍‌ଟନେଣ୍ଟଗବର୍ଣ୍ଣର ବଡ ବ୍ୟସ୍ତ ହୋଇଅଛନ୍ତି । ଏବିଷୟରେ ଶ୍ରୀଯୁକ୍ତ ବାମସ୍‌ସାହେବ ପୃଥକ୍ ରିପୋର୍ଟ ପଠାଇବାକୁ ଅଙ୍ଗୀକାର କରିଅଛନ୍ତି ଓ ଗବର୍ଣ୍ଣମେଣ୍ଟ ତାହା ପ୍ରତ୍ୟାଶାରେ ରହିଅଛନ୍ତି ।

ତାଲଚେରର ଅବସ୍ଥା କିଛି ଉତ୍କୃଷ୍ଟ ହେବାର ଦେଖାଯାଉ ନାହିଁ । ଏଠାର ଯୁବରାଜ ଅନ୍ୟାୟ କରି ଅର୍ଥାତ୍ ଅବୁଅବ ନେବାକୁ ଚେଷ୍ଟା କରି ନାହାନ୍ତି ମାତ୍ର ସେ ଆପଣାର ମନ୍ତ୍ରିମାନଙ୍କୁ ବାହାର କରି ଦେଇ ନାହାନ୍ତି ଓ ଅତ୍ୟନ୍ତ ଅଦୂରଦର୍ଶିତା ଓ ଅପବ୍ୟୟରେ ରତ ଅଛନ୍ତି । ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଆଶା କରନ୍ତି ଯେ ଶ୍ରୀଯୁକ୍ତ ବାମସ୍‌ସାହେବ ଅବକାଶମତେ ଶୀଘ୍ର ଏ କିଲ୍ଲାକୁ ଯାଇ ରାଜ୍ୟର ଅବସ୍ଥା ଓ ଲୋକଙ୍କର ଚିତ୍ତ ସମ୍ପର୍କରେ ରିପୋର୍ଟ କରିବେ ।

ଦଶପଲ୍ଲା ରାଜାଙ୍କ ଦୁଷ୍ଟଚରିତ୍ର ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଅନେକଥର ଆସିଅଛି ଓ ସମ୍ପ୍ରତି ସେବିଷୟରେ ବିଶେଷ ରିପୋର୍ଟ ଆସିଥିଲା । ତାହାଙ୍କର ପ୍ରଜାଙ୍କପ୍ରତି ଅତ୍ୟାଚାର ଓ ରାଜ୍ୟ ବିଶୃଙ୍ଖଳା ଏତେଅଧିକ ହୋଇଅଛି ଯେ ସଭାର ସାହାଯ୍ୟ ଭିନ୍ନ କୌଣସି ସାଧାରଣ କର୍ମ କରିବାକୁ ମାନ୍ୟବର ଇଡନ୍ ସାହେବ ତାହାଙ୍କୁ ନିଷେଧ କରିଅଛନ୍ତି ସମ୍ପ୍ରତି ରାଜାଙ୍କପ୍ରତି ଆଜ୍ଞା ହୋଇଅଛି ଯେ ଏକଜଣ ବିଶେଷ କର୍ମଚାରୀଦ୍ୱାରା ଆପଣା ଖର୍ଚ୍ଚାରେ ରାଜ୍ୟର ବନ୍ଦୋବସ୍ତ କାର୍ଯ୍ୟ ସମ୍ପନ୍ନ କରିବେ ଓ ତାହାଙ୍କୁ ଜଣାଦିଆ ହୋଇଅଛି କି ଯେବେ ମା ୬ ସ ମଧ୍ୟରେ ସେ ପ୍ରଜାଙ୍କ ସହିତ ସଦ୍‌ବ୍ୟବହାର ନ କରିବେ ଓ ସନ ୧୮୬୪ ମସିହାର ସର୍ତ୍ତମାନ ପ୍ରତିପାଳନ ନ କରିବେ ତେବେ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ନିଶ୍ଚୟ ତାହାଙ୍କୁ ରାଜ୍ୟରୁ ଅନ୍ତର କରି ଖାସ ତହସିଲରେ ରଖିବେ ।

ଶ୍ରୀଯୁକ୍ତ ରେଭେନସା ସାହେବଙ୍କୁ ଗବର୍ଣ୍ଣମେଣ୍ଟ ଧନ୍ୟବାଦ ଦେଇଅଛନ୍ତି ଏବଂ ବାବୁ ହରେକୃଷ୍ଣଦାସ ବିଛନ୍ଦ ପଟ୍ଟନାୟକ ଓ ଶ୍ରୀନାଥ ବୋଷ ପ୍ରଶଂସା ପାଇଅଛନ୍ତି ।

---

## ସାପ୍ତାହିକସଂବାଦ ।

ଶମ୍ଭୁଚନ୍ଦ୍ର ନନ୍ଦୀ ନାମରେ ଜଣେ ବଙ୍ଗୀୟ ଯୁବା ଇଂଲଣ୍ଡକୁ ଶିକ୍ଷାଲାଭ ସକାଶେ ସମ୍ପ୍ରତି ଯାତ୍ରା କରିଅଛନ୍ତି । ଚିକିତ୍ସାଶାସ୍ତ୍ର ପଢ଼ିବା ଏହାଙ୍କର ଉଦ୍ଦେଶ୍ୟ ଅଟଇ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି ଯେ ସରକାରୀ ବେତନଭୋଗୀ କର୍ମଚାରୀମାନେ କୌଣସି ସାଧାରଣ ବାଙ୍କ ବା କମ୍ପାନୀର ଡାଇରେକ୍ଟର ସ୍ୱରୂପ କର୍ମ କରିବାର ନିଷେଧ ହୋଇଅଛି ଓ ଏ ନିୟମର ବହିର୍ଭୂତ କିଛି ଅନୁମତି ଦେବାକୁ ସେକ୍ରେଟରି ଅବଷ୍ଟେଟ ଅସମ୍ମତି ପ୍ରକାଶ କରିଅଛନ୍ତି ।

କଲିକତାରେ ଏକଜଣ ଇହୁଦୀ ଜଣେ ସଂଜାତୀୟ ଯୁବତୀ ସ୍ତ୍ରୀକୁ ଚୁମ୍ବନଦେବାର ଚେଷ୍ଟା-

Digitized by srujanika@gmail.com

Split by PDF Splitter



କରିବାରୁ ମାଜିଷ୍ଟ୍ରେଟ ସାହେବ ତାହା ଉପରେ ୫ ୦୦ ଟଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ତମ୍ଭି ଥିଲେ କେତେ ଅର୍ଥଦଣ୍ଡ ହୁଅନ୍ତା ଜାଣିବାର କୌତୁକ ରହିଲା ।

ହିନ୍ଦୁପେଟ୍ରିଅଟ କାବୁଲ ସମ୍ବାଦରେ ପାଠକରି ଅଛନ୍ତି କି କାନ୍ଦାହାରର ହାକିମ ଅମିରଙ୍କ ଜଣାଇଅଛନ୍ତି କି ଦୁଇଜଣ ଗୋପନରେ ସମ୍ବାଦ ଲେଖି ପଠାଇବା ଅପରାଧରେ ଧରାପଡ଼ିବାରୁ ତାହାଙ୍କର ପ୍ରାଣଦଣ୍ଡ ହୋଇଅଛି । ଅମିରଙ୍କର ଏପରି ବ୍ୟବହାର ସମ୍ବାଦଦାତାଙ୍କପକ୍ଷରେ ବଡ ଦୁଃଖର କଥା ଅଟଇ ।

ବିଦ୍ୟାଳୟ ସମୂହ ସକାଶେ ପୁସ୍ତକ ମନୋନୀତ କରିବା କାରଣ ସିମଲାରେ ଯେଉଁ ସଭା ବସିଥିଲା ତାହା ଭଙ୍ଗିଲାଣି । ସଭ୍ୟମାନେ ଆପଣା ସ୍ଥାନକୁ ପ୍ରତ୍ୟାଗମନ କରିଅଛନ୍ତି । କାର୍ଯ୍ୟଟି କିସ ହେଲା ଜଣା ପଡ଼ିଲା ନାହିଁ । ବହ୍ୱାରମ୍ଭେ ଲଘୁକ୍ରିୟା ହୋଇ ନାହିଁ ?

ବମ୍ବେଇର ପାରସିମାନଙ୍କ ପ୍ରଧାନ ସର ଜେମସେଟଜୀ ଜୀଜୀଭାଇ ଗତ ମାସ ତା ୧୦ ରିଖରେ ମାନବଲୀଳା ଶେଷ କରିଅଛନ୍ତି । ଏ ମହାଶୟ ଜଣେ ମହାନ୍‌ବ୍ୟକ୍ତି ଥିଲେ କି ଇଂରାଜ କି ଦେଶୀୟ ସମସ୍ତେ ଏହାଙ୍କୁ ଅତ୍ୟନ୍ତ ମାନ୍ୟ କରୁଥିଲେ । ଏହାଙ୍କର ବଦାନ୍ୟତା ଓ ଦୟା ଅତି ପ୍ରଶଂସନୀୟ ଥିଲା ।

ଅଷ୍ଟ୍ରେଲିଆରୁ ଏକବ୍ୟକ୍ତି ଗବର୍ଣ୍ଣମେଣ୍ଟଙ୍କୁ ସମ୍ବାଦ ଦେଇଅଛନ୍ତି କି ବିଷାକ୍ତ ସର୍ପର ପିତ୍ତ ସର୍ପଦଂଶନର ଅବ୍ୟର୍ଥ ଔଷଧ ଅଟଇ । ସାପର ପିତ୍ତକାଢି ତୀବ୍ର ମଦ୍ୟ ସଙ୍ଗରେ ମିଶାଇ ଏକ ସପ୍ତାହ ଗୋଟାଏ ବୋତଲରେ ରଖିଦେବ ତହିଁ ଉତ୍ତାରୁ ତାହା ବ୍ୟବହାର ଯୋଗ୍ୟହେବ । ସାଧାରଣ ଅସ୍ତ୍ରରେ ଏକ କମ୍ପା ଦୁଇ ବୁନ୍ଦା ଔଷଧରେ ବିଷ ଛାଡ଼ିଯିବ ଓ ଗୁରୁତର ଥିଲେ ଛଅଠାରୁ ଛଅ ବୁନ୍ଦା ପର୍ଯ୍ୟନ୍ତ ପ୍ରୟୋଜନ ହେବ । ଡାକ୍ତର ଫେରର ସାହେବ ଏହା ପରୀକ୍ଷା କରି ଦେଖିବାକୁ ସମ୍ମତ ହୋଇଅଛନ୍ତି

ଏଡୁକେଶନ ଗେଜେଟ ନର୍ମଦାବାଦପତ୍ରିକାରୁ ଅବଗତ ହୋଇଅଛନ୍ତି ବଗ, ବିରୁଡ଼ୀ, ଭ୍ରମର, କଙ୍କଡ଼ାବିଛା ଏବଂ ମହୁମାଛି ଦଂଶନର ଔଷଧ,

୧ । ଇପିକାକୁଆନା ଚୂର୍ଣ୍ଣ ପାଣିରେ ଗୋଳି ଲେପ ଦେବାକୁ ହେବ ।

୨ । ଟାର୍ଟରିକ ଏସିଡ ଅଳ୍ପ ପରିମାଣଜଳରେ ଗୋଳି କନା ବୁଡାଇ ପଟି ଦେବାକୁ ହେବ । ତାହା ପ୍ରାପ୍ତ ନ ହେଲେ ବହୁପ୍ରକାର ଟାଟ୍ଲେମ୍ବୁ ରସରେ ପଟି ଦେବାକୁ ହେବ ।

୩ । ଅଧିକ ପୀଡ଼ା ହେଲେ ଗୋଟିଏ ଲୁହାର ଗୁଳି ଜାମୁଡ଼ାଜାଗାରେ ଯୋର କରି ମାଡ ଧରିବାକୁ ହେବ ତହିଁରେ ଲହୁଡ ନୂଳକଣା ଉତ୍ତରେ ପଡ଼ି ବାହାରିଯିବ । ସେହି ଲହୁଡ଼ ବାହାରିଗଲେ ପୀଡ଼ା କମି ଯିବ । ପିଆଜ ବାଟି ଲେପ ଦେଲେ ଉପକାର ହେବ । ଭେନ୍ତୁଲିନସ୍କୀ ପଥରରେ ଯଦି ତାହା ଉପରର ଖଲଚ୍ଛେପା ଛାଡ଼ି ଯାଇ ଶୁଦା ବାହାରଲେ ତାହାକୁ କ୍ଷତସ୍ଥାନରେ ଦେଇ ବାନ୍ଧି ରଖିବ । କିଞ୍ଚିତ୍‌କ୍ଷଣ ଉତ୍ତାରେ ଯନ୍ତ୍ରଣା ନିବାରଣ ହେବ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଗତ ଶନିବାର ଦିନ ସନ୍ଧ୍ୟା ୭ ଘଣ୍ଟା ସମୟରେ କଟକ ଟ୍ରେଣିଂସ୍କୁଲ ହଲରେ ବାବୁ ଶ୍ରୀ ପ୍ୟାରୀମୋହନ ଆଚାର୍ଯ୍ୟ "ମନୁଷ୍ୟଜୀବନର ଉଦ୍ଦେଶ୍ୟ" ଏହି ବିଷୟରେ ଗୋଟିଏ ବକ୍ତୃତା ଦେଇଥିଲେ ତାହା ଶୁଣିବାକୁ କେତେଗୁଡିଏ ସ୍କୁଲ ବାଳକ ଓ କେତେକ ଶିକ୍ଷକ ଏବଂ କେତେକ ସମ୍ଭ୍ରାନ୍ତ ବଙ୍ଗୀୟଯୁବକ ମଧ୍ୟ ଉପସ୍ଥିତ ଥିଲେ, ବକ୍ତୃତାଟି ବଙ୍ଗଭାଷାରେ ହୋଇଥିଲା, ବକ୍ତା ସୁଲଳିତ ଭାଷାରେ ପ୍ରାଞ୍ଜଳରୂପରେ ଆପଣାର ଭାବମାନ ପ୍ରକାଶ କରିଥିଲେ, ତାହା ଶୁଣି ଶ୍ରୋତାମାନେ ସାତିଶୟ ଉତ୍ସାହିତ ହୋଇଅଛନ୍ତି । ପ୍ରକୃତରେ କେବଳ ବାହାର ଶୀତଳରକ୍ତ ଉଷ୍ଣ ହୋଇଅଛି, ଅମ୍ଭେ ଭରସା କରୁଁ ପ୍ୟାରୀବାବୁଙ୍କ ତୁଲ୍ୟ ଉତ୍କଳ ଭୂମି ଯେବେ ସନ୍ତାନ ପ୍ରସବ କରନ୍ତ ଏହାର ମୁଖଶ୍ରୀ ତେବେ ଉଜ୍ଜ୍ୱଳ ହେବ, ଅମ୍ଭର ଏଠାରେ ବକ୍ତବ୍ୟ ଯେ ପ୍ୟାରୀବାବୁ ଯଦି ଶାନ୍ତିସଭାରେ ନାନାଦି ବିଷୟ ଆଲୋଚନା କରି ନାନାପ୍ରକାର ଶିକ୍ଷା ଦେଇ ମାନସିକବୃତ୍ତି ସକଳ ବିଶେଷ ଚାଳନା କରି ଆପଣା ଶକ୍ତିର ପରିଚୟ ଦେବେ ତେବେ ଜଣେ ପ୍ରଧାନ ସଦ୍‌ବକ୍ତା ହୋଇ ଏତଦ୍ଦେଶର ବିଶେଷ ଉପକାର ସାଧନ କରି ପାରିବେ । ରାମଗୋପାଳ ବାବୁ, ସୁରେନ୍ଦ୍ର ବାବୁ, ଶ୍ରୀ କେଶବ ଚନ୍ଦ୍ରସେନ, ଶ୍ରୀ ପ୍ରତାପଚନ୍ଦ୍ର ମଜୁମଦାର, ଶ୍ରୀ ଆନନ୍ଦଚନ୍ଦ୍ର ବୋଷ ପ୍ରଭୃତି ଯେଉଁମାନେ ବର୍ତ୍ତମାନ ପ୍ରଧାନବକ୍ତା ବୋଲି ଖ୍ୟାତ, ଯାହାଙ୍କ ହେତୁରୁ ଦେଶର ବିଶେଷ ମଙ୍ଗଳକର କାର୍ଯ୍ୟମାନ ସାଧିତ ହୋଇଅଛି, ସେମାନଙ୍କର ପ୍ରଥମାବସ୍ଥା ସହିତ ତୁଳନା କଲେ ଅନେକ ତାରତମ୍ୟ ଲକ୍ଷିତ ହେବ ।

ବକ୍ତୃତା ଶେଷ ହେଲା ଉତ୍ତାରୁ ଉପସ୍ଥିତ ଭଦ୍ର ବ୍ୟକ୍ତିମାନେ ଟ୍ରେଣିଂସ୍କୁଲ୍‌ମାଷ୍ଟରଙ୍କୁ ବିଶେଷ ଧନ୍ୟବାଦ ଦେଇଥିଲେ, କାରଣ ଟ୍ରେଣିଂସ୍କୁଲ୍‌ମାଷ୍ଟରଙ୍କ ହଲ ଥିବାରୁ ଏପରି ସାଧାରଣ କାର୍ଯ୍ୟମାନ ସାଧିତ ହେଉଅଛି, ପ୍ରକୃତରେ ଅମ୍ଭେମାନେ କହୁଅଛୁଁ ଟ୍ରେଣିଂସ୍କୁଲ୍‌ମାଷ୍ଟର ଦେଶର ବିଶେଷ ମଙ୍ଗଳ ସାଧନ କରୁଅଛନ୍ତି । ଏପରି ଗୋଟିଏ ସ୍ଥାନ ନ ଥିଲେ ସବୁ ବିଫଳ ହୁଅନ୍ତା । ସମ୍ପାଦକ ମହାଶୟ ! ଆପଣଙ୍କୁ ଏଠାରେ ଗୋଟିଏ କଥା ପଚାରୁଅଛି, ଆପଣ ଅବଶ୍ୟ ଜାଣିଥିବେ, କଟକରେ ଗୋଟିଏ ଟାଉନହଲ ହେବାପାଇଁ ଦରବାର ସମୟରେ ଚନ୍ଦା ସଂଗ୍ରହ ହେଉଥିଲା ସେ ବିଷୟ କଣ ହେଲା ? ତାହାର କି କିଛି ଆୟୋଜନ ହୋଇଅଛି ? ସତେ କି ଗୋଟିଏ ଟାଉନହଲ ହେବ ? ନା ମେମୋରିଏଲ ଟଙ୍କା ମିଶନସ୍କୁଲକୁ ଗଲପରି ଉକ୍ତ ଟଙ୍କା କୌଣସି ଗିର୍ଜାର ସାହାଯ୍ୟରେ ଲାଗିବ ?

## ବିଜ୍ଞାପନ ।

ପାରସ୍ୟଭାଷାରେ ମହାକବି ଶେଖସାଦି ସିରାଜିଙ୍କ ବିରଚିତ ଗୁଲିସ୍ତାନ୍‌ନାମକ ପୁସ୍ତକର ପ୍ରଥମଭାଗ ଉତ୍କଳଭାଷାରେ ଗଦ୍ୟ ପଦ୍ୟରେ ଅନୁବାଦିତ ଓ ମୁଦ୍ରାଙ୍କିତ ହୋଇ ନ୍ୟାୟରତ୍ନାକର ନାମଧେୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଯେ କେହି ଉକ୍ତ ପୁସ୍ତକ କ୍ରୟ କରିବାକୁ ଇଚ୍ଛା କରିବେ ସେମାନେ କଟକ ପ୍ରିଣ୍ଟିଂକମ୍ପାନିଙ୍କ କାର୍ଯ୍ୟାଳୟରେ ଓ ଓଡିଶାପେଟ୍ରିଅଟ ପ୍ରେସରେ ଓ ଶ୍ରୀ ବାବୁ ତାରିଣୀଚରଣ ଚଟ୍ଟୋପାଧ୍ୟାୟଙ୍କ ଦୋକାନରେ ଅଥବା ମାଛୁଆବଜାର ଅମ୍ଭ ବସାରେ ତତ୍ତ୍ୱ କଲେ ପ୍ରାପ୍ତ ହେବେ ।

ମଫସଲ ଗ୍ରାହକମାନେ ନେବାକୁ ଇଚ୍ଛା କଲେ ସେମାନେ ୫ ୦/ ଡାକମାସୁଲର ସହିତ ମୂଲ୍ୟ ପଠାଇଲେ ପାଇବେ ।

ମୂଲ୍ୟ ଟ ୦ ।୵ ଛଅଣାମାତ୍ର
କୃପାଶ୍ୟାମ କର

☞ ଏହି ଉତ୍କଳଦୀପିକା ଗୌରୀଶଙ୍କର ରାୟଙ୍କ ଦ୍ୱାରା କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସଂ ୩୨ ସଂଖ୍ୟା

ତା ୧୧ ରିଖ ମାହେ ଅଗଷ୍ଟ ସନ ୧୮୭୭ ମସିହା । ମୂ । ଶ୍ରାବଣ ଦ ୨୧ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୷୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୷୦
ମଫସଲପାଇଁ ଡାକମାସୁଲ ଟ୧୷୵


– ସ୍କୁଲର ଦୁର୍ମୂଲ୍ୟ ହେତୁ ଏଠାର ପ୍ରାୟ ସମସ୍ତ ସରକାରୀ ମହକୁମାର ଅମଲାମାନେ ଇସ୍ତଫା ପାଇବାର ଆବେଦନ କରିଥିବାର ପୂର୍ବେ ଉଲ୍ଲେଖ କରିଥିଲୁଁ । ଶ୍ରୀଯୁତ କମିଶନର ସାହେବ ଦୟାପୂର୍ବକ ଅଳ୍ପ ବେତନ ଭୋଗୀ ଅମଲା ଓ ଚପରାସୀ ପ୍ରଭୃତିଙ୍କୁ କିଛି ଅଧିକା ବେତନ ଦେବା ସକାଶେ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଥିଲେ କିନ୍ତୁ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସାହେବ ତାହା ଅଗ୍ରାହ୍ୟ କଲେ । ଆମ୍ଭେମାନେ ମଧ୍ୟ ଏହିରୂପ ଆଶଙ୍କା କରିଥିଲୁଁ । କିନ୍ତୁ ଇଡନ୍ ସାହେବ ଯେଉଁ ହେତୁ ଦର୍ଶାଇ ଅଛନ୍ତି ତହିଁରୁ ବୋଧ ହୁଏ ଯେ ସେ ଲୋକଙ୍କ ଅବସ୍ଥାରୁ ସମ୍ପୂର୍ଣ୍ଣ ଜ୍ଞାତ ନୁହନ୍ତି ଏହା ବିଚକ୍ଷଣ ଇଡନ୍ ସାହେବଙ୍କ ପ୍ରତି ଅପ୍ରଶଂସନୀୟ ଅଟେ । ସେ ବୋଲନ୍ତି ଯେ ଏବର୍ଷର ଅଧିକାଂଶ ସମୟରେ ଚାଉଳ ଅତି ଶସ୍ତା ଥିଲା ତେତେ-ବେଳେ କାହିଁକି ଅମଲାମାନେ ଚାଉଳ କିଣି ସଞ୍ଚୟ କରି ନ ଥିଲେ ? ଯେବେ ରଖିନାହାନ୍ତି ତେବେ ସେମାନଙ୍କ ଦୋଷର କ୍ଷତିପୂରଣ ସରକାର କରି ନ ପାରନ୍ତି । ଇଡନ୍ ସାହେବ ଏତିକି ଜାଣନ୍ତି ନାହିଁ ଯେ ଅଳ୍ପ ବେତନଭୋଗୀ ଅମଲାମାନେ ମାସ ଶେଷ ପୂର୍ବ ଅଗାମୀମାସର ବେତନକୁ ଖତକପରି ଚାହିଁ ବସିଥାନ୍ତି ସେମାନଙ୍କର ଏତେ ସଙ୍ଗତି କାହିଁ ଯେ ସେମାନେ ଏକୁକରସ କି ଦୁଇମାସର ଚାଉଳ ଅଗତୁରା କିଣି ରଖିବେ । ଯଦ୍ୟପି ସରକାର ସେମାନଙ୍କୁ ଚାଉଳ ସଞ୍ଚୟ କରିବା ସକାଶେ ପୂଷ ମାଘରେ କିଛି ଅଗତୁରା ବେତନ ଦେଉଥାନ୍ତେ ତେବେ ଏ ଯୁକ୍ତି ଖଟନ୍ତା । ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସାହେବ ଆଉ ଦୁଇ ଏକ ହେତୁ ଦେଖାଇ ଅଛନ୍ତି ଉପର୍ଯ୍ୟୁକ୍ତ ହେତୁରେ ତାଙ୍କର ଭ୍ରମ ଥିବାରୁ ଭ୍ରମ ଭଙ୍ଗାଇବା ଅଭିପ୍ରାୟରେ ଆମ୍ଭେମାନେ ତାହା ଉଲ୍ଲେଖ କଲୁଁ ।

---

### ତୁରକ ଓ ରୁସିୟାର ଯୁଦ୍ଧ ।

ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ଯେ ରୁସୀୟମାନେ ତୁରକର ଏକ୨ କିଲ୍ଲା ଦଖଲ କରି କ୍ରମଶଃ କନଷ୍ଟାଣ୍ଟିନୋପଲଦିଗକୁ ଅଗ୍ରସର ହେଉଅଛନ୍ତି ଓ ଅଳ୍ପଦିନରେ ଅଡ୍ରିଓନୋପଲରେ ପ୍ରବେଶ ହେବ । ବାସ୍ତବରେ ଡାନ୍ୟୁବ ନଦୀ ଓ ବଲ୍‌କାନ ପର୍ବତମଧ୍ୟରେ ଥିବା ତୁରକ ରାଜ୍ୟ ରୁସୀୟସେନାରେ ପରିପୂର୍ଣ୍ଣ ହୋଇଅଛି ଓ ରୁସୀୟମାନେ ଏକ୨ କିଲା ଜୟ କରି ଏମନ୍ତ ଉତ୍ପାତ ଆରମ୍ଭ କରିଅଛନ୍ତି ଯେ ପ୍ରଜାମାନଙ୍କର ରହିବାର କଷ୍ଟ ସୁତରାଂ ଘର ଦ୍ୱାର ଛାଡି ପଳାଉଅଛନ୍ତି । ରୁଶୀୟ ସେନା ମୁସଲମାନ ପ୍ରଜାଙ୍କ ଉପରେ ଅତ୍ୟନ୍ତ ଅତ୍ୟାଚାର କରିବାର ମଧ୍ୟ ସମ୍ବାଦ ଆସିଅଛି ଓ ସେ ସମ୍ବାଦ ସତ୍ୟ ବୋଲି ସମସ୍ତେ ବିଶ୍ୱାସ କରୁଅଛନ୍ତି । ଏପରି ରୁସୀୟମାନେ ଯେଉଁଠାରେ ଗୋଟିଏ କିଲ୍ଲା ଆକ୍ରମଣ କରୁଅଛନ୍ତି ସେଠାରେ ନିର୍ଦ୍ଦୋଷୀ ନଗରବାସିଙ୍କୁ ମଧ୍ୟ ଛାଡୁ ନାହାନ୍ତି । ଋଷ୍ଟଙ୍କ କିଲ୍ଲା ଉପରେ ଯେଉଁଦିନ ତୋପ ଦାଗିଲେ କେତେ ଗୋଲା ନଗର ମଧ୍ୟରେ ପଡି ନଗରବାସିଙ୍କ ଘର ଭଗ୍ନ କଲା କେତେ ଲୋକ ମଧ୍ୟ ମରିପଡିଲେ ଗିର୍ଜ୍ଜା ଚିକିତ୍ସାଳୟ ଅନାଥାଶ୍ରମ ଓ ଅନ୍ୟାନ୍ୟ ଗ୍ରୀକ୍‌ର ମୁଲ୍ଲାରମାନଙ୍କର ସରକାରୀ କୋଠି ପ୍ରଭୃତି କିଛି ଛାଡ ଗଲା ନାହିଁ । ତୋପର ଗୁଳରେ ସମସ୍ତ ଭଗ୍ନ ହେଲା । ଏପ୍ରକାର ଅତ୍ୟାଚାର କେହି କେବେ କରିବାର ଶୁଣା ନାହିଁ । ରୁସିୟା ଖ୍ରୀଷ୍ଟିୟାନ ପ୍ରଜାଙ୍କୁ ରକ୍ଷା କରିବା ସକାଶେ ଯାଇ ଗିର୍ଜ୍ଜା ଇତ୍ୟାଦି ଭଗ୍ନ କରୁଅଛନ୍ତି ଓ ଖ୍ରୀଷ୍ଟିୟାନମାନଙ୍କୁ ମୁଦ୍ଧା ମାରୁଅଛନ୍ତି ଏବଡ ବିଚିତ୍ର କଥା । ଯାହା ହେଉ ଏସପ୍ତାହରେ ତାରଡାକ ଯୋଗେ ଯେସମସ୍ତ ସମ୍ବାଦ ଆସିଅଛି ତାହା ତୁରକ ପକ୍ଷରେ ଶୁଭ ଅଟଇ । ଗତମାସ ଶେଷ ତାରିଖରେ ପ୍ଲେବନା ନିକଟରେ ୬୦ ହଜାର ରୁସୀୟ ସେନା ସହିତ ଓସମାନ ପାସା ଲଢାଇ କରିଥିଲେ ଦୁଇଦିନ ଯୁଦ୍ଧ କରି ରୁସୀୟ ସେନା ମଧ୍ୟରୁ ୮୦୦୦ ହତ ଓ ୨୪୦୦୦ ଆହତ କରି ଅବଶିଷ୍ଟ ସେନାକୁ ତଡି ଦେଇଅଛନ୍ତି । ଏସକି ସାଗ୍ରାଠାରେ ରୋଉଫ ପାସାକୁ ରୁସୀୟମାନେ ହରାଇ ଦେଇ ସେ ନଗର ନେଇଥିଲେ ମାତ୍ର ସୁଲେମାନ ପାସା ସେଠାରେ ଜୟଲାଭ କରି ଉକ୍ତ ନଗରକୁ ପୁନର୍ବାର ଅଧିକାର କରିଅଛନ୍ତି । ଯେଉଁ ରୁସୀୟ ସେନା ବଲକାନ ପର୍ବତ ପାରି ହୋଇ ଭର୍ତ୍ତିକାକୁ ଆସିଥିଲେ ସେମାନେ ଅତି ଅସୁ

Split by PDF Splitter
Digitized by srujanika@gmail.com

ହୋଇ ପାରୁ ନାହାନ୍ତି । ଓସମାନ ପାଷାଙ୍କ ଜୟ ଲାଭରେ ରୁଷିୟାର ସମ୍ରାଟ୍ ବଡ ଭାବିତ ହୋଇଅଛନ୍ତି କିରୂପେ ଏଥର ପ୍ରତିଫଳ ଦେବେ ଠିକ କରି ପାରୁ ନାହାନ୍ତି । ଏଣେ ଆର୍ମିନିଆରେ ରୁଷୀୟମାନେ କିଛି କରି ନ ପାରି ଅଧିକ ସୈନ୍ୟର ଆଶାରେ ବସିଥିଲେ ସମ୍ପ୍ରତି ୧୪ ପଲଟନ ଅଧିକା ସେନା ଯିବାରୁ ପୁନର୍ବାର ଯୁଦ୍ଧ ଆରମ୍ଭ କରିଅଛନ୍ତି ।

---

## ବଙ୍ଗମହିଳାମାନଙ୍କର ସଭା ।

ଭାରତବର୍ଷରେ ଏ ଗୋଟିଏ ନୂଆ କଥା ଜାହାରଲା । ପୂର୍ବେ ଏହା କେବେ ହୋଇ ନ ଥିଲା ଏଠାରେ ଆଧୁନିକ ସଭ୍ୟତା ଉଦୟ ହେଲାଦିନଠାରୁ ପୁରୁଷମାନେ କ୍ରମଶଃ ଉନ୍ନତି ଲଭି ସଭାସ୍ଥାନ୍ ନାନା ବିଷୟରେ ଆପଣା୨ ମନୋଭାବ ପ୍ରକାଶ କରି ଆସୁଅଛନ୍ତି । ଅନ୍ତଃପୁରବାସିନୀମାନଙ୍କର ମନୋଭାବ ଏତେକାଳ ଘରମଧ୍ୟରେ ଆବଦ୍ଧଥିଲା ସଭ୍ୟତାର ପ୍ରସାଦରୁ ଏଥର ତାହା ଦାଣ୍ଡକୁ ବାହାର ହୋଇଅଛି । ବର୍ତ୍ତମାନ ଏହା ଗୋଟିଏ ଅପୂର୍ବ ଘଟଣା ପ୍ରାୟ ବୋଧ ହେଉଅଛି ମାତ୍ର କିଛିଦିନ ଉତ୍ତାରୁ ଆଉ ତାହା ରହିବ ନାହିଁ ସାଧାରଣ ବ୍ୟାପାର ମଧ୍ୟରେ ଅସିଯିବ ।

ଘଟନାଟି ଏହି ଯେ ଗତ ମାସ ତା୧୦ରିଖରେ ବାବୁ ଆନନ୍ଦମୋହନ ଘୋଷଙ୍କ ଘରେ ତାହାଙ୍କର ସହଧର୍ମିଣୀ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ବୋଷଙ୍କ ଉଦ୍ୟମରେ ବଙ୍ଗୀୟ ମହିଳାଙ୍କର ଗୋଟିଏ ସଭା ହୋଇଥିଲା । କୁମାରୀ କାର୍ପେଣ୍ଟରଙ୍କ ପରଲୋକ ଗମନ ସମ୍ବାଦ ଶୁଣି ଏ ଦେଶୀୟ ମହିଳାଙ୍କ ହୃଦୟରେ ଯେ ଶୋକ ଓ ଦୁଃଖ ଉପସ୍ଥିତ ହୋଇଅଛି ତାହା ଜଣାଇ ତାହାଙ୍କର ଆତ୍ମୀୟ ବର୍ଗଙ୍କ ସହିତ ସମଦୁଃଖିତା ପ୍ରକାଶ ଏବଂ ତାହାଙ୍କ ସ୍ମରଣାର୍ଥ କୌଣସି ସ୍ମୃତିଚିହ୍ନ ସ୍ଥାପନ କରିବା ଏ ସଭାର ଉଦ୍ଦେଶ୍ୟ ଥିଲା । ସଭାକୁ ଆସିଥିବା ମହିଳାମାନଙ୍କ ସଙ୍ଗରେ କେତେକଜଣ ପୁରୁଷ ମଧ୍ୟ ସଭାସ୍ଥଳରେ ଉପସ୍ଥିତ ହୋଇଥିଲେ । ସଭାର ଯାବତୀୟ କାର୍ଯ୍ୟ ମହିଳାମାନେ ଏକା ସମ୍ପନ୍ନ କରିଥିଲେ ।

ବାରିଷ୍ଟର ମନୋମୋହନ ଘୋଷ ମହାଶୟଙ୍କ ସହଧର୍ମିଣୀ ସ୍ୱର୍ଣ୍ଣଲତା ଘୋଷ ସଭାପତିର ଆସନ ଗ୍ରହଣ କରିଥିଲେ । ନିମନ୍ତ୍ରିତ ମହିଳାମାନଙ୍କ ମଧ୍ୟରୁ ଯେଉଁମାନେ ସଭାରେ ଉପସ୍ଥିତ ହୋଇ ପାରି ନ ଥିଲେ ସେମାନଙ୍କ ମଧ୍ୟରୁ କେହି୨ ସଭାର ଉଦ୍ଦେଶ୍ୟରେ ସମ୍ମତଥିବା ବିଷୟରେ ପତ୍ରମାନ ଲେଖିଥିଲେ । ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ବୋଷ ଛିଡା ହୋଇ ସେସମସ୍ତ ପାଠକଲେ । ତହିଁଉତାରୁ ସେ ଗୋଟିଏ ସୁନ୍ଦର ବକ୍ତୃତାଦ୍ୱାରା କୁମାରୀ କାର୍ପେଣ୍ଟରଙ୍କ ଗୁଣ ବର୍ଣ୍ଣନା କରି ପ୍ରଥମ ପ୍ରସ୍ତାବଟି ଏହିରୂପେ କଲେ କି କୁମାରୀ କାର୍ପେଣ୍ଟରଙ୍କ ପରଲୋକ ଗମନରେ ଏ ଦେଶୀୟ ମହିଳାମାନଙ୍କର ଯେପ୍ରକାର ଦୁଃଖ ହୋଇଅଛି ତାହା ଜ୍ଞାପନ ପୂର୍ବକ ତାହାଙ୍କ ଆତ୍ମୀୟ ବର୍ଗ ସହିତ ସମଦୁଃଖିତା ପ୍ରକାଶ କରିବା ହେଉ । ସେ ଏ ଦେଶୀୟ ସ୍ତ୍ରୀଜାତିର ଶୁଭସାଧନ ଉଦ୍ଦେଶରେ ଯେପ୍ରକାର ଯତ୍ନ କରିଅଛନ୍ତି, ଆପଣା ଜୀବନରେ ନିସ୍ୱାର୍ଥ ପରୋପକାର ବ୍ରତର ଯେପରି ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦେଖାଇ ଅଛନ୍ତି, ଅନେକ କଷ୍ଟ ସ୍ୱୀକାର ପୂର୍ବକ ଚଉଥର ଏଦେଶକୁ ଆଗମନ କରି ଯେପ୍ରକାର ସହୃଦୟତାର ପରିଚୟ ଦେଇଅଛନ୍ତି ସେଥି ପାଇଁ ଏ ଦେଶୀୟ ଶିକ୍ଷିତ ସ୍ତ୍ରୀମାତ୍ରକେ ତାହାଙ୍କ ନିକଟରେ କୃତଜ୍ଞତା ଋଣରେ ଆବଦ୍ଧ । ହାଇକୋର୍ଟର ଉକିଲ ଦୁର୍ଗାମୋହନଦାସ ମହାଶୟଙ୍କ କନ୍ୟା କୁମାରୀ ସରଳା ଦାସ ଏହି ପ୍ରସ୍ତାବ ସମର୍ଥନ କଲେ ।

କଟୋୟାର ଡେପୁଟୀ କଲେକ୍ଟର ଭଗବାନ୍ଚନ୍ଦ୍ର ବୋଷ ମହାଶୟଙ୍କ କନ୍ୟା କୁମାରୀ ସ୍ୱର୍ଣ୍ଣପ୍ରଭା ବୋଷ ପ୍ରସ୍ତାବ କଲେ କି କୁମାରୀ କାର୍ପେଣ୍ଟରଙ୍କ ସ୍ମରଣାର୍ଥ ଚିହ୍ନ ସଂସ୍ଥାପନର ଚେଷ୍ଟା ହେଉ ଓ ତହିଁସକାଶେ ଅର୍ଥ ସଂଗ୍ରହ କରିବା ନିମିତ୍ତ ଗୋଟିଏ କାର୍ଯ୍ୟ ନିର୍ବାହକ କମିଟୀ ବସୁ । ଯେଉଁ ମହିଳାମାନେ କମିଟିରେ ନିଯୁକ୍ତ ହେବେ ତାହାଙ୍କର ନାମ ମଧ୍ୟ ଉଲ୍ଲେଖ କଲେ । ଶ୍ରୀମତୀ ପାର୍ବତୀସୁନ୍ଦରୀ ବୋଷ ଏ ପ୍ରସ୍ତାବକୁ ସମର୍ଥନ କଲେ ।

ବଙ୍ଗମହିଳା ବିଦ୍ୟାଳୟର ପ୍ରଥମ ଶ୍ରେଣୀର ଜଣେ ଛାତ୍ରୀ କୁମାରୀ କାଦମ୍ବିନୀ ବୋଷ ପ୍ରସ୍ତାବ କଲେ କି କୁମାରୀ କାର୍ପେଣ୍ଟରଙ୍କର ଖଣ୍ଡିଏ ଜୀବନ ଚରିତ ବଙ୍ଗଭାଷାରେ ମୁଦ୍ରିତ ହେଉ ଯେ ତାହା ପାଠକରି ତାହାଙ୍କର ସାଧୁ ଦୃଷ୍ଟାନ୍ତକୁ ବଙ୍ଗୀୟ ମହିଳାମାନେ ଅନୁକରଣ କରିବାକୁ ସମର୍ଥ ହେବେ । ଶ୍ରୀମତୀ ଗିରିଜା କୁମାରୀ ବନ୍ଦୋପାଧ୍ୟାୟ ଏ ପ୍ରସ୍ତାବକୁ ସମର୍ଥନ କଲେ । ଉପସ୍ଥିତ ସମସ୍ତ ମହିଳଙ୍କ ସମ୍ମତିରେ ଉପର ଲିଖିତ ପ୍ରସ୍ତାବମାନ ଧାର୍ଯ୍ୟ ହେଲା । ତହିଁଉତାରୁ ସଭାର ଅନୁରୋଧ କ୍ରମେ ବାବୁ ଆନନ୍ଦମୋହନ ବୋଷ ଓ ବାବୁ ପ୍ରତାପଚନ୍ଦ୍ର ମଜୁମଦାର ମହାଶୟମାନେ ମୃତ କୁମାରୀଙ୍କ ଯେସମସ୍ତ କାର୍ଯ୍ୟ ଦେଖିଥିଲେ ସେସବୁ ସୁନ୍ଦରରୂପେ ବିବୃତ କଲେ । ପରଶେଷରେ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ବୋଷ ପରଲୋକ ଗତା କାର୍ପେଣ୍ଟରଙ୍କର ଯେଉଁ ଜୀବନବୃତ୍ତାନ୍ତ ଲେଖିଥିଲେ ତାହା ପଠିତ ହେବାରେ ତହିଁର ପ୍ରଶଂସା ହେଲା ଓ ତାହା ଶୀଘ୍ର ମୁଦ୍ରିତ ହେବାର ସ୍ଥିର ହେଲା । ଅତଃପର ସଭା ଭଙ୍ଗ ହେଲା ।

---

## ଶିକ୍ଷାବିଭାଗର ନୂତନ ବନ୍ଦୋବସ୍ତ ।

ଗତମାସର ଏକଖଣ୍ଡ କଲିକତା ଗେଜେଟରେ ଶିକ୍ଷା ବିଭାଗର ବନ୍ଦୋବସ୍ତ ସମ୍ପର୍କରେ ଗୋଟିଏ ଗବର୍ଣ୍ଣମେଣ୍ଟ ନିର୍ଦ୍ଧାରଣ ପ୍ରକାଶ ହୋଇଅଛି । ସର୍ ଜର୍ଜ କାମ୍ବେଲ ଯେଉଁ ବନ୍ଦୋବସ୍ତ କରିଯାଇଥିଲେ ଓ ଯାହା ସର୍ ରିଚର୍ଡ ଟେମ୍ପଲଙ୍କଦ୍ୱାରା କେତେକ ପରିମାଣରେ ସଂଶୋଧିତ ହୋଇ ବର୍ତ୍ତମାନ ଚଳୁଅଛି ତହିଁରେ କେତେ ଗୁଡିଏ ଗୁରୁତର ଦୋଷ ଥିବାରୁ ମାନ୍ୟବର ଇଡନ୍ ସାହେବ ସେ ସମସ୍ତ ସଂଶୋଧନ କରିବା ପକ୍ଷରେ ଯେପ୍ରକାର ନୂତନ ବନ୍ଦୋବସ୍ତ କରିବାକୁ ଇଚ୍ଛା କରିଅଛନ୍ତି ତାହା ଉକ୍ତ ନିର୍ଦ୍ଧାରଣରେ ବାହୁଲ୍ୟରୂପେ ଲେଖା ଅଛି । ତାହାଙ୍କ ପ୍ରସ୍ତାବିତ ବନ୍ଦୋବସ୍ତ କାର୍ଯ୍ୟରେ ପରିଣତ ହେଲେ କୌଣସି ଅସୁବିଧା ପଡିବ କି ନାହିଁ ତାହା ଜାଣିବା କାରଣ କମିଶନର ମାଜିଷ୍ଟ୍ରେଟ ଓ ଇନ୍ସପେକ୍ଟରମାନଙ୍କ ମତ ପ୍ରାର୍ଥନା କରିଅଛନ୍ତି । ଏ ସମସ୍ତ ମତ ଜାଣିଲା ଉତ୍ତାରୁ ନୂତନ ବନ୍ଦୋବସ୍ତକୁ ଆବଶ୍ୟକ ହେଲେ ଅଳ୍ପର ସଂଶୋଧନ କରି ପ୍ରଚଳିତ କରିବେ ।

ପ୍ରସ୍ତାବିତ ବନ୍ଦୋବସ୍ତର ପ୍ରଧାନ ବିଷୟମାନ ପାଠକଙ୍କ ଜାଣିବା କାରଣ ଏଠାରେ ପ୍ରକାଶିତ ହେଲା ।

ଇନ୍ସପେକ୍ଟର ମାନଙ୍କର ପ୍ରଧାନ କାର୍ଯ୍ୟ ଭ୍ରମଣ କରି ବିଦ୍ୟାଳୟମାନଙ୍କର ଅବସ୍ଥା ଦେଖିବା ଓ ଶିକ୍ଷା କାର୍ଯ୍ୟ ସୁଚାରୁରୂପେ ଚଳାଇବା ପକ୍ଷରେ ଦୃଷ୍ଟି ରଖିବା ଅଟଇ । ଏମାନଙ୍କ ହାତରେ ବିଲ୍ ଇତ୍ୟାଦି ପାଶ କରିବାର କାର୍ଯ୍ୟ ଥିବାରୁ ତାହାଙ୍କର ପ୍ରକୃତ କାର୍ଯ୍ୟର ବ୍ୟାଘାତ ହୁଅଇ । ଏଥିପାଇ ପ୍ରସ୍ତାବ ହୋଇଅଛି ଯେ ଡିରେକ୍ଟରଙ୍କ ଅଫିସ ସଙ୍ଗେ ଗୋଟିଏ ବିଲ୍ ଇତ୍ୟାଦି ପାଶ କରିବାର ଅଫିସ ହେବ ଓ ଜଣେ ଅଡିଟର ନିଯୁକ୍ତ ହେବ ।

ଇନ୍ସପେକ୍ଟରଙ୍କ ହାତରେ କ୍ଷମତା ନ ଥିବା ଓ ଏକ୨ ଇନ୍ସପେକ୍ଟରଙ୍କ ଏଲାକା ଅଧିକ

Digitized by srujanika@gmail.com

Split by PDF Splitter



ଥିବାରୁ ଅଶିଷ୍ଟାଣ୍ଟ ବା ଜଏଣ୍ଟ ଇନ୍‌ସ୍ପେକ୍ଟର ନାମରେ ଆଉ ଏକ ଶ୍ରେଣିର କର୍ମକାରକ ନିଯୁକ୍ତ ହେବେ । ଏ ଶ୍ରେଣିରେ ଚଉଦଜଣ ନିଯୁକ୍ତ ହେବେ ଏହାଙ୍କର ବେତନ ମାସକୁ ଟ ୪୦୦ ଲେଖାଁଏ ହେବ । ଭାଗଲପୁର ଛୋଟ-ନାଗପୁର ଓଡ଼ିଶା ଓ ଚଟ୍ଟଗ୍ରାମ ବିଭାଗରେ ଏ ଶ୍ରେଣିର କର୍ମଚାରୀମାନେ ନିଯୁକ୍ତ ହେବେ ।

ଡେପୁଟୀ ଓ ସବ୍‌ଡେପୁଟି ଇନ୍‌ସ୍ପେକ୍ଟରଙ୍କୁ, ମାଜିଷ୍ଟ୍ରେଟ ଇନ୍‌ସ୍ପେକ୍ଟର ଓ କମିଟି ଅଧୀନରେ କର୍ମ କରିବାକୁ ହେବାରୁ ଅଧିକ ମୁନିବଙ୍କ ମନ ଯୋଗାଇବାରେ ଏମାନଙ୍କର କଷ୍ଟ ହେଉଅଛି । ନୂତନ ପ୍ରସ୍ତାବରେ ଏମାନଙ୍କର ଅଧୀନତାର ସୀମା ନିର୍ଣ୍ଣିତ ହୋଇଅଛି । ମାଜିଷ୍ଟ୍ରେଟମାନେ ଡେପୁଟି ଇନ୍‌ସ୍ପେକ୍ଟରଙ୍କୁ ଜରମାନା ବା ସସ୍‌ପେଣ୍ଡ କରି ପାରିବେ ନାହିଁ । ସେ କ୍ଷମତା ଇନ୍‌ସ୍ପେକ୍ଟରଙ୍କୁ ଅର୍ପିତ ହେବ । ମାଜିଷ୍ଟ୍ରେଟ ଉକ୍ତ ପ୍ରକାର ଦଣ୍ଡ କେବଳ ସବ୍ ଇନ୍‌ସ୍ପେକ୍ଟରମାନଙ୍କୁ ଦେଇ ପାରିବେ । ଡେପୁଟି ଇନ୍‌ସ୍ପେକ୍ଟରଙ୍କୁ ଗବର୍ଣ୍ଣମେଣ୍ଟ ଓ ସବ୍ ଇନ୍‌ସ୍ପେକ୍ଟରଙ୍କୁ ଡିରେକ୍ଟର ଏକା ପଦଚ୍ୟୁତ କରିପାରିବେ ।

ପାଠଶାଳା ସମସ୍ତର ଭାର ପୂର୍ବ ପ୍ରାୟ ମାଜିଷ୍ଟ୍ରେଟଙ୍କ ହାତରେ ରହିଲା ଇନ୍‌ସ୍ପେକ୍ଟର କେବଳ ମାଜିଷ୍ଟ୍ରେଟଙ୍କୁ ପରାମର୍ଶ ଦେବେ ଓ ମାଜିଷ୍ଟ୍ରେଟ ସେ ପରାମର୍ଶ ନ ଶୁଣିଲେ କମିଶ୍ନର ସାହେବ ତହିଁର ବିଚାର କରିବେ । କମିଶନର ଓ ଇନ୍‌ସ୍ପେକ୍ଟରଙ୍କ ମଧ୍ୟରେ ମତ ଭେଦ ହେଲେ ଡିରେକ୍ଟର ତହିଁର ବିଚାର କରିବେ ଓ ସେଠାରେ ମଧ୍ୟ ମତ ଭେଦ ହେଲେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାର ଆବଶ୍ୟକ ହେବ । ସାହାଯ୍ୟ ପାଇବାର ଦରଖାସ୍ତମାନ ଇନ୍‌ସ୍ପେକ୍ଟରଙ୍କଠାରେ ପ୍ରଥମରେ ହେବ ଓ ସେ ସାହାଯ୍ୟର ସଂଖ୍ୟା ଓ କର୍ମଚାରୀର ସଂଖ୍ୟା ପ୍ରସ୍ତାବ କରିବେ । ଜିଲା କମିଟୀର ତହିଁରେ ମତ ଭେଦ ହେଲେ କମିଶ୍ନରଙ୍କ ବିଚାରର ଆବଶ୍ୟକ ହେବ ଓ କେନେ ଆବଶ୍ୟକ ମତେ ଡିରେକ୍ଟର ଓ ଗବର୍ଣ୍ଣମେଣ୍ଟଙ୍କ ବିଚାର ସକାଶେ ତାହା ଯାଇପାରେ । ଜିଲା ଓ ସରକାରୀ ଦେଶୀୟ ଭାଷାର ବିଦ୍ୟାଳୟ ମାନଙ୍କର ସାଧାରଣ ତତ୍ତ୍ୱାବଧାରଣ ଓ କାର୍ଯ୍ୟ ନିର୍ବାହ ଜିଲା କମିଟୀଦ୍ୱାରା ହେବ ।

ପ୍ରଚଳିତ ବନ୍ଦୋବସ୍ତ ଅପେକ୍ଷା ଉପରଲିଖିତ ବନ୍ଦୋବସ୍ତ ଯେ ଅନେକାଂଶରେ ଉତ୍କୃଷ୍ଟ ତାହା ଅବଶ୍ୟ ସ୍ୱୀକାର କରିବାକୁ ହେବ ମାତ୍ର ଆମ୍ଭମାନଙ୍କୁ ବୋଧ ହୁଅଇ ଯେ ଇନ୍‌ସ୍ପେକ୍ଟର ଓ କମିଶନର ଅଥବା କଲେକ୍ଟରଙ୍କ ମଧ୍ୟରେ ସମୟ୨ରେ ମତ ଭେଦ ହେବାରୁ ଅସଦ୍ଭାବ ଜାତ ହୋଇ ପାରେ । ଏପରି ବିଭାଗର କର୍ମଚାରୀଙ୍କ କ୍ଷମତା ପୃଥକ୍ କରି ଦେଲେ ଭଲ ହୁଅନ୍ତା । ସମସ୍ତେ ସରଳଭାବରେ କାର୍ଯ୍ୟ କଲେ ଏ ବନ୍ଦୋବସ୍ତଦ୍ୱାରା ସୁନ୍ଦର କାର୍ଯ୍ୟ ଚଳିବ ମାତ୍ର ଜିଲା ହାକିମ ଓ ଇନ୍‌ସ୍ପେକ୍ଟରଙ୍କ ମଧ୍ୟରେ ପଦର ସମତା ନ ଥିବାରୁ ଅନେକ ମାଜିଷ୍ଟ୍ରେଟ ଇନ୍‌ସ୍ପେକ୍ଟରଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ କରିବାକୁ ଘୃଣା ମନେ କରିବେ ଓ ତହିଁରେ ପରିଶେଷରେ ମନମାଳିନ୍ୟ ଜାତ ହେବ ଏତିକି ଆମ୍ଭମାନଙ୍କର ଶଙ୍କା ହେଉଅଛି ।

---

# ସାପ୍ତାହିକସଂବାଦ ।

ଗତ ଜୁନମାସରେ କଟକ ବନ୍ଦରକୁ ଟ ୧,୯୯,୫୪୯ ଙ୍କାର ଦ୍ରବ୍ୟ ଆମଦାନୀ ହୋଇଥିଲା । ପ୍ରଧାନ ବାଣିଜ୍ୟ ଦ୍ରବ୍ୟ ବିଲାତି ଲୁଗା ତହିଁର ମୂଲ୍ୟ ଟ ୧,୧୬,୮୫୨ ଙ୍କା ଓ ବିଲାତି ସସ୍ୱ ପ୍ରାୟ ଟ ୨୦୦୦ ଙ୍କା ଆଉସବୁ ବାଜେ ଦ୍ରବ୍ୟ ଅଟଇ ।

ଏହି ମାସ ମଧ୍ୟରେ ଏବନ୍ଦରରୁ ଟ ୨୪୧୩୯୫ ଙ୍କା ମୂଲ୍ୟର ଦ୍ରବ୍ୟ ରପ୍ତାନୀ ହୋଇଥିଲା । ଏଥିମଧ୍ୟରେ କେବଳ ଚାଉଳ ଟ ୨୨୬୪୮୩ ଙ୍କା ଓ ଧାନ ଗହମ ମାଣ୍ଡିଆ ପ୍ରଭୃତି ଶସ୍ୟ ଟ ୧୪,୫୨୮ ଙ୍କା ଏସବୁ କେବଳ ମାନ୍ଦ୍ରାଜକୁ ଯାଇଅଛି । ଆଉ ସବୁ ଶୁକସ ଦ୍ରବ୍ୟ ତାହା କଲିକତାକୁ ଯାଇଅଛି ।

ଏ ନଗରର କାଫଲାବଜାର ଏଲାକାରେ ଘର କରି ରହିଥିବା କାବୁଲି ସୌଦାଗରଙ୍କ ମଧ୍ୟରେ ଅଳ୍ପ ଜମି ସକାଶେ କଜିୟା ହେବାରୁ ଏକଜଣ କ୍ରୋଧାନ୍ଧ ହୋଇ ଗୋଟାଏ ଖଣ୍ଡାର ବେଣ୍ଟରେ ଏକବ୍ୟକ୍ତିକୁ ଏମନ୍ତ ପ୍ରହାର କଲା ଯେ ଏକ ବାଡ଼ିରେ ତାହାର ପ୍ରାଣ ଉଡ଼ିଗଲା ଓ ଆଉ ଏକ ବ୍ୟକ୍ତିର ମୁଣ୍ଡ ଫାଟିଗଲା ମାତ୍ର ପ୍ରାଣ ରହିଲା ହାସପାତାଲକୁ ଚିକିତ୍ସା ସକାଶେ ତାହାକୁ ନେଇଗଲେ । ଏହାଙ୍କର ରାଗ କି ଭୟଙ୍କର !

ଏ ସପ୍ତାହରେ ଭଲ ବର୍ଷା ହୋଇ ନାହିଁ । କେବଳ ଏକ୨ ଦିନରେ କିଛି୨ ବର୍ଷା ହୋଇଥିଲା ମାତ୍ର ସର୍ବତ୍ରରେ ଅବଶ୍ୟ ଚେଷ୍ଟିତ କାର୍ଯ୍ୟ ସମାପ୍ତ ହେବା ଭଳ ଜଳ ହୋଇ ନାହିଁ । ଏ ନଗର ମଧ୍ୟରେ ଅଭ୍ୟନ୍ତ ମୋଟ ଚାଉଳ ଟଙ୍କାକୁ ସେ ୧୪ ରରୁ ଅଧିକ ନାହିଁ । ମୋଫସଲରେ ଭାଉ ଶସ୍ତା ବୋଲି ଲୋକେ କହୁଅଛନ୍ତି ମାତ୍ର ଅଧିକ ପରିମାଣରେ ମିଳୁନାହିଁ ।

ଗତମାସ ତା ୩୦ ରଖରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ରଥଯାତ୍ରା ଶେଷ କରି ମନ୍ଦିରରେ ପ୍ରବେଶ ହେଲେ । ଏଥର ଯାତ୍ରୀ ବଡ଼ ସହଜରେ ନିର୍ବାହ ହେଲା । ଅଧିକ ଯାତ୍ରୀ ନ ହେବା ଏଥିର ମୂଳ ଅଟଇ ।

ପୁରୀ ଓ ଖୋର୍ଦ୍ଧା ଅଞ୍ଚଳରେ କଟକ ଜିଲାଠାରୁ ବର୍ଷା ଊଣା । ଗୁରୁଦିନ ତଳେ କିଛି ବର୍ଷା ହୋଇଥିଲା ମାତ୍ର କୃଷିକର୍ମ ସକାଶେ ଯଥେଷ୍ଟ ହୋଇ ନାହିଁ ।

ଖୋର୍ଦ୍ଧାର ଭାରପ୍ରାପ୍ତ ହାକିମ ଗ୍ରୀକସ୍ ସାହେବ ଫସଲର ଅବସ୍ଥା ଦେଖିବା ସକାଶେ ମୋଫସଲ ଗସ୍ତକୁ ଯାଇଅଛନ୍ତି ସଦର ମୁକାମରେ ଚାଉଳ ଟଙ୍କାକୁ ସେ ୧୦।୧୧ ର ମିଳୁଅଛି ।

ବାବୁ ହରକାଲୀ ମୁଖର୍ଯ୍ୟା ପୁରୀ ଜିଲାର ସଦର ମୁକାମକୁ ବଦଳ ହେବାର ଆଜ୍ଞା ଗଜେଟରେ ଦେଖିଲୁଁ । ହରକାଲବାବୁ ଆମ୍ଭମାନଙ୍କର ପୁରୁଣା ବନ୍ଧୁ ଅଟନ୍ତି ।

ମୌଲବି ଅବଦୁଲ ଲତିଫ ଖାନ ବାହାଦୁର କଲିକତାର ଏକଜଣ ପୁଲିସ ମାଜିଷ୍ଟ୍ରେଟ ହୋଇଅଛନ୍ତି । ଏ ଉଚ୍ଚପଦଟି ଅନେକ ଦିନ ହେଲା ଦେଶୀୟ ଲୋକଙ୍କୁ ମିଳୁ ନ ଥିଲା । ଏହାକୁ ମାନ୍ୟବର ଇଡନ୍‌ସାହେବଙ୍କ ସୁଶାସନର ଫଳ ବୋଲିବାକୁ ହେବ ।

ବାବୁ ଫକୀରମୋହନ ସେନାପତି ଢେଙ୍କାନାଳର ଅଶିଷ୍ଟାଣ୍ଟ ମାନେଜର ପଦରେ ନିଯୁକ୍ତ ହୋଇ ଗତ ମଙ୍ଗଳବାର ଉକ୍ତ ଗଡ଼ଠାକୁ ଯାତ୍ରା କଲେ ।

ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ବାବୁ ରାଧାଶ୍ୟାମକରଙ୍କର ନ୍ୟାୟରତ୍ନାକର ଏବଂ ବାବୁ ରାଧାନାଥ ରାୟ ଓ ବାବୁ ଶିବନାରାୟଣ ନାୟକଙ୍କ କ୍ଷେତ୍ରତତ୍ତ୍ୱ ଓ କ୍ଷେତ୍ରବ୍ୟବହାର ଉପହାର ସ୍ୱରୂପ ପ୍ରାପ୍ତ ହୋଇଅଛୁଁ ।

ନଗରବାସି ଦୁଃଖୀଙ୍କ ସାହାଯ୍ୟ ନିମିତ୍ତ ମାନ୍ଦ୍ରାଜ ନଗରରେ ଗୋଟିଏ ସଭା ହୋଇଥିଲା । ଦୁର୍ଭିକ୍ଷ କି ଏକା ନଗରବାସିଙ୍କୁ ବାଧି ଅଛି । ଆମ୍ଭମାନଙ୍କ ବିବେଚନାରେ ସର୍ବସାଧାରଣଙ୍କ

Digitized by srujanika@gmail.com

ସାହାଯ୍ୟ ପ୍ରକାଶେ ଗୋଟିଏ ସଭା ହେବା ଓ ସମସ୍ତଦେଶରୁ ଚାନ୍ଦା ସଂଗ୍ରହ କରିବାର ଉଚିତ।

ଇନ୍ଦୋର ନଗରରେ ହୋଲକାର ମହାରାଜା ଯେଉଁ ଲୁଗାକଳ ପାଞ୍ଚବର୍ଷ ହେଲା ବସାଇ ଅଛନ୍ତି ତହିଁରେ ଅନେକ ଲୁଗା ପ୍ରସ୍ତୁତ ହୋଇ ବିକ୍ରୟ ହେଉଅଛି। ଏଣିକି କଳଟି ବଡ ଲାଭକର ହୋଇଅଛି। ଏତେ ଗ୍ରାହକ ହୋଇଅଛନ୍ତି ଯେ କଳରୁ ଲୁଗା ନ ବାହାରୁଣୁ ଅଗଉଁରୁ ମୂଲ୍ୟ ଦେଉଅଛନ୍ତି। ଏ କଳର ସୁପରିଣ୍ଟେଣ୍ଡେଣ୍ଟ ଜଣେ ଇଂରେଜ ଅଟନ୍ତି ସେ ବୋଲନ୍ତି କି ବିଲାତି ଲୁଗାଠାରୁ ଏ ଲୁଗା ଟାଣ ପଡିବାରୁ ଲୋକେ ଏତେ ଆଗ୍ରହ ପୂର୍ବକ ନେଉଅଛନ୍ତି। ଟାଣ ପଡିବାର କାରଣ ଏହି ଯେ କେବଳ କପା ସୂତାରେ ଲୁଗା ହେଉଅଛି। ଝୋଟ ଇତ୍ୟାଦି କିଛି ମିଶ୍ର ନାହିଁ। ଗତବର୍ଷରେ ୬୨ ହଜାର ଥାନ ଓ ୧୯ ହଜାର ଯୋଡା ଧୋତି ବିକ୍ରୟ ହୋଇଅଛି।

ମାନ୍ୟବର ଲେଫ୍‌ଟେନେଣ୍ଟଗବର୍ଣ୍ଣର ସାହେବ ଢାକା ପ୍ରଭୃତି ପୂର୍ବାଞ୍ଚଳର ସ୍ଥଳମାନ ଭ୍ରମଣକରି ସୁନ୍ଦରବନ ବାଟେ କଲିକତାକୁ ପ୍ରତ୍ୟାଗମନ କରିଅଛନ୍ତି। ପୂର୍ବାଞ୍ଚଳର ଲୋକମାନେ ଏହାଙ୍କ ବ୍ୟବହାର ଓ କାର୍ଯ୍ୟ ଦେଖି ବଡ ଆନନ୍ଦିତ ହୋଇଅଛନ୍ତି।

୧। ସୁଲଭ ସମାଚାର ଲେଖନ୍ତି ଆମ୍ଭେମାମାନେ ଅତିଶୟ ଆହ୍ଲାଦିତ ହେଲୁଁ ଯେ ବଙ୍ଗଲା ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଯେ ଗୋଟିଏ ନୂତନ ଆସିଷ୍ଟାଣ୍ଟ ସେକ୍ରେଟରୀ ପଦ ସୃଜିତ ହୋଇଅଛି ଉକ୍ତ ପଦରେ ଶ୍ରୀଯୁକ୍ତ ବାବୁ ଗିରିଜେନ୍ଦ୍ରନାଥ ମିଶ୍ର ମନୋନୀତ ଏବ ନିଯୋଜିତ ହୋଇଅଛନ୍ତି। ଏ ମହାଶୟ ଏ କାର୍ଯ୍ୟ ପାଇବାର ସମ୍ପୂର୍ଣ୍ଣ ଅଧିକାରୀ ଥିଲେ ଈଶ୍ୱରବାବୁଙ୍କ କଥା କି ନାହିଁ।

୨। ଏକାଦଶୀ ଉପବାସ ଯେ କେବଳ ବ୍ରହ୍ମଚର୍ଯ୍ୟ ବ୍ରତଧାରଣୀ ବିଧବାମାନଙ୍କର ଧର୍ମୋନ୍ନତି ପାଇଁ ପ୍ରଚଳିତ ହୋଇଅଛି ତାହା ନୁହେ ଏଥିସଙ୍ଗେ ଶାରୀରିକ ସ୍ୱାସ୍ଥ୍ୟର ମଧ୍ୟ ଯୋଗ ଅଛି। ଡାକ୍ତର ମହେନ୍ଦ୍ରଲାଲ ସରକାର ଏହି ମତରେ ବିଶ୍ୱାସ କରନ୍ତି ସଞ୍ଚିତ ସଂକ୍ରାମକ ଜ୍ୱର ଦେଶର ଅମ୍ଭମାନଙ୍କର କୌଣସି ବନ୍ଧୁ ଏକାଦଶୀ ଆରମ୍ଭ କରିଅଛନ୍ତି ତହିଁରେ ସେ କିଛି ଉପକାର ମଧ୍ୟ ଅନୁଭବ କରିଅଛନ୍ତି। ହିନ୍ଦୁଙ୍କର ବ୍ୟବହାର ସବୁ ଯେ କୁସଂସ୍କାର ମୂଳକ ତାହା ନୁହେ ଅନେକ ବ୍ୟବହାର ଭିତରେ ଗୂଢ଼ଅର୍ଥ ଅଛି। କିନ୍ତୁ ତାହା ବୋଲି ଯେ ସବୁ ଗୁଡିକ ପାଳନୀୟ ତାହା ମଧ୍ୟ ନୁହେ। ଅନେକ ପ୍ରଥା ଅଛି ଯହିଁରେ ଧର୍ମ ଓ ଅର୍ଥ କିଛିହିଁ ନାହିଁ।

୩। କୌଣସି ବ୍ୟକ୍ତି ଘଣ୍ଟା ହିସାବରେ ଏକ ଘୋଡାଗାଡି ଭଡା କରି ଯାଉଁ ପଥରେ ଗାଡିବାଲାକୁ ପଚାରିଲେ ହେ ବାବୁ ତୁମ୍ଭେ ଘୋଡାକୁ ଯେତେ ଚାବୁକ ମାରୁଅଛ ସେତେ ଯେ ଘୋଡା ମଠେଇ ଚାଲେ ଏଥିର କାରଣ କଣ? ସେ କହିଲା ଆମ୍ଭେ ଘୋଡାକୁ ଏହିପରି ଶିକ୍ଷା ଦେଇଅଛୁଁ। ବାବୁ ପଚାରିଲେ କାହିଁକି? ଗାଡିବାଲା ଉତ୍ତର କଲା ଯେତେବେଳେ ଆମ୍ଭେ ଆମ୍ଭ ଘୋଡାର କାମ ଦରରେ ଚାବୁକ ମାରୁଁ ସେତେବେଳେ ସେ ବୁଝିପାରେ ଯେ ଘଣ୍ଟାଭଡାର ସୱାର ଚଢ଼ିଅଛି। ଯେତେ ବିଳମ୍ବ ହେବ ସେତେ ଲାଭ ହେବ। ଘୋଡ଼ା ମଧ୍ୟ ବେଶୀ ବିଶ୍ରାମ ପାଇବାକୁ ପାଏ। ଏ ଦେଶର କଚୁଆନମାନେ ବୋଧହୁଏ ଏ ଫିକର ଜାଣନ୍ତି ନାହିଁ। ମନୁଷ୍ୟର ଏମନ୍ତ କୁଟିଳବୁଦ୍ଧି ଯେ ବନର ପଶୁକୁ ସୁଦ୍ଧା ସ୍ୱାର୍ଥ ପରତା ଶିକ୍ଷା ଦେଇଅଛନ୍ତି।

## ପ୍ରେରିତପତ୍ର।

ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କ ସମୀପେଷୁ।

ମହାଶୟ!

ସ୍ତ୍ରୀ ଜାତିଙ୍କ ଉନ୍ନତି ପକ୍ଷରେ ବିଦ୍ୟାଶିକ୍ଷା ଯେ କେତେ ପର୍ଯ୍ୟନ୍ତ ବହୁମୂଲ୍ୟ ଉପାୟ ଅଟେ ତାହା ସର୍ବସାଧାରଣଙ୍କୁ ଅବିଦିତ ନୁହେ, ଏହି ଅଭିପ୍ରାୟରେ ଅମ୍ଭେ ଯତ୍ନ ପୂର୍ବକ ଗୋଟିଏ ବାଳିକା ବିଦ୍ୟାଳୟ ସଂସ୍ଥାପନ କରିଅଛୁଁ ଅତ୍ର ବିଦ୍ୟାଳୟର ସ୍ଥାନ ଅଭାବ ପ୍ରଯୁକ୍ତ କେତେକ ବିଷୟରେ ଅସୁବିଧା ହେବାରୁ, ଗୋଟିଏ ଗୃହ ନିର୍ମାଣର ସଂକଳ୍ପ କରି ମହାରାଣୀ ସ୍ୱର୍ଣ୍ଣମୟୀଙ୍କୁ ପୂର୍ବୋକ୍ତ ବିଷୟ ଅବଗତ କରାଇବାରେ, ସେ ମହାନୁଗ୍ରହପୂର୍ବକ ଏକାର୍ଯ୍ୟ ସିଦ୍ଧ ନିମନ୍ତେ ୨୫୦ ଟଙ୍କା ପ୍ରଦାନ କରିଅଛନ୍ତି, ତାହା ଅମ୍ଭେ କୃତଜ୍ଞତା ପୂର୍ବକ ସ୍ୱୀକାର କରୁଅଛୁଁ।

ପୁନଶ୍ଚ ଦେଶହିତୈଷୀ ବର୍ଗଙ୍କ ମଧ୍ୟରୁ ଯେବେ କେହି ପୂର୍ବୋକ୍ତ କାର୍ଯ୍ୟକୁ ଉତ୍ତମ ଜ୍ଞାନ କରି କିଛି ପ୍ରଦାନ କରନ୍ତି, ତେବେ ତାହା କୃତଜ୍ଞତା ପୂର୍ବକ ଗୃହୀତ ହେବ।

ସମ୍ପାଦକ ମହାଶୟ ଏ ବିଷୟମାନ ଆପଣଙ୍କ ପତ୍ରିକାରେ ସ୍ଥାନ ଦେଇ ପ୍ରକାଶ କଲେ ଚିରବାଧିତ ହେବୁଁ।

କଟକ }
ସୁତାହାଟ } ଆପଣଙ୍କ ବଶମ୍ବଦ
ଶ୍ରୀ ଯଦୁ ନାମଶୋନ ଘୋଷ
ଦେଶୀୟ ବାଳିକା ବିଦ୍ୟାଳୟର ସେକ୍ରେଟରୀ

ପରମ ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ମାନ୍ୟବରେଷୁ।

ଅନୁଗ୍ରହ ପୂର୍ବକ ନିମ୍ନଲିଖିତ କେତେକପଂକ୍ତିକୁ ଆପଣଙ୍କ ପ୍ରକାଶିତ ପତ୍ରିକାରେ ସ୍ଥାନଦାନ ଦେବା ହେବେ ଓ ଯଦି ଆପଣଙ୍କୁ ଅଥବା ପତ୍ରିକା ନେବାଉଆଳ ମହୋଦୟମାନଙ୍କୁ ଏ ବିଷୟରେ କିଛି ବୋଧ ଥାଏ ତେବେ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବ।

ଏଦେଶରେ ଚାରିବର୍ଣ୍ଣର ମନୁଷ୍ୟ ଅଛନ୍ତି ଅର୍ଥାତ୍ ୧ବ୍ରାହ୍ମଣ ୨କ୍ଷତ୍ରିୟ ୩ବୈଶ୍ୟ ୪ଶୂଦ୍ର ମାତ୍ର ବାସ୍ତବିକ ଶୂଦ୍ର କେଉଁ ଜାତିକୁ କହିବାକୁ ହେବ ଏଥିର ନିଶ୍ଚୟ ପାଇ ଯାଉ ନାହିଁ କାରଣ କି ଏ ଦେଶରେ ଯେଉଁ ମହାନ୍ତି ଓ କରଣ ଓ ଚଷା ଓ ତେଲି ଓ ଗୁଡିଆ ଓ ଖଣ୍ଡାଏତ ଓ ମହାନାୟକ ଇତ୍ୟାଦି ବାସ କରନ୍ତି ଏସମସ୍ତେ ଆପଣାକୁ ଶୂଦ୍ର ବୋଲି କହନ୍ତି କିନ୍ତୁ ଅଶୌଚ ବ୍ୟବସ୍ଥାରେ ଦେଖାଯାଏ ଯେ ମରଣାଶୌଚରେ ବ୍ରାହ୍ମଣର ଦ ୧୦ ଦିନ କ୍ଷତ୍ରିୟଙ୍କ ଦ ୧୨ ଦିନ ବୈଶ୍ୟର ଦ ୧୫ ଦିନ ଶୂଦ୍ରର ଏକମାସ ଲେଖା ଅଛି ସେଅନୁକ୍ରମେ ଶୂଦ୍ର ଛଡା ଅଉ ତିନିବର୍ଣ୍ଣାଶ୍ରିତଲୋକମାନେ ଶାସ୍ତ୍ରାନୁରୂପ ଅଶୌଚ ପାଳନ କରନ୍ତି ଓ ଯେସ୍ଥଳେ ଶୂଦ୍ରମାନେ ଶାସ୍ତ୍ରର ବିରୁଦ୍ଧ କର୍ମ ଅର୍ଥାତ୍ ଦ ୩୦ ଦିନ ପାଳନ ନ କରି ଦ୧୦ଦିନ ପାଳନ କରନ୍ତି ସେ ସ୍ଥଳେ ଏମାନେ ଶୂଦ୍ର କିପରି ହେଲେ ତାହାର କିଛି ନିଶ୍ଚୟ ହେଉ ନାହିଁ। ଇତି। ୧୮।୭।୬୭

ନିବେଦନ।

ବ୍ରଜକୁମାର ବୋଷ।

## ମୂଲ୍ୟପ୍ରାପ୍ତି।

| | | | |
|---|---|---|---|
| ଶ୍ରୀଯୁକ୍ତ ଭଜସାହେବ | ବାଲେଶ୍ୱର | ଅଗ୍ରିମ | ଟ ୬।୵ |
| ବାବୁ ହରମୋହନ ସିଂ | କଟକ | ବକାୟା | ଟ ୨୧ |
| „ ହରଶ୍ଚନ୍ଦ୍ର ମୁଗୁର୍ଯ୍ୟା | „ | „ | ଟ ୨୧ |
| „ ଯୁଗଳକିଶୋର ଘୋଷ | „ | „ | ଟ ୨୧ |
| „ ଶ୍ୟାମସାହୁ | „ | „ | ଟ ୩୧ |
| „ ରଘୁନାଥ ମହାପାତ୍ର | „ | „ | ଟ ୧୧ |

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ସଞ୍ଚାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ଶ
ସଂ ୩୩ ଖ୍ୟା

ତା ୧୮ ରଖ ମାହେ ଅଗଷ୍ଟ ସନ ୧୮୭୭ ମସିହା । ମୁ । ଭାଦ୍ରବ ଦ ୪ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଁଇ ଡାକମାସୁଲ ଟ୧୷

ଏ ସପ୍ତାହରେ ଏ ଅଞ୍ଚଳରେ ଭଲ ବୃଷ୍ଟି ହୋଇ ନାହିଁ ଓ ଅବଧି ଅନେକ ସ୍ଥାନରେ ରୁଆ ବେହୁଡ଼ାକର୍ମ ବାକି ରହିଅଛି । ବିଆଳୀଫସଲ ଏକପ୍ରକାର ହୋଇଅଛି ଓ ହାଣ୍ଡିହାଣ୍ଡି ଦଶପଣ ଫସଲ ମିଳିବାର ଲୋକେ ଆଶା କରନ୍ତି । କଲୁ ବୋଧ ହୁଅଇ ଉପରେ ଭାରି ବର୍ଷା ହୋଇଅଛି କାରଣ ମହାନଦୀ ଓ ତହିଁର ଶାଖାମାନ କିଞ୍ଚିତ ବୃଦ୍ଧି ହୋଇଅଛି । ଏବର୍ଷ ଏଥିପୂର୍ବ ଏମନ୍ତ ନଦୀ ବଢି ହୋଇ ନ ଥିଲା । ଏଥିରେ ଅନେକ ସ୍ଥାନରେ ବନ୍ଧ ଭାଙ୍ଗିଥିବ ଅଥବା ଲୋକେ କାଟିଦେଇଥିବେ ଓ ତହିଁରେ ବେହୁଡ଼ାକାର୍ଯ୍ୟର ଅନେକ ସୁବିଧା ହୋଇଥିବ । ନଦୀ ଶୁଖିଗଲେ କ୍ଷତି ଲାଭ ଜଣାପଡିବ । ଚାଉଳର ଭାଉ ପୂର୍ବପ୍ରାୟ ଉଚ୍ଚ ରହିଅଛି ଓ କଣିକିଆମାନେ ବଡ଼ କଷ୍ଟରେ ପଡିଅଛନ୍ତି ।

---

ଗତସପ୍ତାହ ବାବତ ବୃଷ୍ଟିର ସରକାରି ସମ୍ବାଦରୁ ଜଣାଯାଏ ଯେ ମାନ୍ଦ୍ରାଜ ଓ ମହିସୂରରେ ବୃଷ୍ଟି ହୋଇ ଫସଲର ଅବସ୍ଥା କିଛି ଭଲ ହୋଇଅଛି । ଦାକ୍ଷିଣାତ୍ୟ ଓ ବମ୍ବେଇରେ ପ୍ରାୟ ଊଣା ଅଧିକ ସର୍ବତ୍ରରେ ବୃଷ୍ଟି ହୋଇଅଛି ମାତ୍ର ଅଧିକାଂଶ ସ୍ଥଳରେ ଅଧିକ ବୃଷ୍ଟିର ଲୋଡା ଅଛି । ଗୁଜରାଟରେ ବର୍ଷା ଅତ୍ୟଳ୍ପ ଓ ଗଛସବୁ ଶୁଖି ଯାଉଅଛି । ମଧ୍ୟପ୍ରଦେଶ ଓ ବିରାରରେ ଖରିଫ ଫସଲର ଅବସ୍ଥା ଉତ୍ତମ । ମଧ୍ୟ ଭାରତବର୍ଷର ଅବସ୍ଥା ଭଲ କେବଳ ଗୁଆଲିଅରରେ ଊଣା ଅଛି । ବଙ୍ଗଦେଶ ଓ ଆସାମରେ ବୃଷ୍ଟି ଊଣା ମାତ୍ର ଫସଲର ଅବସ୍ଥା ଭଲ । କେବଳ ଧୁଆ ସକାଶେ ବିଶେଷ ପ୍ରୟୋଜନ । ଉତ୍ତର ପଶ୍ଚିମ ଓ ଅଯୋଧ୍ୟାର ପୂର୍ବାଞ୍ଚଳରେ ଭଲ ବୃଷ୍ଟି ହୋଇଅଛି ମାତ୍ର ପଶ୍ଚିମ ଦିଗରେ କ୍ଷେତ ଶୁଖି ଯାଉଅଛି । ସର୍ବତ୍ରରେ ବୃଷ୍ଟିର ବିଶେଷ ପ୍ରୟୋଜନ ହୋଇଅଛି ।

---

ଆମ୍ଭେମାନେ ଦୁଃଖର ସହିତ ଅବଗତହେଲୁଁ ଯେ ଉତ୍କଳଦର୍ପଣର ସମ୍ପାଦକଙ୍କ ନାମରେ ବାବୁ ରାମାଚରଣ ପ୍ରାମାଣିକ ସବ୍‌ଇଞ୍ଜିନିୟର ଅପବାଦର ନାଲିଶ କରିଅଛନ୍ତି । ଚଳିତ ମାସ ତା ୧୭ ରଖରେ ଉପସ୍ଥିତ ହେବା କାରଣ ମୁଦାଲା ଉପରେ ସମନ ହୋଇଥିଲା । ବାଲିଯାତ୍ରା ସଡ଼କ ସମ୍ପର୍କରେ ଉତ୍କଳଦର୍ପଣରେ ଯାହା ଲେଖା ହୋଇଥିଲା ତହିଁରୁ ଏ ମାମଲା ଉଠିଅଛି । ଏ ପକ୍ଷେ ମୋକଦ୍ଦମାର ବିସ୍ତାରିତ ଅବସ୍ଥା ଜଣାଗଲାରୁ ଲେଖିବୁଁ । ସମ୍ପ୍ରତି ଆମ୍ଭମାନଙ୍କର ଅନୁରୋଧ ଏହି ଯେ ସମ୍ପାଦକଙ୍କ ଲେଖା ଯଥାର୍ଥ ଥିଲେ ସେ ଅଞ୍ଚଳର ବିଦ୍ୱାନ୍ ଓ ଭଦ୍ରଲୋକମାନେ ଏ ସମୟରେ ସମ୍ପାଦକଙ୍କର ସହାୟ ହେବେ । ଯେମନ୍ତ କି ସାଧାରଣ ହିତ କରିବାକୁ ଯାଇ ସର୍ବସାଧାରଣଙ୍କ ସାହାଯ୍ୟ ବିନା ତାହାଙ୍କର କୌଣସି କଷ୍ଟ ନ ହୁଅଇ ସେପରି ହେଲେ ବଡ଼ କଲଙ୍କର କଥା ହେବ ।

---

ଖ୍ରୀଷ୍ଟୀୟାନ ସ୍କୁଲର ସାହାଯ୍ୟ ସକାଶେ ମେଓ ଫଣ୍ଡରୁ ଟଙ୍କା ଦେବା ବିଷୟ ପର୍ବେ ପାଠକମାନଙ୍କୁ ଜଣାଇଥିଲୁଁ । ଯଦିଓ କମିଶନର ସାହେବ ଓ ଅନ୍ୟ କେତେକ କ୍ଷମତାପନ୍ନ ସଭ୍ୟ କଲେକ୍ଟର ସାହେବଙ୍କ ଆପତ୍ତି ଅଗ୍ରାହ୍ୟ କରିଥିଲେ ତଥାଚ ତାଙ୍କ ମନ ମାନିଲା ନାହିଁ, ସେ ପୂର୍ବ କମିଟୀର ମୀମାଂସାକୁ ପୁନର୍ବିଚାର କରିବା ସକାଶେ ଏକ ବିଶେଷ ସଭା ଆହୂତ କଲେ । ଗତ ବୁଧବାର ଦିନ କମିଟୀଙ୍କ ଅଧିବେଶନ ହୋଇ ଉକ୍ତ ବିଷୟର ବିଚାର ହେଲା । ଏ ସଭାରେ ଅନେକ ସଭ୍ୟ ଉପସ୍ଥିତ ଥିଲେ ମାତ୍ର କମିଶନର ସାହେବ ସଭାକୁ ଆସିଲେ ନାହିଁ ତାଙ୍କ ଅପେକ୍ଷା ନ ରଖି କାର୍ଯ୍ୟାରମ୍ଭ ହେଲା । ମେଓଫଣ୍ଡର ଉଦ୍ଦେଶ୍ୟ ଇତ୍ୟାଦି ଆମ୍ଭେମାନେ ଯେପ୍ରକାର ପୂର୍ବେ ଲେଖିଥିଲୁଁ ସେହିପରି କଲେକ୍ଟର ସାହେବ ସଭାରେ ଉତ୍ତମରୂପେ ବୁଝାଇ ଦେଲେ ତହୁଁ ସମସ୍ତେ ଏକମତ ହୋଇ ମାନିଲେ ଯେ ଖ୍ରୀଷ୍ଟୀୟାନ ସ୍କୁଲକୁ ଟଙ୍କା ଦେବାର ଅନ୍ୟାୟ ହୋଇଅଛି । ବିଜଲି ସାହେବ ପ୍ରସ୍ତାବ କଲେ ଯେ ଗତ ସଭାରେ କେବଳ ଏ ବର୍ଷ ଶେଷ ପର୍ଯ୍ୟନ୍ତ ମେଓଫଣ୍ଡରୁ ସାହାଯ୍ୟଦାନ ହୋଇଅଛି ବର୍ଷ ଶେଷକୁ ବାକି ଆଠମାସ ରହିଲା ଏ ଆଠମାସ ସାହାଯ୍ୟ ଦିଆଯାଉ । ପୂର୍ବେ ଏ ଫଣ୍ଡରୁ ତକସାବିଦ୍ୟାଳୟକୁ କିଛି ସାହାଯ୍ୟ ଦିଆ ହୋଇଥିଲା ବର୍ତ୍ତମାନ ଖ୍ରୀଷ୍ଟୀୟାନସ୍କୁଲକୁ ଆଠମାସ ସାହାଯ୍ୟ ଦେଲେ ତାଦୃଶ ଦୋଷ ନାହିଁ । ଭବିଷ୍ୟତରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଉକ୍ତ ଫଣ୍ଡର ଉଦ୍ଦେଶ୍ୟ ଭିନ୍ନ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟୟ ହେବ ନାହିଁ । ତହୁଁ ଏହି ପ୍ରସ୍ତାବ ଧାର୍ଯ୍ୟ ହେଲା । ଯାହା ହେଉ କଲେକ୍ଟର ବିଡନ ସାହେବଙ୍କ ସକାଶୁଁ ମେଓଫଣ୍ଡର ଅପବ୍ୟୟ ଭବିଷ୍ୟତରୁ ବନ୍ଦ ହେଲା । ଏଥିପାଇଁ ତାଙ୍କୁ ପ୍ରଶଂସା କରୁଅଛୁଁ ଓ ଧନ୍ୟବାଦ ଦେଉଅଛୁଁ । ମାତ୍ର ଥରେ ଅନ୍ୟାୟ ହୋଇଅଛି ବୋଲି ଆଉ ଆଠମାସ ଅନ୍ୟାୟ କରିବାକୁ ହେବ ଏ ଯୁକ୍ତିକି ଆମ୍ଭେମାନେ ନ୍ୟାୟସଙ୍ଗତ କହି ନ ପାରୁଁ ।

---

## ବାଲେଶ୍ୱର ମିଉନିସିପାଲଟୀ

ବାଲେଶ୍ୱର ମିଉନିସିପାଲିଟିର ଆୟ ବ୍ୟୟ ହିସାବମାନ ଗତମାସ ତା ୨୬ ଋଖର ଓଡ଼ିଆ ଗେଜେଟରେ ପ୍ରକାଶିତ ହୋଇଅଛି । ତହିଁରୁ ଦେଖାଯାଏ ଯେ ସନ ୧୮୭୬।୭୭ ସାଲରେ ଟ ୭୨୬୪।୯ ଜମା ଧାର୍ଯ୍ୟ ହୋଇଥିଲା ପୂର୍ବ ସନର ବାକି ଟ ୧୦୭୪/ ଥିଲା ମୋଟ ପାଉଣା ଟ ୮୦୩୨।୧ ମଧ୍ୟରୁ ବର୍ଷ ମଧ୍ୟରେ କେବଳ ଟ ୬୨୯୮୭।୧ ଉସୁଲ ହୋଇଥିଲା ଟ ୩୩୭।୯ ଗଏରଯାଇ ଥିବାରୁ ମାଫ ଦିଆଗଲା ଓ ଟ ୨୭୦୬।୯ ବର୍ଷ ଶେଷରେ ଉସୁଲ ହେବାକୁ ବାକି ରହିଲା । ଟାକ୍ସ ଅଗ୍ରିମ ଆଦାୟ ହେବାର କଥା ଏଥକୁ ଆଠହଜାର ଟଙ୍କାରେ ଏକହଜାର ଟଙ୍କା ବାକି ଓ ଗଏରଯାଇ ହେବାରେ ଟାକ୍ସ ବନ୍ଦୋବସ୍ତ ଓ ଉସୁଲ ରୀତିର ସୁନ୍ଦର ପରିଚୟ ପ୍ରାପ୍ତ ହେଉଅଛି । ଏହା ଦେଖି ଲୋକେ କାହିଁକି ଚଳିତବର୍ଷର ଅଧିକା ବନ୍ଦୋବସ୍ତ ଓ ଦାରୋଗାର ବେତନ ବୃଦ୍ଧିରେ ଅସନ୍ତୁଷ୍ଟ ନ ହେବେ ? ବୋଧ ହୁଏଇ ଗତବର୍ଷ ଦାରୋଗା ଉସୁଲ କରି ନ ପାରିବାରୁ ତାହାକୁ ବଳିଷ୍ଠ କରିବା ସକାଶେ ଅଧିକା ବେତନ ଓ ଜଣେ ମୋହରର ମଦତ ଦିଆଗଲା ?

ସନ ୧୮୭୬।୭୭ ସାଲରେ ଜରିମାନା ଫୀସ ଇତ୍ୟାଦି ସହିତ ଟ ୭୦୬୬।୯ ଉସୁଲ ହୋଇଥିଲା ତହିଁମଧ୍ୟରୁ ଟ ୫୩୭୬୭ ଖର୍ଚ୍ଚ ଯାଇ ଅବଶିଷ୍ଟ ଟଙ୍କା ଫଣ୍ଡରେ ଜମା ରହିଅଛି । ଖର୍ଚ୍ଚର ବିବରଣ ଏହିପରି ଅଟଇ । ଯଥା,—

| | |
|---|---|
| ପୁଲିସ | ଟ ୧୯୯୯ |
| ନଗର ପରିଷ୍କାର | ଟ ୭୫୮ |
| ଟାକ୍ସ ଆଦାୟ ଓ ସଦରସିରସ୍ତା | ଟ ୭୯୨ |
| ସଡ଼କନିର୍ମାଣ ବା ମରାମତ | ଟ ୧୪୮୨ |
| ଡାକ୍ତରଖାନା ସାହାଯ୍ୟ | ଟ ୨୦୦ |
| ଫାରମ ଛପା | ଟ ୧୪୫ |

ଆଉସବୁ ବାଜେଖରଚ ଅଟଇ ।

ଚଳିତବର୍ଷ ଅର୍ଥାତ୍ ସନ ୧୮୭୭।୭୮ ସାଲ ସକାଶେ ଟ ୭୨୨୬ଟଙ୍କା ଟାକ୍ସ ବନ୍ଦୋବସ୍ତ ହୋଇଅଛି ଓ ଏବର୍ଷ ସକାଶେ ଖର୍ଚ୍ଚର ଇଷ୍ଟିମିଟ ନିମ୍ନଲିଖିତପ୍ରକାର ଅଟଇ ଯଥା—

| | |
|---|---|
| ପୁଲିସ | ଟ ୨୨୩୬ |
| ନଗର ପରିଷ୍କାର | ଟ ୮୦୩ |
| ଟାକ୍ସ ଆଦାୟ ଓ ସଦରସିରସ୍ତା | ଟ ୧୦୫୬ |
| ସଡ଼କ ନିର୍ମାଣ ଓ ମରାମତ | ଟ ୨୦୪୦ |
| ଡାକ୍ତରଖାନା ସାହାଯ୍ୟ | ଟ ୩୦୦ |
| ଫାରମଛପା ଖର୍ଚ୍ଚ | ଟ ୨୦୦ |
| ଗଏରଯାଇ ଅନୁମାନିକ | ଟ ୩୦୦ |
| ବାଜେଖରଚ | ଟ ୧୩୦ |
| | ଟ ୭୦୬୫ |

ଟାକ୍ସ ଆଦାୟ ଓ ସଦରସିରସ୍ତା ଖରଚ ଟ୧୦୫୬ଟଙ୍କା ସ୍ଥିର ହୋଇଅଛି । ଏଥିମଧ୍ୟରେ ସଦରରେ ଏକଜଣ କିରାଣି ମାସକୁ ଟ ୧୦୲ଙ୍କା ଏବଂ ଉସୁଲ ଇତ୍ୟାଦି କାର୍ଯ୍ୟରେ ଦାରୋଗା ଟ୪୦୲ ମୋହରର ଟ ୧୮୲ ଦୁଇଜଣ ଦଫାଦାର ଟ୧୬୲ ଏବଂ ଦୁଇଜଣ ଚପରାସି ଟ ୧୦୲ଙ୍କା ।

ସାତହଜାର ଟଙ୍କା ଉସୁଲ ସକାଶେ ଏ ମହଲୁମାଟି ଅବଶ୍ୟ ଭାରି ଅଟଇ ଏବଂ ସଦରକିରାଣିକୁ ମାସକୁ ଟ ୧୦୲ ଙ୍କା ଦେବା ସ୍ଥଳେ ଦାରୋଗାକୁ ଟ ୪୦୲ଙ୍କା ବେତନ ଦେବା ଅତ୍ୟନ୍ତ ଅନ୍ୟାୟ ଅଟଇ । କଟକର ଦାରୋଗା ଷୋଳହଜାର ଟଙ୍କା ଉସୁଲ କରେ ଏହାର ବେତନ ମାସକୁ ଟ୩୦୲ଙ୍କା । ଏଠାରେ ଦାରୋଗାର ବେତନ ଟ ୫୦ ଟଙ୍କା ହେଲେ କାହାର ଆପତ୍ତି ହେବ ନାହିଁ ମାତ୍ର ବାଲେଶ୍ୱର ସକାଶେ ଟ ୩୦୲ ଦାରୋଗାର ବେତନ ଯଥେଷ୍ଟ ହୋଇଥାନ୍ତା । ଏବିଷୟରେ ଟାକ୍ସଦାୟକଙ୍କର ଆପତ୍ତି ଆମ୍ଭେମାନେ ଅଯଥାର୍ଥ କହି ନ ପାରୁଁ ।

ଡାକ୍ତରଖାନା ସକାଶେ ତିନିଶତ ଟଙ୍କା ସାହାଯ୍ୟ ଦାନକୁ ଅଧିକ ବୋଲଯାଇ ନ ପାରେ ତେବେ ଟାକ୍ସଦାୟକମାନେ ଯେ ଆପତ୍ତି କରନ୍ତି ତହିଁର ଭାବ ଏହି ବୋଧ ହେଉଅଛି କି ଯେବେ ଏକବ୍ୟକ୍ତି ବଦାନ୍ୟତାପୂର୍ବକ ନଗରରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ କରି ଦେଲେ ତେବେ ସାଧାରଣ ଟାକ୍ସରୁ ତହିଁରେ କିଛି ବ୍ୟୟ କରିବାର ପ୍ରୟୋଜନ କି ? ସେ କି ଅତି ଦୂର ତିନିଶତ ଟଙ୍କା ବର୍ଷରେ ଏଥିପାଇଁ ଖର୍ଚ୍ଚ କରି ନ ପାରନ୍ତି !

---

## ମାନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟସକାଶେ ପ୍ରାର୍ଥନା ।

ମାନ୍ଦ୍ରାଜର ଦୁର୍ଭିକ୍ଷ କ୍ରମଶଃ ଭୀଷଣମୂର୍ତ୍ତି ଧାରଣ କଲା ଅନ୍ନ ରକ୍ଷାର ଉପାୟ ଦିଶୁନାହିଁ । ଗବର୍ଣ୍ଣମେଣ୍ଟ ଯଥାସାଧ୍ୟ ସାହାଯ୍ୟର ଉପାୟମାନ କରୁଅଛନ୍ତି ତଥାପି ତାହା ଯଥେଷ୍ଟ ହେଉ ନାହିଁ । ସର୍ବସାଧାରଣଙ୍କଠାରୁ ଚାନ୍ଦା ଗ୍ରହଣ କରି ଦୁର୍ଭିକ୍ଷ ପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ ଦେବାର ନିତାନ୍ତ କର୍ତ୍ତବ୍ୟ ବିବେଚନା ହୋଇଅଛି । ଏଥିପାଇଁ ଚଳିତ ମାସ ତା ୭ ଋଖରେ ଗୋଟିଏ ବୃହତ୍ ସଭା ମାନ୍ଦ୍ରାଜରେ ହୋଇଥିଲା । ମାନ୍ଦ୍ରାଜର ଗବର୍ଣ୍ଣର ସାହେବ ସଭାପତି ହୋଇଥିଲେ । ନାନାସ୍ଥାନରୁ ଚାନ୍ଦା ସଂଗ୍ରହ କରିବା ସକାଶେ ଲଣ୍ଡନ ଡବଲିନ ଓ ଏଡିନବର୍ଗ ନଗରମାନଙ୍କର ଲର୍ଡ ମେୟରଙ୍କ ନିକଟକୁ ଏବଂ ଭାରତବର୍ଷର ନାନାସ୍ଥାନକୁ ତାରଯୋଗେ ସମ୍ବାଦ ଦିଆ ଏବଂ ଭାରତବର୍ଷର ସମସ୍ତ ସମ୍ବାଦ ପତ୍ରିକାର ଅଧିକାରୀମାନଙ୍କୁ ଏ ବିଷୟରେ ଯତ୍ନ କରିବା ପାଇଁ ଅନୁରୋଧ କରିବାର ସ୍ଥିର ହୋଇଅଛି ଦୁର୍ଭିକ୍ଷଟି ବେଳକୁବେଳ ଯେମନ୍ତ ଭୟଙ୍କର ହେଉଅଛି ତହିଁର ପରିଚୟ ପାଠକମାନେ ଏ ପତ୍ରିକାରୁ ପାଇ ଆସୁଅଛନ୍ତି । ସଭାରେ ମହାମାନ୍ୟ ଗବର୍ଣ୍ଣର ସାହେବ ବ୍ୟକ୍ତ କଲେ ଯେ ଗତ ମା ୬ ସ ରେ ପାଞ୍ଚଲକ୍ଷଲୋକ ଦୁର୍ଭିକ୍ଷରେ ମରି ପଡ଼ିଅଛନ୍ତି ଓ ବର୍ତ୍ତମାନ ପନ୍ଦରଲକ୍ଷ ଲୋକ ସାହାଯ୍ୟ ପାଉଅଛନ୍ତି । ଏମାନଙ୍କ ସଂଖ୍ୟା ବୃଦ୍ଧି ହେଉଅଛି ଊଣା ହେବାର ନାହିଁ । ସମ୍ବାଦପତ୍ରମାନଙ୍କରୁ ଜଣା ଯାଏ ଯେ ଚାଉଳର ଦର ସ୍ଥାନବିଶେଷରେ ସେ ୩ ଋଠାରୁ ସେ ୫ ର ପର୍ଯ୍ୟନ୍ତ ହୋଇଅଛି । ଖର୍ଚ୍ଚ ସକାଶେ ଯେତେ ଚାଉଳ ପ୍ରତିଦିନ ପ୍ରୟୋଜନ ତାହା ରେଲଗାଡ଼ି ବହିଆଣିବାକୁ ଅସମର୍ଥ । ଲୋକମାନେ ଘରର ଦ୍ରବ୍ୟ ଓ ଅଳଙ୍କାରାଦି ବିକି ଖାଇଲେଣି । କ୍ଷୁଧା ଆତୁରରେ ସ୍ତ୍ରୀମାନେ ବିନାମୂଲ୍ୟ ଅଥବା ଅଳ୍ପ ମୂଲ୍ୟରେ ଆପଣା ପିଲାଙ୍କୁ ଅନ୍ୟକୁ ଯାଚିବୁଲିଲେ ସୁଦ୍ଧା କେହି ନେବାକୁ ସମର୍ଥ ନାହାନ୍ତି । ଏପରି ବିଷମ କାଳ ଆଉ କେବେ ଦେଖା ନ ଥିଲା ଓ ଏ ସମସ୍ତ ଦେଖିଶୁଣି କେଉଁ ମନୁଷ୍ୟ ନିଶ୍ଚିନ୍ତ ହୋଇ ରହିବ । ଓଡ଼ିଶାର ଦୁର୍ଭିକ୍ଷ କେତେ କେତେ ସ୍ଥାନରୁ କେତେ ଟଙ୍କା ସାହାଯ୍ୟ

Digitized by srujanika@gmail.com

Split by PDF Splitter



ସକାଶେ ଲୋକେ ଦାନ କରୁଥିଲେ । ବର୍ତ୍ତମାନ ଓଡ଼ିଶାର ରଜା ମହାଜନ ଓ ଜମିଦାରମାନେ ଆନନ୍ଦରେ ଅଛନ୍ତି ବରଂ ମାନ୍ଦ୍ରାଜର ଦୁର୍ଭିକ୍ଷ ହେତୁରୁ ଅଧିକା ପଣେ ଲାଭ କରୁ ଅଛନ୍ତି । ତହିଁରୁ କିଛି ସାହାଯ୍ୟ ଦେଲେ ଅସଂଖ୍ୟ ଅନେକ ମହାପ୍ରାଣୀ ବଞ୍ଚିପିବେ । ଫଳତଃ ଯେପରି କଠିନ କାଳ ହୋଇଅଛି ତାହା ସମ୍ପୂର୍ଣ୍ଣରୂପେ ସାହାଯ୍ୟ ଦାନଦ୍ୱାରା ନିବାରଣ ହେବାର ସନ୍ଦେହ ଏଥିରୁ ରକ୍ଷା କର୍ତ୍ତା ଏକମାତ୍ର ଈଶ୍ୱର ଅଟନ୍ତି । ତେବେ ଯାହାର ଯେମନ୍ତ ସାମର୍ଥ୍ୟ ସେଯେବେ ତହିଁକି ଗୃହିଁ କିଛି ଦାନ କରିବ ଅନ୍ତତଃ ତହିଁରେ କେତେଗୁଡିଏ ଲୋକଙ୍କର ଉପକାର ହେବ । ଅମୂର ସ୍ୱଦେଶୀୟ ଭ୍ରାତା ଅନ୍ନକଷ୍ଟରେ ମରଣାପନ୍ନ ହେବାର ଆମ୍ଭେ ଦେଖୁଅଛୁଁ ଓ ଆମ୍ଭେ ନିଶ୍ଚିନ୍ତ ହୋଇ ଆହାର କରୁଅଛୁଁ ଏହାଠାରୁ ନିଷ୍ଠୁର କାର୍ଯ୍ୟ କି ଅଛି । ଯେବେ ଆମ୍ଭେମାନେ ଏ କାଳରେ କିଛି ନ କରୁଁ ତେବେ ଆମ୍ଭମାନଙ୍କର ମନୁଷ୍ୟତା ପ୍ରତି କଳଙ୍କ ହେବ କୋହଲେ ତାହାଙ୍କ କପାଳରେ ଯାହାଅଛି ସେମାନେତ ତାହା ଭୁଞ୍ଜିବେ ତହିଁକି ଆମ୍ଭର କାହାର ? ଅତଏବ ଆମ୍ଭେମାନେ ସମସ୍ତଙ୍କୁ ଅନୁରୋଧ କରୁଅଛୁଁ ଯେ ଶୀଘ୍ର ଗୋଟିଏ ସଭା କରି ଚେଦାସଂଗ୍ରହର ବ୍ୟବସ୍ଥା କରନ୍ତୁ ।

ଏ ସ୍ଥଳେ ବୋଲିବାର ଆବଶ୍ୟକ ଯେ କଣିଶ୍ରେୟା ଓ ଦୁଃସ୍ଥମାନେ ମାନ୍ଦ୍ରାଜ ଦୁର୍ଭିକ୍ଷହେତୁ ଟଙ୍କାକୁ ସେ ୧୦ ର ଚାଉଳ କିଣି ଅତିକଷ୍ଟରେ ନିର୍ବାହ ହେବାଦ୍ୱାରା ଆପଣାର ଚେଦା ଦେଲେଣି ସେମାନଙ୍କୁ ଆଉ କିଛି କହିବାର ନାହିଁ ବରଂ ଏହି ସ୍ଥାନରେ କେତେ ଲୋକ ସାହାଯ୍ୟ ପାଇବାର ଉପଯୁକ୍ତ ହୋଇଅଛନ୍ତି ସେମାନଙ୍କ ପ୍ରତି ମଧ୍ୟ ଦୃଷ୍ଟି କରିବାର ଉଚିତ ଅତଏବ କେବଳ ଧନାଢ୍ୟମାନଙ୍କ ବ୍ୟତୀତେ ଅନ୍ୟ କାହାରିକୁ ମାନ୍ଦ୍ରାଜ ସକାଶେ ଚେଦା ଦେବାକୁ ସକ୍ଷମ ଦେଖୁ ନାହୁଁ ଅତଏବ ସେହିମାନଙ୍କୁ ଆମ୍ଭେମାନେ ବିଶେଷରୂପେ ଅନୁରୋଧ କରୁଅଛୁଁ ।

---

ମୟୂରଭଞ୍ଜରୁ ଏକବ୍ୟକ୍ତି ଲେଖିଅଛନ୍ତି କି ମୋରଭଞ୍ଜ ଇଲକା ନଜଗଡ଼ ବାରପଦା ରାଜଧାନୀରୁ ବାଲେଶ୍ୱର ମୁକାମ ତକ ଶ୍ରୀ ମହାରାଜା ଗୋଟିଏ ଉତ୍ତମ ପକ୍କା ସଡ଼କ ପ୍ରସ୍ତୁତ କରାଇଅଛନ୍ତି ସଡ଼କଟି ମହାରାଜାଙ୍କର ରାଜବାଟି ଠାରୁ ଫୁଲର ଘାଟ ପର୍ଯ୍ୟନ୍ତ ମା ୩୨ ଇଲ ମହାରାଜା ବାଲେଶ୍ୱରକୁ ବଗିଡ଼ାକରେ ୫ ୪ ଘଣ୍ଟାରେ ଗତାୟାତ କରୁଅଛନ୍ତି ଏପର ଗୋ ୨୦।୨୫ ଟି ପକ୍କାର ପୁଲ ମଧ୍ୟ ନିର୍ମିତ ହୋଇ ପ୍ରସ୍ତୁତ ହେଲାଣି । ବାରପଦା ବଜାରରେ ଗଳି ୨ ସଡ଼କ କରାଉଅଛନ୍ତି ସେ ଗଳିମାନଙ୍କରେ ବଗି ଅକ୍ଳେଶରେ ଗତାୟାତ କରୁଅଛି । ଆଉ ଏକ ଗୁଲାପବଗିଚ୍ଚ ପ୍ରସ୍ତୁତ କରାଇ ସେଥିରେ ଅନେକପ୍ରକାର ଦେଶୀୟ ଓ ଇଂରେଜୀ ଫଳ ଫୁଲ ଗଛ ଲଗାଇ ଅଛନ୍ତି ଏ ବଗିଚ୍ଚରେ ଗୋଟିଏ ପକ୍କାର ବୈଠକଖାନା ତିଆର କରାଇଅଛନ୍ତି ଏଥିରେ ଅନୁମାନ ୮୦୦୦ କି ୧୦୦୦୦ଟଙ୍କା ଖରଚ ଲାଗିଥିବ । ଏଛଡ଼ା ୩୦୦୦ କି ୪୦୦୦ ଟଙ୍କାରେ ଗୋଟିଏ ପକ୍କା ଡାକ୍ତରଖାନା ନିର୍ମାଣ ହେଉଅଛି ଏବଂ ପକ୍କା ସ୍କୁଲଘରର ନିଁୟ ପ୍ରସ୍ତୁତ ହୋଇ କାନ୍ଥ ଉଠୁଅଛି ବରଷା କମେ ହେଉଅଛି ଚାଉଳର ଭାଉ ସେ ୩୨ ର ହୋଇଅଛି ।

---

# ସାପ୍ତାହିକସଂବାଦ ।

ଗତମାସର ନଦୀବଢିରେ ଯାଜପୁର ସବ୍‌ଡିବିଜନରେ ୮୦୮ ଘର ଭଗ୍ନ ହୋଇଅଛି ।

ଆମ୍ଭେମାନଙ୍କର ନୂତନ କଲେକ୍ଟର ଶ୍ରୀଯୁତ ବିଡନ୍ ସାହେବ ଦେଶୀୟ ଭଦ୍ରଲୋକଙ୍କ ସହିତ ଯେପରି ସଦ୍ଭାବ କରିବାକୁ ଆରମ୍ଭ କରିଅଛନ୍ତି ଓଡ଼ିଶାର କୌଣସି ହାକିମ ପ୍ରାୟ ସେପରି କରି ନାହାନ୍ତି । ଗତ ସପ୍ତାହରେ ସେ ଦେଶୀୟ ଭଦ୍ରଲୋକଙ୍କୁ ଆପଣା କୋଠିଠାକୁ ଆମନ୍ତ୍ରଣ କରିଥିଲେ । ବୈଠକଟି କି ପ୍ରକାର ହୋଇଥିଲା ଏ ପଛେ ଜଣାଇବୁଁ ।

ଗତ ପୂର୍ବ ଶୁକ୍ରବାର ରାତ୍ରରେ ଜେଲଗାର୍ଦ୍ଦର ଜଣେ କନଷ୍ଟବଲର ପ୍ରାୟ ଟ ୧୨୦୯ ଙ୍କା ଚୋରି ଯାଇଅଛି । କନଷ୍ଟବଲର ବାକ୍ସ ଗାର୍ଦ୍ଦଘରେ ଥିଲା ସେହିଠାରୁ ଚୋରି ଗଲା । ଏଠାରେ ସବାନ୍ଧ ଜଣେ କନଷ୍ଟବଲ ପହରା ଦେଉଥାଏ । ଏଅନ୍ତାରୁ କି ଏ ନିଗ୍ରପଦରେ ରହି ପାରେ ?

ଏସପ୍ତାହରେ ତୁର୍କରୁଷ ଯୁଦ୍ଧ ସମ୍ପର୍କରେ ଯେସବ ସମ୍ବାଦ ଆସିଅଛି ତହିଁରୁ କୌଣସି ଭାରି ଲଢାଇ ହୋଇଥିବାର ପ୍ରକାଶ ପାଇ ନାହିଁ । ଦୁଇଏକ ସାମାନ୍ୟ ଲଢାଇ ହୋଇଥିଲା ଓ ତହିଁରେ ରୁଷୀୟମାନେ ପରାଭବ ପାଇଅଛନ୍ତି ।

ଶ୍ରୀଯୁକ୍ତ ଫେବର ସାହେବ ଏଥିମଧ୍ୟରେ ଦ୍ୱିତୀୟଶ୍ରେଣୀର ଜଏଣ୍ଟମାଜିଷ୍ଟ୍ରେଟ ପଦରେ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି । ତଥାଚ ଶୁହାର ଶୁଣାଯାଏ ଯେ ସିଭିଲୟାନମାନେ ଶୀଘ୍ର ପଦୋନ୍ନତ ପାଆନ୍ତି ନାହିଁ !

ଶ୍ରୀଯୁକ୍ତ ଟଏନବୀସାହେବ କିଛିକାଳ ନିମିତ୍ତ ପାଟନାର ଏକ୍ଟିଂ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱରର କଲେକ୍ଟର ଆଗାମି ତା ୧ ରଖଠାରୁ ଏକମାସର ଛୁଟୀ ପାଇଅଛନ୍ତି । ଶ୍ରୀଯୁକ୍ତ ଗନ୍‌ସାହେବ ଏହାଙ୍କ ପଦରେ ଏକ୍ଟିଂ ରହିବେ ।

ପୁରୀର ବସାଘର ଟାକ୍ସଫଣ୍ଡର ଅବସ୍ଥା ଓଡ଼ିଶାର ସବୁ ମିଉନିସିପାଲ ଫଣ୍ଡଠାରୁ ଭଲ ଦେଖାଯାଏ । ଗତ ଜୁନମାସ ଶେଷରେ ଉକ୍ତ ଫଣ୍ଡରେ ଟ ୨୫୫୩୯ ସଞ୍ଚିତ ଥିଲା । ସେହି ମାସରେ ଟ ୨୩୩୨ ଆମଦାନୀ ଏବଂ ଟ ୨୩୭୦ ଙ୍କା ଖର୍ଚ୍ଚ ହୋଇଥିଲା । ନଗର ପରିଷ୍କାର କାର୍ଯ୍ୟର ଉତ୍ତମ ବନ୍ଦୋବସ୍ତ ହୋଇଥିବାର ଦେଖାଯାଏ ତଥାଚ ଏତେ ଟଙ୍କା ଜମା ରଖିବାଠାରୁ ଆମ୍ଭମାନଙ୍କ ବିବେଚନାରେ ନିକଟବର୍ତ୍ତୀ ଚଟିଘରମାନଙ୍କ ସଂସ୍କାର ନିମିତ୍ତରେ ଏ ଟଙ୍କାରୁ କିଛି ବ୍ୟୟ କଲେ ଭଲ ହୁଅନ୍ତା ।

ଶ୍ରୀଯୁକ୍ତ କମିଶନର ସାହେବ ଘୋଷଣା ଦେଇଅଛନ୍ତି କି ଓଡ଼ିଶା ସକାଶେ ଯେଉଁ ୧୦ ଗୋଟି ଯୁନିଅର ଛାତ୍ରବୃତ୍ତି ନିରୂପିତ ହୋଇଅଛି ତହିଁମଧ୍ୟରୁ ମାସିକ ଟ ୧୫ ଙ୍କା ମୂଲ୍ୟର ୪ଗୋଟି ବୃତ୍ତି ଓଡ଼ିଶାର ଛାତ୍ରମାନଙ୍କ ମଧ୍ୟରେ ଯେଉଁମାନେ ସର୍ବୋଚ୍ଚ ଅଙ୍କ ପାଇବେ ତାହାଙ୍କୁ ଦିଆଯିବ । ଅନ୍ୟ ୬ ଗୋଟି ଟ ୧୦ ଙ୍କା ମୂଲ୍ୟର ବୃତ୍ତି କଟକ ପୁରୀ ଓ ବାଲେଶ୍ୱରଜିଲ୍ଲାର ଛାତ୍ରମାନଙ୍କୁ ସମାନଭାଗ ଅର୍ଥାତ୍ ପ୍ରତ୍ୟେକଜିଲ୍ଲାକୁ ଗୋ ୨ ଟା ଲେଖାଏ ବାଣ୍ଟି ଦିଆଯିବ । ଏକ ଜିଲ୍ଲାର ଛାତ୍ରବୃତ୍ତି ସେ ଜିଲ୍ଲାରେ ଗୃହୀତ ନ ହେଲେ ଅପରଜିଲ୍ଲାର ଛାତ୍ର ତାହା ପାଇ ପାରିବ ।

ଗତମାସ ତା ୨୧ ରଖ ପର୍ଯ୍ୟନ୍ତ ମା ୨୬୪୭ ଣ ଜମି ନିମିତ୍ତ ଖରଫସଲ ପାଇ ନାଲକଲ ନେବାର କବୁଲିୟତ ହୋଇଥିଲା ଏଥି ପୂର୍ବ ବର୍ଷରେ ଏହିସମୟ ପର୍ଯ୍ୟନ୍ତ ମା ୨୯୭୦୪ ଣ ସକାଶେ କବୁଲିୟତ ହୋଇଥିଲା । ଏଥିରୁ ଦେଖାଯାଏ ଯେ ଏବର୍ଷ ବୃଷ୍ଟି ଏପର୍ଯ୍ୟନ୍ତ ଊଣା ଥିଲେହେଁ ଲୋକେ ଅଧିକ ଭୂମି ସକାଶେ ଜଳ ନେବାକୁ କବୁଲିୟତ କରିନାହାନ୍ତି ।

ଗତ ଜୁନମାସରେ ବାଲେଶ୍ୱର ବନ୍ଦରକୁ ଟ ୩୦୭୯୮୪ ଙ୍କା ମୂଲ୍ୟର ଦ୍ରବ୍ୟ ଆସିଥିଲା

Digitized by srujanika@gmail.com

Split by PDF Splitter



ଏଥିମଧ୍ୟରେ ନଗଦ ଟଙ୍କା ଟ ୮୧୦୭୫୯ ଙ୍କା ଉମ୍ବାଗୁ ଟ ୧୬୪୮୬୯ ଗରମମସଲା ଟ ୨୭୭୮୮୯ କପାସୂତା ଓ ଲୁଗା ଟ ୧୦୨୭୭୦୯ ଙ୍କା ଧାତୁ ଟ ୪୨୧୫୬୯ ଙ୍କା ଆଉସବୁ ସାମାନ୍ୟଦ୍ରବ୍ୟ ଅଟଇ ।

ଏହିମାସରେ ଏ ଜିଲ୍ଲାରୁ ଟ ୨୬୧୬୩୬୯ ଙ୍କାର ଦ୍ରବ୍ୟ ରପ୍ତାନି ହୋଇଥିଲା ଏଥିମଧ୍ୟରେ ଧାନ ଚାଉଳ ଟ ୧୪୩୪୨୧୯ ଙ୍କା ଧାନ ରୂପା ଟ ୫୧୦୭୪୯ ଆଉସବୁ ବାଙ୍କେରକମ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ଗତ ସପ୍ତାହରେ ବାଲେଶ୍ୱରରେ ସୁବୃଷ୍ଟି ହେବାରୁ କୃଷିକର୍ମ ଉତ୍ତମରୂପେ ଚାଲୁଅଛି ଓ କ୍ଷେତପକ୍ଷରେ ବର୍ତ୍ତମାନ କିଛି ଚିନ୍ତା ନାହିଁ ମାତ୍ର ଦୁର୍ମୂଲ୍ୟ ହେତୁରୁ ଦୁଃଖିଙ୍କର କଷ୍ଟର ସୀମା ନାହିଁ ଓ ବଣିକ୍ଷ୍ୟାମାନେ କୌଡ଼ି ଘେନି ବୁଲି ମୁଠା ଚାଉଳ ପାଉ ନାହାନ୍ତି ।

ଚୀନଦେଶରେ ଭାରି ଦୁର୍ଭିକ୍ଷ ହୋଇଅଛି ଅନାବୃଷ୍ଟି ଏଥିର କାରଣ ଅଟଇ । ଦୁର୍ଭିକ୍ଷ ସଙ୍ଗେ ସଙ୍ଗେ ମଡ଼କ ଉପସ୍ଥିତ ହୋଇଛି । ଏବର୍ଷଟା ପୃଥିବୀର ଚାରିଆଡ଼େ କେବଳ ଅମଙ୍ଗଳ ଫଳ ଦେଉଅଛି ।

ଲକ୍ଷ୍ନୌରେ ଏକବ୍ୟକ୍ତି ଆପଣା ମାତାକୁ ବଧ କରି ଫାଶୀ ପାଇଅଛି । ସ୍ୱଭାବ ମନ୍ଦ ହେଲେ କେତେଦୂରକୁ ଯାଏ ତହିଁର ସୀମା ସ୍ଥିର କରିବା ସହଜ ନୁହଇ ।

ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦଗ୍ରହଣ ଉପଲକ୍ଷରେ ଦୁଇ ଚାରିଲୋକଙ୍କୁ ଖାବିରସ୍ତୁବା ଦିଆଯାଉଅଛି ମାତ୍ର କେବଳ ପଞ୍ଜାବର ସରଦାରଙ୍କ ଭାଗ୍ୟରେ ତାହା ପଡ଼ୁଅଛି । କୌଣସି ପ୍ରଦେଶର ଲୋକ ପାଉନାହାନ୍ତି ।

ଇନ୍ଦୋରରେ ଗତମାସ ତା ୨୯ ଖରେ ଗୋଟିଏ ନୂତନପ୍ରକାରର ପୂଜା ହୋଇଥିଲା । ଉକ୍ତ ଦିନ ପ୍ରାତଃକାଳରେ ମହାରାଜା ଅଧ୍ୟକ୍ଷ ପରିବାରସ୍ୱଗଣ ଓ କର୍ମଚାରୀ ଏବଂ ପ୍ରଜାଙ୍କ ସଙ୍ଗେ ଘେନି ଗଡ଼ଠାରୁ ଏକକୋଶ ଅନ୍ତରରେ ଥିବା ବାନଗଙ୍ଗାନାମକ ସ୍ଥାନକୁ ବିଜେ କଲେ । ସେଠାରେ ଆଜ୍ଞା ହେଲା ଯେ କୌଣସି ଲୋକ ଭିନ୍ନଙ୍କର ଗୃହିବ ନାହିଁ ମାତ୍ର ସମସ୍ତେ ଏକ ଭଣ୍ଡାରୁ ଖାଇବେ । ପୁରୁଷ ସ୍ତ୍ରୀ ଓ ପିଲା ପ୍ରାୟ ୧୫୦୦୦ ସମବେତ ହୋଇଥିଲେ । ଭଲ ମହୋତ୍ସବ ଲାଗିଲା । ବର୍ଷା ହେବା କାରଣ ପୂଜା ଓ ପ୍ରାର୍ଥନା ହେଲା ଉତ୍ତାରୁ ମହାରାଜା ସ୍ୱହସ୍ତରେ ଲଙ୍ଗଳ ଧରି କିଛି ଭୂମି ଚାଷ କଲେ ଓ ମହାରାଣୀ ତାହାଙ୍କ ପାର୍ଶ୍ୱରେ ଖାଇବାପଦାର୍ଥ ନେଇ ଛିଡ଼ା ହୋଇଥିଲେ । ଏ ସବୁ କ୍ରିୟା ଶେଷ ହୁଅନ୍ତେ ଭଲ ଏକଅଣ୍ଡା ବର୍ଷା ହେଲା ଓ ଲୋକଙ୍କ ଆନନ୍ଦର ସୀମା ରହିଲା ନାହିଁ ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି ଯେ ଆୟ ବ୍ୟୟ ବୁଝିବାର ଭାର ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ବାଣ୍ଟିଦେବାର ନୂତନ ନିୟମାନୁସାରେ ଲେଫ୍ଟନାଣ୍ଟ ଗବର୍ଣ୍ଣର ବଡ଼ ଦାୟରେ ପଡ଼ିଅଛନ୍ତି । ସ୍ଥାନୀ ଖର୍ଚ୍ଚ ସରସମାନ କରିବା ଉଦ୍ଦେଶ୍ୟରେ ବିଚାର ଓ ଶାସନ କାର୍ଯ୍ୟ ମହକୁମାମାନ ପୁନର୍ବକ୍ତି କରିବାକୁ ମାନସ କରିଅଛନ୍ତି । ଅମଲାମାନେ ଶୁଣିବା ମାତ୍ରକେ ଶଙ୍କା କଲେଣି ଯେ ଏହା ଶତର ଦୃଷ୍ଟି ହେବ ଓ ଦୁଃଖ ନ ଦେଇ ଛାଡ଼ିବ ନାହିଁ ତେବେ ଗଳା କଟାଯିବ କି ପେଟ କଟାଯିବ ଏତିକି ଜାଣିବାର ବାକି ରହିଲା ।

କଥିତ ହୁଅଇ ଯେ ସନ ୧୮୫୨ ଓ ୭୭ ମଧ୍ୟରେ କେବଳ ଯୁଦ୍ଧରେ ସାଢ଼େ ଉଣେଇଶ ଲକ୍ଷ ଲୋକ ମରି ପଡ଼ିଅଛନ୍ତି ଓ ପ୍ରାୟ ଟ ୨୪, ୧୩,୦୦,୦୦,୦୦୦ ଙ୍କା ଖର୍ଚ୍ଚ ହୋଇଅଛି । ଯୁଦ୍ଧଠାରୁ ବଳକର ଉତ୍ପାତ ନାହିଁ । ଆଶ୍ଚର୍ଯ୍ୟର ବିଷୟ ଯେ ବର୍ତ୍ତମାନ କାଳରେ ଲୋକେ ଏତେ ନରହତ୍ୟା କରି ସଭ୍ୟ ବୋଲାଉଅଛନ୍ତି ।

କଲିକତା ନଗର ସିଆଲଦାରେ ହିନ୍ଦୁ ଆଶ୍ରମ ଓ କଲିକତା ସରାଇ ନାମରେ ଗୋଟିଏ ସ୍ଥାନ ନିର୍ମିତ ହୋଇଅଛି । କଲିକତା ନଗରରେ ଏପରି ଘର ନ ଥିବାରୁ ପ୍ରବାସିଙ୍କର ବଡ଼ କଷ୍ଟ ହେଉଥିଲା । ଏହା ଠିକ ଚଟିଘରପରି ହେଲା ।

ଫିଲ୍‌ଡ ସାହେବଙ୍କ ଅଧୀନ ଅମଲାମାନଙ୍କର ଘୂଷ ନେବା ଅସମ୍ଭବ ହୋଇଅଛି ଏ କଥା ପାଠକଙ୍କୁ ହାସ୍ୟାସ୍ପଦ ବୋଧ ହୋଇ ପାରେ ଏମନ୍ତ ଆମ୍ଭେମାନେ ଅନୁମାନ କରୁଁ କାରଣ ସମସ୍ତେ ଜାଣନ୍ତି ଯେ ସବୁ କଚେରିର ଅମଲମାନେ ଘୂଷ ଖଅନ୍ତି ଓ ତାହା ରହିତ ହେବା ଏକପ୍ରକାର ଅସମ୍ଭବ ଅଟଇ । ମାତ୍ର ପ୍ରକୃତରେ ତାହା ନୁହଇ । ଘୂଷ ନେବା ପ୍ରଥାଟି ଯେ ରହିତ ହେଉ ନାହିଁ ଏହା ଅଧିକାଂଶ ହାକିମମାନଙ୍କ ଅମନୋଯୋଗିତାରୁ ଅଟଇ । ହାକିମମାନେ କେବଳ କିସି ବିଚାର କରୁଥାନ୍ତି ସିରସ୍ତାଦଙ୍କୁ ଥରେ ଅନାନ୍ତି ନାହିଁ । ଯେବେ ସେଦିଗରେ ଦୃଷ୍ଟି ପଡ଼ୁଥାନ୍ତା ତେବେ କଦାଚ ଘୂଷ ନେବା ପ୍ରଥା ଏତେ ପ୍ରବଳ ରହନ୍ତା ନାହିଁ । ଏକଥା ଆମ୍ଭେମାନେ ପୁନଃ ପୁନଃ କହୁଅଛୁଁ ଓ ଶ୍ରୀଯୁକ୍ତ ବ୍ରାଉନ ସାହେବ ଜଜ ଓ ଟଏନବୀ ସାହେବ ଏକ୍‌ଟିଂ କଲେକ୍ଟରଙ୍କର ଏହା ଅନେକାଂଶରେ ସପ୍ରମାଣ କରି ଯାଇ ଅଛନ୍ତି ।

ବେହାର ହେରାଲଡ଼ରୁ ଜଣାଯାଏ ଯେ ଗୟା ରେଲସଡ଼କ ହେବା ବିଷୟ ସତ୍ୟ ହେଲା । ତହିଁର କାର୍ଯ୍ୟ ଆରମ୍ଭ ହେଲାଣି । ବାଙ୍କିପୁରଠାରୁ ଏ ସଡ଼କ ବାହାରିବ ।

ବମ୍ବେଇ ନଗରରେ ଦେଶୀୟ ଟୀକାପରିବର୍ତ୍ତରେ ଇଂରାଜୀ ଟୀକା ବଳଦ୍‌ବାଙ୍କ ପିଲାମାନଙ୍କ ଦେବା ବିଷୟର ଆଇନ ଚଳିତର ସେକ୍ରେଟରୀ ଅବ ଷ୍ଟେଟ ମଞ୍ଜୁର କରିଅଛନ୍ତି ଏଥିର ଅନାୟାସରେ ଅନ୍ୟାନ୍ୟ ନଗର ସକାଶେ ଏହିରୂପ ଆଇନ ହୋଇପାରିବ ।

କୌଣସି ଏକସ୍ଥାନକୁ ଡାକଯୋଗେ ଯେଉଁ ଚିଠି ପଠା ଯାଉଥାଏ ସେଠାରେ ଚିଠି ନେବା ବ୍ୟକ୍ତି ନ ଥାଇ ଅନ୍ୟ ସ୍ଥାନରେ ଥିଲେ ଉକ୍ତ ଚିଠି ସେ ସ୍ଥାନକୁ ପଠାଗଲେ ତହିଁ ଉପରେ ଆଉ ଥରେ ମାସୁଲ ଲାଗୁଅଛି । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସମ୍ପ୍ରତି ନିୟମ କରିଅଛନ୍ତି କି ଆଗାମୀ ଜାନୁଏରୀ ମାସଠାରୁ ଏପ୍ରକାର ଚିଠି ଉପରେ ଆଉ ମାସୁଲ ଗୃହୀତ ହେବ ନାହିଁ । ଏ ନିୟମଟି ବଡ଼ ସୁନ୍ଦର ହୋଇଅଛି ଏଥିରେ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ଅଳ୍ପ ମାତ୍ର ଲୋକଙ୍କ ସୁବିଧା ବିସ୍ତର ହେବ ।

ପାୟୋନିଅରରେ ଲେଖାଅଛି ଯେ ଗତ ମାସରେ ଉତ୍ତର ପଶ୍ଚିମ ପ୍ରଦେଶର କେତୋଟି ଗ୍ରାମରେ କାଦୁଅ ବୃଷ୍ଟି ହୋଇଥିଲେ । ଲୋକେ ତାହା ଦେଖି ଚମତ୍କାର ମଣିଥିଲେ । ବୋଧ ହୁଅଇ ଧୂଳିମିଶା ପବନ ସଙ୍ଗେ ସଙ୍ଗେ ବୃଷ୍ଟି ହେବାରେ ଏପରି ହୋଇଥିବ ।

ବିଜ୍ଞାପନ ।

ପାରସ୍ୟଭାଷାରେ ମହାକବି ସେଖସାଦି ସିରାଜିଙ୍କ ରଚିତ ଗୁଲିସ୍ତାନ୍ ନାମକ ପୁସ୍ତକର ପ୍ରଥମଭାଗ ଉତ୍କଳଭାଷାରେ ଗଦ୍ୟ ପଦ୍ୟରେ ଅନୁବାଦିତ ଓ ମୁଦ୍ରାଙ୍କିତ ହୋଇ ନାୟିଲତ୍ରାଙ୍କର ନାମଧେୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି ଯେ କେହି ଉକ୍ତ ପୁସ୍ତକ କ୍ରୟ କରିବାକୁ ଇଚ୍ଛା କରିବେ ସେମାନେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ କାର୍ଯ୍ୟାଳୟରେ ଓ ଓଡ଼ିଶାପେଟ୍ରିଅଟ ପ୍ରେସରେ ଓ ଶ୍ରୀ ବାବୁ ତାରିଣୀଚରଣ ବନ୍ଦ୍ୟୋପାଧ୍ୟାୟଙ୍କ ଦୋକାନରେ ଅଥବା ମାଛୁଆବଜାର ଅସ୍ମ ବସାରେ ତତ୍ତ୍ୱ କଲେ ପ୍ରାପ୍ତ ହେବେ ।

ମଫସଲ ଗ୍ରାହକମାନେ ନେବାକୁ ଇଚ୍ଛା କଲେ ସେମାନେ ଟ ୦ / ଡାକମାସୁଲ ସହିତ ମୂଲ୍ୟ ପଠାଇଲେ ପାଇବେ ।

ମୂଲ୍ୟ ଟ ୦ ।୵ ମାତ୍ର

ଶ୍ରୀ ସଖାରାମ କର

☞ ଏହି ଉତ୍କଳଦୀପିକା କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସଂ ୩୪ ଖ୍ୟା

ତା ୨୫ ରିଖ ମାହେ ଅଗଷ୍ଟ ସନ ୧୮୭୭ ମସିହା । ମୁ । ଭାଦ୍ରବ ଦ ୧୧ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୯
ମଫସଲପାଇଁ ଡାକମାସୁଲ ଟ୧୪୯

ମାନ୍ଦ୍ରାଜର ଦୁର୍ଭିକ୍ଷ ଦିନକୁଦିନ ଅତିଶୟ ହେଲା ସେଠାର ଅବସ୍ଥା ସ୍ୱଚକ୍ଷୁରେ ଦେଖି ବିହିତ ବ୍ୟବସ୍ଥାମାନ କରିବା ସକାଶେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଏ ସପ୍ତାହରେ କେତେଜଣ ସଭାସଦଙ୍କୁ ସଙ୍ଗରେ ନେଇ ଯାତ୍ରା କରିଅଛନ୍ତି । ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ନାନା ସ୍ଥାନରୁ ଚାନ୍ଦାସ୍ୱରୂପ ଟଙ୍କା ଆସିବାର ଆରମ୍ଭ ହେଲଣି ମାତ୍ର କଥିତ ହୁଅଇ ଯେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଚାନ୍ଦା ସଂଗ୍ରହ କରିବାକୁ ଇଚ୍ଛୁକ ନୁହନ୍ତି । ଦୁର୍ଭିକ୍ଷର ସମସ୍ତ ବ୍ୟୟ ଗବର୍ଣ୍ଣମେଣ୍ଟ ଇଣ୍ଡିୟା ସହ୍ୟ କରିବେ ଏହିପରି ସ୍ଥିର କରିଅଛନ୍ତି । ଏକାରଣ ଅଦ୍ୟାପି ଭାରତ-ବର୍ଷର କୌଣସି ସ୍ଥାନରେ ଚାନ୍ଦା ସଂଗ୍ରହ ସକାଶେ ସଭା ହୋଇ ନାହିଁ ।

—

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ପୁରୀର ଜଣେ ପତ୍ରପ୍ରେରକ ଉକ୍ତ ପତ୍ରିକାର ସମ୍ପାଦକଙ୍କ ନିକଟକୁ ଗୁଣ୍ଡିଚାଗୋଦାମ ଲୁଟ ଓ ଗୋବିନ୍ଦଦ୍ୱାଦଶୀର ଯାତ୍ରିଙ୍କର ଭିଡ଼ ବିଷୟର ପୁଲିସ ତଦାରଖ ସମ୍ପର୍କରେ ଲେଫ୍‌ଟେନେଣ୍ଟ ଗବ-ର୍ଣ୍ଣରଙ୍କ ନିକଟକୁ ପ୍ରେରିତ ହୋଇଥିବା ଖଣ୍ଡିଏ ଆବେଦନପତ୍ର ପଠାଇଅଛନ୍ତି । କେଉଁ ବ୍ୟକ୍ତି-ମାନେ ଯେ ବିଷୟରେ ଏପରି ଆବେଦନ ପଠାଇଅଛନ୍ତି ଆମ୍ଭମାନଙ୍କର ଜାଣିବା ସକାଶେ ବଡ଼ କୌତୁକ ହେଉଅଛି । ବିଶେଷରେ ପୁରୀବାସିମାନେ ଯେ ସ୍ଥଳେ ସ୍ଥାନୀୟ ସଂବାଦ ପତ୍ରକୁ କୌଣସି ସଂବାଦ ଲେଖିବାକୁ ଭୀତି ଭୟ ଓ ଅମଙ୍ଗଳର ଆଶଙ୍କା କରନ୍ତି ସେସ୍ଥଳେ ସେମାନେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ସାକ୍ଷାତକୁ ଆବେଦନ ପଠାଇବା ସକାଶେ କିରୂପେ ସାହସୀ ହେଲେ ଆମ୍ଭେମାନେ ବୁଝିପାରୁ ନାହୁଁ ।

—

ଏ ସପ୍ତାହରେ ଆଦୌ ବର୍ଷା ହୋଇ ନାହିଁ ବୋଲିବାକୁ ହେବ କେବେ କେମନ୍ତ ମେଘ ଉଠାଇ ଫିସ୍ ଫିସ୍ କରି ଦୁଇଚାରି ଟୋପା ପାଣି ପକାଇଅଛି ଏତିକିମାତ୍ର । ଗଡ଼ିୟା ଗାଡ଼ିରେ ପୂର୍ବବର୍ଷରେ ଯାହାକିଛି ପାଣି ହୋଇଥିଲା ତାହା ସବୁ ଶୁଖିଗଲାଣି । ଲୋକେ ବ୍ୟାକୁଳ ହୋଇ ଚାତକ ପ୍ରାୟ ମେଘକୁ ଚାହିଁ ରହିଅଛନ୍ତି । ମୋଫସଲରେ ଜଳସବୁ ଶୁଖିଯାଉଅଛି କେବଳ ଗତ ମହାନଦୀ ଓ ବ୍ରାହ୍ମଣୀ ନଦୀ ବଢ଼ି କେତେ ସ୍ଥାନରେ ଜଳରେ ପଶି ଯିବାରୁ କିଛି ରକ୍ଷାଅଛି ଶ୍ରାବଣମାସ ଶେଷ ହେଲା ଅଥଚ ବର୍ଷା ହେଲା ନାହିଁ ଏହା ଭଲ ପଦେ । ଦୁର୍ଭିକ୍ଷର ଆଶଙ୍କା ହେଉଅଛି । ପୁଣି ଏରୂପ ଘଟନା କେବଳ ଏଜିଲ୍ଲାରେ ହୋଇଅଛି ଏମନ୍ତ ନୁହଇ ସମସ୍ତ ହିନ୍ଦୁସ୍ଥାନର ଅବସ୍ଥା ଏହିପରି ସବୁଠାରେ ବର୍ଷାର ଅନିଷ୍ଟ ଭବିଷ୍ୟତକୁ କି ହେବ ଈଶ୍ୱର ଜାଣନ୍ତି ।

—

ତୁରସ୍କର ଯୁଦ୍ଧ ସମ୍ପର୍କରେ ଗତ ସପ୍ତାହରେ ଯେ ସମସ୍ତ ତାରଡାକ ସଂବାଦ ଆସିଅଛି ସେସମସ୍ତ ତୁରସ୍କର ଅନୁକୂଳ ଅଟଇ । ଚଳିତ-ମାସ ତା ୧୮ ରିଖରେ ୩୫୦୦୦ ହଜାର ପଦା-ତିକ ଦଶପଲଟନ ଘୋଡ଼ସବାର ରୁଷୀୟସେନା ୧୧୦ ତୋପ ନେଇ କାରସ୍ ନଗର ନିକଟରେ ଅହମଦ ପାସାକୁ ଆକ୍ରମଣ କରିଥିଲେ । ସମସ୍ତ ଦିନ ଭାରି ଯୁଦ୍ଧ ହେଲା ପରଶେଷରେ ରୁଷୀୟ-ମାନେ ପରାଜିତ ହୋଇ ପଛଘୁଞ୍ଚା ଦେଲେ । ଏ ଯୁଦ୍ଧରେ ରୁଷୀୟ ସେନା ୧୬୦୦ ଓ ତୁର୍କିଂ-ସେନା ୧୦୦ ମରି ପଡ଼ିଅଛନ୍ତି । ଏପରି ଆଉ କେତେ କ୍ଷୁଦ୍ର ୨ ଯୁଦ୍ଧ ହୋଇଥିଲା ମାତ୍ର କୌଣସି ଯୁଦ୍ଧରେ ରୁଷୀୟମାନେ ଯଶ ପାଇ ନାହାନ୍ତି । ତୁରକି କିଛିଦିନ ହତବଳ ହୋଇଥିଲେହେଁ ଏଣିକି ଉତ୍ତମ ବୀରତ୍ୱ ଦେଖାଉଅଛି । ଯୁଦ୍ଧର ଶେଷଫଳ ଯାହା ହେଉ ସମ୍ପ୍ରତି ତୁରକିସେନା ଯେମନ୍ତ କାର୍ଯ୍ୟ ଦେଖାଉଅଛନ୍ତି ତାହା ଅବଶ୍ୟ ପ୍ରଶଂସନୀୟ ଅଟଇ ।

—

ମୃତ ମହାରାଜା ରମାନାଥଠାକୁରଙ୍କର ସ୍ମରଣାର୍ଥ ଗତ ସପ୍ତାହରେ କଲିକତାରେ ଗୋଟିଏ ସଭା ହୋଇଥିଲା । ବଙ୍ଗଳାର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସଭାପତିର ଆସନ ଗ୍ରହଣ କରିଥିଲେ ଓ ସମସ୍ତ ଶ୍ରେଣିର ସମ୍ଭ୍ରାନ୍ତଲୋକମାନେ ସଭାରେ ଉପସ୍ଥିତ ଥିଲେ । ଜଣେ ଦେଶୀୟଲୋକ ପ୍ରତି-ସମ୍ମାନ ଦେଖାଇବା କାରଣ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ହାଇକୋର୍ଟର ଜଜ ପ୍ରଭୃତି ପ୍ରଧାନ ୨ ଇଂରାଜରାଜ ପୁରୁଷମାନେ ଦେଶୀୟ ଲୋକଙ୍କ ସହିତ ସଭାରେ

Digitized by srujanika@gmail.com

Split by PDF Splitter
140



ବସିବାର ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଓ ଏହା ଆମ୍ଭମାନଙ୍କର ସାମାନ୍ୟ ଗୌରବର ବିଷୟ ନୁହଇ । ପ୍ରକୃତରେ ମୃତ ମହାରାଜା ସକଳ ଶ୍ରେଣିର ଲୋକଙ୍କଠାରେ ଅତ୍ୟନ୍ତ ଆଦରଣୀୟ ଥିଲେ । ମୃତ ମହାରାଜାଙ୍କ ସ୍ମରଣ ଚିହ୍ନ ସ୍ଥାପନ କରିବାର ସଭାରେ ସ୍ଥିର ହୋଇ ତହିଁ ପାଇଁ ଚେନ୍ଦା ସଂଗ୍ରହ କରିବାର ଧାର୍ଯ୍ୟ ହେଲା ଓ କେତେକ ଜଣ ଦେଶୀୟ ଓ ବିଦେଶୀୟ ଲୋକଙ୍କର ସଭାର ଉଦ୍ଦେଶ୍ୟାନୁସାରେ କାର୍ଯ୍ୟ କରିବା ସକାଶେ ଗୋଟିଏ କମିଟି ନିଯୁକ୍ତ ହେଲା । କି ପ୍ରକାର ସ୍ମରଣ ଚିହ୍ନ ରହିବ ତାହା ଉକ୍ତ କମିଟି ସ୍ଥିର କରିବେ ।

---

ଗତ ସପ୍ତାହର ତାରସଂବାଦମାନଙ୍କରୁ ଜଣାଯାଏ ଯେ ଯୁଦ୍ଧ ସ୍ଥଳରେ ଥିବା କେବଳ ଡେଲିନିୟୁଜ୍ ଛଡ଼ା ଆଉ ସମସ୍ତ ସଂବାଦପତ୍ରର ପ୍ରତିନିଧିମାନେ ବଲଗରିୟାରେ ରୁଷୀୟମାନଙ୍କଦ୍ୱାରା ହୋଇଥିବା ଅତ୍ୟାଚାରର ବିରୁଦ୍ଧରେ ଏକ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରିଅଛନ୍ତି । ସେଠାରେ ଏକଦିନରେ ୪୭୭ ଜ ପୁରୁଷ ସ୍ତ୍ରୀ ଓ ବାଳକ ଅତି ନିଷ୍ଠୁର ପ୍ରକାରରେ ହାଣ ଖାଇଥିବାର ବୋଲାଯାଏ । ଏଣେ ତୁର୍କର ସିପାହିମାନେ ମହାଜନ ଓ ଭୂମ୍ୟଧିକାରୀଙ୍କର ଲୁପଗ୍ରମର୍ଣରେ ବଲକାନ ପର୍ବତ ଦକ୍ଷିଣ ପ୍ରଦେଶରେ ଖ୍ରୀଷ୍ଟିୟାନମାନଙ୍କୁ ବଧ କରିବାର ସଂବାଦ ଆସିଅଛି । କଥିତ ହୁଅଇ ଯେ ଏମାନେ ଗୋ ୩୦ ଟି ଗିର୍ଜାଘର ଏବଂ ୫୦୦ ସ୍କୁଲଘର ପୋଡ଼ିଦେଇଅଛନ୍ତି । ବଲଗରିୟାରୁ ପଳାଇଯାଇଥିବା ଲୋକମାନେ କହନ୍ତି କି ୧୨୦୦୦ ଠାରୁ ୧୫୦୦୦ ପର୍ଯ୍ୟନ୍ତ ମନୁଷ୍ୟ ହାଣ ଖାଇଅଛନ୍ତି ବା ପୋଡ଼ିଯାଇଅଛନ୍ତି ଓ ୭୦ଗଣ୍ଡି ଗ୍ରାମ ନଷ୍ଟ ହୋଇଅଛି । ଏସମସ୍ତ ସତ୍ୟ ହେଲେ ରୁଷୀୟର ସମ୍ରାଟଙ୍କର କୀର୍ତ୍ତି ଅଟଇ । ସେ ଅଳ୍ପକଥା ଲାଗି ଯୁଦ୍ଧରେ ପ୍ରବୃତ୍ତ ହୋଇ ନ ଥିଲେ ଏତେ ନିର୍ଦ୍ଦୋଷୀ ମହାପ୍ରାଣୀ ବଧ ହୁଅନ୍ତେ ନାହିଁ ।

---

ବଙ୍ଗଳାର କେଉଁ ଜିଲ୍ଲାରେ କେତେ ଚାଉଳ ଅଛି ଗତ ଦୁଇ ସପ୍ତାହ ହେଲା ତହିଁର ବିବରଣ କଲିକତା ଗେଜେଟରେ ଛପା ହେଉଅଛି । ଗତ ସପ୍ତାହର ଗେଜେଟରେ କଟକ ଓ ପୁରୀର ବିବରଣ ନିମ୍ନଲିଖିତରୂପେ ଲେଖାଅଛି । ଯଥା;—

କଟକ ତା ୭ ରିଖ ଅଗଷ୍ଟ ସନ ୧୮୭୭ ଉତ୍ତର ଭାଗରେ ଚାଉଳ ଟଙ୍କାକୁ ସେ ୨୩। ମଧ୍ୟଭାଗରେ ସେ ୧୪ ଓ ଦକ୍ଷିଣଭାଗରେ ସେ୧୪ର । ଜିଲ୍ଲାର ହାରାହାରି ଟଙ୍କାକୁ ସେ୧୭। ଲେଖାଏ । ବିଆଲି ଫସଲ କଟା ହେବାର ଆରମ୍ଭ ହେଲେ ମୂଲ୍ୟ ଊଣା ହେବ । ଜିଲ୍ଲା ମଧ୍ୟରେ ୨୦ ଲକ୍ଷ ମହଣ ଚାଉଳ ଥିବାର ସ୍ଥୂଳରୂପେ ଅନୁମାନ ହୁଅଇ । ଗତ ଦୁଇମାସରେ ବନ୍ଦରବାଟେ ଏକଲକ୍ଷ ତିରିଶହଜାର ମହଣ ଚାଉଳ ରପ୍ତାନି ହୋଇଥିଲା । ଚାନ୍ଦବାଲି ଗଞ୍ଜାମ ସଡ଼କବାଟେ ଆହୁରି ୭୦ ହଜାରମହଣ ରପ୍ତାନୀ ହୋଇ ଥିବାର ଅନୁମାନ କଲେ ପ୍ରତିମାସ ଏକଲକ୍ଷ ମହଣ ରପ୍ତାନି ହେବ ଓ ଏ ଜିଲ୍ଲା ତାହା ସହଜରେ ସହିପାରେ । ଯାଜପୁରଠାରୁ କଲିକତାକୁ ଏବଂ କେନ୍ଦ୍ରାପଡ଼ାଠାରୁ ମାନ୍ଦ୍ରାଜ, କାର୍ବର ଓ କଲମ୍ବୋକୁ ଅନେକ ଚାଉଳ ରପ୍ତାନି ହୁଅଇ ଏପ୍ରକାର ରପ୍ତାନି ହେବାରୁ ଦର ଉଚ୍ଚ ହୋଇ ଅଛି ମାତ୍ର କଟକ ଜିଲ୍ଲା ବିଷୟରେ ଭାବନା କରିବାର କାରଣ ନାହିଁ ଯେଉଁ ଶ୍ରେଣୀର ଲୋକେ କୃଷି କରନ୍ତି ସେ ସମସ୍ତଙ୍କ ଘରେ ଧାନ ଅଛି କେବଳ ସହରରେ ଥିବା କୃଷି ନ କରିବା ଶ୍ରେଣୀର ଲୋକଙ୍କୁ କଷ୍ଟ ବାଧୁଅଛି ।

ପୁରୀ ତା ୮ ରିଖ ଅଗଷ୍ଟ ସନ ୧୮୭୭ ପୁରୀ ନଗରରେ ଜୁଲାଇମାସରେ ଦର ସେ୧୫୷ ଓ ମୋଫସଲରେ ୧୮୷ ଥିଲା ବର୍ତ୍ତମାନ ମୋଫସଲରେ ସେ ୧୫୷ ଠାରୁ ସେ ୨୧ ର ପର୍ଯ୍ୟନ୍ତ ମିଳୁଅଛି । ରପ୍ତାନି ସକାଶେ ଭାରୀ ଲୋଡ଼ା ଥିବାରୁ ଦର ଉଚ୍ଚ ରହି ଅଛି । ସମୁଦ୍ରବାଟେ ମାନ୍ଦ୍ରାଜକୁ ଓ ସ୍ଥଳବାଟେ ଗଞ୍ଜାମକୁ ରପ୍ତାନି ହେଉଅଛି । ଖୋରଧାରୁ ସଡ଼କବାଟେ କଟକକୁ ଓ ଚିଲିକାବାଟେ ଗଞ୍ଜାମକୁ ମଧ୍ୟ ଚାଉଳ ଯାଉଅଛି । ଯେବେ ଭଲ ଫସଲ ହେବ ତେବେ ମୂଲ୍ୟ ବଢ଼ିବ ନାହିଁ ।

ବାଲେଶ୍ୱର ତା ୧୦ ରିଖ ଅଗଷ୍ଟ ସନ୧୮୭୭ କଲିକତାରେ ଦର ନରମ ହେବାରୁ ରପ୍ତାନି ଊଣା ପଡ଼ିଅଛି । ଏ ସପ୍ତାହରେ କେବଳ ୧୩୨୭ ହଦର ଚାଉଳ ଓ ୪୪୮ ହଦର ଧାନ କଲିକତାକୁ ଯାଇଅଛି । ଦର ଊଣା ହୋଇ ଅଛି ଓ ଆହୁରି ହେଉଅଛି । ବାଲେଶ୍ୱରରେ ମହଣ ଟ ୧॥୵ ଓ ଚାନ୍ଦବାଲିରେ ଟ ୧॥୵ ମୋଫସଲରେ ମହଣ ଟଙ୍କାଏ ଲେଖାଏ । ରପ୍ତାନି ସକାଶେ ବାଲେଶ୍ୱରରେ ୨୨୦୪ ଟନ ଓ ଚାନ୍ଦବାଲିରେ ୨୧୮୯ ଟନ ରହିଅଛି (ଏକ ଟନ ପ୍ରାୟ ୨୭ ମହଣ ହେବ )

ଉପରଲିଖିତ କଥାମାନ କେତେଦୂର ନିର୍ଭଷୀୟ ତାହା ପାଠକମାନେ ବିବେଚନା କରିବେ ଆମ୍ଭେମାନେ ଏତିକ ବୁଝୁଅଛୁଁ ଯେ ଆଗାମୀ ଫସଲ ଉପରେ ସବୁ ନିର୍ଭର କରଇ । ବାସ୍ତବରେ କଟକ ଓ ପୁରୀ ପକ୍ଷରେ ଏହିକଥା ବୋଲି ଯାଇ ଅଛି ଯେବେ ଫସଲ ଭଲ ନ ହୁଅଇ ଓ ଅବଶ୍ୟ ଭଲ ଫସଲ ହେବା ପକ୍ଷରେ ଅନେକ ସନ୍ଦେହ ଅଛି ତେବେ ରପ୍ତାନି ହେତୁ ଭାରୀ ବିପଦରେ ପଡ଼ିବାକୁ ହେବ ।

---

## ଅଭିନବ ବୈଠକ ।

ଗତ ସପ୍ତାହର ପତ୍ରିକାରେ ଅମ୍ଭମାନଙ୍କର କଲେକ୍ଟର ଶ୍ରୀଯୁତ ବିଡନ ସାହେବଙ୍କ କୋଠିଠାରେ ଯେଉଁ ବୈଠକ ହେବାର ସମ୍ବାଦ ଆମ୍ଭେମାନେ ଲେଖିଥିଲୁଁ ତାହା ଅତି ସୁନ୍ଦରରୂପେ ନିର୍ବାହିତ ହୋଇଅଛି । ଇଂରାଜ ଭଦ୍ରପୁରୁଷ ଓ ଦେଶୀୟ ଭଦ୍ରଲୋକ ସମସର ହୋଇ ଆମୋଦ ପ୍ରମୋଦ କରିବାର ଏହି ପ୍ରଥମେ ଦେଖା ଗଲା । ଏଠାରେ କାହିଁକ ପ୍ରଧାନ ନଗରମାନଙ୍କ ଛଡ଼ା ଅନ୍ୟ କୌଣସି ଠାରେ ଏପରି ହେବାର ଶୁଣା ନାହିଁ । କେବଳ ମେଦନୀପୁରରେ ଶ୍ରୀଯୁତ ହାରିସନ ସାହେବ ଏ ବିଷୟର ଅନୁଷ୍ଠାନ କରିଥିଲେ । ଏଥିପୂର୍ବେ ଏ ଜିଲ୍ଲାକୁ ଅନେକ ନ୍ୟାୟବାନ୍, ସାଧୁ ଓ ଦୟାବନ୍ତ ଇଂରାଜ ହାକିମ ହୋଇ ଆସିଥିଲେ ଓ ପିତା ମାତା ତୁଲ୍ୟ ଲୋକଙ୍କୁ ପ୍ରତିପାଳନ ଓ ରକ୍ଷା କରିବାଦ୍ୱାରା ସମସ୍ତଙ୍କର ସ୍ନେହାସ୍ପଦ ହୋଇଥିଲେ ଏମନ୍ତ କି ଏପର୍ଯ୍ୟନ୍ତ ସେମାନଙ୍କର ନାମ ସ୍ମରଣ କରି ଲୋକେ ପୁଲକିତ ହେଉଅଛନ୍ତି ଓ ତାହାଙ୍କ ପାଇଁ ଝୁରୁ ଅଛନ୍ତି । ଅବଶ୍ୟ ମଧ୍ୟ ଏତେ ହାକିମ ଜିଲ୍ଲାରେ ଅଛନ୍ତି କି ଯାହାଙ୍କର ସଦ୍‌ଗୁଣମାନ ଭାବନା କରି ଲୋକେ ଆନନ୍ଦିତ ହେଉଅଛନ୍ତି । କିନ୍ତୁ ଏମାନେ ସମସ୍ତେ ଲୋକଙ୍କଠାରେ ହାକିମ ବୋଲି ପରିଚିତ । ଦେଶୀୟ ଭଦ୍ରଲୋକଙ୍କୁ ଆଦର କରି କୋଠିରେ ସାକ୍ଷାତ ଦେଉଥିଲେ ତାହାଙ୍କର ଘରୁଆ ଭଲ ମନ୍ଦ କଥା ବୁଝୁଥିଲେ ଓ ମୁରବିପରି ସତ୍ପରାମର୍ଶ ଦେଉଥିଲେ । ମାତ୍ର ଗୁରୁ ଲଘୁର ବିଚାର ଥିଲା ଓ ବନ୍ଧୁଭାବରେ ଏକାସର ହୋଇ ଆମୋଦ ପ୍ରମୋଦ କରୁ ନ ଥିଲେ । କେବଳ ଗତ ଜାନୁଆରୀ ମାସର ଉତ୍ସବ ଉପଲକ୍ଷରେ ଯେଉଁ

Digitized by srujanika@gmail.com

Split by PDF Splitter



ମଜଲିସ ହୋଇ ଥିଲା ତହିଁରେ ଏଥିର ସୂତ୍ରପାତ ହୋଇଥିଲା ଓ ଶ୍ରୀଯୁତ ବିଡନ ସାହେବ ତାହାକୁ ବିସ୍ତାର ଓ ପରିବର୍ଦ୍ଧିତ କରିଅଛନ୍ତି । ବୈଠକ ହେବାର ବହୁଦିନ ପୂର୍ବରୁ ସେ ଆପଣା ମାନସ କେହି୨ ଦେଶୀୟ ଭଦ୍ରଲୋକଙ୍କଠାରେ ବ୍ୟକ୍ତ କରିବାରୁ ସମସ୍ତେ ଶୁଣି ମହା ଆନନ୍ଦିତ ହେଲେ ଓ କିପ୍ରକାରରେ ଏ ଅଭିନବ ବ୍ୟାପାରଟି ସମ୍ପନ୍ନ ହେବ ଦେଖିବାକୁ ସମସ୍ତଙ୍କର କୌତୁକ ବଢିଲା । ବୈଠକର ଆମନ୍ତ୍ରଣପତ୍ର ଯେତେବେଳେ ବାହାରିଲା ତାହା ପାଠକରି ପ୍ରାୟ ସମସ୍ତେ କିଞ୍ଚିତ୍ ବିରକ୍ତ ହେଲେ କାରଣ ଆମ୍ଭେମାନେ ଶୁଣିଲୁଁ ଯେ ସାହେବ ସ୍ୱୟଂ ପତ୍ରମାନ ପଠାଇ ନ ଥିଲେ ମାତ୍ର ତାହାଙ୍କ ଅନୁରୋଧରେ ବାବୁ ରଙ୍ଗଲାଲ ବାନୁର୍ଯ୍ୟା ସେ ପତ୍ରମାନ ଲେଖିଥିଲେ ଓ ଲେଖିବାର ଭଙ୍ଗିରୁ ପତ୍ରଖଣ୍ଡିକ ଆମନ୍ତ୍ରଣପତ୍ର ଅପେକ୍ଷା ଅଧିକ ସମନ ପ୍ରାୟ ଜଣା ଯାଉଥିଲା । ଯାହା ହେଉ ଏଥିରେ ଶ୍ରୀଯୁତ ବିଡନ ସାହେବଙ୍କର କୌଣସି ତ୍ରୁଟି ଲକ୍ଷିତ ନ ହେବାରୁ ଆମନ୍ତ୍ରିତ ବ୍ୟକ୍ତିମାନେ ତାହା ମନରେ ନ ଘେନି ରା ଘ ୮ ଟା ସମୟରେ ସାହେବଙ୍କ କୋଠିଠାରେ ପ୍ରବେଶ ହେଲେ । ଏ ନଗରବାସୀ ପ୍ରଧାନ୨ ଜମିଦାର, ଅଦାଲତର ବଡ ଉକିଲଙ୍କ ମଧ୍ୟରୁ ଚାରିଜଣ, ସମସ୍ତ ଡେପୁଟୀ କଲେକ୍ଟର, ମୁନସଫ, ଶିକ୍ଷାବିଭାଗର ଉଚ୍ଚ କର୍ମଚାରୀ ପ୍ରାୟ ପାଞ୍ଚଜଣ ଦେଶୀୟଲୋକଙ୍କ ମଧ୍ୟରେ ଏହି ମାନଙ୍କୁ ଆମନ୍ତ୍ରଣ ହୋଇଥିଲା । ଅଉ ଛଅଜଣ ଉକିଲ ଓ ବାରକନାସ୍ତ୍ରଘି ଏଲକାର ଦେଶୀୟ ଗଜେଟେଡ କର୍ମଚାରିମାନଙ୍କୁ କାହିଁକି ମିହ୍ନା ଦିଆଗଲା ଆମ୍ଭେମାନେ କହି ନ ପାରୁଁ । ବିଶେଷରେ ବାବୁ ଦୀନାନାଥ ସରକାରଙ୍କୁ ଆମନ୍ତ୍ରଣ ନ ହେବାରେ ଆମ୍ଭେମାନେ ଦୁଃଖିତ ହୋଇଅଛୁଁ କାରଣ ସେ କେବଳ ବଡଅଦାଲତର ଉକିଲ ନୁହନ୍ତି ଏଠାର ଜଣେ ମାନ୍ୟ ଗଣ୍ୟ ବ୍ୟକ୍ତି ଅଟନ୍ତି । ଫଳତଃ କୌଣସି କାର୍ଯ୍ୟ ପ୍ରଥମ ଆରମ୍ଭ ହେଲେ କେତେକ ବିଶୃଙ୍ଖଳା ହୋଇଥାଏ ଏଥିପାଇଁ ସେସବୁ ଧର୍ତ୍ତବ୍ୟ ନୁହଇ । ମୋଟ କଥା ଏହି ଯେ ବୈଠକଟି ବଡ ଉତ୍ତମ ହୋଇଥିଲା । ଆମନ୍ତ୍ରିତ ବ୍ୟକ୍ତିମାନେ କୋଠିରେ ପ୍ରବେଶ ହେବା ସମୟଠାରୁ ଫେରିଆସିବା ପର୍ଯ୍ୟନ୍ତ ଶ୍ରୀଯୁକ୍ତ ବିଡନ ସାହେବ ଏମନ୍ତ ଚର୍ଚ୍ଚା କରିଥିଲେ ଯେ ସମସ୍ତେ ଆଶାତିରିକ୍ତ ଆନନ୍ଦ ଲାଭ କରି ଆସିଲେ । ଶ୍ରୀଯୁତ ବାମସ୍ ସାହେବ ମାକଫର୍ଶନ ସାହେବ, ଗ୍ରେବ ସାହେବ ଫେଗୃର ସାହେବ ହାଣ୍ଡଲି ସାହେବ ପ୍ରଭୃତି ଇଂରାଜ ଭଦ୍ରଲୋକମାନେ ମଧ୍ୟ ଉପସ୍ଥିତ ଥିଲେ ପାଶା, ସତରଞ୍ଚ, ତାସ ପ୍ରଭୃତି ଖେଳରେ ସମସ୍ତେ ମତ୍ତ ଥିଲେ । ଇଂରାଜ ଓ ଦେଶୀୟ ବୋଲି କୌଣସି ପ୍ରଭେଦ ନ ଥିଲା । ସମସ୍ତେ ମିଶାମିଶି ହୋଇ ମହା ଆନନ୍ଦରେ ରା ଘ ୧୨ ଟା ପର୍ଯ୍ୟନ୍ତ ମତ୍ତ ଥିଲେ । ସଙ୍ଗୀତର ତାଦୃଶ ଚର୍ଚ୍ଚା ନ ଥିଲା । ତେବେ କିଞ୍ଚିତ୍ ସିତାର ବାଦ୍ୟ ହୋଇଥିଲା ଓ ଶ୍ରୀଯୁତ ହାଣ୍ଡଲି ସାହେବ ପିୟାନୋ ବଜାଇ ସଭାର ଆନନ୍ଦ ବଢାଇ ଥିଲେ । ଏ ବୈଠକଟି ଯେ କିପର୍ଯ୍ୟନ୍ତ ସୁଖକର ହୋଇଥିଲା ଆମ୍ଭେମାନେ ବ୍ୟକ୍ତ କରି ନ ପାରୁଁ । ଆମ୍ଭମାନଙ୍କର ଏହି ଆଶା ଯେ ଏପରି ବୈଠକମାନ ସମୟ୨ରେ ହେଉଥାଉ ଓ ଇଂରାଜ ଓ ଦେଶୀୟ ଭଦ୍ରଲୋକମାନେ ପରସ୍ପରକୁ ଆମନ୍ତ୍ରଣ କରି ସଦ୍ଭାବ ବର୍ଦ୍ଧନ କରନ୍ତୁ ।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କର କମିଶ୍ନରସାହେବ ଗତ ବୁଧବାର ଢେଙ୍କାନାଳକୁ ଯାଇଅଛନ୍ତି ସେଠାରେ ପ୍ରାୟ ଏକ ସପ୍ତାହ ରହି ଫେରିଆସିବେ ଏବଂ ତହିଁ ଉତ୍ତାରୁ ଖୋରଧାକୁ ଯିବାର କଥାଅଛି ।

ଗତ ରବିବାର ଅପରାହ୍ନ କାଳରେ ବାବୁ ଗୋଲକଚନ୍ଦ୍ର ବୋଷଙ୍କ ଉଦ୍ୟମରେ ଦୁଇଜଣ ପ୍ରଧାନ ମାଲର କୁସ୍ତି ହୋଇଥିଲା । ଏକଜଣ ମାଲ ବହୁତ ଦିନରୁ ବାବୁଙ୍କର ଚାକର ତାହାର ନାମ ହାଫିଜ ଅନ୍ୟ ମାଲର ନାମ ରସୁଲ । ଦୁହେଁ ପଞ୍ଜାବ ପ୍ରଦେଶ ନିବାସୀ । ଯେଉଁମାନେ କୁସ୍ତି ଦେଖିଅଛନ୍ତି ଭଲ କୁସ୍ତି ହୋଇଥିବାର ପ୍ରଶଂସା କରନ୍ତି ଓ ରସୁଲ କୁସ୍ତିରେ ଜୟ ଲାଭ କରିବାରୁ ବାବୁ ତାହାକୁ ଟଙ୍କା ଓ ଲୁଗା ଇତ୍ୟାଦି ପାରିତୋଷିକ ଦେଇଅଛନ୍ତି ।

ଏଥର ଝୁଲଣଯାତ୍ରା ଏ ନଗରରେ ସୁନ୍ଦରରୂପେ ନିର୍ବାହ ହୋଇଗଲା । ପୂର୍ବବର୍ଷମାନଙ୍କ ପ୍ରାୟ ଅନେକ ସ୍ଥଳରେ ଯାତ୍ରା ହୋଇଥିଲା ମାତ୍ର ଉନ୍ନତି କିଛି ଦେଖାଯାଇ ନାହିଁ ।

ଯାଜପୁରରେ ମୋଟ ଚାଉଳ ଟଙ୍କାକୁ ସେ ୧୬ ର ଓ ସରୁ ଚାଉଳ ସେ ୯ ର ବିକ୍ରୟ ହେଉଅଛି । ସବୁଆଡ଼େ ଏକା ଦର ।

। ପ୍ର । ବରୁଆଁ ପୁରୁଷୋତ୍ତମପୁର ନିବାସୀ ଫକୀର ବାରିକ ଆପଣା ସ୍ତ୍ରୀର ଦୁଶ୍ଚରିତ୍ର ଦେଖି ତାହାକୁ ଘର ଖମ୍ବରେ ବାନ୍ଧି ତାହା ଗାଲରେ ପିଠାଖଡିକା ଗରମ କରି ଦାଗ ଦେବାରେ ସ୍ତ୍ରୀର ନାଲିଶ ମତେ ଛ ହପ୍ତା କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ପାଇଅଛି ।

କଲିକତା ହାଇକୋର୍ଟର ଜଜ ଫିଅର ସାହେବ ଅଳ୍ପଦିନ ହେଲା କର୍ମରେ ଇସ୍ତଫା ଦେଇ ବିଲାତକୁ ଯାଇଥିଲେ ସମ୍ପ୍ରତି ସେ ସିଲୋନ (ଲଙ୍କା) ଦ୍ୱୀପର ଚିଫ୍ ଯଷ୍ଟିସ ନିଯୁକ୍ତ ହୋଇ ଅଛନ୍ତି ।

ଶୁଣିଲୁଁ ଯେ ଓସମାନ ପାସା ପ୍ଲେବନା ନଗରରେ ଘୋର ଜୟଲାଭ କରିବାର ସମ୍ବାଦ ଯେଉଁଦିନ କଲିକତାରେ ପ୍ରବେଶ ହେଲା ସେଦିନଠାରୁ ମୁସଲମାନମାନେ ପୁଲକିତ ହୋଇ ମସଜିଦ ଓ ରୋଷନାଇ ଓ ସମାଜ ବନ୍ଦ ହୋଇ ଈଶ୍ୱରଙ୍କୁ ଆରାଧନା କରି ଧନ୍ୟବାଦ ଦେଉ ଅଛନ୍ତି ।

ହୁଗଲୀ ନର୍ମାଲ ସ୍କୁଲର ହେଡମାଷ୍ଟର ବାବୁ ବ୍ରଜମୋହନ ମଲ୍ଲିକ ଅସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ହୋଇ ବାବୁ ଭୂଦେବ ମୁଖୁର୍ଯ୍ୟାଙ୍କ ଅଧୀନରେ ନିଯୁକ୍ତ ହୋଇଅଛନ୍ତି ।

ଇଣ୍ଡିୟାନ ଡେଲିନିଉସରେ ଗୋଟିଏ ମଦୂଆର କାହାଣି ଲେଖାଅଛି । ପାଠକଙ୍କ କୌତୁକସକାଶେ ଏଠାରେ ଉଦ୍ଧୃତ କଲୁଁ । ଯଥା— ଜଣେ ମଦୂଆ ଅଲ୍ପଅପକ୍ଷର ରାତ୍ରରେ ଦୁଇ ପାଖରେ ଧାଡି ହୋଇ ବୃକ୍ଷମାନ ଶୋଭା ପାଉଥିବା ସଡ଼କ ବାଟରେ ଚାଲି ଯାଉଥିଲା । ମାଦକ ବଳରେ ଗୋଡ ଥୟ ନ ହେବାରୁ ବାଟର ଦୁଇପାଖ ମାଡି ଚାଲୁଁ୨ ପ୍ରଥମ ଗୋଟାଏ ଗଛ ଦେହରେ ଧକ୍କା ଲାଗିଲା । ମଦର ଝୁଁକ ଥିଲେ କି ହେବ ସେ ବ୍ୟକ୍ତି ଭଦ୍ରତାକୁ ପାସୋରି ନାହିଁ ସୁତରାଂ ଧକ୍କା ଲଗିଲା ମାତ୍ରକେ ମୁଣ୍ଡରୁ ଟୋପି ବାହାର କରି କ୍ଷମାପ୍ରାର୍ଥନାପୂର୍ବକ କିଛୁ୨ କହି ଆଗକୁ ବଢିଲା । ପୁଣି ଗୋଟାଏ ଗଛରେ ଧକ୍କା ଲାଗିବାରୁ ସେହିପରି ସୌଜନ୍ୟତା ପ୍ରକାଶ କରି ବାଟ ଉପରେ କିଞ୍ଚିତ୍ ବିରକ୍ତ ହୋଇ ଅଗ୍ରସର ହେଲା । ଅଧିକଦୂର ଯାଇ ନାହିଁ ପୁଣ ଗୋଟାଏ ଗଛରେ ଧକ୍କା ଲଗିଲା । ସେଠାରୁ ସେ ବିରକ୍ତ ହୋଇ କହିଲା "ନା ଏ କିଛି ହେଲ ନାହିଁ, ବହୁତ ମନୁଷ୍ୟ ଏବାଟ ଦେଇ ଆସୁଅଛନ୍ତି ମୁଁ କେତେଥର କ୍ଷମା ମାଗୁଥିବି, ଏ ସମାରୋହଟା ବାହାର ଯିବା ପର୍ଯ୍ୟନ୍ତ ମୁଁ ଏହିଠାରେ ବସି ରହିବି" ।

ମାନାଜର ମିଉନିସିପଲ କଟେଇ ଘରୁ

Digitized by srujanika@gmail.com

Split by PDF Splitter

142



ଟ ୫୦୦ ଙ୍କା ଚୋର ଯାଇଅଛି । ଚୋରମାନେ ଧରାପଡି ନାହାନ୍ତି ପୁଲିସ ତହିଁର ଅନୁସନ୍ଧାନରେ ଅଛନ୍ତି ।

ସନ ୧୮୭୬ ସାଲରେ ଭାରତବର୍ଷୀୟ ସମୁଦ୍ର ଅଥବା ନଦୀରେ ୪୭ ଖଣ୍ଡ ଜାହାଜ ଜଳମଗ୍ନ ହୋଇଥିଲା ଏବଂ ୬୪ ଖଣ୍ଡ ଜାହାଜ ବିପଦରେ ପଡିଥିଲା । ଏସମସ୍ତ ଦୁର୍ଘଟନାରେ ୧୬ ଜଣ ମନୁଷ୍ୟ ମଗ୍ନପତି ଅଛନ୍ତି । ସନ ୧୮୭୨ ସାଲଠାରୁ ଏ ପର୍ଯ୍ୟନ୍ତ କୌଣସି ବର୍ଷ ଏଡେ଼ ଦୁର୍ଘଟନା ହୋଇ ନ ଥିଲା ।

ତୁରୁକରୁ ସୟଦ ଅହମଦ ଖୌଲନ୍‌ସିଏଫନ୍ଦା କାବୁଲକୁ ଦୂତ ହୋଇ ଅସିଅଛନ୍ତି । ବମ୍ବେଇରେ ପହୁଞ୍ଚିବାବେଳେ ତାହାଙ୍କୁ ୧୫ତୋପ ସଲାମୀ ଦିଆଯାଇଥିଲା । ବମ୍ବେଇରେ ଥିବା ତୁରୁକର ଉକିଲ ଏବଂ ଆଉ କେତେ ଲୋକଙ୍କୁ ସଙ୍ଗେ ନେଇ ସେ କାବୁଲକୁ ଯାଇଅଛନ୍ତି ।

ସମ୍ପ୍ରତେ଼ୀ ନାମରେ ମାନ୍ଦ୍ରାଜର ଜଣେ ଦେଶୀୟ ଖ୍ରୀଷ୍ଟିୟାନ ମାସକୁ ଏକହଜାର ଟଙ୍କା ବେତନରେ ମହୀଶୂର ଦରବାରର ଅସିଷ୍ଟାଣ୍ଟ ସେକ୍ରେଟରୀ ପଦରେ ନିଯୁକ୍ତ ହୋଇଅଛନ୍ତି ।

ମୁନସି ପ୍ୟାରୀଲାଲ ବାହାଦୁର ବ୍ୟୟ ଲାଘବ କରିବାର ଚେଷ୍ଟାରେ ବଡ଼ବର ଲାଗିରହିଅଛନ୍ତି । ଗତ ମାସରେ ଅଯୋଧ୍ୟାର ଏକ ଜିଲ୍ଲାସ୍କୁଲରେ ଗୋଟିଏ ସଭା କରିଥିଲେ ଓ ସେଠାରେ ଅନେକ ଗୁଡିଏ ତାଲୁକଦାର ଓ ଅନ୍ୟ ଭଦ୍ର ଭଦ୍ର ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ମୁନସିଙ୍କ ପ୍ରସ୍ତାବ ସଫଳ କରିବା ଉଦ୍ଦେଶ୍ୟରେ ଏକ୨ ତହସିଲ ମଧ୍ୟରେ ଗୋଟିଏ ଲେଖାଏଁ କମିଟି ବସିବାର ସ୍ଥିର ହେଲା । ମୁନସିଙ୍କର ଅଧ୍ୟବସାୟକୁ ଧନ୍ୟ ବୋଲିବାକୁ ହେବ ।

ମାନ୍ଦ୍ରାଜ ପ୍ରଦେଶରେ ସଦାବର୍ତ୍ତ ମଠମାନଙ୍କର ତତ୍ତ୍ୱାବଧାରଣ ସକାଶେ ଏକଜଣ ସେକ୍ରେଟେରୀ ମାସକୁ ଏକହଜାର ଟଙ୍କାରେ ନିଯୁକ୍ତ ହେବାର ସ୍ଥିର ହୋଇଅଛି । ପ୍ରଥମରେ ଏକ ଜଣ ବ୍ରାହ୍ମଣ ଏ କର୍ମରେ ନିଯୁକ୍ତ ହେବାର ସମ୍ଭାବନା ଅଛି । ଏ ବ୍ରାହ୍ମଣଟି ଅନେକ ଦିନରୁ ସରକାରୀ କର୍ମ କରୁଅଛନ୍ତି । ସବୁ ପ୍ରଦେଶରେ ଏପରି ଜଣେ କର୍ମଚାରୀ ନିଯୁକ୍ତ ହେବାର ଉଚିତ ।

ବର୍ଦ୍ଧମାନରୁ ଏକବ୍ୟକ୍ତି ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି ଯେ ସେଠାର ଜଜ ଖାଁସୁକ୍ତ ଫିଲ୍ଡ ସାହେବ ଜଣେ ଅତି ଉତ୍ତମ ଜଜ ଅଟନ୍ତି । ତାହାଙ୍କର ସ୍ୱଭାବର ଓ ସୁଶାସନ ଦେଖି ଲୋକମାନେ ଭାରି ପ୍ରଶଂସା କରୁଅଛନ୍ତି ସେ ଜଜେରିର ସମସ୍ତ କର୍ମ ଉପରେ ସ୍ୱୟଂ ଦୃଷ୍ଟି ରଖିଅଛନ୍ତି ଓ ତହିଁର ଫଳ ଏମନ୍ତ ହୋଇଅଛି ଯେ ଅମଲାମାନେ ଉତ୍କୋଚନେବା ପ୍ରାୟ ଅସମ୍ଭବ ହୋଇଅଛି ସେ ଜଣେ ବିଚକ୍ଷଣ ସିରସ୍ତାଦାର ବାଙ୍କୁଡାରୁ ବାଛି ଆଣି ଅଛନ୍ତି ଓ ତାହାଙ୍କ ଅଧୀନରେ ଆଉ ଦୁଇ ଏକ ଜଣ ଯୋଗ୍ୟ କର୍ମଚାରୀ ଅଛନ୍ତି ।

ପୂର୍ବବଙ୍ଗଳାର ପଦ୍ମା ଓ ମେଘନାନଦୀମାନଙ୍କର ଗଭୀରତା ମାପ କରିବା ସକାଶେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଟ ୨୫୦୦୦୲ ଙ୍କା ବ୍ୟୟ କରିବାର ମଞ୍ଜୁର କରିଅଛନ୍ତି । ଏକଜଣ ଡେପୁଟୀ କଲେକ୍ଟରଙ୍କ ଅଧୀନରେ ଏ କାର୍ଯ୍ୟ ହେବ ।

ଡେଲିନ୍ୟୁଜ ଶୁଣିଅଛନ୍ତି କି ରଙ୍ଗୁନର ମୁସଲମାନମାନେ ଦୁର୍ଭିକ୍ଷ ସାହାଯ୍ୟ ଫଣ୍ଡରେ ଟ ୨୩୦୦୦୲ ଙ୍କା ଚାନ୍ଦା ଦେଇଅଛନ୍ତି ଓ ମଣ୍ଡାଲେ ନଗରରୁ ଏଥିରୁ ଅଧିକ ଟଙ୍କା ଚାନ୍ଦା ସ୍ୱରୂପ ଆସିବାର ସମ୍ଭାବନା ଅଛି ।

ଦୁର୍ଭିକ୍ଷ ସାହାଯ୍ୟ ଫଣ୍ଡରେ ହାଇଦ୍ରାବାଦର ନିଯାମ ଟ ୨୫୦୦୦୲ ଙ୍କା ଚାନ୍ଦା ଦେଇଅଛନ୍ତି ଏଟଙ୍କା ସହିତ ସେଠାରେ ଟ ୬୫୦୦୦୲ ଙ୍କା ଚାନ୍ଦା ଉଠିଅଛି । ପଠାଣମାନେ ଏ ସମୟରେ ଅତି ବଦାନ୍ୟତା ପ୍ରକାଶ କରୁଅଛନ୍ତି ।

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଯାଉଅଛି ଯେ ଉରମ ମଧ୍ୟମ ଶ୍ରେଣୀ ଇଂରେଜୀସ୍କୁଲ ନିମନ୍ତେ ମାସିକ ଟ ୨୫୲ ବେତନରେ ଏକଜଣ ହେଡ୍‌ମାଷ୍ଟରର ପ୍ରୟୋଜନ । ଯେଉଁମାନେ ଏଣ୍ଟ୍ରେନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷକତା କାର୍ଯ୍ୟରେ ସୁଦକ୍ଷତା ଲାଭ କରିଅଛନ୍ତି ସେମାନଙ୍କର ଆବେଦନ ସର୍ବାପେକ୍ଷା ଆଦରଣୀୟ ହେବ । କର୍ମାକାଂକ୍ଷୀମାନେ ସ୍ୱ ସ୍ୱ ପ୍ରଶଂସାପତ୍ର ଅନୁଲିପି ସହ ଅବିଲମ୍ବେ ବାଲେଶ୍ୱର ଜିଲାସ୍କୁଲ ସମୂହର ଶ୍ରୀଯୁକ୍ତ ଡେ଼ପୁ ଇଃ ମହାଶୟଙ୍କ ନିକଟକୁ ଆବେଦନ କରିବେ ।

ଯୋଗ୍ୟତା ଦେଖାଇଲେ ଭବିଷ୍ୟତରେ ବେତନ ବୃଦ୍ଧି ହୋଇପାରିବ ଇତି ।

୧୭।୮।୭୭ } ଶ୍ରୀ ଦଣ୍ଡମୋହନ ପାଢୀ
ଉରମ } ଉରମ ସ୍କୁଲ ସମ୍ପାଦକ

## ବଙ୍ଗଦେଶୀୟ ସନ ୧୮୭୬ ସାଲ ଆ ୫ ଇନର ଦ ୬୨୫ ଧା ଅନୁସାରେ ।

କଟକ ମିଉନିସିପାଲିଟିର ଅନ୍ତର୍ଗତ ନ ୧ ଓ ୨ ଓ ୩ ଓ ୪ ଓ ୫ ସର ୱାର୍ଡମାନଙ୍କର ଅନ୍ତର୍ଗତ ଯେଉଁମାନଙ୍କ ତାଲିକାରେ ଲୁସଖର୍ଚ୍ଚି ଥାଇଁ ସେମାନଙ୍କ ଉପରେ କୌଣସି ଟେକ୍ସ ଧାର୍ଯ୍ୟ ହୋଇ ନ ଥିବ ବସ୍ତିମାନଙ୍କୁ ନୂତନ ବନ୍ଦୋବସ୍ତରେ ସନ ୧୮୭୭ ସାଲ ଆ ୪ ଇନର ଧା ୭୭ ସ ବିଧାନକ୍ରମେ ସେମାନଙ୍କର ଟେକ୍ସ ନିରୂପଣର ନିର୍ବାଚକ ଶ୍ରୀଯୁତ ବାବୁ ଜଗମୋହନ ସମ୍ବନ୍ଧ ଦ୍ୱାରା ପ୍ରସ୍ତୁତ ହୋଇଅଛି ଅତଏବ ଏହି ନୋଟିସ ଦିଆଯାଉଅଛି କି ଯେ କୌଣସି ବ୍ୟକ୍ତି ଉକ୍ତ ନିର୍ଦ୍ଦେଶପତ୍ର ଦେଖିବାକୁ ଇଚ୍ଛା କରେ ବନ୍ଦଦିନ ଛଡା କେଉଁ ଗୋଟି ଦିନ କଚେରୀ ଖୋଲିଥିବା ସମୟରେ ଉକ୍ତ କମିଶନରମାନଙ୍କ କାର୍ଯ୍ୟାଳୟକୁ ଯାଇ ତାହା ଦେଖିପାରିବେ ଓ ଉକ୍ତ ଟେକ୍ସ ନିରୂପଣପତ୍ର ମଧ୍ୟରେ ଯେଉଁ ୨ ବ୍ୟକ୍ତିଙ୍କ ନାମ ଲେଖାଥିବ ସେ ବ୍ୟକ୍ତିମାନଙ୍କୁ ଏହାଦ୍ୱାରା ଏହି ଅଜ୍ଞା କରାଗଲା ଯେ ସେମାନଙ୍କ ନାମର ପାର୍ଶ୍ୱରେ ଯେତେ ଟଙ୍କା ଲେଖାଥିବ ତହିଁ ୨ ମାସ କିସ୍ତି କରି ସେମାନେ ଅତ୍ର ମିଉନିସିପାଲିଟିର ଟେକ୍ସଦାରୋଗାଙ୍କୁ ନିୟମାନୁସାରେ ଦେବେ ଟଙ୍କା ଦେବ ସନ ୧୮୭୭ ମସିହା ଅପ୍ରେଲ ମାସ ତା ୧ ରିଖରେ କି ତହିଁ ପୂର୍ବ ପ୍ରଥମ କିସ୍ତି ଜୁଲାଇ ମାସ ତା ୧ ରିଖ କି ତହିଁ ପୂର୍ବ ଦ୍ୱିତୀୟ କିସ୍ତି ଅକ୍ଟୋବର ମାସ ତା ୧ ରିଖ କି ତହିଁ ପୂର୍ବ ତୃତୀୟ କିସ୍ତି ଓ ସନ ୧୮୭୮ ମସିହା ଜାନୁଏରୀ ମାସ ତା ୧ ରିଖ କି ତହିଁ ପୂର୍ବ ଚତୁର୍ଥ କିସ୍ତି ଦେଉଥିବ ନ ଦେଲେ ବାକିଦାରର ଅସ୍ଥାବର ସମ୍ପତ୍ତି କିମ୍ବା ଯେଉଁ ଭୂସମ୍ପତ୍ତି ଉପଲକ୍ଷରେ ସେହି ଟେକ୍ସ ବସା ଯାଉଅଛି ତହିଁମଧ୍ୟରୁ ସେହି ବାକିଦାରର ଯେଉଁ ଦ୍ରବ୍ୟ ମିଳିବ ତାହା କ୍ରୋକ ନିଲାମ କରି ସେହି ଟଙ୍କା ଆଦାୟ କରିବା ନିମନ୍ତେ ଅଇନ କ୍ରମେ ଅନ୍ୟାନ୍ୟ ଯେଉଁ କାର୍ଯ୍ୟ କରିବାକୁ ଅନୁମତି ଥିବ ତାହା କରି ସେହି ବାକି ଟଙ୍କା ଆଦାୟ କରାଯିବ ପ୍ରକାଶ ଥାଉ କି ଏତଦ୍ୱାରା ଯେ କେହି ଆପତ୍ତି କରିବାକୁ ଚାହେଁ ସେ ଏହି ନୋଟିସ ଜାରୀ ତାରିଖରୁ ଦ ୩୦ ଦିନ ମିଆଦ ମଧ୍ୟରେ କରିବ ତତ୍‌ପରେ କଲେ ଶୁଣାଯିବ ନାହିଁ ତା ୩୦ ରିଖ ମାହେ ଜୁନ ସନ ୧୮୭୭ ମସିହା ।

ପ୍ରକାଶ ଥାଉକି ପ୍ରଥମକିସ୍ତି ଓ ଦ୍ୱିତୀୟ କିସ୍ତିର ମିଆଦ ଶେଷ ହୋଇଥିବାରୁ ଟେକ୍ସ କଲେକ୍ଟର କାଲ ଦେଇସଣ ଉକ୍ତ ଦୁଇକିସ୍ତି ବାକି ଟଙ୍କା ଆଦାୟ କରିବାକୁ ହେବ ଓ ନ ୩ କିସ୍ତି ତଡତ ଅକ୍ଟୋବର ମାସ ତା ୧ ରିଖ କି ତହିଁ ପୂର୍ବ ଓ ୪ ର୍ଥ କିସ୍ତି ସନ୧୮୭୮ ମସିହା ଜାନୁଏରୀ ମାସ ତା୧ରିଖ କି ତହିଁପୂର୍ବ ଜାଣିବ ତାରିଖ ସନ ସଦର ।

H. HANDLEY.

ପାରସ୍ୟଦେଶୀରେ ମହାକବି ସେଖସାଦି ସିରାଜିଙ୍କ ରଚିତ ଗୁଲସ୍ତାନ୍ ନାମକ ପୁସ୍ତକର ପ୍ରଥମାଙ୍କ ଉତ୍କଳଭାଷାରେ ଗଦ୍ୟ ପଦ୍ୟରେ ଅନୁବାଦିତ ଓ ମୁଦ୍ରାଙ୍କିତ ହୋଇ ବିକ୍ରୟ-ଉଦ୍ଦେଶ୍ୟରେ ବହୁସଂଖ୍ୟ ଛାପିତ ପ୍ରସ୍ତୁତ ଅଛି ଯେ କେହି ଉକ୍ତ ପୁସ୍ତକ କ୍ରୟ କରିବାକୁ ଇଚ୍ଛା କରିବେ ସେମାନେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ କାର୍ଯ୍ୟାଳୟରେ ଓ ଓଡିଶାପେଟ୍ରିଅଟ ପ୍ରେସରେ ଓ ଶ୍ରୀ ବାବୁ ତାରିଣୀଚରଣ ବନ୍ଦ୍ୟୋପାଧ୍ୟାୟଙ୍କ ଦୋକାନରେ ଅଥବା ମାହୁରୀବାଜାର ଅତି ବଜାରେ ତତ୍ତ୍ୱ କଲେ ପ୍ରାପ୍ତ ହେବେ ।

ମଫସଲ ଗ୍ରାହକମାନେ ନେବାକୁ ଇଚ୍ଛା କଲେ ସେମାନେ ଟ ୦ / ଡାକମାସୁଲ ସହିତ ମୂଲ୍ୟ ପଠାଇଲେ ପାଇବେ ।

ମୂଲ୍ୟ ଟ ୦ ।୵ ମାତ୍ର
ଶ୍ରୀ ରାଧାଶ୍ୟାମ ନର

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହରିବଲ୍ଲଭ ବୋଷ | କଟକ | [illegible] | ଟ ୭୲ ଙ୍କା |
| " ସୁଦର୍ଶନ ଦାସ | " | " | ଟ ୬୲ ଙ୍କା |
| " ରଘୁନାଥ ବୋଷ | " | " | ଟ ୨୲ ଙ୍କା |

ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# SUPPLEMENT
## TO THE UTKAL DIPICA

CUTTACK, SATURDAY, 1st September, 1877.

*This supplement is intended for those who desire to express their thoughts in English on various local and general subjects, and will be issued whenever there is matter for it*—Editor.

### THE HONORABLE MR. EDEN ON THE VERNACULAR PRESS.

The utterances of Mr. Eden at a public assembly convened on the 14th August current at Belvedere for the purpose of bestowing Khillats and Sununds on some of the native gentlemen of Calcutta, appear to have produced in many quarters a feeling of bitterness. The occasion was one of joy and happiness, and no one ever thought or even dreamed of such unpleasantness in its midst. After having spoken at length on the loyalty of the Bengalees, Mr. Eden then began to expatiate on the worthlessness and the evil tendency of the Vernacular Press. He remarked, "I have always said that the Vernacular Press in no way represents the feelings of the people, it is not in the hands of men of influence of learning or position with a claim to be considered representatives of native thought, it has no standing or influence in native society, no one believes it, no one trusts it, no one is led by it." His Honor, we believe, must have meant well, when such words as those quoted above fell from his mouth, and far from having any motive to give hurt to the feelings of his audience he must have thought that by pointing out the failings and defects of the Vernacular Press he would thereby be able to improve its tone and character. There can be no doubt that His Honor's intention was good; and we thank him therefore for this frank and honest expression of his sentiments. But we doubt whether His Honor is right in forming so low an estimate of the status and character of the native Press. Even if he had thought himself right in the matter, it would have been better should he have selected some other place and opportunity for the exposition of his views and giving good advice to the conductors of the Vernacular Press.

Let us now see how far the premises by which His Honor has been led to the inference regarding the question at issue, are correct and well founded. First of all His Honor says that "the Vernacular Press in no way represents the feelings of the people." If this were fact, how could then so many vernacular papers have been started in Bengal.? There are about 60 Vernacular Newspapers in Bengal, and their number is year by year increasing, keeping pace with the advance of learning and civilization in the country. If on an average therefore each paper attains a circulation of 800, and is read by 5 men at least, it follows that about 2½ lacs of the intelligent public of Bengal read Vernacular Newspapers; and spend more than three lacs of rupees for the purpose. If the native Press does not "represent the feelings of the people," or "has no standing or influence in native society," why then the number of subscribers is becoming more and more every year? We admit that the Vernacular Press has many shortcomings. But this is owing only to the numerous disadvantages it is laboring under. Still for all that it is unjust to call it disloyal or bearing ill will to Government because it sometimes has taken the liberty of criticising freely any of the measures of Government or the conduct of any Government official. It is true it was sometimes harsh in its criticisms on the conduct of some Govt. officials, but is it not equally true that it has always been lavish in bestowing panegyrics upon many from whom the country has obtained even the smallest amount of benefit? Gratitude is one of the characteristic virtues of the Hindoos. There is hardly any one among them whose heart does not glow with gratitude when he counts upon the numerous blessings which the British rule has conferred upon us. Even while criticising the conduct of Government officers the Vernacular Press does not lose sight of their eminent virtues, or omit to take notice of their praiseworthy acts. Whatever His Honor may think with regard to the present attitude of the Native Press, there is not the least doubt that it has done an immense deal of good to the country it represents, and that it is also less severe and hostile than the English Press, whose tone and spirit it has latterly imitated. If any Vernacular Newspaper were half so pungent in its remarks against a Governor, as the Statesman lately was towards Sir Richard Temple, there would surely have been no end of invectives against it. But still the Vernacular Press is condemned as "disloyal" and "seditious," while no notice has ever been taken of the conduct of the English Press at all! It is well known to the readers that Sir Richard Temple, when Lieutenant Governor of Bengal, used to mix freely with the natives, and devoted much of his time to the study of their national character. It would not therefore be out of place if we take down here the opinion of such an important personage on the character of the Vernacular Press. "I have," says Sir Richard in his administration Report, "accordingly paid due attention to this subject and my general conclusion is decidedly favorable in respect to the loyalty and good will of the Bengali press towards the British crown and nation, and towards British rule in the main."

☞ *Printed and published at the Cuttack Printing Co's Press.*

Digitized by srujanika@gmail.com

Split by PDF Splitter

144

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଶ
ସଂ ୩୫ ସଂଖ୍ୟା

ତା ୧ ଲା ମାହେ ସେପ୍ଟେମ୍ବର ସନ ୧୮୭୭ ମସିହା । ମୁ । ଭାଦ୍ରବ ଦି ୧୮ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨॥୧
ମଫସଲପାଁଇ ଡାକମାସୁଲ ଟ ୧୵

ଆମ୍ଭେମାନେ ଦୁଃଖିତ ହୋଇ କହୁଅଛୁଁ ଯେ ଏସପ୍ତାହ ଯାଏ ଏ ନଗରରେ ବୃଷ୍ଟି ହୋଇ ନାହିଁ । ମଫସଲର ଏକାଧ ଜାଗାରେ କେମନ୍ତ କେତେବେଳେ କିଛି ବୃଷ୍ଟି ହୋଇଅଛି ମାତ୍ର କୌଣସି ସ୍ଥାନରେ ପ୍ରଚୁର ବର୍ଷା ହୋଇ ନାହିଁ । ପୁରୀ ଓ ଖୋରଧା ଅଞ୍ଚଳରେ ବୃଷ୍ଟିର ବିଶେଷ ଅଭାବ ଓ ସେଠାରେ ଚାଉଳର ଭାଉ ଅତିଶୟ ଉଚ୍ଚ ଅର୍ଥାତ୍ ଟଙ୍କାକୁ ସେ ୯।୧୦ ର ଲେଖାଏ ମିଳୁ ଅଛି । ଏହି ପରି ଦେଖାଯାଏ ଯେ ଫସଲର ଅବସ୍ଥା ଅଦ୍ୟ ଭଲ ହୋଇ ନାହିଁ ଓ ଏଣିକି ଭଲ ବର୍ଷା ହେଲେ ସୁଦ୍ଧା ପୂର୍ଣ୍ଣ ଫସଲ ମିଳିବାର ଆଶା ଦେଖାଯାଉ ନାହିଁ ।

---

ତୁରଷ୍କ ଓ ରୁସିୟାର ଯୁଦ୍ଧ ସମ୍ପର୍କରେ ଏ ସପ୍ତାହରେ ଯେତେ ସମ୍ବାଦ ତାରଡାକଯୋଗେ ଆସିଅଛି ପ୍ରାୟ ସମସ୍ତ ତୁରଷ୍କର ସପକ୍ଷରେ ଅଟଇ । ବଲକାନପର୍ବତରେ ସିପକାପାଟି ଉପତ୍ୟ-କାରେ କ୍ରମାଗତ ଯୁଦ୍ଧ ହୋଇଥିଲା ସୁଲେମାନପାଶା ରୁଷୀୟଙ୍କୁ ଅନେକଥର ଆକ୍ରମଣ କରି ପରି-ଶେଷରେ ଗତ ମାସ ତା ୨୬ ରଖର ଯୁଦ୍ଧରେ ସିପକାପାଟି ହସ୍ତଗତ କଲେ । ଏଦିନ ଯୁଦ୍ଧରେ ୪୦୦୦ ରୁଷୀୟ ଓ ୧୨୦୦ ତୁରଷ୍କ ସେନା ମରି ପଡିଥିଲେ ରୁଷୀୟଙ୍କର ଜଣେ ଜେନରଲ ମଧ୍ୟ ଏ ଯୁଦ୍ଧରେ ମରି ଯାଇଅଛନ୍ତି । ତୁରଷ୍କ ସୈନ୍ୟମାନେ ଯେବେ ଆଉ କିଛିଦିନ ଏପରି ବିକ୍ରମ ଦେଖାଇବେ ତେବେ ବୋଧ ହୁଅଇ ରୁଷୀୟଙ୍କୁ ଲେଉଟି ଡାନ୍ୟୁବନଦୀ ପାରି ହେବାକୁ ପଡିବ ।

---

ଚଳିତ ମାସ ଆରମ୍ଭଠାରୁ ପାକେଟ ଅର୍ଥାତ୍ ଖୋଲା ପୁଲିନ୍ଦା ଓ ପାର୍ସଲ ଅର୍ଥାତ୍ ବନ୍ଦ ପୁଲିନ୍ଦା ଡାକଯୋଗେ ପଠାଇବାର ମାସୁଲ ଊଣା ହୋଇଅଛି । ପାକେଟ, ତୋ ୧୦ ଲା ଓଜନରୁ ଅଧିକ ନ ହେଲେ ମାସୁଲ ଏକଅଣା; ତୋ-୧୦ ଲାଠାରୁ ତୋ ୪୦ ଲା ପର୍ଯ୍ୟନ୍ତ ଟ ୦ ୵ ଓ ତୋ୪୦ଲାରୁ ଅଧିକ ପ୍ରତ୍ୟେକ ତୋ୪୦ଲା କିମ୍ବା ତହିଁର ଅଂଶ ଉପରେ ଟ ୦ ୵ ଲିଆ ଯିବ ।

ପାକେଟ ଉପରେ ଅଗ୍ରିମ ମାସୁଲ ଦେବା ଓ ଦୁଇମୁହଁ ଖୋଲା ରଖିବାର ନିୟମମାନ ପୂର୍ବରୁ ଯାହା ଅଛି ତାହା ପରିବର୍ତ୍ତିତ ହୋଇ ନାହିଁ ।

ପୁଲିନ୍ଦା ତୋ ୪୦ ଲାର ଅଧିକ ନ ହେଲେ ମାସୁଲ ଟ ୦ ୵ ଲାଗିବ ଓ ତୋ ୪୦ ଲାରୁ ଅଧିକ ପ୍ରତ୍ୟେକ ତୋ୪୦ଲା ବା ତହିଁର ଭଗ୍ନାଂଶ ସକାଶେ ଚାରିଅଣା ଲେଖାଏଁ ମାସୁଲ ନିଆଯିବ ।

ପୁଲିନ୍ଦାର ମାସୁଲ ଅଗ୍ରିମ ଦେବା ନ ଦେବା ପୂର୍ବ ପରି ସ୍ୱେଚ୍ଛାଧୀନ ରହିଲା ।

---

ପାର୍ଲିମେଣ୍ଟ ସଭାର ଯେଉଁ ଅଧିବେଶନ ହୋଇଥିଲା ତାହା ଗତ ମାସରେ ଶେଷ ହେଲା । ସଭା ଭାଙ୍ଗିବା ଦିନ ଶ୍ରୀମତୀ ମହାରାଣୀ ନିମ୍ନଲିଖିତ ମର୍ମରେ ବକ୍ତୃତା କରିଥିଲେ ।

"ବିଦେଶୀୟ ରାଜାଙ୍କ ସହିତ ଆମ୍ଭର ସମ୍ବନ୍ଧ ସୁହୃଦ୍‌ଭାବାପନ୍ନ ଅଛି । ଇଉରୋପରେ ଶାନ୍ତି ସଂସ୍ଥାପନ ସକାଶେ ଆମ୍ଭେ ଅନେକ ଯତ୍ନ କଲୁଁ ମାତ୍ର ତାହା ସଫଳ ହେଲା ନାହିଁ । ଯେପର୍ଯ୍ୟନ୍ତ ଗେଟବ୍ରିଟେନର ସ୍ୱାର୍ଥର ବ୍ୟାଘାତ ନ ହେବ ସେ-ପର୍ଯ୍ୟନ୍ତ ତୁରଷ୍କ ଓ ରୁସିୟାର ଯୁଦ୍ଧରେ ଆମ୍ଭେ ଉଦାସୀନ ରହିବୁଁ । ଆମ୍ଭେ ସାଧ୍ୟାନୁସାରେ ଉଭୟ ରାଜ୍ୟ ମଧ୍ୟରେ ସନ୍ଧି ସଂସ୍ଥାପନର ଚେଷ୍ଟା କରିବୁଁ ପରନ୍ତୁ ଯଦି ଏହି ବିବାଦରେ ଗ୍ରେଟ ବ୍ରିଟେନର କୌଣସି କ୍ଷତି ହୁଅଇ ତେବେ ଆ-ମ୍ଭେ ଆପଣମାନଙ୍କର ସାହାଯ୍ୟ ଉପରେ ନିର୍ଭର କରିବୁଁ । ଦକ୍ଷିଣ ଭାରତବର୍ଷର ଭୟାନକ ଦୁର୍ଭିକ୍ଷ କଥା ଶୁଣି ଆମ୍ଭେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ ଏବଂ ଦୁର୍ଭିକ୍ଷ ଅଧିକକାଳ ସ୍ଥାୟୀ ହେବାର ସମ୍ଭା-ବନା ହେବାରୁ ଆମ୍ଭର ଅଧିକ ଚିନ୍ତାର କାରଣ ହୋଇଅଛି । ଆମ୍ଭେ ଆଶା କରୁଁ ଯେ ଏ ବିପଦର ପ୍ରତୀକାର ନିମିତ୍ତ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ କୌଣସି ଚେଷ୍ଟାରେ ତ୍ରୁଟି କରିବେ ନାହିଁ ।"

---

ମାନ୍ଦ୍ରାଜରେ ଦୁର୍ଭିକ୍ଷ ସାହାଯ୍ୟ ସକାଶେ ଚାନ୍ଦା ସଂଗ୍ରହ କରିବାର ସଭାର ବିବରଣ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ତାର-ଡାକ ଯୋଗେ ସମ୍ବାଦ ପାଇ ଇଂଲଣ୍ଡର ଧନାଢ୍ୟ ଲୋକମାନେ ଅତି ତତ୍ପର ହୋଇ ଅନେକଟଙ୍କା ଚାନ୍ଦା ପଠାଉଅଛନ୍ତି ଓ ସ୍ୱୟଂ ମହାରାଣୀ ଓ ରାଜକୁମାର ମଧ୍ୟ ଚାନ୍ଦା ପ୍ରଦାନ କରି

Digitized by srujanika@gmail.com

Split by PDF Splitter



ଅଛନ୍ତି । ଏଥି ମଧ୍ୟରେ ପ୍ରାୟ ଦୁଇଲକ୍ଷ ଟଙ୍କା ଇଂଲଣ୍ଡରୁ ଚେନ୍ଦା ସ୍ୱରୂପ ଆସିଲାଣି । ଭାରତବର୍ଷର ନାନାସ୍ଥାନରେ ଲୋକେ ଚେନ୍ଦା ଦେବାକୁ ଅଗ୍ରସ୍ଥ ଅଛନ୍ତି ମାତ୍ର ସମ୍ପ୍ରତି ଲର୍ଡ ଲିଟନ ଚେନ୍ଦା କରିବା ଯୁକ୍ତିସିଦ୍ଧ ଜ୍ଞାନ କରୁ ନାହାନ୍ତି । ତାହାଙ୍କର ମତ ଏହି ଯେ ରାଜକୋଷରୁ ସାହାଯ୍ୟ ନିମିତ୍ତ ଟଙ୍କା ଦଆଯିବ ଓ ପଛକୁ ନିତାନ୍ତ କଠିନ ହୋଇ ପଡଲେ ସର୍ବସାଧାରଣଙ୍କଠାରୁ ଚେନ୍ଦା ଗୃହୀତ ହେବ । ଲର୍ଡଲିଟନଙ୍କର ଏରୂପ ଭାବ ପ୍ରକାଶ ହେବାରୁ ଚେନ୍ଦା ସଂଗ୍ରହ ନିମିତ୍ତ ସ୍ଥାନ ସ୍ଥାନରେ ଯେ ସମସ୍ତ କମିଟୀ ହେବାର ଥିଲା ତାହା ସବୁ ବନ୍ଦ ରହିଲା । ବର୍ତ୍ତମାନ୍ ଲର୍ଡ ଲିଟନ ସ୍ୱୟଂ ଦୁର୍ଭିକ୍ଷପୀଡିତ ଦେଶରେ ଭ୍ରମଣ କରି ସାହାଯ୍ୟର ବ୍ୟବସ୍ଥା କରୁଅଛନ୍ତି । ଅଳ୍ପଦିନରେ ଚେନ୍ଦାର ଆବଶ୍ୟକ ହେବା ନ ହେବା କଥା ଜଣାପଡିବ ।

ଅମ୍ଭମାନଙ୍କ ମତରେ ଲର୍ଡ ଲିଟନଙ୍କ କଥିତ ଉତ୍ତମ ହୋଇଅଛି ଦୁର୍ଭିକ୍ଷରୁ ଲୋକଙ୍କୁ ରକ୍ଷା କରିବା ଗୋଟିଏ ସାମାନ୍ୟ ବ୍ୟାପାର ନୁହଇ । ଗବର୍ଣ୍ଣମେଣ୍ଟ ସେ ଭାର ନ ନେଲେ କେବଳ ଲୋକଙ୍କ ସାହାଯ୍ୟରେ ଚଳି ନ ପାରେ । ସୁତରାଂ ତହିଁର ବ୍ୟୟ ରାଜକୋଷରୁ ହେବାର ଉଚିତ । ଅଥଚ ରାଜକୋଷର ଧନ ଯେମନ୍ତ ସର୍ବସାଧାରଣଙ୍କର ଚେନ୍ଦାଟଙ୍କା ମଧ୍ୟ ସେହିପରି ସର୍ବସାଧାରଣଙ୍କର ଅଟଇ । ବିଶେଷ ଦୁର୍ଭିକ୍ଷ ସାହାଯ୍ୟ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନିୟମିତ କାର୍ଯ୍ୟ ହେଲାଣି ଅତଏବ ଏଥିପାଇଁ ଚେନ୍ଦା ଉପରେ ନିର୍ଭର ନ କରି ବରଂ ରାଜକୋଷରେ ଧନ ନିଅଣ୍ଟ ହେଲେ ଟାକ୍ସରୂପେ ତାହା ପୂର୍ଣ୍ଣ କରିବା ଭଲ ।

---

## ବାଲେଶ୍ୱରର ଅପବାଦ ମକଦ୍ଦମା ।

ଉତ୍କଳଦର୍ପଣ ନାମରେ ହୋଇଥିବା ଅପବାଦ ମକଦ୍ଦମା ଘେନି ବାଲେଶ୍ୱରରେ ବଡ଼ ଚହଳ ପଡି ଯାଇଅଛି । ଏ ମକଦ୍ଦମା ଏତେ ସହରର ଲୋକଙ୍କର ମନକୁ ଆକର୍ଷଣ କରିବ ଅମ୍ଭେମାନେ ଆଦୌ ଜାଣି ପାରି ନ ଥିଲୁଁ ମାତ୍ର ଦର୍ପଣରୁ ଜଣାଗଲା ଯେ ବାଲେଶ୍ୱର ନଗରଯାକ ଏହି ମାମଲା ଘେନି ବ୍ୟସ୍ତ ଓ କଚେରିରେ ମାମଲା ପଡିବା ବେଳେ ଲୋକର ଭିଡ ଏମନ୍ତ ହୁଅଇ ଯେ ଇଜଲାସ କୋଠରିରେ ସ୍ୱଚ୍ଛନ୍ଦରେ ଛିଡା ହେବାର କଠିନ ହୁଅଇ । ଶୁଣିଲୁଁ ଅତ୍ୟନ୍ତ ସୁଖର ବିଷୟ ଏହି ଯେ ପ୍ରାୟ ସମସ୍ତ ଲୋକ ସମ୍ପାଦକଙ୍କ ସପକ୍ଷରେ ଅଛନ୍ତି । ଏଥିରୁ ସ୍ପଷ୍ଟ ବୋଧ ହୁଅଇ ଯେ ମାନ୍ୟବର ଇଡନସାହେବ ଯାହା ବୋଲନ୍ତୁ ଦେଶୀୟ ସମ୍ବାଦପତ୍ର ପ୍ରତି ଲୋକଙ୍କର ଯଥାର୍ଥ ଶ୍ରଦ୍ଧା ଅଛି ଓ ସମ୍ପାଦକ ଭୁଖକୁ ହାତରୁ ଗାଇ ବାଣିଜ୍ୟ କରୁ ନାହାନ୍ତି । ଯାହାଙ୍କ ସକାଶେ ସମ୍ପାଦକ ଶ୍ରମ କରୁଅଛନ୍ତି ଯେବେ ସେମାନଙ୍କ ସହାନୁଭୂତି ଲାଭ କଲେ ତେବେ ତହିଁପାଇଁ ଯେତେ ବିପଦ ପଡୁ ତାହା ବଡ ନୁହଇ । ଫଳତଃ ଅମ୍ଭେମାନେ ବାଲେଶ୍ୱର ନଗରବାସିଙ୍କର ଏକତା ଓ ସହାନୁଭୂତିର ବାର୍ତ୍ତା ଶୁଣି ଅତ୍ୟନ୍ତ ଆନନ୍ଦିତ ଓ ଉତ୍ସାହିତ ହୋଇଅଛୁଁ ।

ମକଦ୍ଦମାଟି ବଡ ଧୂମଧାମରେ ଚଳୁଅଛି । ଫରିୟାଦୀ ପକ୍ଷରେ ସ୍ୱୟଂ ମାଜିଷ୍ଟ୍ରେଟ ସାହେବ, ବର୍ଣ୍ଟାଲିସ୍ ସାହେବ, ମାର୍ସେଲ ସାହେବ, ବାବୁ ଉଦୟନାରାୟଣ ସିଂହ ପ୍ରଭୃତି ସମ୍ଭ୍ରାନ୍ତ ଇଂରେଜ ଓ ଦେଶୀୟ ଲୋକଙ୍କର ସାକ୍ଷ୍ୟ ଗୃହୀତ ହୋଇ ମୁଦାଲା ଉପରେ ଅଭିଯୋଗ ହୋଇଅଛି ଓ ମୁଦାଲାର ଜବାବ ନିଆ ଯାଇ ବାବୁ ଜଗଦୀଶନାଥ ରାୟ, ପଣ୍ଡିତ ଶ୍ରୀଶଚନ୍ଦ୍ର ବିଦ୍ୟାରତ୍ନ, ବାବୁ କୃଷ୍ଣବିହାରୀ ପାଲ ପ୍ରଭୃତି ଦେଶୀୟ ସମ୍ଭ୍ରାନ୍ତ ଲୋକଙ୍କର ଜୋବାନବନ୍ଦୀ ଗୃହୀତ ହୋଇ ମଫସଲରେ ଥିବା ସଫାଇ ସାକ୍ଷିଙ୍କର ଜୋବାନବନ୍ଦୀ ନିମିତ୍ତ ଗଲତ ମାସ ତା ୫ ରଖ ଧାର୍ଯ୍ୟ ହୋଇଅଛି ।

ଫରିୟାଦୀ ପକ୍ଷରୁ ବାଲେଶ୍ୱରର ଜଣେ ଉକିଲ ଓ ମୁକ୍ତାର ଛଡା ମେଦିନୀପୁରର ସରକାରି ଉକିଲ ବିପିନବିହାରୀ ଦତ୍ତ ବି, ଏଲ ମକଦ୍ଦମା ଚଳାଉଅଛନ୍ତି ଓ ମୁଦାଲା ପକ୍ଷରେ ମିଷ୍ଟର ପୀ, ଏନ୍, ମିତ୍ର ବାରିଷ୍ଟର କଲିକତାରୁ ଆସିଅଛନ୍ତି ଏବଂ ବାଲେଶ୍ୱରର କେତେଜଣ ଉକିଲ ଓ ମୁକ୍ତାର ମଧ୍ୟ ନିଯୁକ୍ତ ହୋଇଅଛନ୍ତି ।

ଅମ୍ଭେମାନେ ଦୁଃଖିତ ହେଲୁଁ ଯେ ସ୍ଥାନାଭାବରୁ ଫରିୟାଦୀର ଇଜହାର ପ୍ରକାଶ କରି ପାରିଲୁଁ ନାହିଁ । ବାରିଷ୍ଟରଙ୍କ ପ୍ରଶ୍ନରେ ଫରିୟାଦୀ କହିଅଛି ଯେ ତାହା ଗ୍ରାମର ନିକଟବାସୀ ଜଣେ କଗୋଶିଆଲ ସରକାର ବାଲିୟାପାଳ ସଡକର ପ୍ରଧାନ କଣ୍ଟ୍ରାକ୍ଟର ଥିଲା । ଏ ବ୍ୟକ୍ତି ପ୍ରଥମେ ବାଲେଶ୍ୱରକୁ ଆସି ଫରିୟାଦୀ ବସାରେ ରହିଥିଲା । ସେଠାରୁ ଆପଣା କଣ୍ଟ୍ରାକ୍ଟ ସ୍ଥାନକୁ ଚାଲି ଗଲା । ତାହା ଅଧୀନରେ ନଦିୟା ଜିଲ୍ଲାର ୫ । ୭ ଜଣ କଣ୍ଟ୍ରାକ୍ଟର ଥିଲେ । ସେହି ଜିଲ୍ଲାରେ ଫରିୟାଦୀ ଓ କଗୋଶିଆଲର ଘର ଅଟଇ । ସଡକ ନିର୍ମାଣ ସମୟରେ ଫରିୟାଦୀ ଆପଣା ନାମରେ ଏବଂ ଆପଣା କନ୍ୟାମାନଙ୍କ ନାମରେ ଟ ୧୯୦୦ ଙ୍କା ସେଭିଂସବ୍ୟାଙ୍କରେ ଜମା କରିଥିଲା ତହିଁ ପୂର୍ବେ କେବେହେଁ ଏତେ ଅଧିକ ଟଙ୍କା ଜମା କରି ନ ଥିଲା । ତାହା ପ୍ରତି ମୁଦାଲାର ଈର୍ଷା ହେବାର କୌଣସି କାରଣ ସେ ଜାଣଇ ନାହିଁ । ତାହାର ବେତନ ମାସିକ ଟ ୩୦୦ ଙ୍କା ଏ ଛଡା ଗସ୍ତଖର୍ଚ୍ଚା ଓ ଘୋଡା ଖର୍ଚ୍ଚା ଇତ୍ୟାଦି ତାହାକୁ ମିଳଇ । ତାହାଙ୍କ ରିପୋର୍ଟରେ କଣ୍ଟ୍ରାକ୍ଟରମାନେ ଟଙ୍କା ପାଉଥିଲେ ଇତ୍ୟାଦି ।

---

## ଛୋଟ ଲାଟସାହେବଙ୍କ ଦରବାର ଓ ଦେଶୀୟ ସମ୍ବାଦପତ୍ର ।

ଗତମାସ ତା୧୦ରଖରେ ମାନ୍ୟବର ଇଡନସାହେବ କଲିକତା ନଗରସ୍ଥ ଆପଣାର ବେଲଭେଡିଅର ଭବନରେ ଗୋଟିଏ ଦରବାର ରଚନା କରିଥିଲେ । ଗତ ଜାନୁୟାରିମାସର ଦିଲ୍ଲୀମହାସଭାରେ ଯେଉଁ କଲିକତାବାସିମାନେ ସମ୍ମାନସୂଚକ ପଦମାନ ପାଇଥିଲେ ସେମାନଙ୍କୁ ଉକ୍ତ ପଦର ସନନ୍ଦ ଓ ଖେଲତ ଦେବା ଏ ଦରବାରର ଉଦ୍ଦେଶ୍ୟ ଥିଲା ଦରବାରରେ ଅନେକ ଉଚ୍ଚ ରାଜକର୍ମ୍ମଚାରୀ ଓ ଅପର ଇଂରେଜ ଓ ଦେଶୀୟ ସମ୍ଭ୍ରାନ୍ତବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ । ଦରବାରର କାର୍ଯ୍ୟ ଅତ୍ୟନ୍ତ ସମାରୋହପୂର୍ବକ ସମ୍ପନ୍ନ ହୋଇଥିଲା ଏବଂ ଦରବାରକୁ ସୁଶୋଭିତ କରିବା ପକ୍ଷରେ କୌଣସି ଅନୁଷ୍ଠାନର ତ୍ରୁଟି ହୋଇ ନ ଥିଲା । ବିଶେଷରେ କଲିକତାରେ ଛୋଟଲାଟସାହେବଙ୍କ ଦରବାର କରିବା ଅତି ବିରଳ ପ୍ରାୟ ଅନେକ ବର୍ଷ ଉତ୍ତାରୁ ଥରେ ଏହା ସଂଘଟିତ ହେବାରୁ ଅତୀବ ରମଣୀୟ ଦିଶୁଥିଲା ।

ଦରବାର ଆରମ୍ଭ ହେଲାରୁ ମାନ୍ୟବର ଇଡନସାହେବ ପଦପ୍ରାପ୍ତ ବ୍ୟକ୍ତିମାନଙ୍କୁ ଜଣ ଜଣ କରି ଆପଣା ସମ୍ମୁଖକୁ ଡାକି ସନନ୍ଦମାନ ବାଣ୍ଟିଲେ ଓ ଯେ ଯେଉଁ କାର୍ଯ୍ୟ ବା ଗୁଣ ସକାଶେ ସନନ୍ଦ ପାଇଲା ତାହାକୁ ସମ୍ବୋଧନକରି ସଂକ୍ଷେପରେ ବର୍ଣ୍ଣନା କଲେ । ଏ କାର୍ଯ୍ୟ ଶେଷ ହେଲାଉତ୍ତାରୁ ଲେଫ୍ଟେନାଣ୍ଟ ଗବର୍ଣ୍ଣର ଗୋଟିଏ ବକ୍ତୃତା କଲେ ଓ ତହିଁଉତ୍ତାରୁ ଅତର ଓ ପାନ ବିଧିମତ ସମସ୍ତଙ୍କୁ ଦିଆଯାଇ ସଭା ଭଙ୍ଗ ହେଲା ।

ଲେଫ୍ଟେନାଣ୍ଟଗବର୍ଣ୍ଣରଙ୍କ ବକ୍ତୃତାର ଅବିକଳ ଅନୁବାଦ ଅମ୍ଭେମାନେ ପ୍ରକାଶ କରିବାକୁ

Digitized by srujanika@gmail.com

ଆନନ୍ଦିତ ହୋଇଥାନ୍ତୁ ମାତ୍ର ସ୍ଥାନାଭାବରୁ ତହିଁରୁ ବାଛିତ ରହି କେବଳ ତହିଁର ସାରାଂଶ ପାଠକମାନଙ୍କୁ ଜଣାଉଅଛୁଁ ।

ପ୍ରଥମେ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ବଙ୍ଗବାସିଙ୍କର ରାଜଭକ୍ତିକୁ ଅତ୍ୟନ୍ତ ପ୍ରଶଂସା କଲେ । ସେ କହିଲେ ବଙ୍ଗଲାର ଲୋକମାନେ ରାଜଭକ୍ତିରେ ଅତି ପ୍ରସିଦ୍ଧ ଓ ରାଜଭକ୍ତି ପାଇଁ ବଙ୍ଗବାସିଙ୍କ ମଧ୍ୟରୁ କେଉଁ ଲୋକଙ୍କୁ ଗବର୍ଣ୍ଣମେଣ୍ଟ ସମ୍ମାନ କରିବେ ସେମାନଙ୍କୁ ବାଛିଦେବାର ଭାର ତାହାଙ୍କ ଉପରେ ନ ପଡିଲା ଏଥିପାଇଁ ସେ ବଡ ଆନନ୍ଦିତ ହୋଇଅଛନ୍ତି କାହିଁକନା ଏଠାର ଭଦ୍ରଲୋକମାନଙ୍କ ମନରେ ରାଜଭକ୍ତି ଏମନ୍ତ ପ୍ରଗାଢରୂପେ ରହିଅଛି ଯେ ତହିଁ ମଧ୍ୟରେ କାହାର ରାଜଭକ୍ତି ଅଧିକ ଓ କାହାର ଊଣା ବାରିଦେବାର ସହଜ ନୁହଇ । ପ୍ରତ୍ୟେକ ବଙ୍ଗାଳିର ଅନ୍ତଃକରଣ ରାଜଭକ୍ତିରେ ପୂର୍ଣ୍ଣ ସୁତରାଂ ରାଜଭକ୍ତି ହେତୁରୁ ଇତର ବିଶେଷ କରିବା କଠିନ ହେବାରୁ ଯେଉଁ ବଙ୍ଗାଳିମାନେ ବଦାନ୍ୟତା ଓ ସାଧାରଣ ହିତକାର୍ଯ୍ୟର ଅନୁଷ୍ଠାନରେ ଅଧିକ ରତ ସେମାନଙ୍କୁ ପଦ ଦେବାସକାଶେ ମନୋନୀତ ହେଲା । ଏଥିରେ ମଧ୍ୟ ଅଳ୍ପଲୋକ ଉପାଧୀ ପାଇବାର ଯୋଗ୍ୟ ହୋଇ ନାହାନ୍ତି ଓ ସେମାନଙ୍କୁ ବାଛିଦେବାର ଭାର ତାହାଙ୍କ ଉପରେ ପଡି ନ ଥିଲା ଏଥିପାଇଁ ସେ ଆନନ୍ଦିତ ଅଛନ୍ତି ।

ଏହିରୂପେ ରାଜଭକ୍ତି ସକାଶେ ବଙ୍ଗାଳିଙ୍କର ପ୍ରଶଂସା କରି ସେ କହିଲେ ଯେ ଏଥି ମଧ୍ୟରେ ଏକଶ୍ରେଣୀର ଲୋକ ଅଛନ୍ତି କି ଯାହାଙ୍କର କାର୍ଯ୍ୟଦ୍ୱାରା ବଙ୍ଗାଳିଙ୍କ ଅନିଷ୍ଟ ଘଟିବାର ସମ୍ଭାବନା । ଏମାନେ ଦେଶୀୟ ସମ୍ବାଦପତ୍ରମାନଙ୍କର ସମ୍ପାଦକ । ଦେଶୀୟ ସମ୍ବାଦପତ୍ରମାନ ପ୍ରାୟ ରାଜଭକ୍ତି ଶୂନ୍ୟ ଓ ବିଦ୍ରୋହ ଉତ୍ତେଜକ ଏମନ୍ତ କି ଅନେକଲୋକ ଏପରି କହନ୍ତି କି ଯେବେ ବଙ୍ଗାଳିମାନେ ଅତ୍ୟନ୍ତ ରାଜଭକ୍ତ ତେବେ ତାହାଙ୍କର ସମ୍ବାଦପତ୍ରରେ କିପରି ତହିଁର ବିପରୀତ ଭାବ ପ୍ରକାଶ ପାଏ । ଏଥିର ଉତ୍ତର ସେ (ଇଡନ ସାହେବ) ଏହି ଦିଅନ୍ତି ଯେ ଦେଶୀୟ ସମ୍ବାଦପତ୍ରମାନ ଦେଶୀୟଲୋକଙ୍କ ଭାବ ପ୍ରକାଶ କରଇ ନାହିଁ । ଯେଉଁ ଲୋକମାନେ ସଂବାଦପତ୍ର ଲେଖନ୍ତି ସେମାନଙ୍କର ବିଦ୍ୟା କ୍ଷମତା ବା ମର୍ଯ୍ୟାଦା ସେପରି ନୁହଇ ଯେ ତାହାଙ୍କୁ ଦେଶୀୟ ଲୋକଙ୍କର ଭାବ ପ୍ରକାଶକ ବୋଲି ମାନିବାକୁ ହେବ । ଦେଶୀୟ ସମାଜ ମଧ୍ୟରେ ସେମାନଙ୍କର କୌଣସି ମର୍ଯ୍ୟାଦା ନାହିଁ । କେହି ତାହାଙ୍କୁ ଗଣନ୍ତି ନାହିଁ କେହି ତାହାଙ୍କର ସମ୍ବାଦପତ୍ରକୁ ବିଶ୍ୱାସ କରଇ ନାହିଁ ଓ କେହି ତାହାଙ୍କର ପରାମର୍ଶାନୁସାରେ କାର୍ଯ୍ୟ କରଇ ନାହିଁ ଏଠାରେ ଶତସହସ୍ର ବିଦ୍ୱାନ୍‌ଲୋକ ବର୍ତ୍ତିଥିବା ପ୍ରତ୍ୟକ୍ଷେ ଯେ ଏପ୍ରକାର ବ୍ୟକ୍ତିଙ୍କ ହସ୍ତରେ ଦେଶୀୟ ସମ୍ବାଦପତ୍ର ରହିଅଛି ବଡ଼ ଦୁଃଖର କଥା । ଏଥିରେ ଗବର୍ଣ୍ଣମେଣ୍ଟଙ୍କର କୌଣସି ହାନି ହୁଅଇ ନାହିଁ ସତ୍ୟ କାରଣ ମାନ୍ୟଗଣ୍ୟ ଲୋକମାନେ ତାହାକୁ ଆସ୍ଥା କରନ୍ତି ନାହିଁ ମାତ୍ର ଦେଶୀୟଲୋକଙ୍କ ସୁଖ୍ୟାତି ପକ୍ଷରେ ଏହା ଅତ୍ୟନ୍ତ ଗର୍ହିତ ଓ କଳଙ୍କ ଅଟଇ ଓ ଏଥିପାଇଁ ଏ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ନିତାନ୍ତ କର୍ତ୍ତବ୍ୟ ଯେ ଏପ୍ରକାର ସମ୍ବାଦପତ୍ରକୁ ଦମନ ଓ ନିରୁତ୍ସାହ କରିବେ । ସେ ଉଦାହରଣ ସ୍ୱରୂପ ଲେଖିଅଛନ୍ତି ଯେ ମୋଫସଲର ହାକିମମାନେ ଦିବାରାତ୍ର ପ୍ରଜାଙ୍କର ମଙ୍ଗଳ ସ୍ୱରୂପ ପରିଶ୍ରମ ଓ ଯତ୍ନ କରୁଥିବାର ଓ ତଦ୍ଦ୍ୱାରା ପ୍ରଜାଙ୍କର ଅନେକ ମଙ୍ଗଳ ଉନ୍ନତି ହୋଇ ଥିବାର ସେ ମୋଫସଲରେ ଭ୍ରମଣ କରି ଦେଖି ଅଛନ୍ତି ମାତ୍ର ଦୁଃଖର ବିଷୟ ଯେ କୌଣସି ହାକିମର ଏପରି ସୁଖ୍ୟାତିମାନ କେବେ ସମ୍ବାଦପତ୍ରରେ କୃତଜ୍ଞତା ସହିତ ପ୍ରକାଶ ହୁଅଇ ନାହିଁ ଅଥଚ ଦୁର୍ଭାଗ୍ୟ କ୍ରମେ କୌଣସି ହାକିମର ଦୋଷ ବା ଅତ୍ୟାଚାରର କଥା ପ୍ରକାଶ ହେଲେ କ୍ରମାଗତ ମାସେ ତହିଁର ଆନ୍ଦୋଳନ ହେଉଥାଏ ଏବଂ ସେ ସମସ୍ତ ଯେତେଦୂର ବଢାଇ ପାରନ୍ତି ତହିଁରେ ତ୍ରୁଟି ହୁଅଇ ନାହିଁ । ଦେଶୀୟସମ୍ବାଦପତ୍ରର ଏପରି କୃତଘ୍ନଭାବରେ କି ହାକିମଙ୍କର ମନ କ୍ଷୁନ୍ନ ହୁଅଇ ନାହିଁ ଓ ଏହି ହେତୁରୁ କି ଏଠାଲୋକଙ୍କ ସହିତ ହାକିମଙ୍କର ସମ ବେଦନାର ଅଭାବ ଜାତ ହୁଅଇ ନାହିଁ ? ଅତଏବ ଏଦେଶୀୟ ସମ୍ଭ୍ରାନ୍ତ ଓ କ୍ଷମତାପନ୍ନବ୍ୟକ୍ତିମାନଙ୍କର ନିତାନ୍ତ କର୍ତ୍ତବ୍ୟ ଯେ ଦେଶୀୟ ସମ୍ବାଦପତ୍ରର ଏପରି ଗୁରୁତର ଦୋଷ ଶୀଘ୍ର ଛଡାଇ ଦେବାର ଚେଷ୍ଟା କରନ୍ତୁ ଓ ଏ ଦୋଷର ପ୍ରତୀକାର ନ ହେଲେ ବଙ୍ଗଲାର ଅନିଷ୍ଟ ହେବ ଏମନ୍ତ ଆଶଙ୍କା ହେବାରୁ ସେ ( ଇଡନ ସାହେବ ) ଉପର୍ଯ୍ୟୁକ୍ତ କଥାମାନ ବନ୍ଧୁଭାବରେ କହିବାକୁ ବାଧ୍ୟ ହେଲେ ।

ମାନ୍ୟବର ଇଡନ ସାହେବ ଏ ସ୍ଥଳରେ ବିଶେଷରୂପେ ପରିଚିତ । ତାହାଙ୍କ ବୁଦ୍ଧି ଚତୁରତା ଓ ସଦାଶୟତା କାହାକୁ ଅବିଦିତ ନାହିଁ ବଙ୍ଗବାସିମାନେ ତାହାଙ୍କୁ ଅନେକ କାଳରୁ ଲେଫ୍‌ଟଲଟ ପଦରେ ଦେଖିବାକୁ ଯାଉଥିଲେ ବର୍ତ୍ତମାନ ପାଇ ପରିତୃପ୍ତ ହୋଇଅଛନ୍ତି । ସେ ଯେ ଦେଶୀୟ ସମ୍ବାଦପତ୍ରର ବିନାଶସାଧନ ଚେଷ୍ଟା କରିବେ କିମ୍ବା ଏଥିର ସ୍ୱାଧୀନତାକୁ ଦମନ କରିବେ ଏହା ଅତି ମୂଢ ବ୍ୟତିରେକେ କେହି ବିଶ୍ୱାସ କରିବେ ନାହିଁ । ସେ ଯାହା କହିଅଛନ୍ତି ଅବଶ୍ୟ ବନ୍ଧୁଭାବରେ କହିଅଛନ୍ତି ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ମାତ୍ର ଦରବାର ସମୟରେ ତାହା ନ କହି ଅନ୍ୟ ସମୟକୁ ରଖିଥିଲେ ଭଲ ହୋଇଥାନ୍ତା । ଏହିବର୍ଷ ଦିଲ୍ଲୀ ମହାସଭାକୁ ଦେଶୀୟ ସମ୍ବାଦପତ୍ରର ସମ୍ପାଦକମାନଙ୍କୁ ଆମନ୍ତ୍ରଣ କରି ବଡଲାଟ ସାହେବ ବିଶେଷ ମର୍ଯ୍ୟାଦା କରିଥିଲେ ଓ ସେହି ସଭାର ଉଦ୍ଦେଶ୍ୟ ପୂର୍ଣ୍ଣ କରିବା ଦରବାରରେ ଲେଫ୍‌ଟଲଟ ସାହେବ ଦେଶୀୟସମ୍ବାଦପତ୍ରିକାକୁ ରାଜବିଦ୍ରୋହର ଉତ୍ତେଜକବୋଲି କହିଲେ ଏହାକୁ ଆମ୍ଭେମାନେ ଚତୁରତାର କାର୍ଯ୍ୟ ବୋଲି କହି ନ ପାରୁଁ ଦେଶୀୟ ସମ୍ବାଦପତ୍ରର ଅନେକ ଦୋଷ ଅଛି ଆମ୍ଭେମାନେ ମୁକ୍ତକଣ୍ଠରେ ସ୍ୱୀକାର କରୁଁ କିନ୍ତୁ ଦେଶୀୟ ସମ୍ବାଦପତ୍ର ଯେ ରାଜଭକ୍ତିଶୂନ୍ୟ ବା ବିଦ୍ରୋହଭାବାପନ୍ନ ଏହା ଆମ୍ଭେମାନେ କହି ନ ପାରୁଁ । ହାକିମମାନଙ୍କର ଓ ଗବର୍ଣ୍ଣମେଣ୍ଟଙ୍କର ବିଶେଷ କାର୍ଯ୍ୟର ନିନ୍ଦା କଲେ ଯେ ତାହା ରାଜଭକ୍ତିଶୂନ୍ୟ କଥା ହେଲା ଏହା ଆମ୍ଭମାନଙ୍କର ସାମାନ୍ୟ ବୁଦ୍ଧିକୁ ଆସୁ ନାହିଁ । ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ନ୍ୟାୟ୍ୟ ଓ ସୁବିଚାରରେ ଲୋକଙ୍କର ଦୃଢବିଶ୍ୱାସ ଓ ଭକ୍ତି ଅଛି ବୋଲି ସିନା କୌଣସି ହାକିମର ବା ଗବର୍ଣ୍ଣମେଣ୍ଟର ଅନ୍ୟାୟ ଦେଖା ଗଲେ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆଣି ପ୍ରତୀକାର ପାଇବା ଆଶାରେ ସମ୍ବାଦପତ୍ରମାନେ ଉଚ୍ଚୈଃସ୍ୱରରେ ରଡ ଛାଡନ୍ତି । ଯେବେ ସେପରି ଭକ୍ତି ଓ ବିଶ୍ୱାସ ନ ଥାନ୍ତା ତେବେ କିଏ ସାହସ କରି ପଦେ କଥା କହନ୍ତା ? ଦେଶୀୟ ସମ୍ବାଦପତ୍ରକୁ ଯେଉଁ ଅକୃତଜ୍ଞତାର ଦୋଷ ଦିଆ ଯାଇଅଛି ତାହା ମଧ୍ୟ ସତ୍ୟ ନୁହଇ । ହାକିମଙ୍କର ନିନ୍ଦା ଯେମନ୍ତ ଛପା ହୁଅଇ ପ୍ରଶଂସା ମଧ୍ୟ ସେହିପରି ଛପା ହୁଅଇ ତାହା ପାଠକମାନେ ବିଲକ୍ଷଣ ଜାଣନ୍ତି କୌଣସି ସମ୍ବାଦପତ୍ର ହାକିମଙ୍କ ନିନ୍ଦା କଥାକୁ ଅଧିକ କରି ଘୋଷନ୍ତି ଏ କଥା ମିଥ୍ୟା ନୁହଇ ମାତ୍ର ସମସ୍ତ ସମ୍ବାଦପତ୍ରର ଏକାଦର କରି ଦେଇ ଲେଫ୍‌ଟଲଟ ସାହେବ ଆପଣା ସ୍ୱାଭାବିକ ସହୃଦ-

Split by PDF Splitter
Digitized by srujanika@gmail.com

Split by PDF Splitter



ବେତନାର ପରତନ୍ତ୍ର ହୋଇ ନାହାନ୍ତି । ପରନ୍ତୁ ଗବର୍ଣ୍ଣମେଣ୍ଟର ବା ହାକିମବିଶେଷର ଅନ୍ୟାୟ କାର୍ଯ୍ୟର ପ୍ରତିବାଦ କଲେ ଯେବେ ବିଦ୍ରୋହିତା ହୁଅଇ ତେବେ ଇଂରାଜୀ ସମ୍ବାଦପତ୍ରଠାରୁ ଦେଶୀୟ ସମ୍ବାଦପତ୍ର ଅଧିକ ନିନ୍ଦନୀୟ ନୁହଇ । ବାସ୍ତବରେ ଦେଶୀୟ ସମ୍ବାଦପତ୍ରର ଯେତିକ ଦୋଷ ତାହା ଅଧିକାଂଶ ଇଂରାଜୀ ସମ୍ବାଦପତ୍ରର ଶିକ୍ଷା । ଯାହା ହେଉ ଆମ୍ଭେମାନେ ଆଶା କରୁଁ ଯେ ଷ୍ଟେଟଲର୍ଟ ସାହେବଙ୍କ କଥାକୁ ଦେଶୀୟ ସମ୍ବାଦପତ୍ରର ସମ୍ପାଦକମାନେ ବନ୍ଧୁଭାବରେ ଗ୍ରହଣ କରି ଆପଣା ଆପଣାର ଯାହା କିଛି ଦୋଷ ଥିବ ତାହା ପରିହାର ପକ୍ଷରେ ଯତ୍ନଶୀଳ ହେବେ ।

---

ଆମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି; ଯଥା—

ଆପଣଙ୍କୁ ଜଣାଅଛି ଯେ ତେଲିଜାତି ନିତାନ୍ତ ଶୌଟଜାତି ଥିବାରୁ ତାଙ୍କ ଘରେ ବ୍ରାହ୍ମଣମାନେ ଭୋଜନ କରନ୍ତି ନାହିଁ କିନ୍ତୁ ଯାଜପୁର ଘାଟିଆ ବ୍ରାହ୍ମଣମାନେ କେତେକକାଳ ହେଲା ତେଲିଙ୍କ ଘରେ ଭୋଜନ କରୁଥିଲେ ଚଳିତ ସନରେ ଏ ଯାଜପୁରନିବାସୀ ଏକ ତେଲିର ବିବାହ ଉପଲକ୍ଷରେ କେତେକ ଘାଟିଆ ବ୍ରାହ୍ମଣ ପଇସା ମାଗିବାଦ୍ୱାରା ତେଲିକୁ ବିରକ୍ତ କରିବାରେ ସଗାନ ହୋଇ ଜଣେ ବ୍ରାହ୍ମଣକୁ ଏକଚପଡ ମାରି ଭଡ ଦେଲା ବ୍ରାହ୍ମଣ ଏଠାର ଅନ୍ୟାନ୍ୟ ଘାଟିଆ ଓ ବିଖ୍ୟାତ ସାଉଶାସନ ବ୍ରାହ୍ମଣଙ୍କ ନିକଟରେ ଏବିଷୟ କହିବାରୁ ସମସ୍ତେ ଏକମେଳ ହୋଇ ପୁରାଣଦ୍ୱାରା ତେଲିମାନେ ଗନ୍ଧଜାତୀୟ ପୁରୁଷ ଓ କୁମ୍ଭାରଜାତୀୟ ସ୍ତ୍ରୀ ସଂସର୍ଗରେ ଜାତ ହୋଇଥିବାରୁ ନିତାନ୍ତ ଶୌଟଜାତି ଥିବା ଓ ପୁନଶ୍ଚ ତାଙ୍କମାନଙ୍କ ଘରେ କେହି ବ୍ରାହ୍ମଣ ନ ଖାଇବାର ଧାର୍ଯ୍ୟ କରି ସମସ୍ତ ବ୍ରାହ୍ମଣମାନେ ପ୍ରତି ରବିବାର ସନ୍ଧ୍ୟା ସମୟରେ ଏସ୍ଥାନର ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିର ନିକଟରେ ଏକତ୍ର ହୋଇ ଭବିଷ୍ୟତରେ ସତର୍କରେ ରହିବା କାରଣ ସଭା କରୁଅଛନ୍ତି କେହି ବ୍ରାହ୍ମଣ ତେଲିଙ୍କର କଚ୍ଛ କର୍ମ କରିବାର କିମ୍ବା ତାଙ୍କ ଘରେ ଖାଇବାର ପ୍ରମାଣ ହେଲେ ତାକୁ ଆପଣା ସମାଜରୁ ବହିଷ୍କୃତ କରି ପ୍ରାୟଶ୍ଚିତ୍ତ ଦ୍ୱାରା ସମାଜଭୁକ୍ତ ହେବାର ଉପଦେଶ ଦେଉଅଛନ୍ତି ଗଲକାଲି ବ୍ରାହ୍ମଣମାନଙ୍କ ସଭାରେ କୁମ୍ଭାରମାନେ ଉପସ୍ଥିତ ହୋଇ ପ୍ରାର୍ଥନା କଲେ କି "ଆପଣମାନେ ଆମ୍ଭ ଜାତିଙ୍କ ନିକଟରୁ ନଗଦ ଟ ୪୦୦ ଙ୍କା ଗ୍ରହଣ କରି ଆମ୍ଭମାନଙ୍କ ଘରେ ଜଳସ୍ପର୍ଶ କରି ଆମ୍ଭେମାନେ ତେଲିଙ୍କୁ ହାଣ୍ଡି ଦେବୁଁ ନାହିଁ" ଏହିପରି ବ୍ରାହ୍ମଣ ଓ ତେଲି ଓ କୁମ୍ଭାରଙ୍କ ମଧ୍ୟରେ ଜାତିର ବିବାଦ ଉପସ୍ଥିତ ହୋଇଅଛି ।

---

## ସାପ୍ତାହିକସଂବାଦ ।

ଏ ନଗରରେ ଗତ ସପ୍ତାହରେ ସାମାନ୍ୟରୂପ ଓଲାଉଠାରୋଗ ଆରମ୍ଭ ହେବାର ଦେଖା ଯାଇଥିଲା ମାତ୍ର ତାହା କ୍ରମଶଃ ବଲବତ୍ତର ହୋଇ ଉଠୁଅଛି । ଏ ସପ୍ତାହରେ କେତେଗୁଡିଏ ଲୋକ ଏ ରୋଗରେ ମରି ପଡିବାରୁ ଲୋକେ ଭୟାତୁର ହୋଇ ଅଛନ୍ତି । ଅତ୍ୟନ୍ତ ବୃଷ୍ଟିର ଅଭାବ ଏଥିର କାରଣ ଜଣାଯାଏ ।

ହାଫିଜ ଓ ରସୁଲର କୁସ୍ତି ସମ୍ପର୍କରେ ଆମ୍ଭେମାନେ ଏ ସପ୍ତାହରେ ଦୁଇଖଣ୍ଡ ପ୍ରେରିତ ପତ୍ର ପାଇଅଛୁଁ ଏକର ମତରେ ଉକ୍ତ କୁସ୍ତିରେ କାହାର ହାରଜିତ ହୋଇ ନାହିଁ ବୋଲି ଆଉ ଥରେ ସେମାନଙ୍କୁ ଲଗାଇବା ପାଇଁ ଗୋଲକବାବୁଙ୍କୁ ଅନୁରୋଧ ହୋଇଅଛି । ଅନ୍ୟର ମତରେ ରସୁଲ ପ୍ରକୃତରେ ହାରିଅଛି ଓ ବାବୁ ତାହାକୁ ପାରିତୋଷିକ ଦେବାରେ ପକ୍ଷପାତିତା ବା ଅନ୍ୟକିଛି ଅନ୍ୟାୟ ବ୍ୟବହାର କରି ନାହାନ୍ତି କେବଳ ଖଲଲୋକମାନେ ସେପରି ନିନ୍ଦା ରଟାଇ ଅଛନ୍ତି ।

ଗତବର୍ଷାପେକ୍ଷା ଏ ବର୍ଷ ଅଧିକ ଭୂମି ସକାଶେ ନାଲ ଜଳ ନେବାର କବୁଲିୟତି ହୋଇ ଅଛି । ଗତବର୍ଷ ଅଗଷ୍ଟମାସ ମଧ୍ୟଭାଗ ପର୍ଯ୍ୟନ୍ତ ମା ୨୨୫୯୧ ଣ କବୁଲିୟତି ହୋଇଥିଲା ଏବର୍ଷ ସେହି ସମୟ ମଧ୍ୟରେ ମ ୨୭୩୮୮ ଣ କବୁଲିୟତି ହୋଇ ଅଛି । ବୃଷ୍ଟି ଊଣା ହେବାରୁ ଏପ୍ରକାର ହୋଇ ଅଛି ।

ଗତ ଜୁଲାଇମାସରେ ବାଲେଶ୍ୱର ବନ୍ଦରକୁ ଟ ୧୬୮୪୨୮ ଙ୍କା ମୂଲ୍ୟର ଦ୍ରବ୍ୟ ଆମଦାନି ହୋଇ ଥିଲା ଏଥି ମଧ୍ୟରେ ସୁନା ରୂପା ଟ ୬୬୦୦୦ ସିକ୍କା ଓ ଲୁଗା ଟ ୪୭୫୦୦ ଙ୍କା ଅଖାଥଳି ଟ ୧୪୨୪୮ ଙ୍କା ଗରମମସଲା ଟ ୧୦୪୦୦ ଙ୍କା ଅବଶିଷ୍ଟ ନାନାପ୍ରକାର ଖୁଚୁରାଦ୍ରବ୍ୟ ଅଟଇ ।

ଏହି ମାସରେ ଉକ୍ତ ବନ୍ଦରରୁ ଟ ୧୪୪୦୪୨ ଙ୍କାର ଦ୍ରବ୍ୟ ରପ୍ତାନି ହୋଇଥିଲା । ଏଥିମଧ୍ୟରେ ପ୍ରଧାନ ଧାନ୍ୟ ଚାଉଳ ଓ ତହିଁର ମୂଲ୍ୟ ଟ ୧୨୦୬୦୦ ଙ୍କା ଓ ଥାନରୂପା ଟ ୧୬୮୭୨ ଙ୍କା ଅବଶିଷ୍ଟ ଖୁଚୁରାଦ୍ରବ୍ୟ ଅଟଇ ।

ସମ୍ବଲପୁର ବଡ଼ଗଡ଼ ତହସିଲର ପୁଲିସ ଇନ୍‌ସ୍ପେକ୍ଟର ସଦାଶିବ କହିଦାରର ଦୁଇବର୍ଷ କାରାବାସ ଓ ଟ ୧୫୦ ଙ୍କା ଅର୍ଥଦଣ୍ଡ ହୋଇଅଛି । ତାହାଙ୍କ ଉପରେ ତିନୋଟି ଅଭିଯୋଗ ହୋଇଅଛି ଯଥା—୧—ହେଡକନେଷ୍ଟବଲ ଓ କନଷ୍ଟବଲମାନେ କଇଦିଙ୍କୁ ଦୁଃଖ ଦେବାର କଥା ସେ ରପୋର୍ଟ କଲେ ନାହିଁ । ୨— ସେ ତାହାଙ୍କୁ ଛଳନ ଅନ୍ୟାୟ କଏଦ ରଖିଲେ । ୩—ଚୋରଙ୍କୁ ମାରିବା ସକାଶେ ସେ ଆପଣା ମନୁଷ୍ୟଙ୍କୁ ଆଦେଶ ଦେଇଥିଲେ । ଭରସା କରୁଁ ଏ ଉଦାହରଣଟି ଅନେକ ପୁଲିସ କର୍ମଚାରୀଙ୍କ ପକ୍ଷରେ ହିତକର ହେବ ।

ମାନ୍ଦ୍ରାଜର ଏକ ସଂବାଦପତ୍ରକୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ବର୍ତ୍ତମାନ ଯେଉଁ ମହାବିପଦ ପଡିଅଛି ତହିଁର କାରଣ ଖ୍ରୀଷ୍ଟିୟାନ ଧର୍ମ ପ୍ରଚାରକମାନେ ଅଟନ୍ତି । ସେମାନେ ସର୍ବଦା ଦେଶର ଦେବତାମାନଙ୍କୁ ନିନ୍ଦା କରିବାରୁ ଏ ପରି ହୋଇଅଛି ବୋଲି ଦେଶୀୟ ଲୋକମାନେ ସ୍ଥିର କରିଅଛନ୍ତି । ଏହା ମାନ୍ଦ୍ରାଜର ବିଷପ କହିଅଛନ୍ତି ଏ ଦେଶର ପୌତ୍ତଳିକତା ଓ ମିଥ୍ୟା ଧର୍ମରେ ଈଶ୍ୱର ବିରାଗାନ୍ୱିତ ହୋଇ ଦୁର୍ଭିକ୍ଷକୁ ପ୍ରେରଣ କରିଅଛନ୍ତି । କାହାର କଥା ଠିକ ?

ବାବୁ ହରକାଳୀ ମୁଖର୍ଯ୍ୟାଙ୍କର ପୁରୀକୁ ଆସିବା ହେଲା ନାହିଁ ସେ ଢାକା ଜିଲାର ମୁନସିଗଞ୍ଜ ସବ୍‌ଡିବିଜନକୁ ବଦଲି ହୋଇଅଛନ୍ତି ।

ଚଟ୍ଟଗ୍ରାମର କମିଶନରଙ୍କ ଆସିଷ୍ଟାଣ୍ଟ ବାବୁ ନବୀନଚନ୍ଦ୍ର ସେନ ପୁରୀ ସଦର ମୁକାମର ଡେପୁଟୀ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

ମାନ୍ଦ୍ରାଜର ରେଲଗାଡିରୁ ଶସ୍ୟ ଚୋରିଯିବାର ଅବଧି ବନ୍ଦ ହୋଇ ନାହିଁ । ରେଲଗାଡି ଚାଲି ଯାଉଥିବା ବେଳେ ଲୋକେ ସାହସପୂର୍ବକ ତହିଁ ଉପରକୁ ଲୁଦପଡ଼ ଦଶ ବାରଟା ଚାଉଳବସ୍ତା ଚଞ୍ଚଳ ତଳକୁ ପକାଇ ଦେଇ ବାହାରି ଆସନ୍ତି । ପ୍ରାଣ ଉପରେ ନ ପଡିଲେ ଏ ପରି କେହି କରଇ ନାହିଁ ରେଲୱେ କମ୍ପାନୀ ଦିନାକୁ ପ୍ରାୟ ହଜାର ଟଙ୍କା ଏସବୁ ଚୋରି ସକାଶେ କ୍ଷତିପୂରଣ ଦେଉଅଛନ୍ତି ।

---

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ଶ
ସଂ ୩୭ ଖ୍ୟା

ତା ୮ ରଖ ମାହେ ସିପ୍ଟମ୍ବର ସନ ୧୮୭୭ ମସିହା । ମୁ । ଭାଦ୍ରବ ବ ୨୫ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨।୦
ମଫସଲପାଇଁ ଡାକମାସୁଲ ଟ୦।୧୦

ଦୁର୍ଗୋତ୍ସବଠାରୁ କାର୍ତ୍ତିକପୂଜା ପର୍ଯ୍ୟନ୍ତ ଜଜମାନଙ୍କ ଅବକାଶେ କଲିକତାର ହାଇକୋର୍ଟ ଚଳିତ ମାସ ତା ୧୭ ରଖ ସୋମବାରଠାରୁ ବନ୍ଦ ହୋଇ ନବେମ୍ବର ମାସ ତା ୧୭ ରଖ ଶୁକ୍ରବାର ଦିନ ଫିଟିବ । ମାତ୍ର ସରେନୋ ଓ ସାଧାରଣ କାର୍ଯ୍ୟର ମକଦ୍ଦମାମାନ ଅଗାମୀ ଅକ୍ଟୁବର ମାସ ତା ୧ ରଖଠାରୁ ତା ୧୫ ରଖ ନବେମ୍ବର ପର୍ଯ୍ୟନ୍ତ ବନ୍ଦ ରହିବ ।

---

ଇଉରୋପର ଯୁଦ୍ଧ ସମ୍ପର୍କରେ ଏ ସପ୍ତାହରେ ଯେ ସମସ୍ତ ସଂବାଦ ଆସିଅଛି ତହିଁରୁ ଜଣା ଯାଏ ଯେ ବର୍ତ୍ତମାନ୍ ସମାନ ବଳରେ ଯୁଦ୍ଧ ଚାଲୁଅଛି । ସିପକା ଘାଟିରୁ ରୁଷୀୟମାନଙ୍କୁ ତୁରସ୍କମାନେ ତଡିଦେବାର କଥା ଗତ ସପ୍ତାହରେ ଲେଖି ଥିଲୁଁ ମାତ୍ର ତାହା ଠିକ ନୁହଇ ବୋଲି ଏ ସପ୍ତାହରେ ଜଣାଯାଇ ଅଛି । ବାସ୍ତବରେ ରୁଷୀୟମାନେ ଏହି ଘାଟି ଓ ତନ୍ନିକଟବର୍ତ୍ତୀ କେତେଗୁଡିଏ ଆକ୍ରମଣ କରିଥିବା କିଲ୍ଲାକୁ ରକ୍ଷା କରିବାରେ ଅଛନ୍ତି ଏବଂ ତୁରସ୍କମାନେ ଏହି ସମସ୍ତ ସ୍ଥାନରୁ ରୁଷୀୟଙ୍କୁ ତଡି ଦେବାର ଚେଷ୍ଟା କରୁ ଅଛନ୍ତି । ପ୍ରତିଦିନ ଏହିସ୍ଥଳରେ ଯୁଦ୍ଧ ଲାଗୁଅଛି ଏବଂ ଉଭୟ ପକ୍ଷର ସୈନ୍ୟ ବିସ୍ତର ନାଶ ହେଉଥିଲେହେଁ ରୁଷୀୟଙ୍କର ବଳ କିଛି ଅଧିକ ନଗ୍ ପଡୁ ଅଛନ୍ତି । ଏଥିରେ ତୁରସ୍କ ସେନାଙ୍କର ଅସୀମ ବୀରତ୍ବ ପ୍ରକାଶ ପାଇ ଅଛି । ପକ୍ଷାନ୍ତରେ ରୁଷୀୟ ସୈନ୍ୟ ସଂଖ୍ୟା ଅଧିକ ସୁତରାଂ ଅଧିକ ମଗ୍ ପଡିଲେ ସୁଦ୍ଧା ତାହାଙ୍କୁ ବାଧିବା ପର୍ଯ୍ୟନ୍ତ ଅନେକ ବିଳମ୍ବ ଅଛି । ଯାହା ହେଉ ଯେବେ ସୁଲେମାନ ପାଶା ଶୀଘ୍ର ରୁଷୀୟଙ୍କୁ ଘାଟିରୁ ତଡି ଦେବେ ତେବେ ତୁରସ୍କର ମଙ୍ଗଳ ହେବ ନୋହିଲେ ବିଳମ୍ବ ହେଲେ ରୁଷୀୟ ସେନା ବିସ୍ତର ବଢିଯିବ କାରଣ ଯୁଦ୍ଧ ସ୍ଥଳକୁ ସୈନ୍ୟ ପ୍ରେରିତ ହେବା ବନ୍ଦ ନାହିଁ ଓ ତେତେବେଲେ ସମ୍ଭାଳିବା କଠିନ ବା ଅସମ୍ଭବ କାର୍ଯ୍ୟ ହେବ ।

---

ଏସପ୍ତାହ ଆରମ୍ଭରେ ଯେପ୍ରକାର ଆକାଶ ପରିଷ୍କାର ହୋଇ ଦିନ ବେଳେ ଅତି ପ୍ରବଳ ଖର ଏବଂ ରାତ୍ରରେ କାକର ପଡିବାର ଆରମ୍ଭ ହୋଇଥିଲା ତାହା ଦେଖି ଲୋକେ ହତାଶ ହୋଇଥିଲେ । ବଜାରରେ ଚାଉଳର ଦର ପୂର୍ବାପେକ୍ଷା ଉଚ୍ଚ ହୋଇଗଲା ଓ ଅଦ୍ୟାବଧି ସେହି ଅବସ୍ଥାରେ ଅଛି ଏବଂ ପୁନର୍ବାର ଦୁର୍ଭିକ୍ଷ ଆସିବାର କଥା ସମସ୍ତଙ୍କ ମନରେ ଦୃଢରୂପେ ସ୍ଥାନ ପାଇଲା । ମାତ୍ର ଗତ ଗୁରୁବାର ମେଘ ଉଦୟ ହୋଇ ବୃଷ୍ଟି ହେବାରୁ ଲୋକଙ୍କ ମନ କିଛି ସୁସ୍ଥିର ହୋଇଅଛି କେତେଦିନ ଏପରି ଥିବ ବୋଲିଯାଇ ନ ପାରେ ମାତ୍ର ଯେସ୍ଥଳେ ଅଦ୍ୟାପି ଅନେକ ସ୍ଥଳରେ ରୁଆ ବେହୁଡା ସୁଦ୍ଧା ହୋଇ ନାହିଁ ଓ ଯେଉଁଠାରେ ତାହା ଶେଷ ହୋଇଅଛି ସେଠାରେ ଆଶାନୁରୂପ ଜଳ ରହିଲା ନାହିଁ ସେସ୍ଥଳେ ଅବସ୍ଥା ବଡ ଭଲ ନୁହଇ । ଏବର୍ଷର ବର୍ଷା ଅବଶ୍ୟ 'ଛୋଟେ ପିଠି ଦଣ୍ଡେ ଜା' ପରି ହୋଇଅଛି । ଏକା ଓଡିଶାରେ ଏପରି ନୁହଇ । ମାନ୍ଦ୍ରାଜ ବମ୍ବେ ପଞ୍ଜାବ ରାଜପୁତାନା ଓ ଉତ୍ତରପଶ୍ଚିମ ଓ ବେହାର ପ୍ରଦେଶମାନଙ୍କର ଅବସ୍ଥା ଏହିପରି ଅଟଇ । ହେଲିତ ଏକଦିନ କୌଣସି ଠାରେ କିଛି ବର୍ଷିଗଲା ପୁଣି ଆଉ ଦିନକୁ ଦିଲ ଶୁଖିଲା ପଡିଲା ଓ କୌଣସି୨ ସ୍ଥାନରେ କେତେଦିନ ହେଲା ଆଦୌ ବୃଷ୍ଟି ନାହିଁ । ଏସମସ୍ତ ଦେଖି ଅଗାମୀ ବର୍ଷକୁ ବଞ୍ଚିବାର ଭରସା ହେଉ ନାହିଁ ଚାରିଅଡେ ଫସଲ ହେବା ପ୍ରତ୍ୟକ୍ଷେ ଏକଦିଗରେ ଦୁର୍ଭିକ୍ଷ ପଡଲେ ଅସମ୍ଭାଳ ହୋଇଯାଏ ଏଥର ଚାରିଅଡେ ଅନାବୃଷ୍ଟି ଦାବ୨ ରେ ଭଲ ଫସଲ ହେଲେ ସୁଦ୍ଧା ତହିଁରେ କେତେ ଲୋକର ପ୍ରାଣ ବଞ୍ଚିବ ?

---

ଖୋରଧାରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଏଠାରେ ଗୋଟିଏ କୌତୁକକଥା ଦେଖା ଗଲା ଗତ ଆଷାଢମାସଠାରୁ ପୁରୀଜିଲା ଅନ୍ତର୍ଗତ ରହାଙ୍ଗ ଲେମ୍ବାଇ ସିରେଇ ଓ କୋଥାର ପ୍ରଭୃତି ପ୍ରଗନାମାନଙ୍କ ରଇତମାନେ ଆପଣା୨ ଘରେ ଧାନ ଶସ୍ୟ ରୁଆ ବେହୁଡା କରିବା ସକାଶେ ହଳେ ବା ଦୁଇହଳ ବଳଦ ଓ ଦୁଇ ଏକଜଣ ମନୁଷ୍ୟ ରଖି ଆଉ ସମସ୍ତ ଲୋକ ସ୍ତ୍ରୀ ବାଳକ ଓ ଗାଈ ବାଛୁରମାନଙ୍କୁ ନେଇ ଆସି ଏ ଖୋରଧା ମଧ୍ୟରେ ଠାବେ୨ ଗୋଠ ଓ ବସାଘର କରି

Digitized by srujanika@gmail.com

Split by PDF Splitter



ରହିଅଛନ୍ତି ଅସନ୍ତା ମାର୍ଗଶିର ମାସ ଶେଷ ପର୍ଯ୍ୟନ୍ତ ରହି ପୁଷମାସରେ ଘରକୁ ବାହୁଡି ଯିବେ । ସମସ୍ତେ ଦ୍ୱାପରଯୁଗରେ ବୃନ୍ଦାବନରେ ନବଲକ୍ଷ ଗୋପାଳ ଓ ଗୋରୁ ଗାଈ ଥିଲେ ପରି ରହୁଥିବାରୁ ଗୋରୁ ଓ ବତ୍ସମାନେ ଏକତ୍ରିତରେ ପାହାଡରେ ପ୍ରାୟ ଦୁଇଲକ୍ଷ ସଂଖ୍ୟାରେ ଚରି ବୁଲି ଲଭା ପସ ଗାଈ ଅନନ୍ଦରେ ଥିବାରୁ ବୃନ୍ଦାବନ ପ୍ରାୟ ଶୋଭା ଦେଖା ଯାଉଅଛି । ଏଠା ବସିତତ ସ୍ତ୍ରୀ କରୁଣେଇ ଓ କରୁଣେଇ ଠାକୁରାଣୀ ଦୁଇଭଉଣୀଙ୍କ ଆଜ୍ଞାରେ ବାଘ ଓ ଭାଲୁର ଭୟ ନାହିଁ । ଗଉଡମାନେ ଆନନ୍ଦରେ ଥାଇ ଦୁଧ ଦହି ଓ ଘିଅମାନ ବେପାରମାନଙ୍କୁ ଦେଇ ଟଙ୍କା ନେଉଅଛନ୍ତି । ଏପରି କଥା କୌଣସି ଗଡଜାତରେ ବାଘ ଭାଲୁଙ୍କ ଭୟରେ ଦେଖା ଶୁଣା ନାହିଁ ଉପରଲେଖିତ ପ୍ରଗନାମାନ ଧୋଇଯିବାହେତୁ ସେଠାରେ ଗୋରୁମାନଙ୍କୁ ଚରିବା ନ ମିଳିବାରେ କରପକୁ ବର୍ଷ ସେମାନେ ଏ ଖୋରଧା ମୁକାମ ଜଙ୍ଗଲରେ ବାସ କରି ଚାତୁର୍ମାସ୍ୟା ଶେଷରେ ପୁନର୍ବାର ଗମନ କରନ୍ତି ।

---

ଖୋରଧା ବନ୍ଦୋବସ୍ତ କାର୍ଯ୍ୟ ବର୍ଷକରୁ ଊର୍ଦ୍ଧ୍ୱ ହେଲା ଆରମ୍ଭ ହେଲାଣି । ଏଥିମଧ୍ୟରେ କି କାର୍ଯ୍ୟ ହୋଇଅଛି ବା ହେଉଅଛି ଅମ୍ଭେମାନେ ନିଶ୍ଚୟ ନ ଜାଣୁ ମାତ୍ର ଲକ୍ଷଣରୁ ଜଣାଯାଏ ଯେ ଅଦ୍ୟାପି କିଛି ଶୃଙ୍ଖଳାପୂର୍ବକ କର୍ମ ହୋଇ ନାହିଁ । ଅମ୍ଭେମାନେ ଶୁଣିଲୁଁ ଯେ ଜରିପ ଓ ବନ୍ଦୋବସ୍ତ କାର୍ଯ୍ୟ ନିମନ୍ତେ ହାକିମଙ୍କ ବେତନ ଛଡା କେବଳ ମାସକୁ ଅଢେଇହଜାର ଟଙ୍କା ଅମଲା ଖର୍ଚ୍ଚ ମଞ୍ଜୁର ହୋଇଅଛି । ଶୁଣାଯାଏ ଯେ ଗତ ଜୁନ ମାସରେ ଏସମସ୍ତ ଅମଲାଙ୍କୁ ବନ୍ଦୋବସ୍ତ କର୍ତ୍ତା ହାକିମମାନେ ନିଯୁକ୍ତ କରି ବେତନ ଦେଇ ଦେଲେ । ପୁରୀର କଲେକ୍ଟରଙ୍କ ନିକଟକୁ ବିଲ ମଞ୍ଜୁର ନିମନ୍ତେ ଯିବାରୁ ସେ କଇଫିୟତ ତଲବ କଲେ କି ଏକାବେଳକେ ଏତେ ଅମଲା କାହିଁକି ନିଯୁକ୍ତ ହେଲେ ଓ ଯେବେ ନିଯୁକ୍ତ ହୋଇଅଛନ୍ତି ସେମାନେ କି କର୍ମ କରୁଅଛନ୍ତି । ଭରସା ହୁଅଇ ଯେ ଏ କଇଫିୟତଦ୍ୱାରା ବନ୍ଦୋବସ୍ତ କର୍ତ୍ତାଙ୍କର ନିଦ ଭାଙ୍ଗିଥିବ ମାତ୍ର ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ସେମାନେ ପୂର୍ବରୁ ଏ ବିଷୟରେ ସଜାଗ ନ ହେଲେ । କିଛି ଭାବିଥିଲେ ସେମାନେ ଜାଣିପାରନ୍ତେ ଯେ କାର୍ଯ୍ୟର ବୃଦ୍ଧି ଦେଖି ଆବଶ୍ୟକମତେ ଅମଲା ପ୍ରଭୃତି ନିଯୁକ୍ତ କରିବାର ଉଚିତ କେବଳ ମଞ୍ଜୁର ହୋଇଅଛି ବୋଲି ତାହା ସବୁ କର୍ମଚାରୀ ଏକସରେ ନିଯୁକ୍ତ କରିବାର ହେତୁ ହୋଇ ନ ପାରେ । ଶ୍ରୀଯୁକ୍ତ ଟେଲର ସାହେବ ବିଚକ୍ଷଣ ଓ କାର୍ଯ୍ୟଦର୍ଶୀ ଅଟନ୍ତି ଏ କଥା ଅମ୍ଭେମାନେ ସ୍ୱୀକାର କରୁଁ ମାତ୍ର ସେ ଅତ୍ୟନ୍ତ ଭଲଲୋକ ଓ ତାହାଙ୍କର ଚକ୍ଷୁଲଜ୍ଜା ଅଛି ଏ ହେତୁରୁ ସେ ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ଶାସନ କରିବାକୁ ତେତେ ଦମ୍ଭ ନ ଥିବେ । ଆଉ ଯେଉଁ ଡେପୁଟୀ ବା ସବ୍‌ଡେପୁଟୀ ପ୍ରଭୃତି ନିଯୁକ୍ତ ହୋଇଅଛନ୍ତି ସେମାନେ କାର୍ଯ୍ୟକ୍ଷମ ଥିବାର ସର୍ବସାଧାରଣରେ ପ୍ରକାଶ ନାହିଁ । ଶ୍ରୀଯୁକ୍ତ କମିଶନର ସାହେବ ସମ୍ପ୍ରତି ଖୋରଧାକୁ ଯାଇଅଛନ୍ତି ଓ ସମ୍ପୂର୍ଣ୍ଣ ବିଶ୍ୱାସ ହୁଅଇ ଯେ ସେ ବନ୍ଦୋବସ୍ତ କାର୍ଯ୍ୟପ୍ରତି ବିଶେଷ ଦୃଷ୍ଟି କରି ଉତ୍ତମ ବ୍ୟବସ୍ଥାମାନ କରି ଆସିବେ ।

---

ଅମେରିକା ନିକଟ ପୂର୍ବଦିଗରେ ଅଥବା ଅମ୍ଭମାନଙ୍କର ବହୁଦୂର ପଶ୍ଚିମରେ ୱେଷ୍ଟ ଇଣ୍ଡିଯା ଦ୍ୱୀପପୁଞ୍ଜ ନାମରେ କେତେ ଗୁଡିଏ ଦ୍ୱୀପ ଅଛି । ତହିଁରେ ଇଂଗ୍ରେଜମାନଙ୍କର ଗୋଟିଏ ଉପନିବେଶ ଅଛି । ଉକ୍ତ ଉପନିବେଶର ଅବସ୍ଥା ସମ୍ପର୍କରେ ଖଣ୍ଡିଏ ଛପାବିଜ୍ଞାପନୀ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଜିଲର ହାକିମମାନଙ୍କ ଜାଣିବା କାରଣ ପଠାଇ ଦେଇ ଅଛନ୍ତି । ଅମ୍ଭେମାନେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ଅନୁଗ୍ରହରୁ ତାହା ଦେଖି ସର୍ବସାଧାରଣଙ୍କ ଜ୍ଞାତ ନିମିତ୍ତ ତହିଁର ସାରାଂଶ ଲେଖୁଅଛୁଁ ।

ଉକ୍ତ ଦ୍ୱୀପପୁଞ୍ଜ ଗ୍ରୀଷ୍ମମଣ୍ଡଳରେ ଅବସ୍ଥିତ କରଇ ସୁତରାଂ ଏ ସବୁ ଦ୍ୱୀପର ପ୍ରାକୃତିକ ଅବସ୍ଥା ଏକାପରି ବୋଲିବାକୁ ହେବ । ଅମ୍ଭମାନଙ୍କ ଦେଶର ଜଳ ବାୟୁ ଓ ଋତୁ ସଙ୍ଗେ ଏଠାର ସମ୍ପୂର୍ଣ୍ଣ ସମତା ଅଛି ତେବେ ବର୍ଷର ଅଧିକାଂଶ କାଳ ଏଠାରେ ସାମୁଦ୍ରିକ ବା ବାଣିଜ୍ୟ ବାୟୁ ପ୍ରାପ୍ତ ହେଉଥିବାରୁ ଅଧିକ ଗ୍ରୀଷ୍ମ ବା ଅଧିକ ଶୀତ ଅନୁଭୂତ ହୁଅଇ ନାହିଁ । ଗ୍ରୀଷ୍ମର ତାପ ୯୦ ଅଂଶରୁ ଅଧିକ ହୁଅଇ ନାହିଁ ଏବଂ ଗ୍ରୀଷ୍ମକାଳରେ ସମୁଦ୍ରର ଶୀତଳବାୟୁ ସେବନରେ ମନ ଅତ୍ୟନ୍ତ ପ୍ରଫୁଲ୍ଲ ହୁଅଇ । ଏଠାରେ ବର୍ଷ ମଧ୍ୟରେ ଦୁଇ ଋତୁ ପ୍ରଧାନରୂପେ ଲକ୍ଷିତ ହୁଅଇ ଗ୍ରୀଷ୍ମ ଓ ବର୍ଷା ଏମାନଙ୍କର ନିୟମିତ ପ୍ରତ୍ୟାବର୍ତ୍ତନର ଉପରେ ଫସଲ ଉତ୍ପନ୍ନ ନିର୍ଭର କରଇ ଅଳ୍ପବର୍ଷା ଓ ଅକାଳ ବା ଅତିବର୍ଷା ସମାନରୂପେ ଅନିଷ୍ଟ ଜାତ କରଇ ।

ଏଠାର ପ୍ରଧାନ ଫସଲ ଆଖୁ ଅଟଇ । ପୂର୍ବେ କଫି ଓ କପା ଫସଲ ଏଠାରେ ହେଉଥିଲା ମାତ୍ର ଆଖୁପରି କେହି ଲାଭଜନକ ନ ହେବାରୁ ଏହି ଚାଷର ଆଦର ବଢିଅଛି । ବହୁତ ପରିମାଣରେ ଶର୍କରା ଏଠାରୁ ନାନା ଦେଶକୁ ରପ୍ତାନୀ ହୁଅଇ । ବ୍ୟବସାୟୀମାନେ ବଡ଼ ୨ କ୍ଷେତମାନ କୁଲିଙ୍କଦ୍ୱାରା ଆବାଦ କରନ୍ତି । ଏକା ଯାମେକାରେ ୧୪୦ ଗୋଟା ବୃହତ୍ କ୍ଷେତର ପରିମାଣ ମାଣ ୧,୬୮,୦୦୦ ଏଥିରେ ୨୨୪୪୩ ଜଣ କୁଲି କର୍ମ କରୁଥିଲେ ସୁତରାଂ ଏକ ୨ କ୍ଷେତର ପରିମାଣ ପ୍ରାୟ ୧୨୦୦ ମାଣ ହେବ ଓ ୧୬୦ କୁଲି ଏହାକୁ ଆବାଦ କରନ୍ତି ।

ଏ ସମସ୍ତ ଉପନିବେଶର ଲୋକସଂଖ୍ୟା ସାଢେ ବାରଲକ୍ଷ ଅଟଇ । ଏମାନଙ୍କ ଅଧିକା ଟାକ୍ସ ଦେବାକୁ ପଡଇ ନାହିଁ ଓ ଯାହା ଟାକ୍ସ ଦିଅନ୍ତି ତହିଁର ଅଧିକାଂଶ ସେମାନଙ୍କର ସୁଖ ସ୍ୱଚ୍ଛନ୍ଦତାରେ ବ୍ୟୟ ହୁଅଇ । ଏଣୁକରି ଚିକିତ୍ସାଳୟ ବିଦ୍ୟାଳୟମାନ ବହୁତ ସ୍ଥାପିତ ହୋଇଅଛି ଓ ଉତ୍ତମ ଚିକିତ୍ସକମାନେ ମଧ୍ୟ ନିଯୁକ୍ତ ଅଛନ୍ତି ।

ସନ ୧୮୭୪ ମସିହାରେ ଏଠାକୁ ୫୭,୦୭,୭୨,୩୪୦ ଙ୍କାର ଦ୍ରବ୍ୟ ଆମଦାନୀ ଓ ଏଠାରୁ ୫ ୭,୮୭,୭୨,୦୫୦ ଙ୍କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା । ପ୍ରାୟ ଅର୍ଦ୍ଧେ ବାଣିଜ୍ୟ ଏକା ଇଂଲଣ୍ଡପ୍ରଭୃତି ଦ୍ୱୀପ ସଙ୍ଗେ ଅଟଇ ।

କ୍ଷେତର କାର୍ଯ୍ୟ କୁଲିଙ୍କଦ୍ୱାରା ନିର୍ବାହ ହୁଅଇ ମାତ୍ର ଉକ୍ତ ଉପନିବେଶରେ ତେତେ ଲୋକ ନାହାନ୍ତି ଯେ ସମସ୍ତ ଭୂମି ଆପେ ଚାଷ କରିବେ ସୁତରାଂ ଆଫ୍ରିକା ଚୀନ ଓ ଭାରତବର୍ଷରୁ କୁଲି ନେଇ ଯିବାକୁ ହୁଅଇ । ଅଦ୍ୟାପି ଅନେକ ଭୂମି ପଡିଆ ପଡିଅଛି କେବଳ କୁଲିର ଅଭାବରୁ ନୋହିଲେ ବଣିକମାନେ କ୍ଷେତ କରି ବ୍ୟବସାୟ କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁମାନେ କୁଲିକର୍ମ କରିବାକୁ ଯାନ୍ତି ସେମାନଙ୍କର ସର୍ବପ୍ରକାର ସୁବିଧା ହୁଅଇ ପ୍ରଥମରେ ସେଠାକୁ ଯିବାପାଇଁ ଜାହାଜଭଡା ଲାଗଇ ନାହିଁ । ସେଠାରେ ପହଞ୍ଚିଲେ ରହିବା ନିମନ୍ତେ ଉତ୍ତମ ଘର ମିଳଇ ଓ ଚିକିତ୍ସା ନିମନ୍ତେ ଉତ୍ତମଡାକ୍ତର ଓ ଦାତବ୍ୟ ଚିକିତ୍ସାଳୟମାନ ରହିଅଛି । କୁଲିମାନେ ସପ୍ତାହରେ ୫ ୬ । ୭ କା ଉପାର୍ଜନ କରନ୍ତି ଓ ସେଠାରେ ମନଇଚ୍ଛା ଖର୍ଚ୍ଚବର୍ଚ୍ଚ କରି ଘରକୁ ଫେରି ଆସିବା ବେଳକୁ ଗୁଡିଏ ଟଙ୍କା ନେଇ ଆସନ୍ତି । ଗାଇନାଦ୍ୱୀପରୁ ସନ ୧୮୭୨

Digitized by srujanika@gmail.com

Split by PDF Splitter



ସାଲରେ ଶେଷ ହେବା ଅଠବର୍ଷରେ ୨୧୦୦ କୁଲି ଆପଣା୨ ଘରକୁ ଫେରି ଯାଇଥିଲେ ସେମାନେ ଟ ୭,୪୦,୦୦୦ ଙ୍କା ସଙ୍ଗେ ନେଇ ଯାଇଥିଲେ ଏପରି ୩ଲକ୍ଷ ଟଙ୍କା ବାଙ୍କରେ ଜମା ଦେଇଥିଲେ ।

ଏହିରୂପେ ଦେଖାଯାଏ ଯେ ଉକ୍ତ ଉପନିବେଶକୁ ଭାରତବର୍ଷରୁ କୁଲି ଗଲେ ସେମାନଙ୍କର ସର୍ବପ୍ରକାରରେ ଲାଭ ଅଛି । ବିଶେଷତଃ ଦୁର୍ଭିକ୍ଷ ସମୟରେ ଏସବୁ ସ୍ଥାନକୁ ଅଧିକ ପରିମାଣରେ ଲୋକ ପଠାଇବା ଅତ୍ୟନ୍ତ ସୁପରାମର୍ଶ ଅଟଇ ।

---

## ଉତ୍କଳଦର୍ପଣ ନାମରେ ଅପବାଦ ମୋକଦ୍ଦମା ।

ଗତ ପ୍ରକାଶିତ ଉତ୍କଳଦର୍ପଣରେ ଫରିୟାଦୀ ପକ୍ଷର କେତେକ ସାକ୍ଷିଙ୍କର ଜୋବାନବନ୍ଦୀ ଛପା ହୋଇଅଛି ତହିଁରୁ ନିମ୍ନଲିଖିତ ସାରାଂଶ ପାଠକମାନଙ୍କ ଜାଣିବା କାରଣ ଉଦ୍ଧୃତ କଲୁଁ । ଯଥା;—

ଶ୍ରୀନର୍ମାନସାହେବ ମାଜିଷ୍ଟ୍ରେଟ—ବାଲେଶ୍ୱର ଉତ୍ତରାଞ୍ଚଳର ବାତ୍ୟାପୀଡ଼ିତଲୋକଙ୍କର ସାହାଯ୍ୟ ନିମିତ୍ତ ଆସିଥିବା ଟ ୧୮୦୦୦୲ ଙ୍କା ବାଲିଆପାଳ ସଡ଼କ ମରାମତି ସକାଶେ ବାର୍ଟିନସ୍‌ସାହେବଙ୍କୁ ଅର୍ପିତ ହୋଇଥିଲା । କଣ୍ଟ୍ରାକ୍ଟରମାନଙ୍କ ସହିତ ଆମ୍ଭର କୌଣସି ସମ୍ପର୍କ ନ ଥିଲା । ବାମାଚରଣଙ୍କୁ ଆମ୍ଭେ ଉକ୍ତ ରାସ୍ତାରେ ଦେଖିଅଛୁଁ । ସେ ଏକାକୀ କାର୍ଯ୍ୟଭାର ପାଇ ଥିବାର ଆମ୍ଭଙ୍କୁ ଜଣା ନାହିଁ । ଆମ୍ଭେ ୧୮୭୬ ଥର ଅନ୍ୟାନ୍ୟ ବ୍ୟକ୍ତି ଓ ବର୍ଟିନସ୍ ସାହେବଙ୍କ ସହିତ ଉକ୍ତ ସଡ଼କ ଦେଖିବାକୁ ଯାଇଥିଲୁଁ ବଗୋହିଲାଲ ସରକାର ଏକବ୍ୟକ୍ତି କଣ୍ଟ୍ରାକ୍ଟର ବୋଲି ଆମ୍ଭଙ୍କୁ ଚିହ୍ନାଇ ଦିଆ ଯାଇଥିଲା । ସେ ଆମ୍ଭ ସାକ୍ଷାତରେ କୌଣସି ଦଲିଲ ଲେଖି ଦେଇ ଥିବାର ଆମ୍ଭର ସ୍ମରଣ ନାହିଁ । ଆମ୍ଭ ଜାଣିବାରେ ସଡ଼କ ଉତ୍ତମରୂପେ ମରାମତି ହୋଇ ଅଛି । ଆମ୍ଭେ କାର୍ଯ୍ୟ ସହିତ ଏଷ୍ଟିମେଟ ମୁକାବିଲା କରି ନାହୁଁ ଆମ୍ଭ ଜାଣିବାରେ ଟଙ୍କା ନ୍ୟାଯ୍ୟମତେ ଖର୍ଚ୍ଚ ହୋଇ ଥିଲା । ପୂର୍ବେ ଏ ସଡ଼କ ଅତି କଦର୍ଯ୍ୟ ଥିଲା । ଆମ୍ଭେ ଓଡ଼ିଆ ଜାଣୁ ଦର୍ପଣର ଲେଖାର ଏହି ମର୍ମ ଆମ୍ଭେ ବୁଝିଅଛୁଁ କି ଯେଉଁ ଚରଣ ଉକ୍ତ ସଡ଼କ କାର୍ଯ୍ୟରେ ଲିପ୍ତ ଥିଲେ ସେ ଟ ୧୮୦୦୦୲ ଙ୍କାରୁ ଅସତ୍ ପୂର୍ବକ ଆତ୍ମସାତ୍ କରି ଅଛନ୍ତି ( ଆସାମୀ ପକ୍ଷରୁ କୂଟ ପ୍ରଶ୍ନରେ) ଆମ୍ଭେ ଇଞ୍ଜିନିୟରିଂ ଅଧ୍ୟୟନ କରି ନାହୁଁ । ରାସ୍ତା କର୍ମ ଜାଣୁ ଓଭରସିଅରଙ୍କଦ୍ୱାରା ରାସ୍ତା ନିର୍ମାଣ କରାଇଅଛୁଁ । ବର୍ଟିନସ୍ ସାହେବ ଇଷ୍ଟିମେଟ ପ୍ରସ୍ତୁତ କରି ଥିଲେ ଆମ୍ଭେ ସାଧାରଣରୂପେ ତାହା ଦେଖି ମଞ୍ଜୁର କରିଅଛୁଁ । ଆମ୍ଭେ ବାସ୍ତବିକ ଉକ୍ତ ରାସ୍ତାକୁ ସାଧାରଣରୂପେ ଦେଖିଅଛୁଁ । ବିସ୍ତାରିତ ହିସାବ ଓ ରସିଦ ଇତ୍ୟାଦି ଆମ୍ଭ ନିକଟକୁ ଆସି ନାହିଁ । କେବଳ ମୋଟ ହିସାବ ଆମ୍ଭଠାରେ ଲେଖାଅଛି । ନିୟମିତ କାର୍ଯ୍ୟ ଚଳାଇବା ସକାଶେ ଆମ୍ଭେ ପ୍ରଚୁରରୂପେ ଓଡ଼ିଆଭାଷା ଜାଣୁ । ଓଡ଼ିଆଙ୍କ ବ୍ୟତିରେକେ ଅପର କେହି ସେମାନଙ୍କ ଭାଷାର ଭାବ ଅର୍ଥ ବୁଝାଇ ପାରିବେ ନାହିଁ । ବାଲିଆପାଳ ସଡ଼କରେ ଖର୍ଚ୍ଚ ହୋଇଥିବା ଟଙ୍କାର ବିସ୍ତାରିତ ବିଷୟ ଆମ୍ଭେ ଜାଣୁ ନା କିନ୍ତୁ ଆମ୍ଭ ମତରେ ନ୍ୟାଯ୍ୟରୂପେ ଟଙ୍କା ଖର୍ଚ୍ଚ ହୋଇ ଅଛି ବର୍ଟିନସ୍ ସାହେବ ଏ ମୋକଦ୍ଦମା କଥା ଆମ୍ଭଙ୍କୁ କହି ଥିଲେ ।

ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ—ଆମ୍ଭେ ଦର୍ପଣ ପାଠ କରି ବୁଝିଅଛୁଁ ଯେ ଅମୁକ ଚରଣ ଟ ୧୮୦୦୦୲ ଙ୍କା ଅପବ୍ୟୟ କରି ଅଛନ୍ତି ଖାଇବାର ଅର୍ଥ ଏଠାରେ ଅପବ୍ୟୟ ଅଥବା ନଷ୍ଟ ବୁଝାଇବ କୁଟୁମ୍ବ ଅର୍ଥ ପୋଷ୍ୟବର୍ଗ ( କୂଟ ପ୍ରଶ୍ନରେ )କୁଟୁମ୍ବ ଅର୍ଥ ବନ୍ଧୁ ହୁଅଇ ନାହିଁ । କୌଣସି ଅଭିଧାନରେ ଦେଖି ନାହୁଁ । ଆମ୍ଭେ ଅଳ୍ପ ସଂସ୍କୃତ ଜାଣୁ ।

ପଣ୍ଡିତ ସଦାଶିବ ନନ୍ଦ— ( ଦର୍ପଣର ଲେଖାର ଅର୍ଥ ଉପରଲିଖିତ ପ୍ରାୟ ) ଖାଇବାର ଅର୍ଥ ନେବା ଖାଇବା ଓ ଅଯଥାର୍ଥ ବ୍ୟୟ ବୁଝାଇବ (କୂଟପ୍ରଶ୍ନରେ) କୁଟୁମ୍ବର ଅର୍ଥ ଖାଲି ପୋଷ୍ୟବର୍ଗ ଓ ମଧ୍ୟ ବନ୍ଧୁ ହୁଏ ।

ପାଦ୍ରି ମାରଗେଲ ସାହେବ—(ଉପରଲିଖିତ ପ୍ରାୟ ଦର୍ପଣର ଲେଖାର ଅର୍ଥ କରି ) କୁଟୁମ୍ବର ପ୍ରକୃତ ଅର୍ଥ ଜ୍ଞାତି ବନ୍ଧୁ ମଧ୍ୟ ହୁଅଇ । ଖାଇବାର ଅର୍ଥ ଏଠାରେ ଖାଇଯିବା । ଆମ୍ଭ ବିବେଚନାରେ ଏ ଲେଖା ଅପବାଦ ଜନକ । ଆମ୍ଭେ ମୁଦାଲକୁ ଜାଣୁ ଓ ତାହାକୁ ନିରୀହବ୍ୟକ୍ତିବୋଲି ଜାଣି ଥାଉଁ । ଏ ବିଷୟରେ ତାହାଙ୍କ ସଙ୍ଗେ କଥାବାର୍ତ୍ତା ହୋଇ ଥିଲା । ବୋଧ ହୁଅଇ ମୋକଦ୍ଦମାପୂର୍ବ ମାଫ ଚାହିବା କଥା ଯେତେବେଳେ ହୋଇ ଥିଲା । ଆମ୍ଭ ଜାଣିବାରେ ସେ କୌଣସି ମାଫ ଚାହି ନାହାନ୍ତି ( କୂଟ ପ୍ରଶ୍ନରେ ) ପ୍ରତିବାଦୀ କହିଲେ କି ବାମାଚରଣ ସଙ୍ଗେ ତାହାର ବିବାଦ ନାହିଁ ଓ ତାହାର ଅନିଷ୍ଟ କରିବାକୁ ଲେଖି ନାହିଁ । ଦେଶୀୟ ଜମିଦାରଙ୍କଠାରୁ ଏ ବିଷୟରେ ଅନେକ ଚିଠି ପତ୍ର ପାଇ ଥିବାରୁ କର୍ତ୍ତବ୍ୟକର୍ମ ବୋଲି ପ୍ରକାଶ କରି ଅଛି ଓ ଦେଶର ଉପକାର ନିମିତ୍ତ ବିପଦରେ ପଡ଼ିବା ତାହାର ଧର୍ମ ଅଟେ ଏପରି ମଧ୍ୟ କହିଥିଲା ।

ଶ୍ରୀ ମିୟାର୍‌ସାହେବ — ବସ୍ତା ଅଞ୍ଚଳରେ ଏକଶଫିଟ ଦୂରରୁ ଚାରି ଗୁରୁଫିଟ ଉଚ୍ଚ ରାସ୍ତା ସକାଶେ ମାଟିର ଦର ଏକହଜାର କଉବିକ ଫିଟକୁ ଟ ୧୫୵ । କଙ୍କର ଗୋଲାଇ ବଗ୍ରଇ ଇତ୍ୟାଦି ଟ ୮୲ । ଏସବୁ ଗସ୍ତାଦର । ଗୃହ ମିସ୍ତ୍ରୀ ଏକଶହ କଉବିକ ଫିଟକୁ ଟ ୧୨୲ ( ଏହିପରି ଆଉ ଅନେକ ଦର ଲେଖାଇ ଅଛନ୍ତି ) ବୃନ୍ଦାବନଚନ୍ଦ୍ର ମଣ୍ଡଳଙ୍କ ପରି ଆଉ ଏଠାର କୌଣସି କଣ୍ଟ୍ରାକ୍ଟରକୁ ନ ଜାଣୁ ଯେ କି ଟ ୧୮୦୦୦ ଙ୍କାର କର୍ମ ଅଠମାସ ମଧ୍ୟରେ କରିଦେବ ( କୂଟ ପ୍ରଶ୍ନ ) ଅନେକ କଣ୍ଟ୍ରାକ୍ଟରଙ୍କୁ ବାଣ୍ଟିଦେଲେ ମଧ୍ୟ ଉକ୍ତ କାର୍ଯ୍ୟ ହେବା ଆମ୍ଭଙ୍କୁ ସମ୍ଭବ ବୋଧ ହେଉ ନାହିଁ । ଯେସ୍ଥଳେ ଉକ୍ତ ରାସ୍ତାକୁ ଦେଖି ନାହୁଁ ସେ ସ୍ଥଳେ ଉକ୍ତ ରାସ୍ତା ସନ୍ତୋଷ ଜନକରୂପେ ହୋଇ ଅଛି କି ନା କହି ନ ପାରୁଁ ।

---

# ସାପ୍ତାହିକସଂବାଦ ।

ଏ ନଗରରେ ଓଲାଉଠାରୋଗ ପୂର୍ବପ୍ରାୟ ପ୍ରବଳ ରହିଅଛି ଓ ମୃତ୍ୟୁ ଯେପରି ହୋଇଅଛି ତହିଁରେ ଶୀଘ୍ର ଉଣା ହେବାର ଦେଖା ଯାଉ ନାହିଁ । ମୋଫସଲର କେତେକ ସ୍ଥାନରେ ମଧ୍ୟ ଏ ରୋଗର ପ୍ରାଦୁର୍ଭାବ ଶୁଣା ହୋଇଅଛି ।

ଗତ ବୁଧବାର ଶ୍ରୀଯୁକ୍ତ କମିଶନର ବୀମସ୍ ସାହେବ ଖୋର୍ଦ୍ଧାକୁ ବହିର୍ଗମନ ହୋଇଅଛନ୍ତି ।

ଶୁଣିଲୁଁ ଯେ ପୁରୀ ଓ ଖୋର୍ଦ୍ଧାରେ ଅଦ୍ୟାପି ଭଲ ବୃଷ୍ଟି ହୋଇ ନାହିଁ ଓ ଚାଉଳ ଟଙ୍କାକୁ ସେ ୯ ରେ ପର୍ଯ୍ୟନ୍ତ କମି ଆସିଲାଣି ।

ମୟୂରଭଞ୍ଜରୁ ଜଣେ ବନ୍ଧୁ ଲେଖିଅଛନ୍ତି କି ମହାରାଜାଙ୍କ ଦେବାନ ବାବୁ ନନ୍ଦକୁମାର ମୁଖୁର୍ଯ୍ୟା ବହୁମୂତ୍ରାଦି ରୋଗରେ ପୀଡ଼ିତ ହୋଇ ଇହ ସଂସାରରୁ ବିଦାୟ ହୋଇଅଛନ୍ତି । ଦେବାନ ଅତି ବିଚକ୍ଷଣ ଓ ପ୍ରଜାବତ୍ସଳ ଥିଲେ ଓ ତାହାଙ୍କ ଲାଗି ମହାରାଜାଦାରୁ ପ୍ରଜାପର୍ଯ୍ୟନ୍ତ ଶୋକ କରୁଅଛନ୍ତି । ଏହାଙ୍କ ବୟସ ବ ୪୫

Digitized by srujanika@gmail.com

Split by PDF Splitter



୫୭ ବର୍ଷ ହୋଇଥିଲା ଓ ବ ୧୧ ବର୍ଷ ଦେବାର୍ଥ୍ୟ କର୍ମ କରୁଥିଲେ ।

ମୟୁରଭଞ୍ଜରେ ଯଥେଷ୍ଟ ବର୍ଷା ହେଉଅଛି । ଓ ଫସଲର ଅବସ୍ଥା ଅବଶ୍ୟ ଉତ୍ତମ ଜଣାଯାଏ । ସେଠାରେ ଚାଉଳ ସେ ୨୬ ର ଲେଖାଏ ବିକ୍ରୟ ହେଉଅଛି ।

ବାଲେଶ୍ୱରଜିଲାର ବାସୁଦେବପୁର ଥାନା ଇଲାକାର ଉତ୍ତମ ସ୍ଥାନ ବହୁଦୂର ବ୍ୟାପି କେତେକ ଗଣ୍ଡ ଗ୍ରାମରେ ଗୋବସନ୍ତ ରୋଗ ଅତ୍ୟନ୍ତ ପ୍ରବଳ ହୋଇ ଅଛି । ଉକ୍ତ ଅଞ୍ଚଳରେ ଏତେ ଗୋରୁମହିଷାଦି ପଶୁ ମରୁପଡ଼ୁଅଛନ୍ତି ଯେ ଦୁର୍ଗନ୍ଧରେ ବାଟଚାଲିବା ଦୁରୂହ । ଏକୁଟି ବରିଷାକାଳରେ ମୋଫସଲ ଗ୍ରାମମାନ ନିତାନ୍ତ କଦର୍ଯ୍ୟ ହୋଇ ଥାଏ, ତହିଁରେ ପୁଣି ଗୋରୁ ଅଡ଼େ ଏହି ସମସ୍ତ ଶବ ପଡ଼ି ସେ ସ୍ଥାନ ଯେପରି ଭୟଙ୍କର ହୋଇଥିବ ତାହା ପାଠକେ ସହଜେ ଅନୁଭବ କରି ପାରିବେ । ଆମ୍ଭମାନଙ୍କର ଏ ଅଞ୍ଚଳରେ ମଧ୍ୟ ଗୋରୁମାନଙ୍କୁ ଖୁରା ରୋଗ ଧରୁଅଛି । ଆମ୍ଭମାନଙ୍କର ସୁଯୋଗ୍ୟ କେଲେକ୍ଟର ସାହେବ ପୂର୍ବପରି ଏଥର କୌଣସି ପ୍ରକାର ପ୍ରତିବିଧାନ ଚେଷ୍ଟା କଲେ ଅନେକ ଶ୍ରେୟ ହେବ । ଉ, ଦ,

୧ । ସ୍ୱଲଭ ସମାଚାରରୁ ଅବଗତ ହେଲୁଁ ମେଦିନୀପୁରର ଜମିଦାର ବାବୁ ଜୟଚନ୍ଦ୍ର ନାଗଙ୍କ ହତ୍ୟା ଅପରାଧରେ ଧୃତ ପାଞ୍ଚ ଜଣ ଆସାମୀ ପ୍ରତି ଯାବଜ୍ଜୀବନ ଦ୍ୱୀପାନ୍ତର ବାସର ଆଦେଶ ହୋଇ ଅଛି । ଆଗାମୀ ସ୍ୱଲଭରେ ସେଠାର ସମ୍ବାଦଦାତାଙ୍କ ପତ୍ରରେ ମକଦମାର ବିସ୍ତାରିତ ବିବରଣ ପ୍ରକାଶିତ ହେବ ।

୨ । ଆମ୍ଭେମାନେ ଶୁଣି ଦୁଃଖିତ ହେଲୁଁ ଯେ ଷ୍ଟାଫୋର୍ଡ ସାହେବଙ୍କ ଏକମାତ୍ର ପୁତ୍ର ଯୁବା ବୟସରେ ଗତ ମଙ୍ଗଳବାର ହଠାତ୍ ପେଟ ଫୁଲି ପ୍ରାଣତ୍ୟାଗ କରିଅଛନ୍ତି । ଅତଏବ ସୁସ୍ଥ ଯାତ୍ରା ମୃତ୍ୟୁର କାରଣ କେହି କହନ୍ତି । ଶବ ଡାକ୍ତରଖାନାରେ ପରୀକ୍ଷିତ ହୋଇଥିଲା !

୩ । ଅଯୋଧ୍ୟା ପ୍ରଦେଶରେ ହରଦୁଇ ଜିଲା ର କୌଣସି ସ୍ଥାନରେ ଏକବ୍ୟକ୍ତି ବିବାହ କରି ସ୍ତ୍ରୀକୁ ଘରକୁ ନେଇ ଯାଉଥିଲା । ସ୍ତ୍ରୀର ବୟସ ପନ୍ଦର ବର୍ଷ, ଦେହରେ ତାହାର ଗହଣା ଓ ପିନ୍ଧିବାର ରେସମୀ ଲୁଗା ଥିଲା । ବାଟରେ ଯାଉଁ ଯାଉଁ ତାହାଙ୍କ ସ୍ୱାମୀ କିଛି ପଛରେ ପଡ଼ିଲା । ଏମନ୍ତ ସମୟରେ ତିନିଜଣ ଡକାଇତ ସେଠା ଲେ, କେହେସମାନେ ତୋଳି ଧରାଇ ପଳାଇ ଗଲେ । ତନ୍ତୁ ଡକାଇତମାନେ ସ୍ତ୍ରୀଟିକୁ କହିଲେ ଗହଣା ଦେ । ସେ ଆହ୍ଲାଦରେ ସହିତ ଗହଣା କାଢ଼ିଦେଲା । ପୁଣି ସେମାନେ ତାହାକୁ ପିନ୍ଧିବା ଲୁଗା ଦେବାକୁ ବାଧ୍ୟ କଲେ । ସ୍ତ୍ରୀଟି କହିଲା ଲୁଗାରେ ଗଣ୍ଠି ପଡ଼ିଅଛି ତୁମ୍ଭେମାନେ ଯେବେ ଟିକେ ଅଲଗା ହେବ ଏବଂ ଗଣ୍ଠିଏ ଅସ୍ତ୍ର ଦେବ ତେବେ ମୁଁ ଲଜ୍ଜା ରକ୍ଷା କରି ଅସ୍ତ୍ରଦ୍ୱାରା ବନ୍ଧନ କାଟି ତୁମ୍ଭମାନଙ୍କୁ ଲୁଗା ଦେଇ ପାରିବି । ସେମାନେ ସମ୍ମତ ହୋଇ ଅସ୍ତ୍ର ଦେଇ ଛିଡ଼ା ହେଲେ । ସେ ସମୟରେ ସ୍ତ୍ରୀଟି ସେହି ଅସ୍ତ୍ରାଘାତରେ ଜଣକୁ କାଟି ଅନ୍ୟ ଜଣକୁ କାଟିଲା, ତୃତୀୟ ବ୍ୟକ୍ତି ଆହତ ହୋଇ ଭୟରେ ପଳାଇ ଗଲା । କ୍ଷଣକାଳ ଉତ୍ତାରେ ତାହାର ସ୍ୱାମୀ ଆସି ଉପସ୍ଥିତ ହେଲା, ଡକାଇତମାନେ ଗ୍ରାମର ଚୌକିଦାର ଅଟନ୍ତି । ସ୍ତ୍ରୀଟି ଯଥାର୍ଥ ବୀରନାରୀ ଅଟେ ।

ଏଥର ଆମେରିକାରେ କପାଫସଲ କମ୍ତି ଜଣା ହେବାର ସମ୍ଭାବନା ଅଛି ହରବର ଫସଲର ଶତକଡ଼ା ୯୧ ଅଂଶ ଅନୁମାନ ହୁଅଇ । ବର୍ତ୍ତମାନ ଏକକୋଟି କୋଡ଼ିଏ ଲକ୍ଷ ମାଣ ଭୂମିରେ କପାଚାଷ ହୋଇଅଛି ।

ପେକିନନଗରରେ ରାଜଆଜ୍ଞା ପ୍ରଚାର ହୋଇଅଛି ଯେ ଚଳିବର୍ଷ ଉତ୍ତାରୁ ଚୀନଦେଶରେ କେହି ମଦିଭ ଅଥବା ଅନ୍ୟପ୍ରକାରରେ ଅଫିମର ଧୂଆଁ ଖାଇବେ ନାହିଁ । ଏଥିରେ କେବଳ କମ୍ପାନୀର ହିସାବ ଦେଖାଯାଏ । କମ୍ପାନୀ ଅଫିମ ଚୀନର ଲୋକମାନେ ଖାଉ ନ ଦେଲେ ଆମ୍ଭମାନଙ୍କର ଧନ କେଉଁଠାରୁ ଆସିବ ।

ମାନ୍ଦ୍ରାଜରେ ଜଣେ ୧୪ ବର୍ଷ ବୟସର ବାଳକାକୁ କଙ୍କଡ଼ାବିଛା କାମୁଡ଼ିବାରେ ସେ ୧୨ ଘଣ୍ଟା ମଧ୍ୟରେ ମରିଗଲା । ତାହାକୁ ଡାକ୍ତରଖାନାକୁ ନେଇଯାଇ ଚିକିତ୍ସା କରୁଥିଲେ ମାତ୍ର କିଛି ଫଳ ହେଲା ନାହିଁ । ମରିବା ପର୍ଯ୍ୟନ୍ତ ବାଳିକାଟିର ଚେତନା ଥିଲା ।

ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବ ମାନ୍ଦ୍ରାଜପ୍ରଦେଶକୁ ବହିର୍ଗମନ ହୋଇଅଛନ୍ତି ଦୁର୍ଭିକ୍ଷ ସାହାଯ୍ୟର ବ୍ୟବସ୍ଥା କରି ଫେରି ଆସିବାକୁ ପ୍ରାୟ ଦୁଇମାସ ଲାଗିବ । ଏଥିକୁ ହନ୍ଦୁ ପେଟ୍ରିଅଟ କୋଲନ୍ତି କି ତେବେ ଗବର୍ଣ୍ଣମେଣ୍ଟ ଅଫିସିଆଙ୍କର ମହକୁମାମାନ ସିମଲାରେ କାହିଁକି ରହିଅଛି । ସେମାନେ କଲିକତାକୁ ଫେରି ଆସିଲେ ଅନେକ ଖର୍ଚ୍ଚ ଊଣା ହେବ ଓ ସେ ଟଙ୍କାରେ ମାନ୍ଦ୍ରାଜର ଉପକାର ହୋଇ ପାରିବ ।

ତେଲଙ୍ଗାନ୍ତ୍ୟସ ଶ୍ରୀଅଛନ୍ତି କି ଅଭି ଦୁଇଜ ମୁସଲମାନ ପଢ଼ିବା ସକାଶେ ଇଂଲଣ୍ଡକୁ ଯାଉଅଛନ୍ତି । ଏମାନେ ପାଟନା ବାସି ଅଟନ୍ତି ।

ବ୍ରହ୍ମଦେଶର ଅନେକ ଅଂଶରେ ଅଧିକ ବର୍ଷାର ହେତୁ ଧାନ ଚାଉଳ ଅତ୍ୟନ୍ତ ମହାର୍ଘ ହୋଇଅଛି । ଏତେବେଳେ ଧାନ ଗୋଟିଲେ ସହଜରେ ମିଳୁ ନାହିଁ ରଙ୍ଗୁନର ଏକ ସଂବାଦପତ୍ରରୁ ଜଣାଯାଏ ଯେ କିଛିଦିନ ଉତ୍ତାରୁ ଦୁର୍ଭିକ୍ଷ ପଡ଼ିବାର ସମ୍ଭାବନା ଅଛି ।

## NOTICE.

The University Examinations in Arts of 1877-78 will be held on the undermentioned dates.

Entrance Examination and First Examination in Arts on Monday, the 26th November and following days.

B. A. Examination on Monday, the 31st December, and following days.

Applications from candidates for admission to the Entrance and First Arts Examinations must be lodged with the Registrar before the 26th October

Applications from candidates for admission to the B. A. Examination must be lodged with the Registrar before the 1st December.

School masters and other private students should submit witout delay their applications for admission into the Examinations.

Cuttack, 2—9—77 } N. K. Das, *Joint Inspector of schools Orissa Circle.*

### ବିଜ୍ଞାପନ ।

### ସିନ୍‌କୋନା ଫିବର୍ସ୍ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉ ଅଛି ।

କୁଇନାଇନପରି ଏହା ସାମାନ୍ୟ ଏବଂ କମ୍ପଜ୍ୱରର ଚିକିତ୍ସାରେ ସାମାନ୍ୟ ଉପକାରୀ ଔଷଧ । ଆଉନ୍ସେ ବତ ଏକ ବୋତଲ ମୂଲ୍ୟ ଟ ୨॥ ଟଙ୍କା, ଡାକଖର୍ଚ୍ଚା ଏକ ଟଙ୍କା ଅତିରିକ୍ତ ଲାଗିବ ।

କଲିକତା ସନ୍ନିକଟ ବୋଟାନିକେଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହେବ ।

### ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ବାବୁ ଲକ୍ଷ୍ମଣମିଶ୍ର | ଅଗ୍ରିମ | ଟ | ॥/ |
| ଶମ୍ଭୁଦାସ ସିଂହ | ,, | ଟ | ୨ |
| ,, ହରମୋହନଦାସ କଟକ | ବକେୟା | ଟ | ୨ |
| ,, ରଜନୀଘୋଷ ,, | ,, | ଟ | ୨ |
| ,, ସଦାନନ୍ଦମହାନ୍ତି ,, | ,, | ଟ | ୪ |

☞ ଏହି ଉତ୍କଳଦୀପିକା ସହରକଟକ ଉଡ଼ିଆବଜାରର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

...GISTERED NO. 32



ଅତିରିକ୍ତ ଉତ୍କଳଦୀପିକା ତା ୧୦ ରଖ ମାହେ ମାର୍ଚ୍ଚ ସନ ୧୮୭୭ ମସିହା ।

## ସନ ୧୮୭୬ ମସିହାରେ କଟକଜିଲାର ପାଠଶାଳା ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ।

### ପ୍ରଥମଶ୍ରେଣୀ ।

| ଛାତ୍ରମାନଙ୍କର ନାମ | ଓ ପାଠଶାଳା |
|---|---|
| ୧ ଜଗଦାନନ୍ଦ ମହାନ୍ତି | ବକ୍ସିବଜାର ପାଠଶାଳା |
| ୨ ଭଗବାନ ମହାନ୍ତି | ନର୍ମ୍ମାଲସ୍କୁଲ ପାଠଶାଳା |
| ୩ ଚିନ୍ତାମଣି ମହାନ୍ତି | ଏଜନ |
| ୪ ଚନ୍ଦ୍ରଚରଣଦାସ | କଣ୍ଟିଗଡିଆ |
| ୫ ଗଙ୍ଗାଧର ଆଚାର୍ଯ୍ୟ * | ସିଦ୍ଧେଶ୍ୱରପୁର |
| ୬ ଧନେଶ୍ୱର ସାମଲ * | ବରପଦା |
| ୭ କୃପାସିନ୍ଧୁ ପଣ୍ଡା * | ଗୃନଲ୍ଲେ |
| ୮ ଅନନ୍ତ ରାଉତ | ଏଜନ |
| ୯ ଗଙ୍ଗାଧର ଆଚାର୍ଯ୍ୟ | ଅରଲେ |
| ୧୦ କଣ୍ଠୁ ନାୟକ | ଜୋବ୍ରା |
| ୧୧ ହରିମିଶ୍ର * | ଗୌଡ଼ସାହି |
| ୧୨ ଭଜନାନନ୍ଦ ମହାନ୍ତି | ବନାଲୋ |
| ୧୩ ବାଞ୍ଛାନିଧି ସେନାପତି * | ଧୂଳଣ୍ଡର |
| ୧୪ ଦର୍ଶନ ଯେନା * | ଗାରଡ଼େଶ୍ୱର |
| ୧୫ ବୈରାଗୀ ମହାପାତ୍ର * | ସରଦୂଁଅ |
| ୧୬ ରାମଚନ୍ଦ୍ର ଦାସ * | ଦଣ୍ଡକପୁର |
| ୧୭ ଦୀନବନ୍ଧୁ ସାମଲ | ବରପଦା |
| ୧୮ ଲୋକନାଥ ପାତ୍ର * | କଣ୍ଟିଗଡିଆ |
| ୧୯ ପୁରୁଷୋତ୍ତମ ସାମଲ | କପିଳା |
| ୨୦ ନୟନ ସାହୁ * | ଶ୍ରୀଦପୁର |
| ୨୧ ରାଘବ ମହାନ୍ତି | ଜଣିବାଙ୍କ |

### ଦ୍ୱିତୀୟ ଶ୍ରେଣୀ ।

| ଛାତ୍ରମାନଙ୍କର ନାମ | ପାଠଶାଳା |
|---|---|
| ୧ ଅଚ୍ୟୁତ ଦାସ | ବରଡ଼ା |
| ୨ ଗଣନାଥ ଧଳ | ଗୁଆଳ |
| ୩ ରାଧାନାଥ ସରକାର | ଗୋପାଳପୁର |
| ୪ କାମିନୀମୋହନ ଚକ୍ରବର୍ତ୍ତୀ | ଏଜନ |
| ୫ ସନାତନ ଦାସ * | ନଗରୀ |
| ୬ ଅଚ୍ୟୁତଚରଣ ମହାନ୍ତି | ଗିରଗୋଲା |
| ୭ ହରେକୃଷ୍ଣ ପାଣି * | ଢାଳିଆ |
| ୮ ଅର୍ଜ୍ଜୁନ ସିଂହ * | ଅସଙ୍ଗଡା |
| ୯ କେଳୁ ରାଉତ * | ବାଣପୁର |
| ୧୦ ଜଗବନ୍ଧୁ ମହାନ୍ତି | ଅଢୋଡା |
| ୧୧ ବୃନ୍ଦାବନ ମିଶ୍ର * | କାଶୀପୁର |
| ୧୨ ସାଧୁଚରଣ ମହାପାତ୍ର | ସରଦୂଁଅ |
| ୧୩ କାହ୍ନୁଚରଣ ଧଳ | ଗୁଆଳ |
| ୧୪ କାଳିଧର ଧଳ | ଏଜନ |
| ୧୫ ଶ୍ରୀରାମଚରଣ ମାଝୀ | ଧୂମାହ |
| ୧୬ ରାଧାଶ୍ୟାମ ଧଳ | ଗୁଆଳ |
| ୧୭ ଗଦାଧର ମିଶ୍ର | ଗୌଡ଼ସାହି |
| ୧୮ ଚିନ୍ତାମଣି ମହାନ୍ତି | କାଁ[illegible]ରି |
| ୧୯ କମଳଚରଣ ଦାସ | ଗୃଷୀଖଣ୍ଡ |
| ୨୦ [illegible]ଦାସ | ମାଟିଅ |
| ୨୧ କୃଷ୍ଣମୋହନ ଚକ୍ରବର୍ତ୍ତୀ | ବାଣପୁର |
| ୨୨ ନୀଳମଣି ମହାନ୍ତି | ଖଣ୍ଡାଇତା |
| ୨୩ ଭିକାରୀ ମିଶ୍ର | ଗାରଡ଼େଶ୍ୱର |
| ୨୪ ହବ୍ୟସିଂହ ଦାସ | କାରଡ଼ିହ |
| ୨୫ ଦୁର୍ଜ୍ଜର ସାହୁ | ଦଶରଥପୁର |
| ୨୬ କଣ୍ଡୁରି ମହାପାତ୍ର | ଭଲଲୁଗୁମା |
| ୨୭ ଅନନ୍ତ ମହାନ୍ତି | ଅରଦପଲ |
| ୨୮ ହୃଦୟନାଥ ଶାସ୍ତ୍ରି | ଗୋବିନ୍ଦପୁର |
| ୨୯ ଗୋବିନ୍ଦ ଭରେଇ | ଚମ୍ପାପଡ଼ା |

Cuttack, The 2nd March, 1877.

Obinash Chandra Chatterjee
Secretary D. C. P. I.
Cuttack.

* ନକ୍ଷତ୍ର ଚିହ୍ନିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ।

ମୂଲପତ୍ର ଦେଖ

Digitized by srujanika@gmail.com

Split by PDF Splitter

152

154

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ ଗ
ସଂ ୩୭ ଖ୍ୟା

ତା ୧୫ ରିଖ ମାହେ ସିପ୍ଟମ୍ବର ସନ ୧୮୭୭ ମସିହା । ମୂ । ଅଶ୍ୱିନ ଋ ୧ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୮
ମଫସଲଥାଇ ଡାକମାସୁଲ ଟ୧୫୰

କଲିକତା ଗଜେଟରେ ପ୍ରକାଶ ହୋଇଅଛି ଯେ ଗତମାସ ତା ୨୨ ରିଖରୁ ବଣ୍ଟଘର ପର୍ଯ୍ୟନ୍ତ ତାରଡାକ ଫିଟିଅଛି । ବର୍ତ୍ତମାନ ଲଙ୍ଗରବାଡରେ ଥିବା ଜାହାଜକୁ ତାରଡାକ ସମ୍ବାଦମାନ ଡାକଯୋଗେ ପଠାଇବାର ବନ୍ଦୋବସ୍ତ ହୋଇ ଅଛି । ତାରଅଫିସଟି ଯମୂଠାରେ ସ୍ଥାପିତ ହୋଇଅଛି । ସମ୍ପ୍ରତି ଯେମନ୍ତ ରପ୍ତାନୀର ଧୂମ ଲଗିଅଛି ଏଥିରେ ତାରଡାକ ମହାଜନଙ୍କର ବଡ ଉପକାରୀ ହେବ ମାତ୍ର ଆୟ କିରୂପ ହେବ ଅନ୍ତତଃ ଛମାସ ନ ଗଲେ ଜଣାପଡିବ ନାହିଁ । ଏଥିମଧ୍ୟରେ ତାରଡାକଯୋଗେ ବଣ୍ଟଘରଠାରେ ଗୋଟିଏ ମକଦ୍ଦମାର କାର୍ଯ୍ୟ ଅନେକ ସୁବିଧାରେ ନିର୍ବାହ ହୋଇଥିଲା ।

---

କିଛିଦିନ ହେଲା ଏ ନଗରରେ ଓଲାଉଠା ରୋଗ ଉତ୍ପାତ କରୁଥିଲା କିନ୍ତୁ ଗତସପ୍ତାହରୁ ଏହା ଭାରି ପ୍ରବଳ ହୋଇ ଉଠିଅଛି । ଗତ କେତେକ ଦିନରେ ପ୍ରତିଦିନ ଦୁଇ ଏକ ଲୋକ ଏ ରୋଗରେ ମରି ପଡୁଅଛନ୍ତି । ନଗରର ଚଉଆଡେ ଏ ରୋଗ ବ୍ୟାପିଯାଇଅଛି । ରୋଗର ପ୍ରାଦୁର୍ଭାବ ଦେଖି ଲୋକଙ୍କର ଏମନ୍ତ ଭୀତ ଜାତ ହୋଇ ଅଛି ଯେ ରାତ୍ର ଘ୯ଣ୍ଟା ବେଳକୁ ବଜାରିମାନ ଶୂନ୍ୟ ପଡିଯାଉଅଛି ଓ ଗ୍ରାମଦେବତୀଙ୍କ ପୂଜା ଠାକୁରାଣୀ ଲଗାଇବା ନଗରକୀର୍ତ୍ତନ ଏବଂ ଭାଗବତ ଇତ୍ୟାଦି ପାଠ କରିବା ପ୍ରତିଦିନ ଲାଗିଅଛି । ଲୋକଙ୍କର ସଂସ୍କାର ଏପରି ଯେ କେବଳ ଦୈବୀକାର୍ଯ୍ୟର ଅନୁଷ୍ଠାନ କରିବେ ମାତ୍ର ଡାକ୍ତରଙ୍କୁ ଯିବେ ନାହିଁ । ସୁତରାଂ ଅଳ୍ପ ଲୋକ ଆରୋଗ୍ୟ ଲଭୁଅଛନ୍ତି ଓ ପୀଡ଼ା ଏମନ୍ତ ପ୍ରବଳ ହୋଇଅଛି ଯେ ଅଧିକାଂଶ ରୋଗୀ ଘ୧୨ଣ୍ଟା ମଧ୍ୟରେ ମରିପଡୁଅଛନ୍ତି । ଏବର୍ଷ ରଥଯାତ୍ରା ସମୟରେ ଅଧିକ ଯାତ୍ରୀ ହୋଇ ନ ଥିବା ପ୍ରତ୍ୟକ୍ଷେ ଏ ରୋଗ ଏପରି ଭୟଙ୍କର ମୂର୍ତ୍ତି ଧାରଣ କରିବା ଅସାଧାରଣ ବ୍ୟାପାର ଅଟଇ ବୋଧ ହୁଅଇ ଏ ଋତୁରେ ଅଳ୍ପବୃଷ୍ଟି ଓ ଅତ୍ୟନ୍ତ ଖରା ହେବାରୁ ଏ ରୋଗ ଜାତ ହୋଇଅଛି ।

---

ତୁରଷ୍କ ଓ ରୁଷୀୟା ଯୁଦ୍ଧ ସମ୍ପର୍କରେ ଯେ ସମସ୍ତ ସମ୍ବାଦ ଏ ସପ୍ତାହରେ ତାରଡାକଯୋଗେ ଆସିଅଛି ତହିଁରୁ ଜଣାଯାଏ ଯେ କ୍ରମାଗତ ଯୁଦ୍ଧ ଲଗିରହି ଅଛି । ପ୍ରଥମ କେତେକଦିନ ରୁଷୀୟମାନଙ୍କର ଜୟଲାଭର କଥା ଶୁଣାଯାଉଥିଲା ଯଥା; ରୁଷୀୟମାନେ ଲୋବାଜ ନଗରକୁ ପୁନର୍ବାର ଅଧିକାର କଲେ ଓ ସୁଲେମାନ ପାସା ସିପକା ଘାଟିଠାରେ କିଛି କରି ନ ପାରି ତାହାକୁ ଛାଡିଦେଇ ଗଲେ ଓ ଆଉ କେତୋଟି ଯୁଦ୍ଧରେ ତୁରକମାନେ ପରାସ୍ତ ହେଲେ । ଏ ପରେ ପୁଣି ତୁରଷ୍କର ଅନୁକୂଳରେ ସମ୍ବାଦମାନ ଆସିଅଛି ତାହା ଏହି ଯେ ମ୍ୟୁସ୍ତବ ପାସା କାଜ୍ଜକେବୋଠାରେ ରୁଷୀୟଙ୍କୁ ପରାସ୍ତ କରି ବେଆଲ ପର୍ଯ୍ୟନ୍ତ ତଡିନେଲେ । ରୁଷୀୟମାନେ ରଟସଟିକ କାଲକୁ ଆକ୍ରମଣ କରିବା ଚେଷ୍ଟାରୁ ନିରସ୍ତ ହୋଇ ତାହା ପରିତ୍ୟାଗ କଲେ ଏଣେ ତୁରକମାନେ ପିରଗୋସଠାରେ ଥିବା ଡାନ୍ୟୁବନଦୀର ସେତୁକୁ ଭାଙ୍ଗିବାକୁ ବସି ଅଛନ୍ତି । ଫଳତଃ ଅବଧି ଅଧିକାଂଶ ଯୁଦ୍ଧରେ ତୁରକମାନେ ଜୟଲାଭ କରୁ ଅଛନ୍ତି ଓ ରୁଷୀୟଙ୍କର ଉତ୍କୃଷ୍ଟ ବଳର ପରାକ୍ରମ ଅଧିକ ହେବାର ଦେଖା ଯାଇ ନାହିଁ । ଏ ଯୁଦ୍ଧ ସମ୍ପର୍କରେ ଜନରବ ଶୁଣାଯାଏ ଯେ ଦୁଇପକ୍ଷରୁ ସନ୍ଧି କରିବା ସକାସେ ମନ ବଳାଇଣି ଏବଂ ଶ୍ରୀମତୀ ମହାରାଣୀ ଇଂଲଣ୍ଡେଶ୍ୱରୀ ସନ୍ଧିର ପ୍ରସ୍ତାବ କରି ତାହା ସିଦ୍ଧ କରିବାର ଉପାୟ କରୁ ଅଛନ୍ତି ।

---

ଉତ୍କଳଦର୍ପଣର ସମ୍ପାଦକଙ୍କ ନାମର ମକଦ୍ଦମା ଅଦ୍ୟାବଧି ଶେଷ ହୋଇ ନାହିଁ । ଚଳିତ ମାସ ତା ୫ ରିଖରେ କେତେ ଜଣ ସଫାଇ ଗୁହାଙ୍କର ଜୋବାନବନ୍ଦୀ ହୋଇଥିଲା । ଅବଶିଷ୍ଟ ଗୁହାଙ୍କ ଜୋବାନବନ୍ଦୀ ସକାଶେ ଗତକାଲି ଧାର୍ଯ୍ୟ ହୋଇଥିଲା । ଏ ଦିନ ସବୁ ଗୁହାଙ୍କର ଜୋବାନବନ୍ଦୀ ଶେଷ ହୋଇଥିବ ଓ ଅନୁମାନ ହୁଅଇ ଆଗାମୀ ସପ୍ତାହରେ ମକଦ୍ଦମା ଶେଷ ହୋଇଯିବ । ଶେଷ ହୁକୁମ ଶୁଣିବାଲାଗି ଅନେକ ଲୋକ ବ୍ୟସ୍ତ ଅଛନ୍ତି ।

ଗତ ପ୍ରକାଶିତ ଉତ୍କଳଦର୍ପଣରେ ଫରିୟାଦୀ ପକ୍ଷର ବାକି ଗୁହାଙ୍କର ଜୋବାନବନ୍ଦୀର ବିବରଣ ପ୍ରକାଶିତ ହୋଇଅଛି । ତହିଁ ମଧ୍ୟରେ କେବଳ

Digitized by srujanika@gmail.com

ବର୍ଥାଉସ ସାହେବଙ୍କର ଛୋଟଲାଟବନ୍ଦୀ ପ୍ରଧାନ ଅଟଇ । ଗଡକର କାର୍ଯ୍ୟ ଯେରୂପେ ଆରମ୍ଭ ଓ ଶେଷ ହେଲା ଯେପରି ଓ ଯେତେ ଦରରେ କଣ୍ଟ୍ରାକ୍ଟ ଦିଆଗଲା ଓ କଣ୍ଟ୍ରାକ୍ଟରମାନେ ଟଙ୍କା ନେଲେ ସେ ବିସ୍ତାର କରି କହୁଅଛନ୍ତି । ଦଗୋଡ଼ିଆଲଲଙ୍କୁ ସେ ଚହ୍ନିଥିଲେ ବାମାଚରଣ ବାବୁଙ୍କ ସଙ୍ଗେ ତାହାର କୌଣସି ସମ୍ପର୍କଥିବାର ତାହାଙ୍କୁ ଜଣା ନାହିଁ ଓ ଦଗୋଡ଼ିଆର ଯାମିନ ବାବଦ ପ୍ରମିସୋରିନୋଟ ପିଠିରେ ବାମାଚରଣ କଣ୍ଟ୍ରାକ୍ଟରର ନାମ ଲେଖା ନ ଥିବାର ସେ ଶପଥପୂର୍ବକ କହି ପାରନ୍ତି । ସବୁଟଙ୍କା ଖର୍ଚ୍ଚ ହୋଇ ଉତ୍ତମ କାର୍ଯ୍ୟ ହୋଇଥିବା ଇତ୍ୟାଦି କହି ଅଛନ୍ତି । ଆଉ ଶବ୍ଦମାନେ କେବଳ ଉତ୍କଳଦର୍ପଣର ଅପବାଦସୂଚକ ଅଂଶର ଅର୍ଥ କରିଅଛନ୍ତି । କେବଳ ଉଦୟନାରାୟଣ ବାବୁ ଦଗୋଡ଼ି ଓ ବାମାଚରଣ ବନ୍ଧୁଭାବରେ ଏକଘରେ ବସାରେ ରହିବାର ଦେଖିଅଛନ୍ତି ବୋଲି କହିଅଛନ୍ତି ।

---

ଅମ୍ଭେମାନେ ଶୁଣିଲୁଁ ଯେ ଶ୍ରୀଯୁକ୍ତ ଟାମସ୍ ସାହେବ କମିଶନର ଢେଙ୍କାନାଳ ସନ୍ଦର୍ଶନ ସକାଶେ ବିରାଜମାନ ହୋଇଥିବା ସମୟରେ ସେଠା ଲୋକମାନେ ତାହାଙ୍କର ବିଶେଷ ସମ୍ମାନ କରିଥିଲେ । ଗଡରେ ପ୍ରବେଶ ଓ ପ୍ରତ୍ୟାଗମନ କାଳରେ ସଲାମୀ ତୋପମାନ ଦଗା ଯାଇଥିଲା ଓ ଏକଦିନ ରୋଷନାଇ ହୋଇଥିଲା ଏବଂ ଲୋକମାନେ ଆପଣାର ଦ୍ୱାରେ କଲସ ସ୍ଥାପନ କଦଳୀଗଛ ରୋପଣ ଇତ୍ୟାଦି ମଙ୍ଗଳକାର୍ଯ୍ୟର ଅନୁଷ୍ଠାନ କରିଥିଲେ । ସାହେବ ଏଥିରେ ବଡ ସନ୍ତୁଷ୍ଟ ହେଲେ । ଜିଲ୍ଲାର କାର୍ଯ୍ୟ ଯେରୂପେ ଚଳିବ ତହିଁର ବନ୍ଦୋବସ୍ତ କରି ଆସିଲେ । ଅମଲା ସଂଖ୍ୟା କିଛିର ଊଣା କରି ନାହାନ୍ତି କେବଳ ରାଜାଙ୍କଠାରେ ଥିବା ଅନର୍ଥକ ଚଟଣୀ ଚାକରମାନଙ୍କୁ ବିଦାୟ କରି ଦେଲେ । ପୁଲିସ ଫାଣ୍ଡିମାନ ବସାଇବାର ଓ କେତେଗୁଡ଼ି ସଡକ ନିର୍ମାଣ କରିବାର ବ୍ୟବସ୍ଥା କରି ଆସିଅଛନ୍ତି ଓ ସେ ସବୁ ଅତ୍ୟାବଶ୍ୟକ ବୋଲି ସମସ୍ତଙ୍କର ମନୋନୀତ ହୋଇଅଛି । ସ୍କୁଲର ଅବସ୍ଥା ଦେଖି ବଡସନ୍ତୁଷ୍ଟ ହୋଇ ପ୍ରଧାନଶିକ୍ଷକ ବାବୁ କଲ୍ପତରୁ ଦାସଙ୍କୁ ଟ ୨୦୦ଙ୍କା ପାରିତୋଷିକ ଦିଆଇଅଛନ୍ତି ନଅର ମଧ୍ୟରେ ଥିବା ସ୍ତ୍ରୀମାନଙ୍କୁ କାରାମୁକ୍ତ କରିବାକୁ ବସିଥିଲେ ମାତ୍ର ପରିଶେଷରେ ତହିଁରୁ କ୍ଷାନ୍ତ ହେଲେ । ଆମ୍ଭମାନଙ୍କ ବିବେଚନାରେ ଦିଅନ୍ତି ନ କରିବା ଭଲ ହୋଇ ନାହିଁ । ଅମ୍ଭେମାନେ ଶୁଣୁଅଛୁଁ ଯେ ପ୍ରାୟ ଶତାଧିକ ସ୍ତ୍ରୀ ବର୍ତ୍ତମାନ ନଅର ମଧ୍ୟରେ ଅଛନ୍ତି ଓ ସେମାନେ ସମସ୍ତେ ଯେ ସେଅବସ୍ଥାକୁ ସୁଖକର ଜ୍ଞାନ କରୁଥିବେ ଏମନ୍ତ ସମ୍ଭବକୁ ଆସୁ ନାହିଁ ପ୍ରତ୍ୟୁତ କ୍ରୀତଦାସୀ ପରି ଅଥବା ବିନା ଅପରାଧରେ ବନ୍ଦୀ ହୋଇଅଛନ୍ତି । କେବଳ ପୁରାତନ ପ୍ରଥାର ଅନୁରୋଧରେ ଏପରି କରିବାକୁ ଦେବା ଗବର୍ଣ୍ଣମେଣ୍ଟଙ୍କର ନୀତିର ବହିର୍ଭୂତ ଅଟଇ ।

---

ଶ୍ରୀଯୁକ୍ତ କମିଶନର ସାହେବ ଚଳିତମାସ ତା ୫ ରିଖରେ କଟକରୁ ଯାତ୍ରାକରି ସେ ଦିନ ଚନ୍ଦକାରେ ଓ ତା ୬ ରିଖରେ ମେଣ୍ଢାଶାଳରେ ଅବସ୍ଥିତ କରି ତା ୭ ରିଖରେ ଖୋରଧାରେ ପହଞ୍ଚିଲେ ବାଟରେ ଜୋର ବର୍ଷାରେ ଭିଜି ଯାଇ ଥିବାରୁ ସେଦିନ କାହାର ସଙ୍ଗେ ସାକ୍ଷାତ ବା କିଛି କର୍ମ କଲେ ନାହିଁ । ଏହାଙ୍କ ଅଭ୍ୟର୍ଥନା ସକାଶେ ଖୋରଧାରେ କୌଣସି ଆୟୋଜନ ହୋଇ ନ ଥିଲା । ସାହେବ ଏକା ଘୋଡ଼ାରେ ବସି ନଗର ମଧ୍ୟରେ ପହଞ୍ଚି ରେଭେନ୍ସ କୋଠିରେ ଅବସ୍ଥିତ କଲେ । ତା ୮ ରିଖରେ ବନ୍ଦୋବସ୍ତ ସିରସ୍ତା ଦେଖିଲେ । ଶୁଣାଯାଏ ଯେ ବନ୍ଦୋବସ୍ତର କାର୍ଯ୍ୟ ଶୃଙ୍ଖଳା ତାହାଙ୍କର ମନୋନୀତ ହୋଇ ନାହିଁ ଓ ସେ କାଗଜମାନ ସଂଶୋଧନ କରିବାର ଉଦ୍ୟମ କରୁ ଅଛନ୍ତି । ତା ୯ ରିଖ ରବିବାର ବିଶ୍ରାମ କରି ତା ୧୦ ରିଖରେ ଟାଙ୍ଗିକୁ ପ୍ରସ୍ଥାନ କଲେ । ଏଠାରୁ ଟାଙ୍ଗିକୁ ଯାଇ ରଣପୁରର ରାଜା ପ୍ରଜାଙ୍କର ବିବାଦ ମୀମାଂସା କରି ବାଣପୁର ଦେଖି ତା ୨୦ ରିଖରେ ଖୋରଧାକୁ ପ୍ରତ୍ୟାଗମନ କରିବାର କଥା ଅଛି । ତହିଁଉତ୍ତାରୁ ଦୁଇଦିନ ଖୋରଧାରେ ରହି ସରକାରୀ କଚେରୀ ବିଦ୍ୟାଳୟ ପ୍ରଭୃତି ଦେଖିବେ ଓ ବନ୍ଦୋବସ୍ତ ସମ୍ପର୍କରେ ଆଜ୍ଞାମାନ ପ୍ରଚାର କରିବେ । ଅପାତତଃ ସାହେବଙ୍କ ଖୋରଧା ଦର୍ଶନ ସଙ୍ଗେ ସେଠାରେ ଜଳ ବୃଷ୍ଟି ହେବାରୁ ଲୋକେ ଏହାଙ୍କୁ [illegible] ମଣୁ ଅଛନ୍ତି । ତା ୬ ରିଖଠାରୁ ତା ୧୦ ରିଖ ପର୍ଯ୍ୟନ୍ତ ଘୋରବୃଷ୍ଟି ହୋଇଅଛି ଓ ଫସଲପ୍ରତି ଯେତେ ଆଶଙ୍କା ଥିଲା ଅପାତତଃ ସବୁ କଟିଯାଇ ଅଛି । ମାତ୍ର ବର୍ତ୍ତମାନ ଧାନ ଚାଉଳ ମିଳିବାର ବଡ କଠିନ ଓ ବର୍ଷା ଯୋଗୁଁ ମହଜନମାନେ ଟଙ୍କାକୁ ୧୦ସେର ଚାଉଳ ବିକ୍ରୟ କରୁ ଅଛନ୍ତି ବୃଷ୍ଟି ଦେଖି ଲୋକମାନେ ଆନନ୍ଦିତ ଅଛନ୍ତି କୌଣସି ରୋଗର ପ୍ରାଦୁର୍ଭାବ ନାହିଁ । କେବଳ ଗୋରୁଙ୍କ ପାଦଘା ରୋଗ ହେଉଅଛି ମାତ୍ର ଏହା ମାରାତ୍ମକ ହୋଇ ନାହିଁ ।

---

ଯେଉଁ ସବୁ କୁଲିମାନେ ବିଦେଶକୁ ପ୍ରେରିତ ହୁଅନ୍ତି ସେଠା ମାଜିଷ୍ଟ୍ରେଟମାନଙ୍କ ଜାଣିବାକାରଣ ଗବର୍ଣ୍ଣମେଣ୍ଟବଙ୍ଗାଲ ଏକ ସର୍କୁଲର ପ୍ରଚାର କରି ଅଛନ୍ତି । ତହିଁରେ ଲେଖା ଅଛି ଯେ ନେଟାଲ ଗବର୍ଣ୍ଣମେଣ୍ଟ ଏହି ଉପନିବେଶକୁ ଯିବା କୁଲିଙ୍କ ସକାଶେ ଚଳନ୍ତି ଦରରେ ମଜୁରୀ ଓ ଖୋରାକୀ ଦେଇଥିବାର ସ୍ଥିର କରି ଅଛନ୍ତି ଯଥା—

ମଜୁରୀ

| ବୟସ | ୧ମବର୍ଷ | ୨ୟବର୍ଷ | ୩ୟବର୍ଷ | ୪ର୍ଥବର୍ଷ | ୫ମବର୍ଷ |
|---|---|---|---|---|---|
| | ସିଲିଂ | ସିଲିଂ | ସିଲିଂ | ସିଲିଂ | ସିଲିଂ |
| ୧୦ଠାରୁ ୧୧ବର୍ଷ ପର୍ଯ୍ୟନ୍ତ | ୫ | ୬ | ୭ | ୮ | ୯ |
| ୧୨ଠାରୁ ୧୪ବର୍ଷ ,, | ୬ | ୭ | ୮ | ୯ | ୧୦ |
| ୧୫ଠାରୁ ୧୭ବର୍ଷ ,, | ୮ | ୯ | ୧୦ | ୧୧ | ୧୨ |
| ୧୮ଠାରୁ ଉପରକୁ | ୧୦ | ୧୧ | ୧୨ | ୧୩ | ୧୪ |

ଏକସିଲିଂ ପ୍ରାୟ ଅଠଅଣା ହେବ ।

ଉପରଲିଖିତ ମଜୁରୀ ଉପରେ ଖୋରାକୀ ।

ବାରବର୍ଷର ଉପର ବୟସର କୁଲିମାନେ ନିମ୍ନଲିଖିତ ପରିମାଣରେ ଖୋରାକୀ ପାଇବେ

ଚାଉଳ ଦେଢପାଉଣ୍ଡ ଅଥବା ଅଟା ଦୁଇପାଉଣ୍ଡ } ପ୍ରତିଦିନ

ଡାଲି ୮ଆଉନ୍ସ ପ୍ରତିସପ୍ତାହରେ

ଲୁଣମାଛ ୮ ,,

ଘିଅ ଅଥବା ତେଲ ୪ ,,

ଲୁଣ ୪ ,,

ବାରବର୍ଷରୁ ଊଣା ବୟସର କୁଲିମାନେ ଏଥିର ତିନ ଚତୁର୍ଥାଂଶ ପାଇବେ ।

---

Split by PDF Splitter
Digitized by srujanika@gmail.com

ଚଳିତ ମାସ ତା ୭ ରିଖରେ ଶେଷ ହେବା ସପ୍ତାହ ବାବତ୍ ଗବର୍ଣ୍ଣମେଣ୍ଟଙ୍କ ପ୍ରକାଶିତ ବୃଷ୍ଟି ଓ ଶସ୍ୟର ବିଜ୍ଞାପନୀରୁ ଜଣାଯାଏ ଯେ ମାନ୍ଦ୍ରାଜର ସବୁସ୍ଥଳରେ ବୃଷ୍ଟି ହୋଇଅଛି । ଭିଜାଗପଟ୍ଟନ ମାଲବାର, ଚିଙ୍ଗଲପଟ କର୍ଣ୍ଣୁଲ, ଗୋଦାବରୀ, କୃଷ୍ଣା ଓ ବେଲାରୀ ଜିଲ୍ଲାମାନଙ୍କରେ ଉତ୍ତମବର୍ଷା ହୋଇଅଛି । ଫସଲର ଆଶା ଭଲ ଦେଖାଯାଏ ତେବେ କଉ ଅବଧି ବଢ଼ିଅଛି । ମହୀସୂରରେ ଅନେକ ସ୍ଥାନରେ ଉତ୍ତମ ବୃଷ୍ଟି ଓ କୁର୍ଗରେ ଭାରି ବର୍ଷା ହୋଇଅଛି । ବମ୍ବେଇରେ ଗୁଜରାଟ, କାଠିବାର, ବରୋଦା, କୋଙ୍କାନ, କାନ୍ଦେଶ, ନାସିକ ଓ ଦକ୍ଷିଣସ୍ଥଳମାନଙ୍କରେ ପ୍ରଚୁର ଓ ଅତ୍ୟନ୍ତ ଉପକାରୀ ବୃଷ୍ଟି ହୋଇଅଛି । ଦକ୍ଷିଣ ମରହଟ୍ଟା ଦେଶରେ କିଛି ଊଣା ଅଛି । ସିନ୍ଧରେ ବୃଷ୍ଟି ହୋଇଅଛି ମାତ୍ର ନଦୀ ବଢ଼ି ନାହିଁ । ବମ୍ବେଇ ପ୍ରଦେଶର କ୍ଷେତ ସାଧାରଣରୂପେ ପୁନର୍ଜ୍ଜୀବିତ ହୋଇଅଛି ଓ ଭବିଷ୍ୟତକୁ ଭଲ ହେବାର ଆଶା ହୋଇଅଛି । ମଧ୍ୟପ୍ରଦେଶର ସମ୍ବନ୍ଧରେ ଉତ୍ତମବର୍ଷା କେବଳ ଉତ୍ତରଗୋଦାବରୀରେ କିଛି ଊଣା ଅଛି ବିରାରରେ ଶସ୍ୟର ଅବସ୍ଥା ଭଲ । ମାଲବାରର ସମ୍ବନ୍ଧରେ ଉତ୍ତମବର୍ଷା କେବଳ ଶୁଆଲିଅର ଓ ନିମଚରେ ଊଣା । ଏଠାରେ ଅବଶ୍ୟ ଦୁଃଖ ଅଛି । ରାଜପୁତାନା ପ୍ରଦେଶର ଅବସ୍ଥା କିଞ୍ଚିତ୍ ଭଲ ଦେଖାଯାଏ ଓ ଏକା୨ ସ୍ଥାନରେ ଭଲ ବୃଷ୍ଟି ହୋଇଅଛି । ବଙ୍ଗଳାର ସାଧାରଣ ଅବସ୍ଥା ଭଲ । ସବୁଠାରେ ଊଣା ଅଧିକ ବୃଷ୍ଟି ହୋଇଅଛି । କେବଳ କୁଚବେହାର, ଚମ୍ପାରଣ, ପାଟନା, ସାହାବାଦ ଓ ପୁରୀରେ ଅଧିକ ଜଳର ପ୍ରୟୋଜନ ଅଛି । ଆସାମ ଓ ବ୍ରହ୍ମଦେଶର ଅବସ୍ଥା ମଙ୍ଗଳ । ଉତ୍ତରପଶ୍ଚିମରେ ବନାରସ, ଏଲାହାବାଦ, ଝାନ୍ସି ଓ ଆଗ୍ରାରେ ଭଲ ବୃଷ୍ଟି ହୋଇଅଛି କେବଳ ପଶ୍ଚିମସ୍ଥଳମାନ ଓ ଅଯୋଧ୍ୟାରେ ଊଣା । ପଞ୍ଜାବର କେତେକ ସ୍ଥାନରେ ଭାରି ଓ କେତେକ ସ୍ଥାନରେ ଉତ୍ତମବୃଷ୍ଟି ହେବାରୁ ଫସଲର ଅବସ୍ଥା ଅନେକ ଭଲ ହୋଇଅଛି । ଏହିରୂପେ ଦେଖାଯାଏ ଯେ ଏତେଦିନେ ଇନ୍ଦ୍ରଦେବତା ଅନୁକୂଳ ହେଲେ ଓ ଆଉ ଦୁଇମାସ ପାଣି ନେଲେ ସମସ୍ତ ମଙ୍ଗଳ ହେବ ।

———

ମାନ୍ଦ୍ରାଜ ଟାଇମସରେ ଲେଖାଅଛି ଯେ ମାନ୍ୟବର ଶ୍ରୀ, ଗ୍ରମାଏନ ଗାରଙ୍କ ଦୁହିତାର ବିବାହ ଉପଲକ୍ଷରେ କାଲହାସ୍ତୀର ରାଜା ବର ଓ କନ୍ୟାକୁ ଏକ ଶାଲ ଏକ ପଗଡି ଓ ଏକ ଷାଢ଼ୀ ବ୍ୟବହାର ଦେଇଥିଲେ । ଫେରଦେଲେ ରାଜାଙ୍କର ଦୁଃଖ ହେବାର ଆଶଙ୍କା କରି ଗ୍ରମାଏନଗାର ଉକ୍ତ ଦ୍ରବ୍ୟମାନ ଗ୍ରହଣ କରି ମାନ୍ଦ୍ରାଜଗବର୍ଣ୍ଣମେଣ୍ଟକୁ ସବିଶେଷ ଜଣାଇ ଦ୍ରବ୍ୟସବୁ ପଠାଇଦେଲେ । ଗବର୍ଣ୍ଣମେଣ୍ଟ ରାଜାଙ୍କ ଉକୀଲକୁ ଦ୍ରବ୍ୟମାନ ଫେରଦେଇ ରାଜାଙ୍କୁ ଜଣାଇବା ସକାଶେ କହିଅଛନ୍ତି ଯେ ସରକାରୀ କର୍ମଚାରୀଙ୍କୁ ଭେଟି ଇତ୍ୟାଦି ଗ୍ରହଣ ବିଷୟରେ ଭାରି ନିଷେଧ ଅଛି । କଞ୍ଚିତ ମଧ୍ୟରେ ଦୁଇ ଚାରିଟା ଫୁଲ ବା ଫଳ ଅଟଇ । ଅତଏବ ରାଜା ମଧ୍ୟ ଭବିଷ୍ୟତ୍ରେ ଏପରି ଭେଟି ବା ଉପଢ଼ୌକନ ଦେବା ଉଚିତ ନୁହଇବୋଲି ଦୃଢ଼ରୂପେ ହୃଦୟଙ୍ଗମ କରି ତହିଁରୁ କ୍ଷାନ୍ତ ରହିବେ । ସବୁ ସରକାରୀ କର୍ମଚାରୀ ଯେବେ ଏହିପରି କରନ୍ତେ କେଡେ ସୁନ୍ଦରବିଷୟ ହୁଅନ୍ତା । ମାତ୍ର କଏ କେତେମତରେ ଚଳୁଅଛିଯେ ତହିଁର ଅନ୍ତ ମିଳୁ ନାହିଁ । ମାନ୍ଦ୍ରାଜଗବର୍ଣ୍ଣମେଣ୍ଟ ବୋଲନ୍ତି ଯେ କେବଳ ଦୁଇ ଏକ ଫଳ ଫୁଲ ଭିନ୍ନ ସରକାରୀ କର୍ମଚାରମାନେ ଆଉ କିଛି ନେଇ ନ ପାରନ୍ତି । କିନ୍ତୁ କେତେସ୍ଥଳରେ ସାମାନ୍ୟ ଫୁଲ ଫଳଠାରୁ ସଜୀବ ପଦାର୍ଥ ପର୍ଯ୍ୟନ୍ତ ଭେଟି ସ୍ୱରୂପ ଗୃହୀତ ହେଉଅଛି । ବିଶେଷରେ ହାକିମଙ୍କର ମଫସଲ ଗସ୍ତ ସମୟରେ ଭେଟି ଓ ବେଠି ଦୁଇର ବୃଦ୍ଧି ଦେଖାଯାଏ । ଗତସପ୍ତାହର ହିନ୍ଦୁପେଟ୍ରିଅଟରେ ଗୋଟିଏ ଉଦାହରଣ ଲେଖାଅଛି ତାହା ଏହି ଯେ ଲର୍ଡ ଉଇଲିକ ବ୍ରାଉଣ ମଫସଲ ଗସ୍ତ ସମୟରେ ଜଣେ ଗଉଡୁଣୀକୁ କାନ୍ଦିବାର ଦେଖି ତାହାର ଦୁଃଖ ପଚାରିବାରୁ ବୁଝିଲେ ଯେ ସାହେବଙ୍କ ଚାକର ଦୁଧ ନେଇ ମୂଲ୍ୟ ଦେଇ ନାହିଁ ଅଥଚ ସାହେବ ଚାକରକୁ ମୂଲ୍ୟ ଦେଇଥିଲେ । ଏହା ଶୁଣି ସାହେବ ଗଉଡୁଣୀକୁ ମୂଲ୍ୟ ଅପେକ୍ଷା ଅଧିକ କିଛି ଦେଇ ଚାକରକୁ ବାହାର କରିଦେଲେ । ପୁଣି ଏକ ଏକ ହାକିମ ଏମନ୍ତ ଅଛନ୍ତି ଯେ ମୂଲ୍ୟ ଦେବା ତେଣିକି ଥାଉ ଚାକରକୁ ଉତ୍ସାହ ଦିଅନ୍ତି ଓ ତାହାଙ୍କ କଥାରେ ରସଦ ଯୋଗାଇବା ବ୍ୟକ୍ତିଙ୍କୁ ମାରପିଟସୁଦ୍ଧା କରନ୍ତି । ଯେବେ ଏ ବିଷୟରେ ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ କରନ୍ତେ କେତେଆଡୁ କେତେ କଥା ବାହାରନ୍ତା । ଏ ସ୍ଥଳରେ ଶ୍ରୀଯୁକ୍ତ ରେବନସା ସାହେବ ରସଦ ବିଷୟରେ ବଡ କଠିନ ଦୃଷ୍ଟି ରଖୁଥିଲେ ସମ୍ପ୍ରତି ବୋର୍ଡରୁ କିଛି ସରକୁଲର ବାହାର କଲେ ଭଲ ହୁଅନ୍ତା ।

———

ମୟୂରଭଞ୍ଜ ଜିଲ୍ଲାରୁ ଜଣେ ବନ୍ଧୁ ଲେଖିଅଛନ୍ତି ଯଥା;—

୧ । ଏତଦ୍ଦେଶରେ ବରଷା କ୍ରମେ କ୍ରମେ ହେଉଅଛି କିନ୍ତୁ ବୃହତ୍ରେ ବରଷା ନାହିଁ ମଧ୍ୟ ଝଡ଼ ଆଦୌ ହୋଇ ନାହିଁ ।

୨ । ଧାନ ବିଶେଷ ହେବାର କିଛି ଦେଖାଯାଏ ନାହିଁ କାରଣ ଶ୍ରାବଣ ମାସରେ ଖରା ହେବାରୁ ସେହି ତେଜରେ ଧାନଗଛ କିଛି ବାଧିତ ହେବାର ଦେଖାଯାଉଅଛି । ଏହି କାରଣରୁ ଚାଉଳ ଭାଉ ସେ ୩୨ ର ହୋଇଥିଲା ବର୍ତ୍ତମାନସେ ୨୬ ର ହୋଇଅଛି ।

୩ । ମହାରାଜାଙ୍କ କଚେରୀ ମାମଲି ଓ ବିଚାର କାର୍ଯ୍ୟଆଦି ଅତି ଉତ୍ତମ ଆମ୍ଭେ ଦେଖୁଅଛୁଁ ।

୪ । ଏ ଅଞ୍ଚଳରେ ଆଜି କାଲି ବାତଜ୍ୱର ଓ ପାଳିଜ୍ୱର ବିଶେଷ ହେଉଅଛି ମହାରାଜା ଗୋଟିଏ ହାସପତାଲ କରିଅଛନ୍ତି ଯେ ତଦ୍ଦ୍ୱାରା ଅନେକ ମଲୁ ଆରୋଗ୍ୟ ପାଉଅଛନ୍ତି ।

୫ । ଗୋଟିଏ ରୋଗ ଯେ ସେ ବିଶେଷ ଭୟାନକ ବ୍ୟାପାର ଅଟେ କାରଣ ତାହାର ନାମ ଗୁଆଡଆ ବମାରୀ କି ତହିଁରେ ସର୍ବାଙ୍ଗଶରୀର ଘାଆ ହୋଇଯାଏ ଅର୍ଥାତ୍ ସେହି ଘାଆ ଯେ ଏକା୨ ଗୋଟା ଟଙ୍କାର ଆକୃତ ଅଟେ ତହିଁରୁ ପୁନଶ୍ଚ ପାଣି ସ୍ରବେ । ସେ ରୋଗିମାନେ ମହାରାଜାଙ୍କ ଡାକ୍ତରଖାନାରେ ଅନେକ ଆରାମ ପାଉଅଛନ୍ତି ।

———

## ସାପ୍ତାହିକସଂବାଦ ।

କଟକର ପୁଲିସ ଇନସ୍ପେକ୍ଟର ମୁନ୍ସୀ ଅଜିଜ ଖାନ୍ ଏବଂ ଗଡଜାତର ଇନ୍ସ୍ପେକ୍ଟର ମୁନ୍ସୀ ଅମିର ଖାନ୍ ଦ୍ୱିତୀୟଶ୍ରେଣୀକୁ ପଦୋନ୍ନତ ପାଇଅଛନ୍ତି । ଏହାଙ୍କର ବେତନ ଦୁଇଶଟଙ୍କା ଲେଖାଏ ହେଲା । ଏ ଦୁହେଁ ଉପଯୁକ୍ତ କର୍ମଚାରୀ ଅଟନ୍ତି ।

ଅଦ୍ୟ ଶ୍ରୀଯୁକ୍ତ ଜଜ ସାହେବ ବାଲେଶ୍ୱରକୁ ଦୌରାମକଦମା ବିଚାର କରିବା କାରଣ ଯାତ୍ରା କରିବେ ବୋଲି ସ୍ଥିର ହୋଇଅଛି ।

ଏଥର କଟକର ଦୌରା ମିସଲ ସାମାନ୍ୟ ପ୍ରକାରର ଥିଲା । ଏନଗରର ଯେଉଁ କାବୁଲିଙ୍କ ମକଦମା ପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ଓ ଯହିଁରେ ଏକଜଣ ବାଡ ଆଘାତରେ ମରି

Split by PDF Splitter
Digitized by srujanika@gmail.com

ଯାଇଥିଲା ତହିଁରେ ଛଅଜଣ ଆସାମୀ ଦୋଷୀବୋଲି ଆସିଥିଲେ ତହିଁ ମଧ୍ୟରୁ ଦୁଇଜଣ ଖଲାସ ପାଇଲେ ଓ ଏକଜଣଙ୍କୁ କେବଳ ଛଅମାସ କାରାବାସର ଦଣ୍ଡ ହେଲା ।

ଗତ ରବିବାର ଏ ନଗରରେ ଉତ୍ତମବୃଷ୍ଟି ହୋଇଥିଲା ଓ ସେହିଦିନରୁ ମେଘାଛନ୍ନ ହୋଇ ଥିବାରୁ ଅନ୍ୟାନ୍ୟ ସ୍ଥାନରେ ବର୍ଷା ହୋଇଥିବାର ଅନୁମାନ ହୁଅଇ ଓ ଭବିଷ୍ୟତରୁ ବର୍ଷା ହେବାର ମଧ୍ୟ ଆଶା ଦେଖାଯାଏ ମାତ୍ର ଚାଉଳର ଦର ବୃଦ୍ଧି ଭିନ୍ନ ଊଣା ହେବାର ଦେଖା ଯାଉ ନାହିଁ ଓ ଲୋକଙ୍କର କଷ୍ଟ ବଢ଼ୁଅଛି ।

ଶ୍ରୀଯୁକ୍ତ ଟନ୍ ସାହେବ ବାଲେଶ୍ୱରର ଜଏଣ୍ଟ ମାଜିଷ୍ଟ୍ରେଟ ଏବଂ ଶ୍ରୀଯୁକ୍ତ ଫକନର ସାହେବ ଯୋବରା କାରଖାନା ଘରର ଏକଜିକ୍ୟୁଟିବ ଇଞ୍ଜିନିୟର ଓଡ଼ିଶାରୁ ମାନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟ କର୍ମରେ ଯିବାର ଆଜ୍ଞା ପାଇଅଛନ୍ତି । ଫକନର ସାହେବଙ୍କ କର୍ମ ଉଠିଗଲା ଓ କାରଖାନା ମହକୁମା ମହାନଦୀ ଡିବିଜନ ସଙ୍ଗେ ମିଶି ଗଲା ।

ଆମ୍ଭେମାନେ ଶୁଣି ଅତ୍ୟନ୍ତ ଦୁଃଖିତ ହେଲୁଁ ଯେ ଏ ଜିଲ୍ଲାର ସର୍ବ ପ୍ରଧାନ ଚୌଧୁରୀଙ୍କର ବଂଶ ଉପରେ ବିପଦ ପଡ଼ୁଅଛି । ସେଦିନ ଚୌଧୁରୀ ବଂଶର ଶ୍ରେଷ୍ଠ ଅଂଶର ଦୁଇଜଣ କାରାବାସ ଦଣ୍ଡ ପାଇବାର ଲେଖିଥିଲୁଁ ଏ ସପ୍ତାହରେ ପୁଣି ଅବଗତ ହେଲୁଁ ଯେ ଚୌଧୁରୀ କାଶିନାଥଦାସଙ୍କ ପୁତ୍ର ଏକ ବ୍ୟକ୍ତିକୁ ମାରପିଟ ଓ ବେଆଇନ କଏଦ ରଖିବା ଅପରାଧରେ ଏକମାସ କାରାବାସ ଓ ଟ ୧୦୦୧ ଙ୍କା ଅର୍ଥଦଣ୍ଡ ପାଇ ଅଛନ୍ତି । ପୁଣି ମାଜିଷ୍ଟ୍ରେଟଙ୍କ ନିକଟରେ ଅପିଲ ହେବାରେ ରାୟ ବାହାଲ ହୋଇଅଛି ।

ଏଡୱାର୍ଡ ଉଲକିନସନ କି ଯେ ଏଥିପୂର୍ବେ ଏ ନଗରର ଡେପୁଟୀ ଜେଲର ଥିଲା ବୁଲକ କର୍ମଚାରୀଙ୍କଠାରେ ବିଶ୍ୱାସଘାତକତା କରିବାରୁ ତାହାଙ୍କ ଅଭିଯୋଗମତେ ଦୁଇମାସ କାରାବାସ ଏବଂ ଟ ୩୦୧ ଙ୍କା ଅର୍ଥଦଣ୍ଡ ପାଇ ଅଛି ।

ଗତ ମାସ ତା ୨୧ ରଖରେ ରଙ୍ଗପୁର କୁଚବେହାର ପବନା ଓ ମାଲଦହରେ ଏକାବେଳକେ ଭୂମିକମ୍ପ ହୋଇଥିଲା । ରଙ୍ଗପୁରରେ ଏହାର ବଳ ସର୍ବାପେକ୍ଷା ଅଧିକ ପ୍ରକାଶ ପାଇଥିଲା ମାତ୍ର କୌଣସି ଅନିଷ୍ଟ ଘଟି ନାହିଁ ।

ସନ ୧୮୮୧ ସାଲରେ ଭାରତବର୍ଷର ଲୋକସଂଖ୍ୟା ଆଉ ଥରେ ଗୃହୀତ ହେବାର ଆଜ୍ଞା ବିଲାତର ସେକ୍ରେଟରୀ ଅଫ୍ ଷ୍ଟେଟଙ୍କ ନିକଟରୁ ଆସିଥିବାରୁ ତହିଁର ବନ୍ଦର ସକାଶେ ଆଗାମୀ ଶୀତକାଳରେ ଗୋଟିଏ କମିଟୀ କଲିକତାରେ ବସିବା କାରଣ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି ଏବଂ କମିଟୀର ସଭ୍ୟମାନେ ମଧ୍ୟ ନିଯୁକ୍ତ ହୋଇଅଛନ୍ତି ।

ମାନ୍ଦ୍ରାଜର କର୍ମଚାରୀମାନେ ଦୁର୍ଭିକ୍ଷ ହେତୁରୁ ଭତ୍ତା ପାଇବାର ପ୍ରାର୍ଥନା କରିଥିଲେ ତହିଁର ଗବର୍ଣ୍ଣମେଣ୍ଟ ଉତ୍ତର ଦେଇଅଛନ୍ତି କି ଦୁର୍ଭିକ୍ଷ ସମୟରେ ସରକାରୀ ଚାକରମାନେ ଅନ୍ୟ ଲୋକଙ୍କ ସହିତ କଷ୍ଟ ଭୋଗ କରିବେ ଏବଂ ଏହି ନିୟମ ସର୍ବତ୍ରରେ ପ୍ରତିପାଳିତ ହେବ ସୁତରାଂ ଅଧିକା କିଛି ଦିଆଯାଇ ନ ପାରେ । ଓଡ଼ିଶା ଦୁର୍ଭିକ୍ଷ ସମୟରେ ଠିକ ଏଥିର ବିପରୀତ ଦସ୍ତୁର ହୋଇଥିଲା । ସର୍ ଷ୍ଟ୍ରାଚି ସାହେବ ଧନସଚିବ ହେଲାରୁ ଏ ସୂକ୍ଷ୍ମ ବୁଦ୍ଧିଟି ବାହାରିଲା କି ?

ମୃତ ମାର୍ଶମାନ ସାହେବଙ୍କ ତ୍ୟକ୍ତ ସମ୍ପତ୍ତିର ମୂଲ୍ୟ ଟ ୧,୬୦,୦୦୦୧ ଙ୍କାର ନ୍ୟୂନ ଥିବାର ସପଥ ପୂର୍ବକ ପ୍ରକାଶ ହୋଇଅଛି ।

ଇଣ୍ଡିୟାନଗ୍ରବାସୀ ନାମକ ଇଂରାଜୀ ସାପ୍ତାହିକ ପତ୍ରିକାରେ ଶ୍ରୀଯୁକ୍ତ ରେଭେନସା ସାହେବଙ୍କ ପ୍ରତିମୂର୍ତ୍ତି ଦିଆଯାଇଅଛି ଏବଂ ତାହାଙ୍କର କାର୍ଯ୍ୟର ଅନେକ ପ୍ରଶଂସା ମଧ୍ୟରେ ଲେଖାଅଛି ଯେ ଓଡ଼ିଶା ବଙ୍ଗଳା ପୂର୍ବେ ପୃଥକ୍ ଥିଲା ଏ ମହାଶୟ ତାହାକୁ ସମୁଦ୍ରବାଟରେ ଯୋଗ କରିଦେଲେ ଏବଂ ଏହାଙ୍କ ସମୟରେ ବାଣିଜ୍ୟ ଅନେକ ବିସ୍ତାର ହେଲା । ଓଡ଼ିଆମାନେ ଏହାଙ୍କୁ ପିତାତୁଲ୍ୟ ମାନ୍ୟ କରୁଥିଲେ ଓ ଶୀଘ୍ର ସେ ଓଡ଼ିଶାକୁ ଫେରିଯିବାର ଅଛି ତାହାଙ୍କୁ ଲୋକମାନେ ଦେଖି ବଡ଼ ଆନନ୍ଦିତ ହେବେ । ଏସବୁ କଥା ଯଥାର୍ଥ ଅଟେ କେବଳ ବଳ ପୂର୍ବକ ଚଳନର ଆଇନର ପ୍ରସ୍ତାବ ସପକ୍ଷ ହେବାରୁ ଓଡ଼ିଆଙ୍କର ମନ ଊଣା ପଡ଼ିଅଛି ।

## ପ୍ରେରିତପତ୍ର ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଅସ୍ମାଙ୍କର କେତେକ ପଂକ୍ତିକି ଭବଦୀୟ ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ କଲେ ଚିରବାଧିତ ହେବୁଁ ।

ମହାମାନ୍ୟବର ପ୍ରଜା ବତ୍ସଳ କରୁଣାନ୍ତଃକରଣ କ୍ଷତ୍ରିୟ କୁଳ ମୁକୁଟୋଜ୍ଜ୍ୱଳ ପ୍ରତାପ ମଣିବର ଶ୍ରୀମାନ୍ ଶ୍ରୀ କୋଠଦେଶାଧିପର କ୍ଷତ୍ରିୟବର ଶ୍ରୀ ଭଗବାନ୍ ଗଏଟ୍ସିଂହ ମହୋଦୟ ସମୀପତ୍ର ଧାମରେ ମହାମହିମାନ୍ୱିତା ଶ୍ରୀମତୀ ଶ୍ରୀଶ୍ରୀରତେ ଶ୍ୱରୀଙ୍କ ଅର୍ଦ୍ଧ ସାହାଯ୍ୟରେ ଏବଂ ଅପରାର୍ଦ୍ଧ ଚନ୍ଦା ସ୍ୱକୀୟ ଧନାଗାରରୁ ପ୍ରଦାନ ପୂର୍ବକ ଗୋଟିଏ ମଧ୍ୟମଶ୍ରେଣୀର ଉତ୍କଳ ବିଦ୍ୟାଳୟ ସଂସ୍ଥାପନ କରି ତହିଁରେ ପରିତୃପ୍ତ ନ ହେବାରୁ ତତ୍ପରବର୍ତ୍ତିରେ ଏକ ମଧ୍ୟମଶ୍ରେଣୀର ଇଂରାଜୀ ବିଦ୍ୟାଳୟ ସଂସ୍ଥାପନ କରି ପୂର୍ବବତ୍ ଅଧିକ ଚନ୍ଦା ପ୍ରଦାନ କରିବାକୁ ସମ୍ମତି କରିଅଛନ୍ତି ଏଅତି ଆନନ୍ଦର ବିଷୟ ଯେହେତୁ ଢେଙ୍କାନାଳ ଭିନ୍ନ ଅନ୍ୟ କୌଣସି ଗଡ଼ଜାତରେ ଏପ୍ରକାର ଗୋଟିଏ ଇଂରାଜୀସ୍କୁଲର ଅବସ୍ଥିତି ହୋଇ ନାହିଁ ଅତଏବ ଆମ୍ଭେମାନେ ଏକବାକ୍ୟ ଓ କୃତାଞ୍ଜଳି ପୂର୍ବକ ସର୍ବଶକ୍ତିମାନ୍ କରୁଣାମୟ ଶ୍ରୀଶ୍ରୀ ଜଗଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ଉକ୍ତ ଗଏଟ୍ସିଂହ ମହୋଦୟ ଦୀର୍ଘଜୀବୀ ଏବଂ ମହୈଶ୍ୱର୍ଯ୍ୟଶାଳୀ ହୋଇ ଅସ୍ମାନଙ୍କର ନାନାବିଧ ମହୋପକାର ସାଧନ କରି ସ୍ୱକୀୟକୀର୍ତ୍ତିକି ଚିରସ୍ଥାୟିନୀ କରନ୍ତୁ ଇତି ୧ । ୯ । ୭୭

ନିବେଦନ ବଶମ୍ବଦ
ଶ୍ରୀ ସୋମନାଥ କାନୁନଗୋଇ
ଶ୍ରୀ ପାରେଶ୍ୱର ନାୟକ ।
ଶ୍ରୀ ସତ୍ୟବାଦୀ ମହାନ୍ତି ।

## ବିଜ୍ଞାପନ ।

ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶ କରୁଅଛୁଁ ଯେ ଅସ୍ମ ରଚିତ କୋଡ଼ଶ ଗୀତ ( ଅର୍ଥାତ୍ ଯହିଁର କେତେକ ଅଂଶ ଅସ୍ମ ବିନା ଅନୁମତିରେ ଶ୍ରୀଯୁକ୍ତ ବାବୁ ସଦାନନ୍ଦ ମହାନ୍ତି ଛପାଇ ଥିବାରୁ ତହିଁର କ୍ଷତିପୂରଣ ପାଇବା ପାଇଁ ଅମ୍ଭେ ଦାବୀଦାର ହେବା ସକାଶେ ଉଦ୍ୟତ ଅଛୁଁ ) ସେହିଗୀତର ଯେଉଁ ୨ ଅଂଶର ଅବଶେଷ ଥିଲା ତାହା ସବୁ ପୂର୍ଣ୍ଣକରି ଅତି ନିକଟରେ ଅମ୍ଭେ ଛପାଇବାକୁ କୃତସଂକଳ୍ପ ହୋଇ ଅଛୁଁ । ଅତଏବ ଆଉ କେହି ଏ ବିଷୟରେ ହସ୍ତକ୍ଷେପ ନ କରିବେ ଯେ ହେତୁ ତାହା ସବୁ ଅସ୍ମର ନିଜ ରଚିତ ହୋଇ ଥିବାରୁ ଅସ୍ମର ସ୍ୱତ୍ୱ ଅଟଇ ଆଉ କାହାର ଏଥିରେ କିଛି ଲଗାଉ ନାହିଁ । ଇତି । ୧୩ । ୯ । ୭୭

ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦଶର୍ମା ।

## ସିନ୍‌କୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନପରି ଏହା ସାମାନ୍ୟ ଏବଂ କମ୍ପଜ୍ୱରର ଉଭୟରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦ ଙ୍କା, ଡାକଖର୍ଚ୍ଚା ଏକ ଟଙ୍କା ଅତିରିକ୍ତ ଲାଗିବ ।

କଲିକତା ସନ୍ନିକଟ ହାବଡ଼ାସ୍ଥ ବଟାନିକେଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହେବ ।

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଗ
ସଂ ୩୮ ଖ୍ୟା

ତା ୨୨ ରଖ ମାହେ ସିପ୍ଟମ୍ବର ସନ ୧୮୭୭ ମସିହା । ମୁ । ଅଶ୍ୱିନ ବ ୮ ନ ସନ ୧୨୮୫ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨॥୲
ମଫସଲପାଇଁ ଡାକମାସୁଲ ଟ୧୲୶

ଉତ୍କଳଦର୍ପଣ ନାମର ମକଦ୍ଦମା ଏହି ସପ୍ତାହରେ ଶେଷ ହେଲା । ଗତ ମାସ ତା ୧୫ ଋଖରେ ମୁଦାଲା ପକ୍ଷର ସୁବାଙ୍କ ଯୋବାନବନ୍ଦୀ ଶେଷ ହେଲା ଓ ତା ୧୭ ଋଖରେ ମୁଦାଲାର ଦଲିଲ ଦସ୍ତାବିଜ ଗୃହୀତ ହୋଇ ତା୧୯ଋଖରେ ମକଦ୍ଦମା ନିଷ୍ପତ୍ତି ହେଲା ଅର୍ଥାତ୍ ମୁଦାଲା ଉପରେ ଟ ୧୦୦୲ ଙ୍କା ଅର୍ଥଦଣ୍ଡ ଏବଂ ମୁଦେଇଙ୍କୁ ଖର୍ଚ୍ଚା ଦେବାର ଆଜ୍ଞା ହେଲା ! ଶ୍ରୀଯୁକ୍ତ ଜଜ ସାହେବ ବାଲେଶ୍ୱରରେ ଅଛନ୍ତି ପ୍ରାୟ ତାହାଙ୍କ ନିକଟରେ ଅପୀଲ ହୋଇଥିବ । ମାଜିଷ୍ଟ୍ରେଟଙ୍କ ନିଷ୍ପତ୍ତି ନ ଦେଖି ବର୍ତ୍ତମାନ ଏ ମକଦ୍ଦମା ସମ୍ପର୍କରେ ଆଉ କିଛି କହି ନ ପାରୁଁ ।

ଆମ୍ଭମାନଙ୍କର କମିସ୍ନର ଶ୍ରୀଯୁକ୍ତ ରେବନସା ସାହେବ ଆଗାମୀ ନବମ୍ବର ମାସରେ ଏଠାକୁ ଫେରି ଆସିବେ ବୋଲି ଗତ ସପ୍ତାହରୁ ଜନରବ ଉଠିଅଛି ଓ ଆମ୍ଭେମାନେ ଏହାକୁ ଅମୂଳକ କହି ନ ପାରୁଁ କାରଣ ଶ୍ରୀଯୁକ୍ତ ଡାମ୍ପୀୟର ସାହେବ କଲିକତାରୁ ଫେରି ଆସିବାର ଅନୁମତି ପାଇଅଛନ୍ତି ଓ ଅକ୍ଟୋବରମାସରେ ତାହାଙ୍କର ଛୁଟୀ ଶେଷ ହେବ । ସେ ଫେରି ଆସିଲେ ବୋର୍ଡରେ ରହିବେ ଓ ରେବନସା ସାହେବଙ୍କର ଓଡ଼ିଶାପ୍ରତି ଯେମନ୍ତ ମମତା ସେ କଦାପି ଅନ୍ୟସ୍ଥାନକୁ କମିଶନର ହୋଇ ଯିବାକୁ ସମ୍ମତ ହେବେ ନାହିଁ ସୁତରାଂ ନବମ୍ବରମାସରେ ଏଠାକୁ ଫେରି ଆସିବାର ସମ୍ପୂର୍ଣ୍ଣ ସମ୍ଭାବନା ହେଉଅଛି ।

ବାରମ୍ବାର ମହକୁମାସବୁ ଉଣା କରିବାରେ ଗବର୍ଣ୍ଣମେଣ୍ଟ କିଛି ଅଧିକ ଚଞ୍ଚଳ ହେବାର ଦେଖାଯାଏ । ଗତ କଲିକତା ଗେଜେଟରେ ଯୋବର୍ଣ୍ଣ କୀରଖାନା ଡିବିଜନ ଓ ବାଲେଶ୍ୱର ସରବେ ଡିବିଜନ ଅତି ଶୀଘ୍ର ଉଠିଯିବାର ଆଜ୍ଞା ଦେଇଅଛନ୍ତି । ଯୋବର୍ଣ୍ଣ କାରଖାନା ଡିବିଜନ ଉଠିଯାଇ ଶ୍ରୀଯୁକ୍ତ ଫକନରସାହେବ ମାନ୍ଦ୍ରାଜକୁ ଗଲେ । ବାଲେଶ୍ୱର ସରବେଡିଭିଜନର କର୍ତ୍ତା ପ୍ରଥମଶ୍ରେଣୀର ଏକଜିକ୍ୟୁଟିବ ଇଞ୍ଜିନିୟର ବର୍ଣ୍ଣାଇସ୍ ସାହେବ ମୋଜଫରପୁରକୁ ବଦଳି ହୋଇ ଗଲେ । ଉକ୍ତ ନଗର ନୂତନ ସର୍ଜିତ ଗଣ୍ଡକ ଡିବିଜନର ସଦରମୁକାମ ହୋଇଅଛି । ଏହି ଆଜ୍ଞା ସଙ୍ଗେ ବ୍ରାହ୍ମଣୀ ଓ ବୈତରଣୀ ଡିବିଜନମାନ ମିଶି ବ୍ରାହ୍ମଣୀ-ବୈତରଣୀ ନାମରେ ଏକ ଡିବିଜନ ହୋଇ ଏକଜିକ୍ୟୁଟିବ ଇଞ୍ଜିନିୟର ଯେ କାମ୍ବଲସାହେବଙ୍କ ଅଧୀନରେ ରହିବାର ଆଜ୍ଞା ହୋଇଅଛି । ଏରୂପେ ଓଡ଼ିଶାରୁ ଏକାବେଳକେ ତିନିଟା ମହକୁମା ଉଠିଗଲା ।

ମାନ୍ଦ୍ରାଜରେ ବୃଷ୍ଟି ହେଉଥିଲେହେଁ ଦୁର୍ଭିକ୍ଷ କିଛି ଉଣା ହୋଇ ନାହିଁ ମହାମାନ୍ୟ ଗବର୍ଣ୍ଣର ଜେନରଲ ସେଠାକୁ ଯାଇ ଦୁର୍ଭିକ୍ଷ ସାହାଯ୍ୟର ବାହୁଲ୍ୟ ବନ୍ଦୋବସ୍ତମାନ କରଅଛନ୍ତି ଓ ସ୍ୱୟଂ ତହିଁର ଭାର ନେଇଅଛନ୍ତି । ତାହାଙ୍କ ମତରେ ଡିସେମ୍ବର ଶେଷ ପର୍ଯ୍ୟନ୍ତ ନିଶ୍ଚୟ ଦୁର୍ଭିକ୍ଷ ରହିବ ଓ ବର୍ଷା ନ ହେଲେ ଆହୁରି ଅଧିକଦିନ ରହିପାରେ ପ୍ରାୟ ନଅକୋଟି ଟଙ୍କା ଖର୍ଚ୍ଚ ହୋଇ ଗଲାଣି ଏଣିକି ପ୍ରତିମାସ ଅଧକୋଟି ଲେଖାଏଁ ଖର୍ଚ୍ଚ ହେବ ଓ ଦୁର୍ଭିକ୍ଷ ଶେଷ ପର୍ଯ୍ୟନ୍ତ ମୋଟରେ ତେରକୋଟି ଟଙ୍କା ବ୍ୟୟ ହେବାର ଅନୁମାନ ହୋଇଅଛି । ପଛେ ଯାହା ହେଉ ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଲୋକଙ୍କ ପ୍ରାଣରକ୍ଷା ସକାଶେ ଖର୍ଚ୍ଚ ଆଉକୁ ନାହାନ୍ତି ଏହା ଇଂରେଜ ଶାସନର ଅତି ମହତ୍ ଗୁଣ ଅଟଇ । ଦାନଶୀଳ ଲୋକମାନେ ମଧ୍ୟ ଏ ସମୟରେ ସାହାଯ୍ୟ ସକାଶେ ଚାନ୍ଦା ଦେବାକୁ ଅଗ୍ରସର ହୋଇଅଛନ୍ତି । ଭାରତବର୍ଷର ଅନେକ ସ୍ଥାନରେ ଚାନ୍ଦା ସଂଗୃହୀତ ହେଉଅଛି ଓ ବିଲାତରେ ସାତେଷୋଳ ଲକ୍ଷ ଟଙ୍କା ଚାନ୍ଦା ହେଲାଣି ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁଁ ଯେ ମୟୂରଭଞ୍ଜର ମହାରାଜା ମାନ୍ଦ୍ରାଜଦୁର୍ଭିକ୍ଷ ସାହାଯ୍ୟ ସକାଶେ ପାଞ୍ଚହଜାର ଟଙ୍କା ଦାନ କରଅଛନ୍ତି । ମୟୂରଭଞ୍ଜ ଓଡ଼ିଶାର ସର୍ବପ୍ରଧାନ କିଲ୍ଲା ଅଟଇ ଓ ବର୍ତ୍ତମାନର ମହାରାଜା ଉପରଲିଖିତ ଦାନଦ୍ୱାରା ଯଥାର୍ଥରୂପେ ଆପଣା ଶ୍ରେଷ୍ଠତ୍ୱ ରକ୍ଷା କରଅଛନ୍ତି । ପୁଣି ପ୍ରଶଂସାର ବିଷୟ ଏହି ଯେ କୌଣସି ଗବର୍ଣ୍ଣମେଣ୍ଟ କର୍ମଚାରୀର ଅନୁରୋଧ ବା ପ୍ରାର୍ଥନାମତେ ଏ ଦାନ ନ କରି ଦୁର୍ଭିକ୍ଷପ୍ରପୀଡ଼ିତ ବ୍ୟକ୍ତିଙ୍କ ଦୁଃଖର କାହାଣୀ ସମ୍ବାଦପତ୍ରମାନଙ୍କରୁ ପାଠ କରି

Digitized by srujanika@gmail.com

ଦୟାର୍ଦ୍ର ଚିତ୍ତରେ ଏହା କରି ଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନମାନେ ଏ ପ୍ରଶଂସନୀୟ କାର୍ଯ୍ୟର ଅନୁକରଣ କରିବେ । ଏଥି ସଙ୍ଗେ ଅମ୍ଭେମାନେ ବାଲେଶ୍ବରର ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ ଯେ ବାବୁ ଶ୍ୟାମାନନ୍ଦ ଦେ ଟ ୧୦୦୦ ଙ୍କା ଓ ବାବୁ ସ୍ଥାରମଣ ଦାସ ଟ ୫୦୦ ଙ୍କା ଦାନ କରିଅଛନ୍ତି ଏବଂ ସ୍କୁଲର ପିଲାମାନେ ସୁଦ୍ଧା ଚେନ୍ଦା ସଂଗ୍ରହ କରୁଅଛନ୍ତି । ବାସ୍ତବରେ ବାଲେଶ୍ବର ଦୁର୍ଭିକ୍ଷ ସକାଶେ ଚେନ୍ଦା ସଂଗ୍ରହ କରିବାରେ ଓଡ଼ିଶାମଧ୍ୟରେ ଅଗ୍ରସର ହୋଇଅଛି ଏଥିପାଇଁ ସେଠାଲୋକେ ଧନ୍ୟବାଦ ପାଇବାର ଉପଯୁକ୍ତ କଟକ ଓ ପୁରୀଜିଲ୍ଲାର ପ୍ରଧାନ ଜମିଦାର ଓ ମହାଜନମାନେ କି କରୁଅଛନ୍ତି ? ବାଲେଶ୍ବରଙ୍କ ପରି ଥରେ ଟଙ୍କାର ଲୋଭ ଛାଡ଼ିବାକୁ ସାହସ କରିବେ ନାହିଁ କି ? ଅର୍ଜିତ ଧନର ପ୍ରକୃତ ଫଳ ପାଇବାର ସୁଯୋଗ ଏଥିରୁ ବଳି ମିଳିବାର କଠିନ ।

---

ତୁରସ୍କ ରୁଷୀୟା ଯୁଦ୍ଧ ସମ୍ପର୍କରେ ଯେ ସମସ୍ତ ସମାଚାର ଏ ସପ୍ତାହରେ ତାରଡାକ ଯୋଗେ ଆସିଅଛି ତହିଁରୁ ଦେଖାଯାଏ ଯେ ପ୍ରତିଦିନ ଯୁଦ୍ଧ ଲାଗିରହିଅଛି ଓ ଉଭୟପକ୍ଷ ଦିଣା ଅଧିକରେ ଜୟ ପରାଜୟ ଲାଭ କରୁଅଛନ୍ତି ଯୁଦ୍ଧର ପ୍ରଧାନ ସ୍ଥାନ ପ୍ଲେବନା ନଗର ହୋଇଅଛି । ଏ ନଗରକୁ ରକ୍ଷା କରିବା ସକାଶେ ଷାଠିଏହଜାର ତୁରସ୍କ ସେନା ନିଯୁକ୍ତ ଅଛନ୍ତି ଓ ଏହାଙ୍କର ଦୁଇଶତ ତୋପ ଅଛି । ରୁଷୀୟ ସେନା ଅଶୀହଜାର ତିନିଶତ ତୋପ ନେଇ ଏମାନଙ୍କୁ ଘେରିଅଛନ୍ତି । ରୁଷୀୟମାନେ ଯେମନ୍ତ ବଳରେ ନଗରକୁ ଆକ୍ରମଣ କରୁଅଛନ୍ତି ତୁରସ୍କମାନେ ମଧ୍ୟ ସେହିପରି ରୁଷୀୟଙ୍କ ତଡ଼ିଦେବାର ଚେଷ୍ଟାରେ ଅଛନ୍ତି । ଗତମାସ ତା ୧୭ ରିଖରେ ଲଣ୍ଡନ ନଗରରୁ ତଳଲିଖିତ ସମ୍ବାଦ ଆସିଅଛି, ଯଥା;—

ରୁଷୀୟଙ୍କର ସରକାରୀ ସଂବାଦରୁ ଜଣାଯାଏ ଯେ ତୁରସ୍କମାନେ ଗ୍ରିବିଟଜାର ପାହାଡ଼କୁ ଆକ୍ରମଣ କରିଥିଲେ ମାତ୍ର କୃତକାର୍ଯ୍ୟ ହୋଇ ନାହାନ୍ତି । ତା ୧୫ ରିଖରେ ଅନବରତ ତୋପ ଦଗା ଯାଉଥିଲା ଓ ସେଦିନ ପ୍ଲେବନା ନଗର ପୋଡ଼ୁଥିଲା । ରୁଷୀୟମାନଙ୍କ ୩୦୦୦ ସେନା ମରି ପଡ଼ିଅଛନ୍ତି । ମୋଟ କ୍ଷତି ୩୦୦ ସରଦାର ଓ ୧୨୦୦୦ ସିପାହି । ମୋଟ ରୌମାନୀୟ ସେନା ୩୬୦୦ ନଷ୍ଟ ହୋଇଅଛନ୍ତି । ସୁତରାଂ ରୁଷୀୟ ପକ୍ଷରୁ ୧୬୦୦୦ ସେନା ନଷ୍ଟ ହୋଇଅଛନ୍ତି ।

ତୁରସ୍କର ସରକାରୀ ସମ୍ବାଦରୁ ଜଣାଯାଏ ଯେ ତା ୧୧ ରିଖରେ ରୁଷୀୟ ସେନା ଲଭେଞ୍ଚାକୁ ଛାଡ଼ିଦେଇ ବାଏଲରେ ଥିବା ସେନାର ପୁଷ୍ଟି ସାଧନ ନିମିତ୍ତ ଗଲେ ।

ସୁଲେମାନ୍ ପାଶା ତା ୧୫ ରିଖରେ ତାରଡାକଯୋଗେ ସଂବାଦ ପଠାଇଅଛନ୍ତି ଯେ ସିପକା ଘାଟିରେ ରୁଷୀୟଙ୍କ ଉପରେ ସାଙ୍ଘାତିକ ତୋପ ବୃଷ୍ଟି ହେଉଥିଲା ।

ମହମ୍ମଦ୍ ପାଶା ଲେଖିଅଛନ୍ତି କି ତା ୧୫ ରିଖରେ ତୁରସ୍କମାନେ ରୁଷୀୟଙ୍କର ନ ୧୨ ମ୍ବର ପଲଟନକୁ ପରାସ୍ତ କରି ତାହାଙ୍କର ଅନେକ ଲୋକ ନଷ୍ଟ କରିଅଛନ୍ତି ଓ କାଡିକାଲମ ପର୍ଯ୍ୟନ୍ତ ସେମାନଙ୍କୁ ତଡ଼ି ନେଇ ଗଲେ ।

ବେକରଙ୍କର ଅଶ୍ବାରୋହିମାନେ ଜୟଲାଭ କରୁଅଛନ୍ତି ।

ଏହି ସମସ୍ତ ସଂବାଦରୁ ଜଣାଯାଏ ଯେ ଅବଧି ତୁରସ୍କମାନଙ୍କର ବିକ୍ରମ ଊଣା ହୋଇ ନାହିଁ ଓ ରୁଷୀୟଙ୍କର ଅଧିକ ସଂଖ୍ୟକ ସେନା ଥିଲେହେଁ ତାହାଙ୍କୁ ଅଧିକାଂଶ ସ୍ଥଳରେ ପରାଜୟ କରୁଅଛନ୍ତି ।

---

ଗତ ବୁଧବାର ପୁନିଅଁ ଥିଲା । ସନ ୧୨୮୪ ସାଲ ବିଦାୟ ହୋଇ ସନ ୧୨୮୫ ସାଲ ହସ୍ତରେ ଓଡ଼ିଶାକୁ ସମର୍ପଣ କରିଗଲା । ପୁନିଅଁ ଓଡ଼ିଶାରେ ବର୍ଷର ପ୍ରଥମଦିନ ସୁତରାଂ ଗୋଟିଏ ପ୍ରଧାନ ଦିନ ଅଟଇ ଏଦିନ ରଜା ଓ ଜମିଦାରମାନଙ୍କର ମହା ଉତ୍ସବର ଦିନ ଅଟଇ । ନୂତନ ହିସାବପତ୍ରସବୁ ପ୍ରସ୍ତୁତ ହୁଅଇ ଓ ପ୍ରଜାମାନେ ଜମିଦାରଙ୍କୁ ଭେଟି ଦେଇ ଭକ୍ତି ପ୍ରକାଶ କରନ୍ତି ଓ ଜମିଦାରମାନେ ତାହାଙ୍କୁ ପାନ ଫୁଲ ଓ ଭୋଜନ ଦେଇ ସମ୍ମାନ କରନ୍ତି ଏ ନଗରରେ କେତେଜଣ ବଡ଼ ଜମିଦାର ଓ ଏକପ୍ରକାର ବୁଝିଲେ ରଜା ଅଛନ୍ତି ମାତ୍ର ଏଠା ସର୍ବସାଧାରଣଙ୍କୁ ପୁନିଅଁଦିନ ପର୍ବ ଗ୍ରାହ୍ୟ ବୋଧ ହୁଅଇ ନାହିଁ । ଏଠାରେ ପୁନିଅଁଦିନ ଏତିକି ଦେଖାଯାଏ ଯେ ବାବୁମାନଙ୍କ ନୌକରମାନେ ପାନ ଭେଟୀବୁଲନ୍ତି ଓ କିଛି ବକସିସ ନିଅନ୍ତି ବଡ଼ ବାବୁଙ୍କ ଘରେ ଅନେକ ପାନ ଜମା ହୁଅଇ ଓ ତହିଁରେ ଦୁଇ ଚାରି ଟଙ୍କା ଖର୍ଚ୍ଚମଧ୍ୟ ପଡ଼ିଥାଏ ମାତ୍ର ଯାହାଙ୍କର ଯଥାର୍ଥ ପର୍ବ ସେମାନେ କୌଣସି ଉତ୍ସବ କରିବାର ଦେଖାଯାଏ ନାହିଁ । କଟକଟି ମଧ୍ୟରେ ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ କେନ୍ଦ୍ରାପଡ଼ାର ଦୁଇ ପ୍ରଧାନ ଜମିଦାରଙ୍କ ଘରେ ଅନ୍ୟାନ୍ୟ ପର୍ବପରି ପୁନିଅଁର ଉତ୍ସବ ମଧ୍ୟ ଯଥାବିହିତ ପ୍ରକାରରେ ହୁଅଇ । ସେମାନେ ସେଠାର ସମସ୍ତ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ନୃତ୍ୟ ଗାନବାଦ୍ୟ ସେମାନଙ୍କର ଚିତ୍ତକୁ ପରିତୋଷ କରନ୍ତି । କଟକ ଓ ମଫସଲର କେତେକ ସ୍ଥାନରୁ ଭଲ ନର୍ତ୍ତକୀ ଓ ମାଟୁଆପିଲା ଅଣାଇଥାନ୍ତି । ଏ ନଗରର ଜମିଦାରମାନେ ଏପରି କିଛି କରନ୍ତି ନାହିଁ ଓ ଏଠାରେ ଯେ ବଡ଼ ଜମିଦାର ଅଛନ୍ତି ତାହା ସର୍ବସାଧାରଣ ଜାଣିପାରନ୍ତି ନାହିଁ ଅମ୍ଭେମାନେ ଏ ସମସ୍ତ ଦେଖି ବିବେଚନା କରୁଁ ଯେ ଏଠାରେ ଯେତେ ଲୋକ ଅଛନ୍ତି ସେମାନେ କେବଳ ଆପଣା ସ୍ବାର୍ଥ ଭିନ୍ନ ଅନ୍ୟ ସାମାଜିକତା ଦିଗକୁ ଯାନ୍ତି ନାହିଁ । କେହି କେତେବେଳେ ଆପଣାର ଦୁଇ ଚାରିଜଣ ବନ୍ଧୁ ଘେନି ଆମୋଦ କରନ୍ତି ମାତ୍ର ତାହା ଗଣନୀୟ ନୁହେ । ସାମାନ୍ୟ ଅବସ୍ଥାର ଲୋକେସୁଦ୍ଧା ତାହା କରିଥାନ୍ତି । କୌଣସି ପର୍ବ ଉପଲକ୍ଷରେ ନଗରର ସମସ୍ତ ଶ୍ରେଣୀର ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ନାନା କ୍ରୀଡ଼ା ରଙ୍ଗରେ ଦୁଇ ଚାରିଘଣ୍ଟା ମଗ୍ନ ହେବା ଓ ତଦ୍ବାରା ସଦ୍ଭାବ ସଂସ୍ଥାପନ କରିବା ଏଠା ଜମିଦାରମାନେ ଶିକ୍ଷା କରି ନାହାନ୍ତି । ଆପଣା ଘେରରେ ଆପେ ବନ୍ଦ ଥାନ୍ତି । ଶ୍ରୀଯୁକ୍ତ ବଡନସାହେବ ଏହିପ୍ରକାର ଲୋକଙ୍କ ସହିତ ସାମାଜିକତା ସ୍ଥାପନ କରିବାକୁ ଚେଷ୍ଟା କରୁଅଛନ୍ତି ମାତ୍ର ଅମ୍ଭେମାନେ ଭୟ କରୁଁ କି ଯେସ୍ଥଳେ ଏମାନେ ସ୍ବଦେଶୀୟଙ୍କ ସହିତ ମିଶି ପାରୁ ନାହାନ୍ତି ସେସ୍ଥଳେ ବିଦେଶୀୟଙ୍କ ସହିତ କିପରି ମିଶିବେ ?

---

ମହାଙ୍ଗାରେ ଗତମାସ ତା ୧୩ ରିଖ ଦିବା ପ୍ରହରକ ସମୟରେ ମହାଜନର ଗାଡ଼ି ଚାଉଳ ଲୁଟ ହୋଇଅଛି । ସେ ସ୍ଥାନରେ ଦକ୍ଷିଣିଅ ଅନେକ ଦେଠା ଉତ୍ପନ୍ନ ଶସ୍ୟାଦି ସେହିଠାରେ ବିକ୍ରୟ ହୁଏ ବରଂ ଅନ୍ୟସ୍ଥାନରୁ ସେଠାକୁ ଧାନ ଚାଉଳ ଆସେ ସେ ସ୍ଥାନରୁ କେବେହେଁ କିଛି ରପ୍ତାନି ହୁଅଇ ନାହିଁ । ଏ ସମୟର ପଦ୍ମପୁର ଓ ବାଲେଶ୍ବରର ଦୁଇ ମହାଜନ, ବମ୍ବେଇ ମହାଜନ ନାଗୋବାଙ୍କୁ ଦେବା ସକାଶେ ମାହାଙ୍ଗାରୁ ଚାଉଳ ଆଣିବାକୁ ଆରମ୍ଭ କଲେ ସୁତରାଂ ସେଠାରେ ସ୍ଥାନବାସିଙ୍କୁ